ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୮/୨୦୧୮ (୨୦ ପୃଷ୍ଠା) Bhubaneswar, Friday, December 28/ 2018 ★★★★
୪୫ଶ ଭାଗ ୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

DSPL-314

Skilled in ODISHA

India skills

ODISHA SKILL DEVELOPMENT AUTHORITY

# ଅଜେୟ ହୋଇଛି ଦକ୍ଷ ଓଡ଼ିଆ ଓଡ଼ିଶାର ହେଲା ଜୟ ।



## ଓଡ଼ିଶା ପାଇଛି ଦେଶରେ ଦ୍ୱିତୀୟ ସର୍ବାଧିକ ପଦକ ।

ରାଷ୍ଟ୍ରୀୟ ସ୍ତରର ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ୨୧ ଜଣ ପ୍ରତିଯୋଗୀ ଇଣ୍ଡିଆ ସ୍କିଲ୍ସ ୨୦୧୮ ରେ ହାସଲ କରିଛନ୍ତି ୪ ସ୍ୱର୍ଣ୍ଣ, ୯ ରୌପ୍ୟ, ୬ ବ୍ରୋଞ୍ଜ ପଦକ ଆଉ ୨ ମେଡାଲିଅନ୍ସ ଅଫ୍ ଏକ୍ସେଲେନ୍ସ । ବିଜେତାମାନେ ରୁଷିଆର କାଜାନ୍ ଠାରେ ୨୦୧୯ ରେ ଅନୁଷ୍ଠିତ ହେବାକୁ ଥିବା କୌଶଳ ବିକାଶ ଦୁନିଆର ଅଲିମ୍ପିକ "ୱାଲ୍ଡ ସ୍କିଲ୍ସ" ରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଏହିମାନଙ୍କ ମଧ୍ୟରୁ ଦୁଇଜଣ ଚାମ୍ପିଅନ୍ ୱାଲର୍ଡ ସ୍କିଲ୍ସ ୨୦୧୯ ର ପ୍ରାରମ୍ଭିକ ପର୍ଯ୍ୟାୟରେ ରୁଷିଆ ଠାରେ ଅନୁଷ୍ଠିତ ୱାଲର୍ଡ ସ୍କିଲ୍ସ ହାଇଟେକ୍ ୨୦୧୮ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଉଲ୍ଲେଖନୀୟ କୁଶଳତା ନିମନ୍ତେ, ସେମାନଙ୍କୁ ଅଭିନନ୍ଦିତ କରିବେ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ, ଶ୍ରୀ ନବୀନ ପଟ୍ଟନାୟକ ।

ଏହି ଅବସରରେ, ମାନ୍ୟବର ମୁଖ୍ୟମନ୍ତ୍ରୀ, ସରକାରୀ ପଲିଟେକ୍ନିକ୍‌ରେ ସଦ୍ୟ ନିଯୁକ୍ତି ପାଇଥିବା ୨୧୬ ଜଣ ଅଧ୍ୟାପକଙ୍କୁ ସ୍ୱାଗତ ଜଣାଇବେ ।

**ଦିନାଙ୍କ :** ୨୮ ଡ଼ିସେମ୍ବର ୨୦୧୮ /**ସମୟ :** ଅପରାହ୍ନ ୫.୩୦
**ସ୍ଥାନ :** ଜୟଦେବ ଭବନ, ଭୁବନେଶ୍ୱର

**ଆସନ୍ତୁ ଓଡ଼ିଶାର ବିଜେତାମାନଙ୍କ ଶୁଭ ମନାସି, ସଫଳତାର ଉତ୍ସବ ପାଳିବା ।**



14028/13/0010/1819



"କେତେକ ଦଳ ଗୃହରେ ଅଚଳାବସ୍ଥା ଜାରି ରଖିବା ପାଇଁ ନିଜ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଏହା ସେମାନଙ୍କ ରଣନୀତି।
- ଏମ୍. ଭେଙ୍କାୟା ନାଇଡୁ, ରାଜ୍ୟ ସଭା ଅଧକ୍ଷ

# ମୃତ୍ୟୁ ଗହ୍ୱରରେ ୧୫ ଜୀବନ

**ଶିଲଂ,୨୭।୧୨**

ଦୁଇ ସପ୍ତାହ ହେଲା ମେଘାଳୟର ମୃତ୍ୟୁ ଗହ୍ୱରରେ ଫସିରହିଛନ୍ତି ୧୫ ଶ୍ରମିକ। ସେମାନେ କୋଇଲା ଖନନ କରିବାକୁ ଯାଇ ରେଟ୍ ମାଇନ୍‌ରୁ ଫେରିନାହାନ୍ତି। ଖଣିରେ ପାଣି ଭର୍ତ୍ତି ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଶ୍ରମିକମାନେ ବଞ୍ଚିଛନ୍ତି କି ମରିଗଲେଣି ସେନେଇ ସରକାର କିଛି କହିପାରୁନାହାନ୍ତି। ସେପଟେ କୋଇଲା ଖଣିରୁ ମୃତଦେହର ଦୁର୍ଗନ୍ଧ ଛୁଟିବାରେ ଲାଗିଛି। ତେଣୁ ଶ୍ରମିକଙ୍କ ବଞ୍ଚିରହିଥିବା ଆଶା ମଉଳିବାରେ ଲାଗିଲାଣି। ଏମିତିରେ ୫ ମାସ ତଳେ ଥାଇଲାଣ୍ଡର ଥାମ୍ ଲୁଆଙ୍ଗ୍ ଗୁମ୍ଫାରୁ ୧୨ ପିଲା ଓ ସେମାନଙ୍କ ଫୁଟ୍‌ବଲ କୋଚ୍‌ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ମେଘାଳୟର ପୂର୍ବ ଜୟନ୍ତିଆ କୋଇଲା ଖଣିରୁ ଶ୍ରମିକଙ୍କୁ କାହିଁକି ବାହାର କରାଯାଇ ପାରୁନାହିଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଉଛି।

ମେଘାଳୟର ପୂର୍ବ ଜୟନ୍ତିଆ ପାର୍ବତ୍ୟାଞ୍ଚଳ ହେଉଛି କୋଇଲାର ଭଣ୍ଡାର। ଏଠାରେ ବେଆଇନ ଭାବେ ଅନେକ ଖଣିରେ ଖନନ କରାଯାଏ। ୨୦୧୪ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏହା ଉପରେ ରୋକ ଲଗାଇଥିଲେ ହେଁ ବିଭିନ୍ନ କାରଣରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିନାହିଁ। ଏହିକ୍ରମରେ ଗତ ୧୩ ତାରିଖରେ ଏକ ରେଟ୍ ମାଇନ୍‌କୁ ସୁଡ଼ଙ୍ଗ ଦେଇ ଗୁରୁଣ୍ଡି ଗୁରୁଣ୍ଡି ଖନନ କରିବାକୁ ଯାଇଥିଲେ ୨୦ ଶ୍ରମିକ। ସେମାନେ ୩୭୦ ଫୁଟ୍ ଗଭୀର ଏକ ଖଣିରେ ପ୍ରବେଶ କରୁଥିବାବେଳେ ହଠାତ୍ ନିକଟସ୍ଥ ଲାଇଟେଇନ୍ ନଦୀରୁ ପାଣି ମାଡ଼ିଆସିଥିଲା। ୫ ଶ୍ରମିକ କୌଶଳକ୍ରମେ ସେଠାରୁ ଫେରି ବର୍ତ୍ତିଯାଇଥିଲେ। ହେଲେ ଅବଶିଷ୍ଟ ୧୫ ଜଣ ପାଣିଘେରରେ ଫସିରହିଥିଲେ। ସେମାନଙ୍କୁ ଅଦ୍ୟାବଧି ଉଦ୍ଧାର କରାଯାଇ ପାରିନାହିଁ। ପାଣି କାଢ଼ିବା ପାଇଁ ଉଚ୍ଚକ୍ଷମତାସମ୍ପନ୍ନ ପମ୍ପ ଦରକାର, ଯାହାକି ସରକାରଙ୍କ ପକ୍ଷରୁ ନିୟୋଜିତ ହୋଇନାହିଁ। ଅଦ୍ୟାବଧି ଉକ୍ତ ଖଣିରୁ ୧୨ ଲକ୍ଷ ଲିଟର ଜଳ ନିଷ୍କାସନ କରାଯାଇଛି। ହେଲେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଉଚ୍ଚକ୍ଷମତାସମ୍ପନ୍ନ ପମ୍ପ୍ ଓ ଆବଶ୍ୟକ ଉପକରଣ ଅଭାବରୁ ମଙ୍ଗଳବାର ଉଦ୍ଧାର କାର୍ଯ୍ୟ ବନ୍ଦ କରିବାକୁ ପଡ଼ିଛି ବୋଲି ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସଙ୍ଗ୍ମା ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ କୋଲ୍ ଇଣ୍ଡିଆ ପକ୍ଷରୁ ବିଶେଷଜ୍ଞ, ଟେକ୍ନିସିଆନ୍ ଓ ପମ୍ପ୍ ନିୟୋଜିତ କରାଯାଇଥିବା ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଉତ୍ତର-ପୂର୍ବାଞ୍ଚଳ ମହାପ୍ରବନ୍ଧକ ଜେ.ବୋରାହ କହିଛନ୍ତି। ଗୁରୁବାର ସମ୍ପୃକ୍ତ ସ୍ଥାନକୁ ବାୟୁସେନାକୁ ମଧ୍ୟ ଉଦ୍ଧାର କାର୍ଯ୍ୟ ପାଇଁ ପଠାଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ବୁଡ଼ାଳିମାନେ ୭୦ରୁ ୪୦ ଫୁଟ୍ ଜଳସ୍ତର ହ୍ରାସ ପାଇଲେ ଉଦ୍ଧାର କାମରେ ଲାଗିବେ ବୋଲି ଅପେକ୍ଷା କରିଛନ୍ତି। ଥାଇଲାଣ୍ଡ ଗୁମ୍ଫାରୁ ୧୨ ପିଲଙ୍କୁ ଉଦ୍ଧାର କରିବାରେ ସହାୟତା ଦେଇଥିବା ଏକ ଭାରତୀୟ କମ୍ପାନୀ ମେଘାଳୟର ଉକ୍ତ ଖଣିକୁ ବଡ଼ ପମ୍ପ୍ ପଠାଇବ ବୋଲି କହିଛି। ଏଭଳି ସମୟରେ କୋଇଲା ଖଣିରେ ଫସିଥିବା ଶ୍ରମିକଙ୍କ ପରିବାର ଲୋକେ ଅଶା ଆଶଙ୍କାରେ ରହିଛନ୍ତି। ପ୍ରକାଶ ଯେ, ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ।

ମେଘାଳୟର ଏକ କୋଇଲା ଖଣିରେ ପାଣିଘେରରେ ୧୫ ଶ୍ରମିକ ଫସିରହିଥିବାବେଳେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଉଦ୍ଧାର ପାଇଁ ବ୍ୟବସ୍ଥା କରିବା ପରିବର୍ତ୍ତେ ଆସାମର ବୋଗିବିଲ ସେତୁ ଉଦ୍‌ଘାଟନ ବେଳେ ଫଟୋ ଉଠାଇବା ଲାଗି କ୍ୟାମେରା ସାମ୍ନାରେ ବିଭିନ୍ନ ମୁଦ୍ରାରେ ପୋଜ୍ ଦେଉଛନ୍ତି ବୋଲି ରାହୁଲ ଟୁଇଟ୍ କରିଥିଲେ।



କୋଇଲା ଖଣିରେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳର ଦୃଶ୍ୟ।

## ହାତ ଟେକିଦେଲେ ମେଘାଳୟ ସରକାର

- ପୂର୍ବ ଜୟନ୍ତିଆ କୋଇଲା ଖଣିରେ ପାଣି
- ୩୭୦ ଫୁଟ୍ ଗଭୀରରେ ଫସିରହିଛନ୍ତି ୧୫ ଶ୍ରମିକ
- ଉପକରଣ ଅଭାବରୁ ଉଦ୍ଧାର କାର୍ଯ୍ୟ ବନ୍ଦ
- ୨ ସପ୍ତାହ ହେଲା ଆଶା ଆଶଙ୍କାରେ ପରିବାର
- ଓଡ଼ିଶାରୁ ଯିବ ଅଗ୍ନିଶମ ଟିମ୍

## ରେଟ୍ ମାଇନିଂ କ'ଣ

ମେଘାଳୟରେ ପ୍ରାୟ ୬୪ କୋଟି ଟନ୍ କୋଇଲା ଭଣ୍ଡାର ରହିଛି। ସବୁ କୋଇଲାର ମାନ ଭଲ ନୁହେଁ। ସେଥିରେ ସଲ୍‌ଫରର ମାତ୍ରା ଅଧିକ ରହିଥିବାରୁ କମ୍ ଲାଭ ମିଳିଥାଏ। ତେଣୁ ଅଧିକ ଖର୍ଚ୍ଚ କରିବା ବଦଳରେ ଶ୍ରମିକଙ୍କୁ ନିୟୋଜିତ କରାଯାଏ। ଶ୍ରମିକମାନେ ଅତି ବିପଜ୍ଜନକ ଅବସ୍ଥାରେ ସେଠାରେ କାମ କରନ୍ତି। ପାହାଡ଼ିଆ ଅଞ୍ଚଳରେ ଏହି ଖଣିଗୁଡ଼ିକ ଥିବାରୁ ସେଠାକୁ ମେଶିନ୍ ନେବା ମଧ୍ୟ ଅସମ୍ଭବ। ତେଣୁ ଶ୍ରମିକଙ୍କୁ ନେଇ କାମ କରାଯାଏ। ଶ୍ରମିକମାନେ ମୂଷା ଭଳି ଗୁରୁଣ୍ଡି ଗୁରୁଣ୍ଡି ଖଣି ଭିତରକୁ ଯାଇଥାନ୍ତି। ଏଥିପାଇଁ ଏହାକୁ 'ରେଟ୍ ମାଇନିଂ' କୁହାଯାଏ। ଏଭଳି କାମରେ ଛୋଟପିଲାଙ୍କୁ ନିୟୋଜିତ କରାଯାଏ। ଏହାକୁ ନିଷେଧ କରାଯାଇଥିଲେ ହେଁ ରାଜନୈତିକ ପୃଷ୍ଠପୋଷକତା ଯୋଗୁ ଏହି ବେଆଇନ ଖଣି ଖନନ ବନ୍ଦ ହୋଇପାରୁନାହିଁ।



## କଂଗ୍ରେସ-ଜେଡିଏସ୍ ଏକାଠି ଲଢ଼ିବେ



ସିଦ୍ଧାରାମାୟା

**ବେଙ୍ଗାଲୁରୁ,୨୭।୧୨(ପି.ଟି.)**

ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ କର୍ନାଟକରେ ମେଣ୍ଟ ସରକାର ଭାଙ୍ଗିଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଥିବା ବେଳେ କଂଗ୍ରେସ ନେତା ସିଦ୍ଧାରାମାୟା ଏହାକୁ ଖଣ୍ଡନ କରିଛନ୍ତି। କଂଗ୍ରେସ-ଜେଡିଏସ ମେଣ୍ଟ ସୁଦୃଢ଼ ରହିଛି ଏବଂ ଆଗାମୀ ଲୋକ ସଭା ନିର୍ବାଚନ ଉଭୟ ଦଳ ଏକାଠି ଲଢ଼ିବେ ବୋଲି ସେ କହିଛନ୍ତି। ନୂଆ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନରେ ତାଙ୍କର ଉପମୁଖ୍ୟମନ୍ତ୍ରୀ ଜି.ପରମେଶ୍ୱରଙ୍କ ସହିତ ମତଭେଦ ଥିବା ଅଭିଯୋଗକୁ ମଧ୍ୟ ସିଦ୍ଧାରାମାୟା ଖଣ୍ଡନ କରିଛନ୍ତି। ଶାସକ ମେଣ୍ଟର ୧୫ ଜଣ ଅସନ୍ତୁଷ୍ଟ ବିଧାୟକ ତାଙ୍କ ସହ ଯୋଗାଯୋଗ ରଖିଥିବା ବରିଷ୍ଠ ଭାଜପା ନେତା ଉମେଶ କାଭି ଦାବି କରିଥିଲେ ଏବଂ ଆସନ୍ତା ସପ୍ତାହରେ ତାଙ୍କ ଦଳ କର୍ନାଟକରେ ସରକାର ଗଢ଼ିବ ବୋଲି କହିଥିଲେ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସିଦ୍ଧାରାମାୟା କହିଛନ୍ତି, ସେଭଳି କିଛି ହେବାର ନାହିଁ। ମେଣ୍ଟ ସରକାରରେ କୌଣସି ସମସ୍ୟା ନାହିଁ, ଏହି ସରକାର ପୂରା ୫ ବର୍ଷ ପୂରଣ କରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କୋଲକାତା ମେଟ୍ରୋରେ ନିଆଁ: ୧୬ ଯାତ୍ରୀ ଆହତ

**କୋଲକାତା,୨୭।୧୨**-କୋଲକାତା ମେଟ୍ରୋ ଟ୍ରେନରେ ନିଆଁ ଲାଗି ଏକ କୋଚ ଧୂଆଁମୟ ହୋଇଯିବାରୁ ସେଥିରେ ଯାତ୍ରା କରୁଥିବା ୧୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ଅଧିକାଂଶ ବରିଷ୍ଠ ନାଗରିକ। ରବୀନ୍ଦ୍ର ସଦନ ଏବଂ ମୈଦାନ ଷ୍ଟେସନ ମଧ୍ୟରେ ଟ୍ରେନର ପ୍ରଥମ କୋଚରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଜଣେ ବ୍ୟକ୍ତିଙ୍କ ଗୋଡ ଭାଙ୍ଗିଥିବା ବେଳେ ଅନ୍ୟ ୧୫ ଜଣ ସାମାନ୍ୟ ଆହତ ହୋଇଛନ୍ତି। ମେଟ୍ରୋ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

### ଦୁର୍ଘଟଣାରେ ନୌସେନାର ୨ ଅଧିକାରୀ ମୃତ

**କୋଚି,୨୭।୧୨**-କୋଚିସ୍ଥିତ ଆଇଏନ୍‌ଏସ୍ ଗୌଡ ନାଭାଲ୍ ଏୟାର ଷ୍ଟେଶନରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ହେଲିକପ୍ଟର ହ୍ୟାଙ୍ଗର ଲୁହା ଶଟର୍ ତଳେ ଚାପିହୋଇ ୨ ନୌସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନବୀନ (୨୮), ଅଜିତ୍ ସିଂ (୨୯)। ନାଭାଲ ଏୟାର୍ ସ୍କ୍ୱାର୍ଡନ ୩୨୨ ହେଲିକପ୍ଟର ସମ୍ମୁଖରେ ଉଭୟେ ଛିଡ଼ା ହୋଇଥିଲାବେଳେ ଏହାର ହ୍ୟାଙ୍ଗର କବାଟ ସେମାନଙ୍କ ଉପରେ ଖସିପଡ଼ିଥିଲା। ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍ ନିଆଯାଇଥିବାବେଳେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାର ବୋର୍ଡସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

### ଯୁବକଙ୍କ ଗୁପ୍ତାଙ୍ଗ କାଟିଲେ

**ମୁମ୍ବାଇ,୨୭।୧୨**-ମହାରାଷ୍ଟ୍ରର ଠାଣେ ଜିଲାରେ ଜଣେ ମହିଳା ତାଙ୍କୁ କିଛି ଦିନ ହେଲା ପ୍ରେମ ନିବେଦନ କରି ହଇରାଣ କରୁଥିବା ଜଣେ ୨୭ ବର୍ଷୀୟ ଯୁବକଙ୍କ ଗୁପ୍ତାଙ୍ଗ କାଟି ଦେଇଛନ୍ତି। ବୁଧବାର ରାତିରେ ମନପଡା ଅଞ୍ଚଳର ନନ୍ଦିଭାଲିରେ ଏଭଳି ଅଘଟଣ ଘଟିଛି। କିଛି ଦିନ ହେଲା ଯୁବକ ଜଣକ ଉକ୍ତ ୪୨ ବର୍ଷୀୟ ମହିଳାଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ତାଙ୍କ ସ୍ୱାମୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ମହିଳା ଜଣକ ଉକ୍ତ ଯୁବକକୁ ପାନେ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ସେ ତେଜସ ମହାତ୍ରେ (୨୨) ଏବଂ ପ୍ରବୀଣ କେନିଆ (୨୫)ଙ୍କ ସହାୟତାରେ ଉକ୍ତ ଯୁବକଙ୍କୁ ଏକ ନିଛାଟିଆ ସ୍ଥାନକୁ ଡାକିନେଇ ତାଙ୍କ ଗୁପ୍ତାଙ୍ଗ କାଟିଦେଇଥିଲେ ବୋଲି ପୋଲିସ କହିଛି। ପୋଲିସ ଉକ୍ତ ମହିଳା ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟରେ ହାଜର କରିବା ପରେ ପୋଲିସ ୪ ଦିନ ରିମାଣ୍ଡରେ ନେଇଛି।

## ଇସିଙ୍କୁ ଭେଟିଲେ କେସିଆର୍

**ନୂଆଦିଲ୍ଲୀ,୨୭।୧୨(ପି.ଟି.)**



ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆରସି ଅଧକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର) ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଆରୋରାଙ୍କୁ ଭେଟିଛନ୍ତି। ଟିଆରଏସ୍‌ର ଦଳୀୟ ଚିହ୍ନ 'କାର'କୁ ନେଇ ଗତ ନିର୍ବାଚନରେ ଭୋଟର ଦ୍ୱନ୍ଦ୍ୱରେ ପଡିଥିଲେ। କାରଣ ଇଭିଏମ୍‌ରେ ଟ୍ରକ, ଆଇରନ ଏବଂ କାର ଏକାଭଳି ଦେଖାଯାଉଥିବାରୁ କାରକୁ ଖୋଜି ବାହାର କରିବାରେ ସମସ୍ୟା ଦେଖାଦେଉଥିଲା। ତେଣୁ ଆଗାମୀ ଲୋକ ସଭା ନିର୍ବାଚନ ବେଳେ କାର ଚିହ୍ନକୁ ଅଧିକ ସ୍ପଷ୍ଟ କରିବା ସହ ସେହିଭଳି ଦେଖାଯାଉଥିବା ଚିହ୍ନ ଅନ୍ୟ ଦଳଙ୍କୁ ନ ଦେବା ଲାଗି କେସିଆର ଆରୋରାଙ୍କୁ ଅନୁରୋଧ କରିଥିଲେ। ଗତ ବିଧାନସଭା ନିର୍ବାଚନ ବେଳେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପାର୍ଟିକୁ ଟ୍ରକ ଚିହ୍ନ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କୁ ଆଇରନ ଚିହ୍ନ ମିଳିଥିଲା। ଭୋଟର ତାଲିକାରୁ କେତେ ଜଣଙ୍କ ନାଁ ଉଭାନ୍ ହୋଇଯାଇଥିବାରୁ ଏହାକୁ ନେଇ ରାଓ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଏନ୍‌ଆରସି ସଂଶୋଧନ
## ସମୟସୀମା ୬ ମାସ ବଢ଼ିଲା

**ନୂଆଦିଲ୍ଲୀ,୨୭।୧୨(ପି.ଟି.)**

ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି)ର ସଂଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସମୟସୀମାକୁ କେନ୍ଦ୍ର ସରକାର ଆଉ ୬ ମାସ ବଢ଼ାଇଛନ୍ତି। ଆସନ୍ତାବର୍ଷ ଜୁନ୍ ୩୦ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଆସାମର ସମସ୍ତ ଲୋକଙ୍କୁ ଗଣନା କରି ଏନ୍‌ଆରସିରେ ସ୍ଥାନିତ କରିବା ସମ୍ଭବ ନୁହେଁ ବୋଲି ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଗତ ୨୦୧୩ ଡିସେମ୍ବର ୬ରେ ସରକାର ପ୍ରଥମ ବିଜ୍ଞପ୍ତି ଜାରି କରି ତିନିବର୍ଷ ମଧ୍ୟରେ ଏନ୍‌ଆରସି ପ୍ରକ୍ରିୟା ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରିଥିଲେ। ଇତିମଧ୍ୟରେ ସମୟସୀମା ୫ ଥର ବୃଦ୍ଧି କରାଗଲାଣି। ଗତ ଜୁଲାଇ ୩୦ରେ ଚିଠା ଏନ୍‌ଆରସି ପ୍ରକାଶ ପାଇଥିଲା ଯେଉଁଥିରୁ ୪୦ ଲକ୍ଷରୁ ଅଧିକ ଲୋକ ବାଦ୍ ପଡିଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା।



ଭୁଟାନ ପ୍ରଧାନମନ୍ତ୍ରୀ ଲୋଟୟ ଶେରିଙ୍ଗ୍ ଗୁରୁବାର ୩ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ନୂଆଦିଲ୍ଲୀ ବିମାନବନ୍ଦରରେ ତାଙ୍କୁ ସ୍ୱାଗତ ଜଣାଉଛନ୍ତି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବପ୍ରତାପ ଶୁକ୍ଳା।

## ବସ୍ ଓଲଟି ୩୫ ଛାତ୍ରୀଛାତ୍ର ଆହତ

**ସିମ୍ଲା,୨୭।୧୨(ପି.ଟି.)**

**ପ୍ରଧାନମନ୍ତ୍ରୀଙ୍କ ସଭାରେ ଯୋଗଦେବାକୁ ଯାଉଥିଲେ**



କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରର ପିଲାମାନଙ୍କୁ ନେଇ ଯାଉଥିବା ଏକ ବସ୍ ଓଲଟି ପଡିବାରୁ ୩୫ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଧର୍ମଶାଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଭାରେ ଯୋଗଦେବା ଲାଗି ଏହି ପିଲାମାନେ ଏକ ଘରୋଇ ବସ୍‌ରେ ଯାଉଥିଲାବେଳେ କାଙ୍ଗ୍‌ଡା ଜିଲାର ଜୱାଲି ଅଞ୍ଚଳରେ ତାହା ଓଲଟିପଡିଥିଲା। ହିମାଚଳପ୍ରଦେଶରେ ଭାଜପା ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ମୋଦିଙ୍କ ଜନ ଆଭାର ର୍‍ୟାଲି ଅନୁଷ୍ଠିତ ହେଉଥିଲା।

■ ମହିଳାଙ୍କୁ ଏଚଆଇଭି ସଂକ୍ରମିତ ରକ୍ତଦାନ

## ରିପୋର୍ଟ ମାଗିଲେ ହାଇକୋର୍ଟ

**ଚେନ୍ନାଇ,୨୭।୧୨(ପି.ଟି)**

ତାମିଲନାଡୁର ବିରୁଧୁନଗର ଜିଲାରେ ଜଣେ ଗର୍ଭବତୀ ମହିଳାଙ୍କୁ ଏଚଆଇଭି ସଂକ୍ରମିତ ରକ୍ତ ପ୍ରଦାନ କରାଯିବା ଘଟଣାରେ ମାଡ୍ରାସ ହାଇକୋର୍ଟ ନିଜ ଆଡୁ ମାମଲା ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଏଥିପାଇଁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଏ ସମ୍ପର୍କିତ ସ୍ଥିତି ରିପୋର୍ଟ ଜାନୁୟାରୀ ୩ ସୁଦ୍ଧା ଦାଖଲ କରିବା ଲାଗି କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଏସ. ବୈଦ୍ୟନାଥନ ଏବଂ ପି.ଟି. ଆଶାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଗତ ୩ ତାରିଖରେ ମହିଳା ଜଣକ ସତ୍ତୁର ସରକାରୀ ହସ୍ପିଟାଲକୁ ଚେକ୍‌ଅପ ପାଇଁ ଯାଇଥିବା ବେଳେ ତାଙ୍କୁ ରକ୍ତ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଉକ୍ତ ବ୍ଲଡ ଏଚଆଇଭି ପଜିଟିଭ୍ ଥିବା ୪ ଦିନ ପରେ ଜଣାପଡିଥିଲା। ହସ୍ପିଟାଲର ଲାବରେଟୋରି ଟେକ୍ନିସିଆନଙ୍କ ଦାୟିତ୍ୱହିନତା ଯୋଗୁ ଏଭଳି ଘଟିଥିବା କୁହାଯାଉଛି।

## ଇତିହାସର ଆଇନାରେ
### ଡିସେମ୍ବର ୨୮ର ପ୍ରମୁଖ ଘଟଣା

### ଜାହାଜରେ ଅଗ୍ନିକାଣ୍ଡ

୨୦୧୪ ଡିସେମ୍ବର ୧୮ରେ ଇଟାଲୀୟ ଜଳରାଶିର ଆଡିଆଟ୍ରିକ୍ ସମୁଦ୍ରରେ ଏମ୍‌ଏସ୍ ନର୍ମାନ ଆଟଲାଣ୍ଟିକ୍ ଜାହାଜ ଓଟ୍ରୋଣ୍ଟୋ ଅଭିମୁଖେ ଯାଉଥିବା ବେଳେ ଏଥିରେ ନିଆଁ ଲାଗିଯିବାରୁ ୯ଜଣ ମୃତୁବରଣ କରିଥିବା ବେଳେ ୧୯ଜଣ ନିଖୋଜ ହୋଇଯାଇଥିଲେ। ଉକ୍ତ ଜାହାଜ ଇଟାଲିୟାନ୍ ଫେରି କମ୍ପାନି ଭିସେମାର ଡି ନାଭିଗାଜିଓନ୍ ଦ୍ୱାରା ନିର୍ମାଣ କରାଯାଇଥିଲା।

### ଜାପାନ ସମ୍ରାଟଙ୍କ ରାଜତ୍ୱ

୧୩୦୮ ଡିସେମ୍ବର ୨୮ରେ ଜାପାନରେ ସମ୍ରାଟ ହାନାଜୋନୋଙ୍କ ରାଜତ୍ୱ ଆରମ୍ଭ ହୋଇଥିଲା। ସମ୍ରାଟ ହାନାଜୋନୋ ୧୨୯୭ ଅଗଷ୍ଟ ୧୪ରେ ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା ୧୩୪୮ ଡିସେମ୍ବର ୨ରେ। ପାରମ୍ପରିକ ଉତ୍ତରାଧିକାର କ୍ରମରେ ସେ ଥିଲେ ଜାପାନର ୯୫ତମ ସମ୍ରାଟ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୫ | ୧୦.୦ |
| ଚାନ୍ଦବାଲି | ୨୫.୦ | ୧୩.୦ |
| କଟକ | ୨୭.୨ | ୧୧.୪ |
| ପାରାଦ୍ୱୀପ | ୨୬.୩ | ୧୪.୨ |
| ଭୁବନେଶ୍ୱର | ୨୮.୧ | ୧୩.୪ |
| ଗୋପାଳପୁର | ୨୮.୦ | ୧୬.୨ |
| ପୁରୀ | ୨୬.୬ | ୧୪.୮ |
| ଅନୁଗୋଳ | ୨୪.୧ | ୯.୬ |
| ବାରିପଦା | ୨୪.୨ | ୧୦.୫ |
| ଝାରସୁଗୁଡ଼ା | ୨୪.୫ | ୧୨.୬ |
| କେନ୍ଦୁଝର | ୨୨.୭ | ୧୦.୬ |
| ସମ୍ବଲପୁର | ୨୫.୨ | ୧୨.୪ |
| ସୁନ୍ଦରଗଡ଼ | ୨୫.୦ | ୯.୫ |
| ହୀରାକୁଦ | ୨୫.୧ | ୧୩.୧ |
| ତାଳଚେର | ୨୮.୨ | ୧୧.୫ |
| ଭବାନୀପାଟଣା | ୨୭.୦ | ୧୨.୫ |
| ବଲାଙ୍ଗୀର | ୨୬.୫ | ୧୧.୦ |
| କୋରାପୁଟ | ୨୬.୦ | ୧୧.୦ |
| ଫୁଲବାଣୀ | ୨୪.୦ | ୮.୨ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୨୮.୦ | ୧୮.୨ |
| ସୋନପୁର | ୨୫.୦ | ୧୧.୮ |
| ଦାରିଙ୍ଗିବାଡ଼ି | ୨୩.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଟ୍ରମ୍ପଙ୍କ ଅଚାନକ ଇରାକ୍ ଗସ୍ତ

**ବାଗ୍‌ଦାଦ୍,୨୭।୧୨**



ମଧ୍ୟ ଏସିଆର ଯୁଦ୍ଧ ପ୍ରଭାବିତ ଇସ୍‌ଲାମିକ୍ ରାଷ୍ଟ୍ର ଇରାକକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଫାଷ୍ଟ ଲେଡି ମେଲାନିଆ ଅଚାନକ ଖ୍ରୀଷ୍ଟମାସ ଗସ୍ତ କରିଛନ୍ତି। ସେଠାରେ ଦୀର୍ଘବର୍ଷ ଧରି ମୁତୟନ ରହିଥିବା ଆମେରିକୀୟ ସୈନ୍ୟମାନଙ୍କୁ ଉଭୟେ ଭେଟିଛନ୍ତି। ସେମାନଙ୍କ ଦୃଢ଼ ମନୋବଳ ଓ ନିରନ୍ତର ସଂଘର୍ଷମୟ ସେବା ପ୍ରତି କୃତଜ୍ଞତା ଜଣାଇଛନ୍ତି। ଏଥିସହ ଇସ୍‌ଲାମିକ ରାଷ୍ଟ୍ର ସିରିୟାରୁ ଆମେରିକା ସୈନ୍ୟଙ୍କ ଅପସାରଣ ନିଷ୍ପତ୍ତିକୁ ଟ୍ରମ୍ପ୍ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସିରିଆରେ ଇସ୍‌ଲାମିକ୍ ଆତଙ୍କବାଦୀଙ୍କୁ ମୁହଁତୋଡ୍ ଜବାବ୍ ଦିଆଯାଇଛି। ସେମାନେ ଲଢ଼େଇରେ ପରାଜୟକୁ ବରଣ କରିଛନ୍ତି। ତେଣୁ ସେଠାରୁ ସେନା ପ୍ରତ୍ୟାହାର କରାଯାଇଥିବା ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ମେଲାନିଆଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍‌ଟନ ବୁଧବାର ରାତିରେ ବିମାନରେ ବାଗ୍‌ଦାଦ୍ ଯାତ୍ରା କରିଥିଲେ। ପଶ୍ଚିମ ବାଗ୍‌ଦାଦ୍‌ସ୍ଥିତ ଆମେରିକା-ଇରାକ୍ ଅଲ୍ ଅଶାଦ୍ ବାୟୁସେନା ପୋଷ୍ଟରେ ସେମାନେ ଅବତରଣ କରିଥିଲେ। ବର୍ତ୍ତମାନ ସ୍ଥିତିରେ ଇରାକ୍‌ରୁ ସୈନ୍ୟ ପ୍ରତ୍ୟାହାର ନେଇ ସେ ଚିନ୍ତା କରି ନ ଥିବା ଟ୍ରମ୍ପ ସ୍ପଷ୍ଟ କରିଥିଲେ। ଇରାନକୁ ଚ୍ୟାଲେଞ୍ଜ୍ ଦେବା ସହ ସିରିଆରେ ପୁନର୍ବାର ଲଢ଼େଇ ପାଇଁ ଇରାକ୍‌ରେ ଯୁଦ୍ଧ ପ୍ରସ୍ତୁତିର ଆବଶ୍ୟକତା ଥିବା ସେ କହିଥିଲେ। ଇରାକ୍‌ରେ ୫ହଜାର ଆମେରିକୀୟ ସୈନ୍ୟ ମୁତୟନ ଥିବାବେଳେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ମହଲରୁ ବାରମ୍ବାର ଦାବି ପରେ ପ୍ରଥମଥର ଲାଗି ରାଷ୍ଟ୍ରପତି ଟ୍ରମ୍ପ୍ କମାଣ୍ଡର-ଇନ୍-ଚିଫ୍ ଭାବେ ସେଠାକୁ ଗସ୍ତ କରିଛନ୍ତି।


ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୮/୨୦୧୮ | Bhubaneswar, Friday, December 28/ 2018 | ପୃଷ୍ଠା-୧



## 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ଟ୍ରେଲର ରିଲିଜ୍

'ଦି ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର' ଫିଲ୍ମର ଟ୍ରେଲର ଗୁରୁବାର ରିଲିଜ ହୋଇଥିବା ବେଳେ ଏଥିରେ ମନମୋହନ ସିଂ ଭୂମିକାରେ ଅଭିନୟ କରିଛନ୍ତି ଅନୁପମ ଖେର। ୧୨

୧୭

## ବୋଲ୍ଟଙ୍କ ଘାତକ ବୋଲିଂ

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଘାତକ ବୋଲିଂ କରି ୬ ଉଇକେଟ ଅକ୍ତିଆର କରିଛନ୍ତି।



**ଆଜିର ସମ୍ପାଦକୀୟ**

**ଅଚଳ ନୀତି**

**ଆଜିର ମନ୍ତବ୍ୟ**

ଲୁଟ୍ କରୁଥିବା ଲୋକେ ଏବେ ଚୌକିଦାରକୁ ଭୟ କରୁଛନ୍ତି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୬–୧୭ରେ ଭାରତ–ଜାପାନ ଦ୍ୱିପାକ୍ଷିକ ବାଣିଜ୍ୟ ୧୩.୬ ବିଲିୟନ ଡଲାର ଥିବା ବେଳେ ୨୦୧୭–୧୮ରେ ଏଥିରେ ବୃଦ୍ଧି ଘଟି ୧୫.୭ ବିଲିୟନ ଡଲାର ଛୁଇଁଛି।
– ବାଣିଜ୍ୟ ମନ୍ତ୍ରଣାଳୟ




**CBSE Exam Mate**
ପୃଷ୍ଠା–୧୩

NECC NATIONAL EGG CO-ORDINATION COMMITTEE 27.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 75 | 126 | 136 |
| DKL | 79 | 131 | 141 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 82 | 135 | 145 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers

ବେଆଇନ ଶେଲ୍ଟର ହୋମ୍ ମାମଲା
**୪ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍ଏଚଆରସିଙ୍କ ନିର୍ଦ୍ଦେଶ**
......୩......

■ ନୀତି ଆୟୋଗ ଡେଲଟା ତାଲିକା ପ୍ରକାଶିତ

# 'ଆକାଂକ୍ଷା'ରେ ନୂଆପଡ଼ା, କୋରାପୁଟ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଓଡ଼ିଶାରେ ବିକାଶ ଊର୍ଦ୍ଧ୍ୱମୁଖୀ ହୋଇଛି। କେବଳ ଉପକୂଳ ନୁହେଁ, ଦକ୍ଷିଣ ଓ ପଶ୍ଚିମ ଓଡିଶାର ପଛୁଆ ଜିଲାଗୁଡିକ ମଧ୍ୟ ବିକାଶ ଆଗକୁ ମାଡି ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, କୃଷି, ଜଳ ଉତ୍ସ, ଆର୍ଥିକ ଅବସ୍ଥା, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ବହୁଳ ଜିଲାର ଲୋକମାନେ ବହୁ ଆଗକୁ ଚାଲି ଯାଇଛନ୍ତି । ସେମାନଙ୍କ ଜୀବନ ଧାରଣ ମାନଦଣ୍ଡରେ ଯଥେଷ୍ଟ ଉନ୍ନତି ଘଟିଛି। ଗୁରୁବାର କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ପ୍ରକାଶ କରିଥିବା ଆକାଂକ୍ଷା ଜିଲା ଡେଲଟା ର୍ୟାଙ୍କିଙ୍ଗ ରିପୋର୍ଟରେ ଏକଥା ଉଲ୍ଲେଖ କରାଯାଇଛି । କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ପ୍ରକାଶ କରିଥିବା ଦ୍ୱିତୀୟ ଡେଲଟା ରିପୋର୍ଟର ପ୍ରଥମ ୫ଟି ଜିଲା ତାଲିକାରେ ଓଡିଶାର ଦୁଇ ଜିଲା ନୂଆପଡା ଓ କୋରାପୁଟ ଯଥାକ୍ରମେ ଦ୍ୱିତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାର ପ୍ରଥମ ସ୍ଥାନରେ ତାମିଲନାଡୁର ବିରୁଦନଗର ଜିଲା ଥିବାବେଳେ ଉତ୍ତର ପ୍ରଦେଶର ସିଦ୍ଧାର୍ଥନଗର ଏବଂ ବିହାରର ଔରଙ୍ଗାବାଦ ଜିଲା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୧୮ ଜୁନ ପହିଲାରୁ ଅକ୍ଟୋବର ୩୧ ତାରିଖ ମଧ୍ୟରେ ଦେଶର ୧୧୧ଟି ଜିଲାଗୁଡିକରେ ହୋଇଥିବା ବିକାଶକୁ ଆଧାର କରି ନୀତି ଆୟୋଗ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଗୁରୁବାର ନୀତି ଆୟୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଅମିତାଭ କାନ୍ତ ଏହି ରିପୋର୍ଟ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, କୃଷି, ଜଳ ଉତ୍ସ, ଆର୍ଥିକ ଅବସ୍ଥା, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଆଦି ୬ଟି ମାନଦଣ୍ଡ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି।

ସୂଚନାଯୋଗ୍ୟ ଯେ ୨୦୧୮ ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅନୁନ୍ନତ ଜିଲାଗୁଡିକ ପାଇଁ ସ୍ୱତନ୍ତ୍ର ଆକାଂକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଅନୁନ୍ନତ ତଥା ପଛୁଆ ଜିଲାଗୁଡିକର ବିକାଶ କରି ଲୋକମାନଙ୍କର ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ଆକାଂକ୍ଷା ଯୋଜନାର ପ୍ରଥମ ର୍ୟାଙ୍କିଙ୍ଗ ରିପୋର୍ଟ ୨୦୧୮ ଜୁନ୍‌ରେ ପ୍ରକାଶ କରାଯାଇଥିଲା। ଏହି ରିପୋର୍ଟର ୧୪ତମ ସ୍ଥାନରେ ବଲାଙ୍ଗୀର ଜିଲା ଥିବା ବେଳେ ୩୪ ସ୍ଥାନରେ ଗଜପତି, ୩୬ରେ ଢେଙ୍କାନାଳ, ୩୭ରେ କନ୍ଧମାଳ, ୭୭ରେ ରାୟଗଡା, ୮୫ରେ କଳାହାଣ୍ଡି, ୯୯ରେ ନବରଙ୍ଗପୁର ଏବଂ ୧୦୫ରେ ମାଲକାନଗିରି ଜିଲାର ସ୍ଥାନ ରହିଥିଲା। ନୂଆପଡା ଜିଲାରେ ଶିକ୍ଷା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଆଖିଦୃଶିଆ ବିକାଶ ହୋଇଥିବାରୁ ଦ୍ୱିତୀୟ ସ୍ଥାନ ମିଳିଛି।

# ମହାନଦୀ–କାଠଯୋଡ଼ି ବୁଲି ଦେଖିଲେ ବଂଶଧାରା ଟ୍ରିବ୍ୟୁନାଲ ଟିମ୍



ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ସହ ଜଳସମ୍ପଦ ବିଭାଗର ଅଧିକାରୀମାନେ ଆଲୋଚନା କରୁଛନ୍ତି।

କଟକ ଅଫିସ, ୨୭।୧୨

ଓଡ଼ିଶା–ଆନ୍ଧ୍ର ମଧ୍ୟରେ ବଂଶଧାରା ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲ ଟିମ୍ ଗୁରୁବାର ମହାନଦୀ ଓ କାଠଯୋଡ଼ି ନଦୀ ପରିଦର୍ଶନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ମୁକୁନ୍ଦମ୍ ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍ ପ୍ରଥମେ ନରାଜ ନିକଟରେ ପହଞ୍ଚି କାଠଯୋଡ଼ିର ଜଳସ୍ତର ଦେଖିବା ପରେ ଯୋବ୍ରା ଆନିକଟ ନିକଟକୁ ଆସି ଜଳସ୍ତର ଅନୁଧ୍ୟାନ କରିଥିଲେ। ମୁଖ୍ୟତଃ ମହାନଦୀ ଓ କାଠଯୋଡ଼ିର କେନାଲ ସିଷ୍ଟମ ଉପରେ ଜଳସମ୍ପଦ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କେନାଲ ପ୍ରଣାଳୀ ଦ୍ୱାରା କେତେ ଜମି ଜଳସେଚିତ ହେଉଛି ଓ କେତେଜଣ କୃଷକ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀମାନଙ୍କଠାରୁ ଶର୍ମା ପଚାରି ବୁଝିଥିଲେ। ଏହି ଟିମ୍‌ରେ ଜଳସମ୍ପଦ ବିଭାଗ ସଚିବ ପି.କେ. ଜେନା, ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ ବାନାର୍ଜୀ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଡିସିପି ଅଖିଳେଶ୍ୱର ସିଂ ଉପସ୍ଥିତ ଥିଲେ। ସୂଚନାଥାଉ କି, ବଂଶଧାରା ଜଳ ବିବାଦକୁ ନେଇ ଏହି ଟିମ୍ ଦୁଇଦିନ ତଳେ ଗଜପତି ଜିଲାର ପାରଳାଖେମୁଣ୍ଡି ଗସ୍ତ କରିଥିଲେ।

# ଲୋକ ସଭାରେ ସଂଶୋଧିତ ତିନି ତଲାକ୍ ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୭।୧୨(ପି.ଟି.)



ଲୋକ ସଭାରେ ଗୁରୁବାର ସଂଶୋଧିତ ତିନି ତଲାକ୍ ବିଲ୍ ଗୃହୀତ ହୋଇଛି। ତତ୍କାଳ ତିନି ତଲାକ ପ୍ରଥାକୁ ଉକ୍ତ ବିଲ୍‌ରେ ଧର୍ତ୍ତବ୍ୟ ଅପରାଧ ବିବେଚିତ କରାଯାଇଛି। ଏଥିପାଇଁ ୩ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍,୨୦୧୮ ଅଣାଯାଇଥିବା ଅଭିଯୋଗକୁ ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ବିଲ୍ ସପକ୍ଷରେ ୨୪୫ ଭୋଟ ମିଳିଥିବା ବେଳେ ବିପକ୍ଷରେ ୧୧ ଭୋଟ ଯାଇଥିଲା। ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ଅଧ୍ୟାଦେଶ ସ୍ଥାନରେ ଏହାକୁ ଲାଗୁ କରାଯିବ। ଏହି ପ୍ରସ୍ତାବିତ ଆଇନ ଜମ୍ମୁ–କଶ୍ମୀର ବ୍ୟତୀତ ସାରା ଦେଶରେ ଲାଗୁ ହେବ।

ଟ୍ରିପଲ ତଲାକ୍ ବିଲ୍ ଲୋକ ସଭାରେ ଆଗତ କରାଯିବା ପରେ ଏହାକୁ ଯୁଗ୍ମ ଚୟନ କମିଟିକୁ ପଠାଇବା ଲାଗି ବିରୋଧୀ ଦଳ ପକ୍ଷରୁ ଦାବି ହୋଇଥିଲା। ସରକାର ଏହି ଦାବିକୁ ଅଗ୍ରାହ୍ୟ କରିଦେବା ପରେ ଭୋଟ ପୂର୍ବରୁ କଂଗ୍ରେସ, ତୃଣମୂଳ କଂଗ୍ରେସ, ଏଆଇଏଡିଏମକେ ଏବଂ ଆରଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ବିଲ୍ ଗୃହୀତ ହେବା ପୂର୍ବରୁ ୪ ଘଣ୍ଟା ଧରି ନିମ୍ନ ସଦନରେ ଜୋରଦାର ଆଲୋଚନା ହୋଇଥିଲା। ବିଲ୍ ଉପରେ ଆଲୋଚନା ଆରମ୍ଭ କରି ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ତତ୍କାଳ ତିନି ତଲାକ ଦେଉଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଜେଲ୍‌ଦଣ୍ଡ ଦେବା ଆଦୌ ରାଜନୀତି ନୁହେଁ। ଏହା ମହିଳା ସଶକ୍ତୀକରଣ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଉକ୍ତ ବିଲ୍‌କୁ ଅନୁଧ୍ୟାନ ପାଇଁ ଚୟନ କମିଟିକୁ ପଠାଇବା ନିମନ୍ତେ କଂଗ୍ରେସ, ଟିଏମ୍‌ସି ସମେତ ବିଭିନ୍ନ ବିରୋଧୀ ଦଳ ଦାବି କରିଥିଲେ। ତେବେ ପୂର୍ବରୁ କମିଟିର ସଦସ୍ୟମାନେ ଯେଉଁ ଚିନ୍ତା ବ୍ୟକ୍ତ କରିଥିଲେ ତାହାକୁ ଗ୍ରହଣ କରି ସରକାର ବିଲ୍‌ରେ ଆବଶ୍ୟକ ସଂଶୋଧନ କରିଛନ୍ତି ବୋଲି ପ୍ରସାଦ କହିଥିଲେ। ବିଲ୍‌ରେ କେବଳ ପତ୍ନୀ ଓ ତାଙ୍କ ନିକଟ ସମ୍ପର୍କୀୟ ଏତଲା ଦାଏର କରିବା ବ୍ୟବସ୍ଥା ରହିଛି। ତେବେ ସ୍ୱାମୀ ଓ ତଲାକ ପାଇଥିବା ମହିଳାଙ୍କ ମଧ୍ୟରେ ବୁଝାମଣା ହୋଇପାରିଲେ ସେମାନେ ମାମଲା ପ୍ରତ୍ୟାହାର କରିନେଇପାରିବେ। ଆଇନର ଅପବ୍ୟବହାର ହେବା ଆଶଙ୍କାକୁ ପ୍ରସାଦ ଖଣ୍ଡନ କରିଥିଲେ। ୨୦୧୭ ଜାନୁୟାରୀରୁ ଇତିମଧ୍ୟରେ ୪୭୭ ତିନି ତଲାକ୍ ମାମଲା ଦାଏର ହୋଇଛି। ଜଣେ ପ୍ରଫେସର ତାଙ୍କ ପତ୍ନୀଙ୍କୁ ହ୍ୱାଟ୍ସଆପ୍ ଜରିଆରେ ତଲାକ୍ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସଭାରେ ଯୋଗଦେବାରୁ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ତଲାକ୍ ଦେଉଛି ବୋଲି ପ୍ରସାଦ କହିଥିଲେ। ମହିଳାଙ୍କୁ ନ୍ୟାୟ ପାଇଁ ☞ପୃଷ୍ଠା–୬

## ଘର ସହ ଜଳିଗଲେ ଯୁବତୀ

ବାଲିକୁଦା,୨୭।୧୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଥାନା ଅଧୀନ ଥାଇଲୋ ପଞ୍ଚାୟତ ଅଲିକଣ୍ଟା ଗ୍ରାମରେ ଘର ମଧ୍ୟରେ ପୋଡ଼ିହୋଇ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭରତ ମଲ୍ଲିକଙ୍କ ଝିଅ ଅହଲ୍ୟା(୧୮)। ତେବେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କେହି ମାରି ପୋଡ଼ିଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ଅପରାହ୍ନ ୪ଟାରେ ଭରତଙ୍କ ବାଡ଼ିପଟ ଚାଳ ଘର ଜଳୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବା ବେଳେ ଘର ଭିତରୁ ଅହଲ୍ୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ସେହି ସମୟରେ ଅହଲ୍ୟାଙ୍କ ମା'ବାପା ବିଲକୁ ଯାଇଥିଲେ। ପରିବାର ଲୋକେ, ପାଖ ପଡୋଶୀ ଘରପୋଡ଼ିରେ ଅହଲ୍ୟାଙ୍କ ମୃତ୍ୟୁ ହୋଇଥିବା କହୁଛନ୍ତି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ମାରି ପୋଡ଼ିଦେଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। କାରଣ ଅପରାହ୍ନରେ ଘରେ ପ୍ରାୟତଃ ରୋଷେଇ ହେଉ ନ ଥିଲା। ଯଦି ରୋଷେଇ ହେଉଥାଏ, ତେବେ ଚୁଲିରୁ ଚାଳକୁ ନିଆଁ ଲାଗିବା ବେଳେ ଅହଲ୍ୟା ଘରୁ ବାହାରକୁ ଆସିପାରିଥାନ୍ତେ। ଘରର କବାଟ ଖୋଲା ଥିବା ସତ୍ତ୍ୱେ ସେ ବାହାରକୁ ଆସି ନ ପାରିବା ଘଟଣାକୁ ଅଧିକ ରହସ୍ୟାବୃତ କରିଛି।

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ

■ ୯୬ ଲକ୍ଷ ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ

ବାଲେଶ୍ୱର ଅଫିସ/ବାହାନଗା (ଡି.ଏନ.ଏ.)/ କଟକ ଅଫିସ୍, ୨୭।୧୨

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲି ଗ୍ରାମରେ ଥିବା ହରପ୍ରସାଦ ନୋଡ଼ାଲ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ବାରିକଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ୧୬ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୯୬ ଲକ୍ଷ ୫ ହଜାର ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ କରିଛି। ଏହି ଟିମ୍ ଏକକାଳୀନ ପଞ୍ଚୁପାଲିସ୍ଥିତ ହରପ୍ରସାଦ ନୋଡ଼ାଲ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ, ଖନ୍ତାପଡ଼ା, ଶେରଗଡ଼, ମଣ୍ଡଗାଁ, ଅଙ୍ଗାରଗଡ଼ିଆସ୍ଥିତ ବାସଭବନ, କିଲାସ୍ଥିତ ଶ୍ୱଶୁର ଘର ଉପରେ ଚଢ଼ାଉ କରିଥିଲା। ଭିଜିଲାନ୍ସ କୋର୍ଟ ମିସ୍ କେସ୍ (ନଂ. ୨/୧୮) ଅନୁଯାୟୀ ଏହି ଚଢ଼ାଉ କରାଯାଇଥିଲା। ଏନେଇ ଅଧିକ ଯାଞ୍ଚ ଜାରି ରହିଥିବା ଏସ୍‌ପି ସେନାପତି ସୂଚନା ଦେଇଛନ୍ତି।

ପ୍ରଧାନଶିକ୍ଷକ ବାରିକ ପଞ୍ଚୁପାଲି ଗ୍ରାମ ହରପ୍ରସାଦ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଚଢାଉ ବେଳେ ତାଙ୍କର ଖନ୍ତାପଡ଼ାସ୍ଥିତ ବାସଭବନରୁ ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ଼ପତ୍ର ଏଲ୍ଆଇସି ବଣ୍ଡ, ବ୍ୟାଙ୍କ ପାସ୍ ବୁକ୍, ଜମି କାଗଜପତ୍ର, ଅଳଙ୍କାର ଆଦି ଜବତ କରାଯାଇଥିଲା। ୩ ମହଲା ବିଶିଷ୍ଟ କୋଠା, ପୁରୁଣା ପକ୍କା ଘର, କାର୍ ଓ ମୋଟରସାଇକେଲ ଆଦିକୁ ତଦନ୍ତ ପରିସରଭୁକ୍ତ ☞ପୃଷ୍ଠା–୬

■ ପିପିଲି ଗଣବଳାତ୍କାର ମାମଲାରେ ମହାରଥୀଙ୍କ ବିବାଦୀୟ ବୟାନ

# ମନ୍ତ୍ରୀଙ୍କ ବାସଭବନକୁ ମହିଳା କଂଗ୍ରେସର ଅଣ୍ଡା, ଟମାଟୋ ମାଡ଼

## ଇସ୍ତଫା ନ ଦେଲେ ଆନ୍ଦୋଳନ ଜୋର୍‌ଦାର ହେବ

ଭୁବନେଶ୍ୱର,୨୭।୧୨ (ବ୍ୟୁରୋ)

ବହୁ ଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ବୟାନକୁ ନେଇ ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ତାଙ୍କ ବାସଭବନକୁ ଘେରାଉ କରାଯାଇଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀ ମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡା, ଟମାଟୋ ଓ ଝାଡୁ ମାଡ଼ କରିଥିଲେ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଛକାପଞ୍ଝା ପରେ ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା।

ମନ୍ତ୍ରୀ ମହାରଥୀଙ୍କ ବୟାନକୁ ନେଇ ରାଜନୈତିକ ବାକ୍‌ଯୁଦ୍ଧ ଚାଲିଥିବାବେଳେ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ଏ ଦୃଷ୍ଟିରୁ ଗାନ୍ଧିମାର୍ଗସ୍ଥିତ ମନ୍ତ୍ରୀଙ୍କ ବାସଭବନର ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ଏପରିସ୍ଥଳେ ଗୁରୁବାର ପୂର୍ବାହ୍ନ ୧୧ଟାରେ ମହିଳା କଂଗ୍ରେସ କର୍ମୀମାନେ ମାଡ଼ି ଆସୁଥିବାଦେଖି ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ପୋଲିସକୁ ଚକ୍‌ମା ଦେଇ ବାସଭବନର ନିକଟତର ହେବା ସହ ଲୁଚାଇ ରଖିଥିବା ଟମାଟୋ, ଅଣ୍ଡା ଓ ଝାଡୁ ମାଡ଼ କରିଥିଲେ। ଏନେଇ ମହିଳା କଂଗ୍ରେସ ସଭାନେତ୍ରୀ ଜେନା କହିଛନ୍ତି, ☞ପୃଷ୍ଠା–୬

## ଭୁଲ୍ ବୁଝିଲେ ମହାରଥୀ

■ବିବାଦୀୟ ମନ୍ତବ୍ୟ ପାଇଁ ଦୁଃଖପ୍ରକାଶ କଲେ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲା ରାୟକୁ ସ୍ୱାଗତ କରିବା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ମହଙ୍ଗା ପଡିଛି। ଏହି ବିବାଦୀୟ ବୟାନ ପାଇଁ ମନ୍ତ୍ରୀ ମହାରଥୀ ହଟହଟା ହେବା ସହ ଗୁରୁବାର ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ପିପିଲି ଗଣବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବା ପରେ ସତ୍ୟର ଜୟ ହୋଇଛି ବୋଲି ମହାରଥୀ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ପୀଡିତାଙ୍କ ପରିବାର, ସ୍ଥାନୀୟ ବାସିନ୍ଦା ଏବଂ ବିରୋଧୀ ଦଳଗୁଡିକ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମହାରଥୀଙ୍କ ମନ୍ତବ୍ୟ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଚାରିଆଡୁ ପ୍ରବଳ ଚାପର ସମ୍ମୁଖୀନ ହେବା ପରେ ଶେଷରେ ମହାରଥୀ ନିଜ ଭୁଲ୍ ବୁଝିଛନ୍ତି। ☞ପୃଷ୍ଠା–୬



ଗାନ୍ଧିମାର୍ଗସ୍ଥିତ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବାସଭବନ ସମ୍ମୁଖରେ ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି। ଫାଟକ ଆଗରେ ଫିଙ୍ଗା ଯାଇଥିବା ଟମାଟୋ ଓ ଝାଡୁ (ଇନ୍‌ସେଟ୍)।

## ରାୟ ବିରୋଧରେ ହାଇକୋର୍ଟ ଯିବ କ୍ରାଇମବ୍ରାଞ୍ଚ

କଟକ ଅଫିସ,୨୭।୧୨

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ ତଳ କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟ ଯିବ କ୍ରାଇମବ୍ରାଞ୍ଚ। ଗୁରୁବାର କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇନ୍ତି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ। ଉପାଧ୍ୟାୟ କହିଛନ୍ତି, ଘଟଣାର ତଦନ୍ତ ଠିକ୍ ଭାବରେ କରାଯାଇଥିଲା। ଦୁଇ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ଓ ସୁକାନ୍ତ ପ୍ରଧାନଙ୍କ ବିରୋଧରେ ଆବଶ୍ୟକ ଦଫା ମଧ୍ୟ ଲଗାଯାଇଥିଲା। ସରକାରୀ ଓକିଲ ମଧ୍ୟ କୋର୍ଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ପୀଡ଼ିତାଙ୍କୁ ହତ୍ୟା କରାଯାଇଥିବା ବିଚାରପତି ନିଜ ରାୟରେ ଦର୍ଶାଇଛନ୍ତି। ମାତ୍ର ଏ ସବୁ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ ☞ପୃଷ୍ଠା–୬




■ ଲୋକ ସଭାରେ ଖଣି ରାଷ୍ଟ୍ରମନ୍ତ୍ରୀଙ୍କ ଉତ୍ତର

# ଶେଷ ପର୍ଯ୍ୟାୟରେ ଡିଏମ୍ଏଫ୍ ଅଡିଟ୍

**ନୂଆଦିଲ୍ଲୀ,୨୭।୧୨**

ରାଜ୍ୟଗୁଡ଼ିକ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍ଏଫ)ର ଅଡିଟ୍ ସାରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପରେ ଅନେକ ରାଜ୍ୟ ଏହା ସାରିଛନ୍ତି ଅଥବା ସେମାନଙ୍କ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କେନ୍ଦ୍ର ସରକାର ସଂସଦରେ ପ୍ରକାଶ କରିଛନ୍ତି।

ଲୋକ ସଭାରେ ଆଗତ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଖଣି ରାଷ୍ଟ୍ରମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧୁରୀ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦୧୭-୧୮ ବର୍ଷ ପାଇଁ ଅଡିଟ୍ ସାରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଅଧୀନରେ ଅଡିଟ ସାରିବାକୁ ଚଳିତ ବର୍ଷ ଅକ୍ଟୋବର ୪ରେ ଖଣି ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଥିଲା ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୧୬ରେ ଜାରି ଗାଇଡଲାଇନ ଅନୁଯାୟୀ ପ୍ରତିବର୍ଷ ଡିଏମ୍ଏଫ ଆକାଉଣ୍ଟସକୁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଅଥବା ସରକାରଙ୍କ ଦ୍ୱାରା ସ୍ଥିରିକୃତ ବ୍ୟବସ୍ଥାରେ ଅଡିଟ କରିବାକୁ ପଡିଥାଏ। ଚୌଧୁରୀ କହିଛନ୍ତି ଯେ, ଖଣି ଓ ଖଣିଜ ସମ୍ପଦ ଆଇନ, ୧୯୫୭ର ଧାରା ୯ଖ ଅନୁଯାୟୀ ଖଣି ସଂକ୍ରାନ୍ତୀୟ କାର୍ଯ୍ୟକଳାପ ପାଇଁ ପ୍ରତି ଜିଲାରେ ଏକ ଡିଏମ୍ଏଫ ପ୍ରତିଷ୍ଠା କରାଯିବା ଆବଶ୍ୟକ। ଇତିପୂର୍ବରୁ ସରକାର କହିଥିଲେ ଯେ, ଡିଏମ୍ଏଫର ଅତିକମ୍‌ରେ ୬୦% ପାଣ୍ଠିକୁ ଖଣି ଜନିତ କାର୍ଯ୍ୟକଳାପ ଯୋଗୁ ପ୍ରଭାବିତ ଲୋକଙ୍କ ପାଇଁ ଜଳଯୋଗାଣ ଓ ପ୍ରଦୂଷଣ ନିୟନ୍ତ୍ରଣରେ ବ୍ୟୟ କରିବାକୁ ପଡିଥାଏ। ରାଜ୍ୟଗୁଡ଼ିକରେ ଡିଏମ୍ଏଫର କ୍ରିୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଆରମ୍ଭ କରାଯାଇଛି। ଖଣିଖାଦାନ କାର୍ଯ୍ୟକଳାପ ଯୋଗୁ ପ୍ରଭାବିତ ହେଉଥିବା ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ଏହାର ଉଦ୍ଦେଶ୍ୟ ବୋଲି ସରକାର ସ୍ପଷ୍ଟ କରିସାରିଛନ୍ତି।

## ଗୁଳିକରି ଆର୍‌ଏସ୍‌ପି କର୍ମଚାରୀଙ୍କୁ ହତ୍ୟା

**ରାଉରକେଲା ଅଫିସ,୨୭।୧୨:** ଗୁରୁବାର ସନ୍ଧ୍ୟାରେ ସେକ୍ଟର-୧ ଅଞ୍ଚଳରେ ଗୁଳିକାଣ୍ଡ ଘଟିଛି। ଏଥିରେ ଆର୍‌ଏସ୍‌ପି କର୍ମଚାରୀ ତଥା ଡି/୧୪୮ କ୍ୱାର୍ଟର୍ସ ବାସିନ୍ଦା ନୃସିଂହ ସାହୁ (୫୦)ଙ୍କର ମୃତ୍ୟୁ ହୋଇଛି। ସେକ୍ଟର-୩ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।




■ ବେଆଇନ ଶେଲ୍‌ଟର ହୋମ୍ ମାମଲା

# ୪ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ରାଜ୍ୟରେ ଥିବା ବେଆଇନ ଶେଲ୍‌ଟର ହୋମ୍‌ଗୁଡିକ ବିରୋଧରେ କି ପଦକ୍ଷେପ ନେଇଛ। ଆସନ୍ତା ୪ ସପ୍ତାହ ମଧ୍ୟରେ ଏ ନେଇ ଏକ ଆକ୍ସନ ଟେକେନ ରିପୋର୍ଟ (ଏଟିଆର) ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କମିଶନର ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଢେଙ୍କାନାଳ ଜିଲାରେ ଥିବା ଗୁଡ୍ ନିୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ସହିତ ସେମାନଙ୍କର ଅଧିକାରକୁ ଉଲ୍ଲଂଘନ କରାଯାଉଥିଲା। ଜୁଭେନାଇଲ ଜଷ୍ଟିସ୍ ଆକ୍ଟକୁ ୨୦୧୫ରୁ ଉଲ୍ଲଂଘନ କରି ବେଆଇନ ଭାବେ ଉକ୍ତ ଶେଲ୍‌ଟର ହୋମ୍ ଚାଲୁଥିଲେ ମଧ୍ୟ ଢେଙ୍କାନାଳ ପୋଲିସ ଜାଣିପାରି ନ ଥିବା ସଫେଇ ଦେଉଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ଏହାକୁ ବନ୍ଦ କରିବାକୁ ନୋଟିସ ଦେବା ପରେ ମଧ୍ୟ ତାହା ଚାଲୁ ରହିଥିଲା। କୌଣସି ଅଧିକାରୀ ନିୟମିତ ଭାବେ ଏହାର ଯାଞ୍ଚ କରି ନ ଥିବା ମାମଲାରେ ଦର୍ଶାଯାଇଥିଲା। ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ ଯେ ଏହି ଅନୁଷ୍ଠାନ ପଞ୍ଜୀକୃତ ହୋଇ ନ ଥିବା ବେଳେ ବେଆଇନ ଭାବେ ଚାଲୁଥିଲା। ଦୀର୍ଘ ବର୍ଷ ଧରି ସେହି ବେଆଇନ ଅନୁଷ୍ଠାନ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ମାମଲାକାରୀ ପ୍ରଶ୍ନ ଉଠାଇଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଛାତ୍ରୀ ନିବାସ ଚାଲୁଛି। ତେବେ ଗୁଡ୍ ନିୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ୨୦୧୫ରେ ମୟୂରଭଞ୍ଜ, କଳାହାଣ୍ଡି, ଦେବଗଡ ଏବଂ ବାଲେଶ୍ୱରରେ ଥିବା ଶେଲଟର ହୋମ୍‌ଗୁଡିକର ପଞ୍ଜୀକରଣ ପାଇଁ ଆବେଦନ କରିଥିଲା। ତେବେ ସେଗୁଡିକୁ ଚଳାଇବାକୁ ଅନୁମତି ଦେବାକୁ ବାରଣ କରାଯାଇଥିଲା। ଏଥିସହିତ ସେହି ଅନୁଷ୍ଠାନ ପିଲାମାନଙ୍କୁ ବେଆଇନ ଭାବେ ଧର୍ମ ପରିବର୍ତ୍ତନ କରିବା ସହିତ ଶିଶୁ ଅଧିକାରକୁ ଉଲ୍ଲଂଘନ କରୁଥିଲା। ଏନ୍ଏଚ୍ଆରସି ଟିମ୍ ସମୁଦାୟ ଘଟଣାର ତଦନ୍ତ କରିବାକୁ ଅନୁରୋଧ କରାଯାଇଛି।

# 'ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ସମସ୍ତଙ୍କ ପ୍ରୟାସ ହେଉ'




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ଶିଶୁବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମରେ ପୋଷ୍ଟାଲ କଭର ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ବିଜ୍ଞାନର ପ୍ରଗତି ଦ୍ୱାରା ହିଁ ରାଷ୍ଟ୍ରର ପ୍ରଗତି ସମ୍ଭବ। ବିଜ୍ଞାନ, ବୈଷୟିକ ବିଦ୍ୟା ଏବଂ ଉଦ୍ଭାବନ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ରାଷ୍ଟ୍ର ଗଠନ କରିବାରେ ଉପଯୋଗ ହେବା ଉଚିତ। ସ୍ୱାସ୍ଥ୍ୟ ଓ ପରିବେଶ ବର୍ତ୍ତମାନ ସମୟର ମୁଖ୍ୟ ପ୍ରସଙ୍ଗ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରରେ ଦ୍ୱିତୀୟଥର ପାଇଁ ଆୟୋଜିତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ସେ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବପିଢିଙ୍କୁ ଗବେଷଣାମନସ୍କ କରିବା ସମସ୍ତଙ୍କର ମିଳିତ ଦାୟିତ୍ୱ ହେବା ଉଚିତ। ଭୁବନେଶ୍ୱର ପୂର୍ବ-ଭାରତର ଶିକ୍ଷାକ୍ଷେତ୍ରର ପ୍ରାଣକେନ୍ଦ୍ର ଭାବେ ଉଭା ହୋଇଛି। ଆଇଆଇଟି, ଏମ୍ସ, ନାଇଜର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ଭଳି ଅନୁଷ୍ଠାନ ଏହାର ଗୁରୁତ୍ୱ ବଢାଇଛି। ଏହି ସହରର ଗୌରବମୟ ଐତିହ୍ୟ ରହିଛି। ଜୀବନ ଧାରଣ ମାନର ଗୁଣାତ୍ମକ ଉନ୍ନତି କରିବାରେ ବୈଷୟିକ ବିଦ୍ୟା ବିଶେଷ ଭୂମିକା ଗ୍ରହଣ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବିକଶିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ରାଜ୍ୟ ସରକାର ସାଇନ୍ସ ପାର୍କ ଏବଂ ସାଇନ୍ସ ପ୍ଲାନେଟାରିୟମ ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସରେ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ୧୦ଟି ଏସିଆ, ୫ଟି ଗଲ୍‌ଫ ରାଷ୍ଟ୍ରରୁ ୮୦୦ ଶିଶୁ ବୈଜ୍ଞାନିକ, ୪୦୦ ବୈଜ୍ଞାନିକ, ଇଭାଲ୍ୟୁଟର, ମେଣ୍ଟର ଏବଂ ଅଭିଭାବକ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଏକ ପୋଷ୍ଟାଲ କଭର ମଧ୍ୟ ଉନ୍ମୋଚନ କରିଛନ୍ତି।



ଯେତେବେଳେ ଦେଖାଯାଏ ଯେ, ଆଉ କିଛି କରିବାର ନାହିଁ- ଅଛି କେବଳ ଧ୍ୱଂସ ଆଉ ବିନଷ୍ଟି- ସେତେବେଳେ ବି ଜଣେ ପରମ ଦିଶାରୀ ଅକସ୍ମାତ୍ ଆମ ସମ୍ମୁଖରେ ଉଭା ହୋଇଯାନ୍ତି ଓ ଆମ ହାତଧରି ତାଙ୍କ ସହିତ ନେଇଚାଲନ୍ତି। -ଶ୍ରୀଅରବିନ୍ଦ

# ଅଚଳ ନୀତି

କେନ୍ଦ୍ର ସରକାର ଇ-ବାଣିଜ୍ୟର ନୀତିନିୟମକୁ କଡ଼ାକଡ଼ି କରି ବେପାରୀମାନଙ୍କ ପାଇଁ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ନୂଆ ନିୟମ ଅନୁସାରେ ୨୦୧୯ ଫେବୃୟାରୀ ମାସରୁ କୌଣସି ବିକ୍ରେତାଙ୍କୁ ତାଙ୍କ କମ୍ପାନୀର ୨୫ ପ୍ରତିଶତରୁ ଅଧିକ ଉତ୍ପାଦ ଏକକ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିକ୍ରି କରିବାକୁ ଦିଆଯାଇପାରିବ ନାହିଁ। ଏହି ନୂଆ ନିୟମ ମଧ୍ୟ ଆମାଜନ ଓ ଫ୍ଲିପ୍‌କାର୍ଟ ପରି ଇ-ବାଣିଜ୍ୟ ପ୍ଲାଟ୍‌ଫର୍ମଗୁଡ଼ିକୁ ସେହି କମ୍ପାନୀଗୁଡ଼ିକର ଉତ୍ପାଦ ବିକ୍ରି କରିବା ଲାଗି ବାରଣ କରୁଛି, ଯେଉଁଥିରେ ସେମାନଙ୍କର ଅଂଶଧନ ରହିଛି। ପୁନଶ୍ଚ ଏହି ନିୟମ ଉତ୍ପାଦ ମୂଲ୍ୟକୁ ପ୍ରଭାବିତ କରିବା ଭଳି ସ୍ୱତନ୍ତ୍ର ବିକ୍ରି ବ୍ୟବସ୍ଥାକୁ ବାରଣ କରୁଛି। ଏହି ନିୟମାବଳୀ ସବୁ ପ୍ରକାର କମ୍ପାନୀ, ବିଶେଷତଃ ସ୍ୱଦେଶୀ କମ୍ପାନୀ ପାଇଁ ଅନ୍‌ଲାଇନ ବଜାରରେ ଏକ ପ୍ରକାର ଖେଳ ଖେଳିବାର ସୁଯୋଗ ସୃଷ୍ଟି କରୁଥିବା ବେଳେ ଇ-ବାଣିଜ୍ୟ ପ୍ଲାଟ୍‌ଫର୍ମଗୁଡ଼ିକୁ ବିଶେଷ ରିହାତି (ଡିପ୍ ଡିସ୍କାଉଣ୍ଟ) ଦେବାକୁ ବାରଣ କରୁଛି, ଯାହା ସେମାନଙ୍କର ବିକ୍ରି କରିବାର ଏକ ସ୍ୱତନ୍ତ୍ର କୌଶଳ।

ୱାଲ୍‌ମାର୍ଟ ଓ ଫ୍ଲିପ୍‌କାର୍ଟର ମିଶ୍ରଣ ଯୋଗୁ ବିଦେଶୀ କମ୍ପାନୀର ଏକଚାଟିଆ କାରବାରକୁ ପ୍ରୋତ୍ସାହନ ମିଳିବ ବୋଲି ଯୁକ୍ତି ବାଢ଼ି ଆସୁଥିବା ସିଏଆଇଟି ପରି ବାଣିଜ୍ୟିକ ସଂଗଠନଗୁଡ଼ିକ ଏ ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହା ଭିତରେ ରହିଥିବା ପ୍ରଶ୍ନଗୁଡ଼ିକ ହେଉଛି: ଏ ନୂଆ ନିୟମଗୁଡ଼ିକ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କର ଆନ୍ତରିକତା ରହିଛି କି? ବିକ୍ରେତାମାନେ ଏ ନିୟମଗୁଡ଼ିକୁ ଯେପରି ନ ଭାଙ୍ଗିବେ ସେଥିପାଇଁ କି ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇପାରିବ? ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଲାଗୁ କରିବାର ଅନୁଭୂତିରୁ ଏହା ସ୍ପଷ୍ଟ ହେଉଛି, ଯଦିଚ ଏହା ସିଧାସଳଖ ଇ-ବାଣିଜ୍ୟ ସହ ସମ୍ବନ୍ଧିତ ନୁହେଁ।

ନିକଟରେ ନ୍ୟାଶ୍‌ନାଲ ଆଣ୍ଟି-ପ୍ରଫିଟିୟରିଂ ଅଥରିଟି (ଏନ୍‌ଏଏ) ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ୍) ଉପରେ ୩୮୩ କୋଟି ଟଙ୍କାର ଜରିମାନା କରିଛି, କାରଣ କମ୍ପାନୀ ଗତ ନଭେମ୍ବର ମାସରେ ଚକୋଲେଟ୍, ଟୁଥ୍‌ପେଷ୍ଟ, ଶାମ୍ପୁ, ୱାଶିଂ ପାଉଡର ଓ ଶେଭିଂ କ୍ରିମ୍ ପରି ୨୦୦ ଉତ୍ପାଦ ବିକ୍ରି ଉପରେ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ଜିଏସ୍‌ଟି ହ୍ରାସର ଲାଭ ଗ୍ରାହକମାନଙ୍କୁ ନ ଦେଇ ପ୍ରାୟ ୪୫୫.୧୯ କୋଟି ଟଙ୍କା ଅନୈତିକ ଭାବେ ଲାଭ କରିଛି।

## ଆଜିର ଅର୍ଥନୀତି

କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, କମ୍ପାନୀ ଚଳିତବର୍ଷ ସ୍ୱେଚ୍ଛାକୃତ ଭାବେ ଘୋଷଣା କରିଥିବା ଲାଭର ପରିମାଣ ହେଉଛି ୧୬୦ କୋଟି ଟଙ୍କା, ଯାହା ଆଣ୍ଟି-ପ୍ରଫିଟିୟରିଂ ମହାନିର୍ଦ୍ଦେଶକ (ଡିଜିଏପି) ଚଳିତବର୍ଷ ଆକଳନ କରିଥିବା ପରିମାଣ ତଥା ଉପଲବ୍ଧ ତଥ୍ୟରୁ ଯଥେଷ୍ଟ କମ୍। ଜିଏସ୍‌ଟି ନିୟମ ଅନୁସାରେ କମ୍ପାନୀଗୁଡ଼ିକ ଲାଭ କରିଥିବା ପରିମାଣର ୫୦ ପ୍ରତିଶତ ସମ୍ପୃକ୍ତ ରାଜ୍ୟଗୁଡ଼ିକର କେନ୍ଦ୍ରୀୟ ଖାଉଟି କଲ୍ୟାଣ ପାଣ୍ଠି (ସିଡବ୍ଲ୍ୟୁଏଫ୍)ରେ ଜମା କରିବା ଉଚିତ, ଯେଉଁ ରାଜ୍ୟରେ କମ୍ପାନୀ ତା'ର ଉତ୍ପାଦଗୁଡ଼ିକୁ ବିକ୍ରି କରିଛି। ଆଣ୍ଟି-ପ୍ରଫିଟିୟରିଂ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଏଚ୍‌ୟୁଏଲ୍ ଯେତିକି ଲାଭ କରିଛି ସେତିକି ପରିମାଣ ଘୋଷଣା କରିନାହିଁ। ତେବେ ଏନ୍‌ଏଏ ଏଚ୍‌ୟୁଏଲ୍ ଉପରେ ଯେଉଁ ଜରିମାନା କରିଛି, ତାହା ବିରୋଧରେ କମ୍ପାନୀ କୋର୍ଟରେ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଏହା ଯୁକ୍ତି ଦର୍ଶାଇଛି ଯେ, ଏନ୍‌ଏଏ ଆଇନର ସଂକୀର୍ଣ୍ଣ ବ୍ୟାଖ୍ୟା କରିବା ସହ ଏହା ଶିଳ୍ପ ଜଗତରେ ପ୍ରଚଳିତ ଆଇନଗତ ପରମ୍ପରାକୁ ବିଚାରକୁ ନେଇନାହିଁ। ଏଚ୍‌ୟୁଏଲ୍ ମଧ୍ୟ କହିଛି ଯେ, କମ୍ପାନୀ ଖାଉଟିମାନଙ୍କୁ ଜିଏସ୍‌ଟି ହ୍ରାସର ଲାଭ ଦେଇଛି କି ନାହିଁ ତାହା ସ୍ଥିର କରିବାକୁ ଏନ୍‌ଏଏ ଆଇନ ଅନୁଯାୟୀ କୌଣସି ବିଧିବଦ୍ଧ ପଦ୍ଧତି ଧାର୍ଯ୍ୟ କରିନାହିଁ। ତେଣୁ ଏନ୍‌ଏଏ ଯେଉଁ ଜରିମାନା କରିଛି, ତାହା ଅନ୍ୟାୟ ବୋଲି ଅଭିଯୋଗ କରି ଏଚ୍‌ୟୁଏଲ୍ ଏହା ବିରୋଧରେ ଆଇନଗତ ପଦକ୍ଷେପ ନେବା ଲାଗି ସ୍ଥିର କରିଛି। ଏଚ୍‌ୟୁଏଲ୍ ପରି ଅନେକ ପ୍ରକାର ଖାଉଟି ସାମଗ୍ରୀ ଉତ୍ପାଦନ ଓ ବିକ୍ରି କରୁଥିବା କମ୍ପାନୀମାନେ ଏପରି ମାମଲା କୋର୍ଟକୁ ନେବା ଲାଗି ଆବଶ୍ୟକ ଖର୍ଚ୍ଚ ବହନ କରିବାକୁ ସମର୍ଥ। ଏପରି କି ସେମାନେ ନିଜେ ଭୁଲ୍ କରିଥିଲେ ବି ସରକାରଙ୍କ ଆଇନର ଗଳାବାଟ ଖୋଜି ସହଜରେ ଖସିଯାଇପାରିବେ। ଯଦି ସରକାରଙ୍କ ଆଇନ କାହାକୁ ପ୍ରଭାବିତ କରେ ଓ ଭୁଲ୍ ପାଇଁ ଦଣ୍ଡିତ କରେ, ତେବେ ସେମାନେ ହେଉଛନ୍ତି ଛୋଟ ଛୋଟ ବ୍ୟବସାୟୀ। ସରକାରଙ୍କ ଜିଏସ୍‌ଟି ଏମ୍‌ଏସ୍‌ଏମ୍‌ଇ (ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ) କ୍ଷେତ୍ର ପାଇଁ କେବଳ କାର୍ଯ୍ୟକାରୀ ହୋଇପାରିବ। ଇ-ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ଥାଇପାରେ, କିନ୍ତୁ ନିୟମର କାର୍ଯ୍ୟକାରିତା ସରକାରଙ୍କ ବିଧିବଦ୍ଧ ରକ୍ଷାକବଚ ଉପରେ ନିର୍ଭର କରୁଛି। ସରକାର ଅତି ସହଜ ଭାବରେ ନୂଆ ନିୟମର କାର୍ଯ୍ୟକାରିତାକୁ ୨୦୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏହାର ଅର୍ଥ ହେଉଛି ସରକାର ଇ-ବାଣିଜ୍ୟ କମ୍ପାନୀଗୁଡ଼ିକର ପୂର୍ବର ସମସ୍ତ ଭୁଲ୍‌କୁ କ୍ଷମା କରିଦେବାକୁ ଚାହୁଁଛନ୍ତି, ଯାହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ପୂର୍ବ ମାମଲାଗୁଡ଼ିକର ତଦନ୍ତ କରିବା ପାଇଁ ବର୍ତ୍ତମାନ ଅନେକ ବର୍ଷ ଲାଗିଯିବ। ଯଦି ତାହା ହୁଏ, ତେବେ ସରକାର ବିକାଶଶୀଳ ବାଣିଜ୍ୟିକ କାରବାର ପ୍ରତି ବିରାଟ କ୍ଷତି କରିବାକୁ ଯାଉଛନ୍ତି, ଯେଉଁ କ୍ଷେତ୍ରରେ ଅନେକ କର୍ମନିଯୁକ୍ତି ସୃଷ୍ଟି ହେବା ସହ ଯାହା ଦେଶରେ ତୃତୀୟ ଶିଳ୍ପ ବିପ୍ଳବ ଆନୟନରେ ସାହାଯ୍ୟ କରିଥାନ୍ତା।

# ବ୍ରିଟେନ ମୁଦ୍ରାରେ ଭାରତୀୟ ରାଜକୁମାରୀ



ପ୍ରକାଶ ତ୍ରିପାଠୀ

ଇତିହାସରେ ଏପରି ଅନେକ ଯୋଦ୍ଧା ଅଛନ୍ତି, ଯେଉଁମାନଙ୍କ ବୀରୋଚିତ ପରାକାଷ୍ଠା ଓ ଉତ୍କର୍ଷ ସେବା ଅଲକ୍ଷିତ ଏବଂ ଅବିଦିତ ହୋଇ ରହିଯାଇଛି। ନା ସେମାନଙ୍କ ସମ୍ପର୍କରେ କେବେ ଆଲୋଚନ ହୁଏ ନା ସେମାନଙ୍କ ବୀରଗାଥାକୁ କେଉଁଠି ସ୍ମରଣ କରାଯାଏ। ଅବଶ୍ୟ କିଛି ଗବେଷକ ବା ଇତିହାସକାର ସେମାନଙ୍କ ସନ୍ଦର୍ଭ ମାଧ୍ୟମରେ ଦେଶମାତୃକାର ସେହି ସୁଯୋଗ୍ୟ ସନ୍ତାନମାନଙ୍କୁ ଚର୍ଚ୍ଚାର ପରିଧି ମଧ୍ୟକୁ ଆଣିବାକୁ ସକ୍ଷମ ହୋଇପାରିଛନ୍ତି। ଏହି ଗବେଷକମାନଙ୍କ ମଧ୍ୟରେ ଭାରତର ଶ୍ରାବଣୀ ବସୁ ଜଣେ ଏପରି ଇତିହାସକାର, ଯିଏକି ଜଣେ ଭାରତ ଜନ୍ମିତ ତଥା ଭାରତର ଏକ ବିଖ୍ୟାତ ରାଜବଂଶର ବୀରାଙ୍ଗନା ଦାୟାଦ ପ୍ରାକ୍‌ସ୍ୱାଧୀନତା ସମୟରେ ତତ୍କାଳୀନ ବ୍ରିଟେନ ସରକାରଙ୍କ ପାଇଁ କିପରି ବୀରତ୍ୱର ସହ ଆତ୍ମୋତ୍ସର୍ଗ କରିଥିଲେ, ତା'ର ସୁବିସ୍ତୃତ ତଥ୍ୟ ଲୋକଲୋଚନକୁ ଆଣିବାକୁ କେତେକାଂଶରେ ସଫଳ ହୋଇଛନ୍ତି।

ଅହିଂସା ଓ ଧର୍ମୀୟ ସହିଷ୍ଣୁତାକୁ ଜୀବନର ମହାମନ୍ତ୍ର ମାନିଥିବା ସେହି ବୀରାଙ୍ଗନା ହେଉଛନ୍ତି ମହୀଶୂର ସମ୍ରାଟ, ଦୁର୍ଦ୍ଧର୍ଷ ଯୋଦ୍ଧା ତଥା ଇଂରେଜମାନଙ୍କ ନିଦ ହଜାଇ ଦେଇଥିବା ଟିପୁ ସୁଲତାନଙ୍କ ପଣନାତି ଇନାୟତ ଖାଁଙ୍କ କନ୍ୟା ନୁର ଇନାୟତ ଖାଁ। ବଡ଼ୋଦରା ନିବାସୀ ଇନାୟତ ଖାଁ ଜଣେ ଉଚ୍ଚକୋଟୀର ସଙ୍ଗୀତଜ୍ଞ, ଗୀତିକାର, ଲେଖକ ତଥା ସୁଫିବାଦର ପ୍ରଚାରକ ଭାବେ ପ୍ରାକ୍‌ସ୍ୱାଧୀନତା କାଳରେ ବେଶ୍ ପରିଚିତ ଥିଲେ। ସୁଫିବାଦର ପ୍ରଚାର ପାଇଁ ପଶ୍ଚିମ ରାଷ୍ଟ୍ରସମୂହ ଗସ୍ତରେ ଥିବାବେଳେ ଔରା ବେକର ନାମ୍ନୀ ଜଣେ ଆମେରିକୀୟ ମହିଳାଙ୍କୁ ବିବାହ କରିଥିଲେ ଓ ସେମାନଙ୍କ ଔରସରୁ ୧୯୧୪ ଜାନୁୟାରୀ ୧ ତାରିଖରେ ନୁର ଇନାୟତଙ୍କ ଜନ୍ମ ହୋଇଥିଲା। ନୁର ଇନାୟତଙ୍କ ବାଲ୍ୟଜୀବନ ପ୍ୟାରିସରେ କଟିଥିଲା, ଯେଉଁଠାରେ କି ସେ ଫ୍ରାନ୍ସ ଭାଷାରେ ଶିକ୍ଷାଲାଭ କରିଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସେମାନେ ଇଂଲଣ୍ଡ ଚାଲିଯାଇ ସେଠାରେ ଅବସ୍ଥାନ କରିଥିଲେ। କୌଣସି ଏକ ଜରୁରୀ କାମରେ ଇନାୟତ ଖାଁ ଭାରତ ଆସିଥିବା ବେଳେ ତାଙ୍କର ଅକସ୍ମାତ୍ ମୃତ୍ୟୁ ହୋଇଥିଲା। ଫଳରେ କନ୍ୟା ନୁର ଇନାୟତଙ୍କ ଉପରେ ପରିବାର ପ୍ରତିପୋଷଣର ସମ୍ପୂର୍ଣ୍ଣ ଭାର ପଡିଥିଲା। ନିଜର କିଛି ବନ୍ଧୁଙ୍କ ସହ ସ୍ୱୟଂସେବିକା ଭାବେ ଯୁଦ୍ଧପ୍ରପୀଡ଼ିତ ଜନତା ତଥା ସୈନିକମାନଙ୍କ ସେବାରୁ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୁଏ। ସେତେବେଳକୁ ତାଙ୍କୁ ମାତ୍ର ୨୫ ବର୍ଷ। ଏହା ପରେ ପରେ ତାଙ୍କର ଇଂଲିଶ ଓ ଫ୍ରେଞ୍ଚ ଭାଷାରେ ଅସାଧାରଣ ଦକ୍ଷତା ଯୋଗୁ ବ୍ରିଟେନ୍‌ର ଅତି ଶକ୍ତିଶାଳୀ ସ୍ପେସିଆଲ ଅପରେଶନ ଏକ୍‌ଜିକ୍ୟୁଟିଭ୍‌ରେ ନିଯୁକ୍ତି ପାଆନ୍ତି। ବିଶ୍ୱର ପ୍ରଥମ ମହିଳା ଓ୍ୟାରଲେସ ରେଡିଓ ଅପରେଟର ଭାବେ ତାଙ୍କୁ ପ୍ୟାରିସ୍ ପଠାଇ ଦିଆଯାଏ। ପ୍ରକାଶଯୋଗ୍ୟ ଯେ, ସ୍ପେସିଆଲ ଅପରେଶନ ଏକ୍‌ଜିକ୍ୟୁଟିଭ ବ୍ରିଟେନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଗୁପ୍ତଚର ସଂସ୍ଥା ଓ ନାଜି ଅଧିକୃତ ଫ୍ରାନ୍ସ ଇଲାକାରେ ଗୋଇନ୍ଦାଗିରି କରିବା ପାଇଁ ନୁର ଇନାୟତଙ୍କୁ ସେଠାକୁ ରେଡିଓ ଅପରେଟର ଭାବେ ପ୍ରେରଣ କରାଯାଇଥିଲା। ଯେକୌଣସି ସମୟରେ ଜୀବନ ଚାଲିଯିବାର ଆଶଙ୍କା ଥିବା ସତ୍ତ୍ୱେ ପ୍ରଥମ ମହିଳା ଭାବେ ନୁର ଏପରି ଏକ ଦୁଃସାହସିକ ସେବାରେ ନିଜକୁ ନିୟୋଜିତ କରିଥିଲେ। ବିଭିନ୍ନ ହିଂସାକାଣ୍ଡ ଘଟାଇ ଜର୍ମାନୀକୁ କମ୍‌ଜୋର କରିବା ତଥା କୋଡ୍‌ୱାର୍ଡ ମାଧ୍ୟମରେ ବ୍ରିଟେନ ସେନାକୁ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ତଥ୍ୟ ଯୋଗାଇବା ନୁର ଇନାୟତଙ୍କ ମୁଖ୍ୟ କାର୍ଯ୍ୟ ଥିଲା। ମୂଳ ଭାରତୀୟ ତଥା ମୁସ୍‌ଲିମ ହୋଇଥିବା ସତ୍ତ୍ୱେ ସେ ନିଜ କାର୍ଯ୍ୟଶୈଳୀ ଓ ବିଶ୍ୱସନୀୟତାରେ ଜଣେ ସଚ୍ଚା ବ୍ରିଟେନ୍‌ବାସୀର ପରିଚୟ ଦେବା ସହ ଗୋଇନ୍ଦାଗିରିରେ ବ୍ରିଟେନ ଓ ଫ୍ରାନ୍ସକୁ ଖୁବ୍ ସହାୟକ ହୋଇପାରୁଥିଲେ। ଏଥିପାଇଁ ଅନ୍ୟ ସହକର୍ମୀମାନେ ତାଙ୍କୁ ଈର୍ଷା କରୁଥିଲେ। ଏପରି କି ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ଅନେକ ଷଡ଼ଯନ୍ତ୍ର ହୋଇଥିଲେ ବି ଅସାଧାରଣ ଦକ୍ଷତା ଓ କର୍ମନିଷ୍ଠା ଯୋଗୁ ତାଙ୍କର କେହି କିଛି କରିପାରି ନ ଥିଲେ।

ନାଜି-ଅଧିକୃତ ଫ୍ରାନ୍ସରେ କାର୍ଯ୍ୟ ଆରମ୍ଭ କରିବା ପରେ ନିରାପତ୍ତା ଦୃଷ୍ଟିରୁ ନୁର ଇନାୟତଙ୍କ ନାମକୁ ମେରି ରୋନିଅର ଭାବେ ପରିବର୍ତ୍ତିତ କରାଯାଇଥିଲା ଓ ସେ ନିଜକୁ ଶିଶୁମାନଙ୍କ ନର୍ସ ଭାବେ ପରିଚିତ କରାଇଥିଲେ। ତାଙ୍କର କୋଡ୍‌ନାମ ମେଡଲିନ୍ ରଖାଯାଇଥିଲା। କିଛିଦିନ ପରେ ବ୍ରିଟେନ୍‌ର ସ୍ପେସିଆଲ ଅପରେଶନ ଏକ୍‌ଜିକ୍ୟୁଟିଭ୍‌ର ଅନେକ ଗୁପ୍ତଚର ଧରାପଡିଯିବା ପରେ ନୁର୍‌ଙ୍କୁ ବ୍ରିଟେନ ଫେରିଆସିବାକୁ ପ୍ରସ୍ତାବ ଦିଆଯାଇଥିଲେ ହେଁ ସେ ନ ଫେରି ଗୁପ୍ତଚର କାର୍ଯ୍ୟକ୍ରମକୁ ପୁନର୍ବାର ସକ୍ରିୟ କରିବା ପାଇଁ ଫ୍ରାନ୍ସରେ ରହିଯାଇଥିଲେ। ସେ ଏକୁଟିଆ ଛଅଟି ଟ୍ରାନ୍ସମିଶନ ସେଣ୍ଟରରେ ରେଡିଓ ଅପରେଟର ଭାବେ କର୍ତ୍ତବ୍ୟ ସମ୍ପାଦନ କରି ନିଜର ସାହସିକତା ଓ ଅପୂର୍ବ ଦକ୍ଷତାର ପରିଚୟ ଦେଇଥିଲେ ଏବଂ ବ୍ରିଟିଶ ସେନା ପାଇଁ ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ପରିଚୟ ଗୋପନ ରଖିବା ପାଇଁ ସେ ବାରମ୍ବାର ନିଜର ବାସସ୍ଥାନ ବଦଳାଇବା ସହ ନିଜ ପୋଷାକ ଓ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ। ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ସାମ୍ନା କରିବାର ସମ୍ଭାବନା ଥିବା ସତ୍ତ୍ୱେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବ୍ରିଟିଶ ସେନାକୁ ଜଣାଉଥିଲେ। ପ୍ରତିଥର ନିଜ ଓ୍ୟାରଲେସ ସେଟ୍‌କୁ ଏକ ଆଟାଚି ଭିତରେ ରଖି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଅତି ଚତୁରତାର ସହ ଓ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଥିଲେ।

ଭାରତରେ ବ୍ରିଟିଶ ଉପନିବେଶବାଦକୁ ସେ ଘୃଣା କରୁଥିଲେ ବି ନାଜିବାଦ ଓ ଏକଛତ୍ରବାଦକୁ ଅଧିକ ଘୃଣା କରୁଥିଲେ। ଭାରତରେ ଅହିଂସା ଭିତ୍ତିରେ ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କ ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରୁଥିଲେ ବି ଫାଶିବାଦ ଓ ଏକଛତ୍ରବାଦର ବିଲୋପ ପାଇଁ ସେ ବ୍ରିଟେନ ସପକ୍ଷରେ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସେନା ପାଇଁ ନୁର ଇନାୟତଙ୍କ ଭୂମିକା ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ବିଶେଷକରି ବ୍ରିଟିଶ ବାୟୁସେନାକୁ ଏହା ଅଧିକ ସଫଳତା ପ୍ରଦାନ କରିଥିଲା। ନୁରଙ୍କ ଗୁପ୍ତଚର କାର୍ଯ୍ୟ ଆଉ ବେଶିଦିନ ଶତ୍ରୁପକ୍ଷ ନଜରରୁ ବର୍ତ୍ତିପାରି ନ ଥିଲା। ଯେଉଁଦିନ ତାଙ୍କର ଲଣ୍ଡନ ଫେରିଯିବାର ଥିଲା, ତା'ର ଠିକ୍ ପୂର୍ବଦିନ ସନ୍ଧ୍ୟାରେ ତାଙ୍କୁ ନାଜି ସୈନ୍ୟମାନେ ଗିରଫ କରିଥିଲେ। ମାତ୍ର ନୁର ଇନାୟତ ଚତୁରତାର ସହ ଜେଲରୁ ଖସିଆସିଥିଲେ ହେଁ ତା'ପରଦିନ ପୁନର୍ବାର ଧରାପଡି ଯାଇଥିଲେ। ଶୁଣାଯାଏ କିଛି ସହକର୍ମୀଙ୍କ ବିଶ୍ୱାସଘାତକତା ପାଇଁ ସେ ନାଜି ସୈନ୍ୟଙ୍କ ହାବୁଡ଼ରେ ପଡିଯାଇଥିଲେ। ସେ ଯାହାହେଉ, ଗିରଫ ପରେ ତାଙ୍କୁ ନାଜି ଶିବିରର ଏକ ସ୍ୱତନ୍ତ୍ର ଜେଲରେ ରଖାଯାଇ ଅନେକ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଇଥିଲା ଏବଂ ଶେଷରେ ୧୯୪୪ ସେପ୍ଟେମ୍ବର ୧୨ ତାରିଖରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ସେତେବେଳକୁ ନୁର ଇନାୟତଙ୍କୁ ମାତ୍ର ୩୦ ବର୍ଷ ବୟସ ହୋଇଥିଲା। ନୁର ଇନାୟତଙ୍କ ବାହାଦୁରି, ଦୁଃସାହସ, କର୍ତ୍ତବ୍ୟପରାୟଣତା ଓ ଉଲ୍ଲେଖନୀୟ ସେବା ପାଇଁ ଇଂଲଣ୍ଡ ପକ୍ଷରୁ 'ଜର୍ଜ କ୍ରସ୍' ଉପାଧି ଓ ଫ୍ରାନ୍ସ ପକ୍ଷରୁ 'କ୍ରସ୍ ଡି ଗୁରେ' ସମ୍ମାନରେ ସମ୍ମାନିତ କରାଯାଇଛି। ନୁର ଇନାୟତଙ୍କ ପ୍ରତିମୂର୍ତ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଐତିହାସିକ ଜର୍ଜ ସ୍କୋୟାର ଗାର୍ଡେନରେ ପ୍ରତିଷ୍ଠା କରାଯାଇଛି।

ବିଶ୍ୱ ଇତିହାସରେ ଜଣେ ଶ୍ରେଷ୍ଠ ମହିଳା ଗୁପ୍ତଚର ଭାବେ ପରିଚିତ ତଥା ଭାରତ ଜନ୍ମିତ ସାହସୀ ସୁନ୍ଦରୀ ଲଳନା ନୁର ଇନାୟତଙ୍କ ଉଲ୍ଲେଖନୀୟ ଅବଦାନକୁ ଅଧିକ ସ୍ମରଣୀୟ କରିବା ପାଇଁ ବ୍ରିଟେନରେ ସର୍ବାଧିକ ବ୍ୟବହୃତ ୫୦ ପାଉଣ୍ଡ ନୋଟ୍‌ରେ ତାଙ୍କର ଛବିକୁ ସ୍ଥାନିତ କରାଯିବା ପାଇଁ ସେଠାକାର ସରକାରଙ୍କ ପ୍ରସ୍ତାବ ରହିଛି। ସମ୍ପ୍ରତି ନ୍ୟୁୟର୍କ ଟାଇମ୍‌ସରେ ଏ ସମ୍ପର୍କିତ ଏକ ଖବର ପ୍ରକାଶ ପାଇବା ପରେ ଏହି ଭାରତୀୟ ରାଜକୁମାରୀଙ୍କ ବିରତ୍ୱପୂର୍ଣ୍ଣ କାହାଣୀ ଅନ୍ତର୍ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଜଣେ ଶିଶୁ ଲେଖକ, ସଙ୍ଗୀତଜ୍ଞ ତଥା ଭାରତୀୟ ଭାଷାର 'ଜାତକ କଥା'କୁ ଫ୍ରେଞ୍ଚ ଭାଷାରେ ଅନୁବାଦ କରି ପ୍ରସିଦ୍ଧି ଲାଭ କରିଥିବା ନୁର ଇନାୟତ କିପରି ଗୋଟିଏ ଦେଶର ସୁରକ୍ଷା ପାଇଁ ଏକ ବିପଦପୂର୍ଣ୍ଣ ଗୁପ୍ତଚର କାର୍ଯ୍ୟରେ ନିଜ ଜୀବନକୁ ବାଜି ଲଗାଇପାରନ୍ତି, ତାହାକୁ ଅତି ପ୍ରାଞ୍ଜଳ ଭାବେ ନିଜ ପୁସ୍ତକ 'ସ୍ପାଏ ପ୍ରିନ୍‌ସେସ୍- ଦ ଲାଇଫ୍ ଅଫ୍ ନୁର ଇନାୟତ ଖାଁ'ରେ ସ୍ଥାନିତ କରିଛନ୍ତି ଗବେଷକ ଶ୍ରାବଣୀ ବସୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ରାୟ ଅଢ଼େଇ ନିୟୁତ ଭାରତୀୟ ସୈନ୍ୟ ବ୍ରିଟେନ ସପକ୍ଷରେ ଲଢ଼େଇ କରିଥିଲେ ହେଁ ନୁର ଇନାୟତଙ୍କ ଲଢ଼େଇ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଥିଲା। ୨୦୨୦ ମସିହାରେ ୫୦ ପାଉଣ୍ଡରେ ନୁର ଇନାୟତଙ୍କ ଛବି ସ୍ଥାନିତ ହେବା ପରେ କେବଳ ବ୍ରିଟେନ ନୁହେଁ, ଭାରତ ମଧ୍ୟ ନିଜକୁ ଗୌରବାନ୍ୱିତ ମନେକରିବ। ନୁର ଇନାୟତଙ୍କ ବୀରତ୍ୱର କାହାଣୀ ଯୁଗ ଯୁଗ ପାଇଁ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଉଥିବ, ଏଥିରେ ସନ୍ଦେହ ନାହିଁ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail. com

# ଶହୀଦ ମାଧୋ ସିଂହଙ୍କ ବଳିଦାନ



ଅଶୋକ କୁମାର ପୂଜାହାରୀ

୧୮୫୭ ଖ୍ରୀ. ସ୍ୱାଧୀନତା ସଂଗ୍ରାମର ଇତିହାସରେ ମଧ୍ୟଭାରତରେ ଯେତେସବୁ ସଂଘର୍ଷ ହୋଇଛି ସେ ସବୁଠାରୁ ଘେଁସ ଜମିଦାର ମାଧୋ ସିଂହ ଓ ତାଙ୍କ ପରିବାରର ସଂଘର୍ଷ ଏବଂ ବଳିଦାନ ଅନନ୍ୟ ଓ ରୋମାଞ୍ଚକର।

ମରହଟ୍ଟାମାନଙ୍କ ଓଡ଼ିଶା ଅଧିକାର ସମୟରେ ନିଜ ସୀମାନ୍ତରେ ପ୍ରତିରୋଧ କରିଥିବା ଦେଶଭକ୍ତ ଘେଁସ ଜମିଦାର ପରିବାରର ସୁଯୋଗ୍ୟ ସନ୍ତାନ ହେଉଛନ୍ତି ମାଧୋ ସିଂହ। ଇଂରେଜମାନଙ୍କ ବିରୋଧରେ ଜାଳିଥିବା ଦେଶପ୍ରେମର ହୋମକୁଣ୍ଡରେ ସେ କେବଳ ଏକାକୀ ନୁହନ୍ତି, ତାଙ୍କ ସହିତ ଚାରି ପୁତ୍ର ଏବଂ ସମଗ୍ର ପରିବାର ଅଦମ୍ୟ ବୀରତ୍ୱର ସହିତ ନିଜ ନିଜ ଜୀବନକୁ ଆହୁତି ଦେଇଥିଲେ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ଡେପୁଟି ଡାଇରେକ୍ଟର ଡ. ନାରାୟଣ ଏଚ୍. କୁଲକର୍ଣ୍ଣୀଙ୍କ ମତରେ ଗୋଟିଏ ପରିବାରର ପିତାପୁତ୍ର ୫ଜଣ ଶହୀଦ ହୋଇଯିବା ଘଟଣା ଭାରତ ଇତିହାସରେ ଅଦ୍ୱିତୀୟ ଦୃଷ୍ଟାନ୍ତ। ଇଂରେଜମାନଙ୍କ ସହ ଶତ୍ରୁତା ଆଚରଣରେ ମାଧୋଙ୍କର କୌଣସି ବ୍ୟକ୍ତିଗତ କାରଣ ନ ଥିଲା। ଇଂରେଜ ପ୍ରଶାସନର ୩୫୭ ଟଙ୍କାର ରାଜସ୍ୱ ପଇଠ ପ୍ରସ୍ତାବକୁ ସ୍ୱୀକାର କରିନେଇଥିଲେ ନିଜ ୨୫ ଖଣ୍ଡ ମୌଜାର ଜମିଦାରି ଶାସନକୁ ସେ ଅକ୍ଷୁଣ୍ଣ ରଖିପାରିଥାନ୍ତେ। ପ୍ରଜାଙ୍କଠାରୁ ପାହୁଲାଟେ ବି ଅସୁଲ କରିବା ପରମ୍ପରା ତାଙ୍କ ପରିବାରରେ କେବେ ନ ଥିଲା। ତେଣୁ ଘୃଣାର ସହିତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସମ୍ଭାବିତ ସଂଘର୍ଷ ପାଇଁ ପ୍ରସ୍ତୁତ ରହିଲେ। ତାଙ୍କ ପୁତ୍ର କୁଳଙ୍କ ଝିଅ ଆଧୁନିକ ଛତିଶଗଡ଼ର ସୋନାଖାନ ଜମିଦାର ନାରାୟଣ ସିଂହଙ୍କ ପୁଅ ଗୋବିନ୍ଦଙ୍କୁ ବିବାହ କରିଥିଲେ। ପ୍ରଜାବତ୍ସଳ, ସ୍ୱାଧୀନଚେତା ନାରାୟଣଙ୍କୁ ଦେଓରୀ ଜମିଦାର ମହାରାଜା ସାଏଙ୍କ ସାହାଯ୍ୟରେ ରାୟପୁର ପ୍ରଶାସକ ଗିରଫ କରି ଫାଶୀ ଦେଇଦେଲେ, ଯାହା ମାଧୋଙ୍କୁ ଅଧିକ କ୍ରୁଦ୍ଧ କରିଦେଇଥିଲା।

ସେ ନିଜ ଅଞ୍ଚଳର ଆଦିବାସୀ ଯୁବକମାନଙ୍କୁ ଗେରିଲା ଯୁଦ୍ଧକୌଶଳ ଶିକ୍ଷା ଦେଇ ଏକ ଦୁଃସାହସୀ ସୈନ୍ୟବାହିନୀ ଗଠନ କରିଥିଲେ ଏବଂ ବିଭିନ୍ନ ସ୍ଥାନରେ ଇଂରେଜମାନଙ୍କ ପ୍ରତିରୋଧର ସମ୍ମୁଖୀନ ହେଉଥିଲେ। ସୁରେନ୍ଦ୍ର ସାଏ ହଜାରିବାଗରୁ ପ୍ରତ୍ୟାବର୍ତ୍ତନ ପରେ ମାଧୋ ସିଂହ ଓ ତାଙ୍କ ପୁତ୍ର ହଟେ, କୁଳ, ବୈରୀ ପ୍ରମୁଖଙ୍କ ଉପରେ ଅଧିକ ଆସ୍ଥା ସ୍ଥାପନ କଲେ ଏବଂ ମାଧୋ ମଧ୍ୟ ଅଧିକ ଉଲ୍ଲସିତ ହେଲେ। ସମ୍ବଲପୁର ବିଦ୍ରୋହ ପାଇଁ ପ୍ରସ୍ତୁତ ବିସ୍ତୃତ ରଣନୀତିର ଅଂଶସ୍ୱରୂପ ମାଧୋ ଓ ତାଙ୍କ ପୁଅମାନେ ସବୁଠୁ ସଙ୍କଟଜନକ ସିଂଘୋଡା ଘାଟିର ଦାୟିତ୍ୱକୁ ସ୍ୱଇଚ୍ଛାରେ ଗ୍ରହଣ କରିନେଲେ। ବିଭିନ୍ନ ସମୟରେ କ୍ୟାପଟେନ ଇ. ଜି. ଉଡ୍, ଆର. ଟି. ଏଲ୍, ସେକ୍ସପିଅର, ଉଡ୍‌ବ୍ରିଜ, ୱାର୍ଲୋ, ଫରଷ୍ଟରଙ୍କ ଭଳି ପ୍ରତାପୀ ସେନାନାୟକଙ୍କ ସହ ସେମାନେ ଯୁଦ୍ଧ କରିଛନ୍ତି। ମୁକ୍ତି ବିପ୍ଳବର ପ୍ରଥମ ପର୍ଯ୍ୟାୟରେ ଘେଁସ ବାହିନୀର ପ୍ରମୁଖ ଘାଟି ଓ ଆଶ୍ରୟସ୍ଥଳଗୁଡ଼ିକ ହେଲା ସିଘୋଡା ଘାଟି, ବୁଢ଼ାଡଙ୍ଗର, ନିଶା ଘାଟି, ଘନ ଘାଟି, ତାଲଖୋଲ, ଧନୁ ଗାଡ, ଅନ୍ଧାରିଆ ବୁରେଇ, ଗଇଘୁଟା ସମେତ ବାରପାହାଡ ଓ ସୁଦୂର ହିମଗିର ଜଙ୍ଗଲ।

ଏହି ସମୟରେ ହିଁ କ୍ୟାପଟେନ ଉଡ୍‌ବ୍ରିଜଙ୍କୁ ବିପ୍ଳବୀମାନେ ମୁଣ୍ଡକାଟି ହତ୍ୟା କରିଥିଲେ। ଦୁର୍ଦ୍ଦାନ୍ତ ସେନା ଅଧିକାରୀ ଫରଷ୍ଟର ଅତର୍କିତ ଭାବେ ଘେଁସ ଆକ୍ରମଣ କରି ବୃଦ୍ଧ ଜମିଦାର ମାଧୋଙ୍କୁ ଗିରଫ କଲେ, ଘେଁସ ଗ୍ରାମକୁ ପୋଡ଼ିଦେବା ସହ ଅକ୍ତିଆର କରିନେଲେ ଏବଂ ୧୮୫୮ ଡିସେମ୍ବର ୩୧ ତାରିଖ ଦିନ ମାଧୋଙ୍କୁ ଫାଶୀ କାଠରେ ଝୁଲାଇଦେଲେ। ପିତାଙ୍କ ମୃତ୍ୟୁ ପରେ ହଟେ, କୁଳ, ବୈରୀ, କୁଳଙ୍କ ଜ୍ୱାଇଁ ଗୋବିନ୍ଦ ଓ ଅନ୍ୟ ବିପ୍ଳବୀମାନେ ଅତ୍ୟଧିକ ହିଂସ୍ର ହୋଇଗଲେ। ପ୍ରାୟ ଦୁଇ ବର୍ଷ କାଳ ସେମାନେ ନୂତନ ଓ ସୁରକ୍ଷିତ ଆଶ୍ରୟସ୍ଥଳର ସନ୍ଧାନରେ ରହିଲେ। ଏମାନଙ୍କ ସହିତ ସୁରେନ୍ଦ୍ର ସାଏ, କମଲ ସିଂହ ଏବଂ ଆଉ କେତେକ ବିପ୍ଳବୀ ମଧ୍ୟ ଯୋଗଦେଲେ। ମିଳିତ ଭାବେ ସୁଦୂର ସୁନାବେଡ଼ା ଉପତ୍ୟକା ଓ ଜୋଙ୍କ ନଦୀ ଅବବାହିକାର ନିଘଞ୍ଚ ଅରଣ୍ୟରେ ଆତ୍ମଗୋପନ କରି ଇଂରେଜ ଓ ସେମାନଙ୍କ ସମର୍ଥକଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରି ଉଭୟ ସମ୍ବଲପୁର ଓ ନାଗପୁର ପ୍ରଶାସନକୁ ଦୋହଲାଇ ଦେଲେ। ସେହିଠାରେ ଥିଲାବେଳେ କୁଳ ଓ ଗୋବିନ୍ଦ ଦେଓରୀଙ୍କ ଉପରେ ଆକ୍ରମଣ କରି ମହାରାଜା ସାଏଙ୍କୁ ହତ୍ୟା କଲେ। ଏହା ସେତେବେଳେ ସମଗ୍ର ବ୍ରିଟିଶ ଭାରତର ଏକ ଲୋମହର୍ଷଣକାରୀ ଘଟଣା।

୧୮୫୭ର ବିଦ୍ରୋହ ୧୮୫୮ ବେଳକୁ ସମଗ୍ର ଭାରତବର୍ଷରେ ପ୍ରଶମିତ ହୋଇସାରିଥିଲା ଅଥଚ ସମ୍ବଲପୁର ଉଲଗୁଲାନର ଏହି ଅଧ୍ୟାୟ ୧୮୬୦ ପରେ ଆହୁରି ତୀବ୍ର ହୋଇଥିଲା। ସେ ଯାହାହେଉ ଅକ୍ଳାନ୍ତ ପରିଶ୍ରମ ପରେ ଘେଁସ ବିଦ୍ରୋହୀମାନଙ୍କୁ ଦମନ କରାଗଲା ଏବଂ ଘେଁସ ଭାଇମାନଙ୍କୁ ଦୁର୍ଦ୍ଦାନ୍ତ ଅପରାଧୀ ଭାବେ ବିବେଚନା କରାଯାଇ ହଟେଙ୍କୁ କଳାପାଣି, ବୈରୀଙ୍କୁ ଆଜୀବନ କାରାବାସ ଏବଂ କୁଳଙ୍କୁ ଫାଶୀଦଣ୍ଡ ଦିଆଗଲା। ଚତୁର୍ଥ ଭାଇ ଐରୀଙ୍କୁ ଇଂରେଜମାନେ ବହୁ ପୂର୍ବରୁ ଏକ ନିବୁଜ ସୁଡ଼ଙ୍ଗ ଭିତରେ ହତ୍ୟା କରିସାରିଥିଲେ। ଏହିପରି ଭାବରେ ସମ୍ପୂର୍ଣ୍ଣ ଏକ ପରିବାର ମାତୃଭୂମି ପାଇଁ ହସିହସି ଜୀବନ ଉତ୍ସର୍ଗ କରି ବୀରତ୍ୱ ଓ ଆଦର୍ଶର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଗଲେ।

ସଂଯୋଜକ, ବୀରତା ଦିବସ ମହୋତ୍ସବ
କମିଟି, ଘେଁସ, ମୋ-୯୬୬୮୨୨୩୪୦୦

## ଏଇ ଭାରତରେ

ବିବାହକୁ ଆମ ସମାଜରେ ପବିତ୍ର ବନ୍ଧନ ବୋଲି କୁହାଯାଏ। ଜଣେ ଯୁବତୀ ନିଜ ବାପଘର ଛାଡ଼ି ଆଉ ଜଣେ ଯୁବକ ସହିତ ସମ୍ପର୍କରେ ବାନ୍ଧିହୋଇଥାଏ। ତେବେ ମହିଳା ଜଣକ ବିଧବା ହେଲେ ସେ ପୁନର୍ବିବାହ କରିପାରେ ନାହିଁ। ମାତ୍ର କେତେକ ଆଦିବାସୀ ସମ୍ପ୍ରଦାୟରେ ବିବାହକୁ ନେଇ ରହିଛି ଭିନ୍ନ ପରମ୍ପରା। ମଧ୍ୟପ୍ରଦେଶର ଆଦିବାସୀବହୁଳ ମଣ୍ଡଳା ଜିଲାରେ ବାସକରୁଥିବା ଗୋଣ୍ଡ୍ ଜନଜାତି ମଧ୍ୟରେ ଦେବର ପାଣ୍ଟୋ ଏବଂ ନାତି ପାଣ୍ଟୋ ପ୍ରଥା ପ୍ରଚଳିତ। ଉକ୍ତ ପ୍ରଥା ଅନୁଯାୟୀ, ଯଦି ଜଣେ ମହିଳାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟେ, ତେବେ ଅନ୍ତିମ ସଂସ୍କାର ଦିନ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଉକ୍ତ ବିଧବା ଜଣକ ନିଜ ଦିଅରକୁ ପିନ୍ଧାଇଥାନ୍ତି ଏକ ଲୁହାର କଡା। ଏହାକୁ ଦେବର ପାଣ୍ଟୋ କୁହାଯାଏ। ବିଧବା ମହିଳାଙ୍କର କୌଣସି ଦିଅର ନ ଥିଲେ ମହିଳା ଜଣକ ନିଜ ନାତିକୁ ଲୁହାକଡା ପିନ୍ଧାଇଥାନ୍ତି। ଏହାକୁ ନାତି ପାଣ୍ଟୋ କୁହାଯାଇଥାଏ। କଡା ପିନ୍ଧିଥିବା ବ୍ୟକ୍ତି ସମ୍ପୃକ୍ତ ମହିଳାଙ୍କର ସ୍ୱାମୀ ଭାବେ ସମାଜରେ ପରିଚିତ ହୁଅନ୍ତି। ଫଳରେ ଏହି ଅଞ୍ଚଳରେ ମହିଳାମାନେ କେବେ ବି ବିଧବା ହୋଇ ନ ଥାନ୍ତି।

## ଚିରନ୍ତନୀ

ଗଳିତ ସେ ଚର୍ମଲୁଁ ବାଜିଥିଲା
ଗୌରବର ତୂର୍ଯ୍ୟ
ଘେନ ତେଣୁ ନବୀନର ପୂଜା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ!
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୯୩

- ଉପପ୍ରଧାନମନ୍ତ୍ରୀ ଅବଦୁନାଲିଲ ସାମାଦୋଭଙ୍କୁ ରୁଷ୍ ପ୍ରଜାତନ୍ତ୍ର କାଜାକ୍‌ସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେଇଛି।
- ରୁଷିଆର ଏକ ମାଲବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 2 | | | 1 | 0 | 5 | 3 | | | |
| 4 | | | | | E | B | | | | | A | D | 9 | |
| | | 0 | | 7 | | | | 5 | | | | 3 | C | 2 |
| | | A | C | 4 | | | | 8 | | 9 | | | | |
| | | | | | | | 9 | 6 | C | | | A | | |
| | 5 | E | | | | | | | | | 1 | | 7 | |
| 7 | 8 | 3 | | | 6 | 9 | | | E | | | | | |
| | | | 2 | | D | 7 | | | B | 8 | | 1 | | 3 |
| D | | 2 | 3 | | | 4 | | | | 6 | | | A | |
| | 4 | | | | | | | | D | 2 | C | | | |
| | | B | | | | 3 | | | 7 | | | | 0 | |
| | 6 | | 8 | E | | | 1 | A | | | D | 5 | | |
| | | | 0 | 6 | | | | E | 9 | A | | C | | |
| | | D | | | | 0 | | 2 | | | 6 | E | | |
| | | | | A | 3 | | 6 | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | B | E | D | 4 | 2 | 1 | 6 | 7 | 0 | 5 | 3 | C | A |
| 2 | 4 | 5 | C | 9 | 8 | B | D | 0 | 3 | A | 6 | 1 | E | 7 |
| 1 | 3 | 6 | 0 | A | 2 | C | 5 | 7 | E | 4 | 9 | D | B | 8 |
| A | 0 | D | 1 | 7 | B | 4 | E | 3 | C | 2 | 8 | 6 | 9 | 5 |
| 7 | C | E | 6 | 5 | 3 | A | 8 | 9 | 1 | B | D | 0 | 2 | 4 |
| 8 | 6 | 3 | 2 | 1 | E | 7 | 9 | D | A | 5 | C | B | 4 | 0 |
| C | 1 | A | 7 | 0 | D | 8 | 6 | 4 | B | 9 | E | 5 | 3 | 2 |
| 0 | B | 9 | A | 4 | 5 | 1 | 2 | C | D | 8 | 3 | E | 7 | 6 |
| 4 | 5 | 7 | 9 | 3 | C | E | 0 | B | 6 | 1 | 2 | 8 | A | D |
| D | E | 2 | B | 8 | 6 | 3 | A | 5 | 0 | 7 | 4 | 9 | 1 | C |
| 5 | 9 | 1 | D | 6 | 7 | 0 | 4 | A | 2 | 3 | B | C | 8 | E |
| B | A | 4 | 3 | C | 9 | D | 7 | E | 8 | 6 | 0 | 2 | 5 | 1 |
| E | 2 | 0 | 4 | B | A | 5 | C | 8 | 9 | D | 1 | 7 | 6 | 3 |
| 3 | 7 | C | 8 | 2 | 0 | 6 | B | 1 | 5 | E | A | 4 | D | 9 |
| 6 | D | 8 | 5 | E | 1 | 9 | 3 | 2 | 4 | C | 7 | A | 0 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଷାରେ ଅପମିଶ୍ରଣ

ମହାଶୟ,

ଦିନକୁ ଦିନ ଓଡ଼ିଆ ଭାଷା ଅପମିଶ୍ରଣ ଯୋଗୁ ଦୂଷିତ ହେବାରେ ଲାଗିଛି। କଥୋପକଥନର ପ୍ରତ୍ୟେକ ବାକ୍ୟରେ ଇଂଲିଶ ଅଥବା ହିନ୍ଦୀ ଶବ୍ଦ ପ୍ରୟୋଗ କରାଯାଉଛି। ଏପରି କରି ଆମେ ମାତୃଭାଷାର ବେକ ଚିପୁଛୁ। ଲୋକେ ଓଡ଼ିଆଭାଷାର ସଙ୍କରୀକରଣ କରୁଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, କେହି ଏ ଦିଗ ପ୍ରତି ସଚେତନ ନୁହନ୍ତି। ସଙ୍କରୀକରଣର ପ୍ରଭାଗ କଥନରେ ସୀମିତ ନ ରହି ଲିଖନରେ ମଧ୍ୟ ଆଧିପତ୍ୟ ବିସ୍ତାର କଲାଣି। ଦୈନିକ ଖବରକାଗଜଗୁଡ଼ିକରେ ଅସଂଖ୍ୟ ଇଂଲିଶ ଓ ହିନ୍ଦୀ ଶବ୍ଦର ରାଜୁତି ଦେଖିବାକୁ ମିଳୁଛି। ଆଧୁନିକ ପଶ୍ଚାତ୍ୟମୁଖୀ ଲେଖକମାନେ ନିଜ ସର୍ଜନାକୁ ସୁନ୍ଦର ଓ ସାବଲୀଳ କରିବାର ପ୍ରୟାସରେ ଅନ୍ୟଭାଷାର ଶ୍ରୁତିକଟୁ ଶବ୍ଦର ପ୍ରୟୋଗ କରୁଛନ୍ତି, ଓଡ଼ିଆ ଭାଷା ଭଣ୍ଡାରରେ ଶ୍ରୁତିମଧୁର ଶବ୍ଦର ଅଭାବ ନ ଥିବା ସତ୍ତ୍ୱେ। ଟିଭିରେ ଖବର ପାଠକ ଓ ପାଠିକାମାନେ ନିଜ ବକ୍ତବ୍ୟ ଶୈଳୀକୁ ଆକର୍ଷଣୀୟ କରିବା ପାଇଁ ଯେଉଁଭଳି ଅପମିଶ୍ରଣ କରୁଛନ୍ତି, ତାହା ଦର୍ଶକମାନଙ୍କୁ ପ୍ରଭାବିତ କରୁଛି। ଏଣୁ ଆମେ ସମସ୍ତେ ଏକ ହୋଇ ମାତୃଭାଷାର ପ୍ରସାର ଓ ଅମରତ୍ୱ ଦିଗରେ କାର୍ଯ୍ୟ କରିବା ଉଚିତ।

ରାଜୁ ପ୍ରଧାନୀ, ବାଲିଆ ପାଲିଗୁଡା, ବାମୁଣୀପୁଟ, ଜୟନଗର, ଜୟପୁର, କୋରାପୁଟ

### ଲଜ୍ଜା ଥମିବ କେବେ

ପ୍ରତିଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି ବଳାତ୍କାର ଓ ତଜ୍ଜନିତ ହତ୍ୟା ଖବର। ଆଇନରେ ବଳାତ୍କାରୀ ଓ ହତ୍ୟାକାରୀଙ୍କ ପାଇଁ କଠୋର ଦଣ୍ଡ ବିଧାନ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହି ପରିପ୍ରେକ୍ଷୀରେ ନିୟମ ଅନୁସାରେ ଅନେକଙ୍କୁ ଆଜୀବନ ଜେଲ କିମ୍ବା ମୃତ୍ୟୁଦଣ୍ଡ ଦିଆଯାଇ ସାରିଥିଲେ ମଧ୍ୟ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁନି ବୋଲି ସ୍ପଷ୍ଟ ସୂଚନା ମିଳୁଛି। କାରଣ ବଳାତ୍କାରୀ ଓ ହତ୍ୟାକାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି। ବିଶେଷକରି ଶିଶୁ ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ ଅପରାଧ ବଢ଼ିଚାଲିଛି। ଲୋକମାନେ ଦଣ୍ଡକୁ ମଧ୍ୟ ଭୟ କରୁନାହାନ୍ତି। କେବଳ ଯୁବଗୋଷ୍ଠୀ ନୁହନ୍ତି ବରଂ କେତେକ ବୟସ୍କ ବ୍ୟକ୍ତି ଏଥିରେ ସମ୍ପୃକ୍ତ ହେଉଛନ୍ତି। ଏ ଲଜ୍ଜା ଥମିବ କେବେ?

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, 'ହରି ନିବାସ', ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

CLASSIFIED DISPLAY










# କଂଗ୍ରେସ ନେତା ବିଜେଡିରେ ସାମିଲ

**ରାଜନଗର, ୨୭।୧୨**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ଗଦାଧର ଜେନା ଗୁରୁବାର କଂଗ୍ରେସ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଜେନା ୩୦ ବର୍ଷ ଧରି କଂଗ୍ରେସ ସଙ୍ଗଠନ ସହ ଜଡିତ ଥିଲେ ଓ ପଞ୍ଚାୟତ କଂଗ୍ରେସ ଦାୟିତ୍ୱରେ ଥିଲେ। ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ନେତା ଧ୍ରୁବ ସାହୁଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନାରେ ଉଦ୍‌ବୁଦ୍ଧ ହୋଇ ବିଜେଡିରେ ସାମିଲ ହୋଇଥିବା ଜେନା କହିଛନ୍ତି। ଏହି ପଞ୍ଚାୟତର କାଙ୍କଦିଆଠାରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେନା ତାଙ୍କର ବହୁ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ଅଭିନ୍ନ ସେଠୀ, ଧରଣୀଧର ଜେନା, ବ୍ରଜସୁନ୍ଦର ବେହେରା, ସୁନାକର ଦାସ, ଭୀମସେନ ଦାସ ପ୍ରମୁଖ ଯୋଗ ଦେଇଥିଲେ।




■ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ଯୁବ ପରିଷଦ ଗଠିତ

# ସବ୍ ଡିଭିଜନ ଘୋଷଣା ଦାବି ଜୋର୍‌ଦାର କରାଯିବ

**ପଟ୍ଟାମୁଣ୍ଡାଇ,୨୭।୧୨ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍-ଡିଭିଜନ ଘୋଷଣା କରିବା ପାଇଁ ଗତ ୮ବର୍ଷ ଧରି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଦାବି କରି ଆସିଛି । ଏଥିପାଇଁ ବିଭିନ୍ନ ସମୟରେ ଗଣ ବିକ୍ଷୋଭ, ଘେରାଉ ,ଧାରଣା, ମଶାଲ ଶୋଭାଯାତ୍ରା ସହ ସମୂହ ଦସ୍ତଖତ ଅଭିଯାନ କରି ଆସିଛି । ସରକାରୀ ଓ ବିରୋଧୀ ଦଳ ପଟ୍ଟାମୁଣ୍ଡାଇକୁ ସବ୍-ଡିଭିଜନ ଘୋଷଣା କରିବା ଦାବି ପ୍ରତି ସମର୍ଥନ ଜଣାଇଛି । ରାଜସ୍ୱ ମନ୍ତ୍ରୀ ବିଧାନସଭାରେ ମଧ୍ୟ ଏହି ଦାବି ସରକାରଙ୍କ ବିଚାରାଧୀନ ରହିଥିବା ଉତ୍ତର ଦେଇଛନ୍ତି । ଅପରପକ୍ଷରେ ସବ୍-ଡିଭିଜନ ଘୋଷଣା ନ ହେବା ପର୍ଯ୍ୟନ୍ତ ବିକାଶ ପରିଷଦ ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିଥିବା ବେଳେ ଯୁବକମାନେ ଏହି ନାର୍ଯ୍ୟ ଦାବିକୁ ସମର୍ଥନ ଜଣାଇଛନ୍ତି ।ଏହି ପରିପ୍ରେକ୍ଷୀରେ ଗୁରୁବାର ପଟ୍ଟାମୁଣ୍ଡାଇ ବିକାଶ ପରିଷଦ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବୈଠକରେ ଯୁବକମାନେ ସାମିଲ ହୋଇ ଯୁବ ପରିଷଦ ଗଠନ କରିଛନ୍ତି । ବିକାଶ ପରିଷଦ ଆବାହକ ଆଡଭୋକେଟ କ୍ଷୀରୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକକୁ ୮ଟି ଜୋନ୍‌ରେ ବିଭକ୍ତ କରାଯାଇ ଯୁବ ପରିଷଦର କର୍ମକର୍ତ୍ତାମାନଙ୍କର ଚୟନ ହୋଇଥିଲା । ସର୍ବସମ୍ମତି କ୍ରମେ ଯୁବ ପରିଷଦର ସଭାପତି ଭାବେ ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନଙ୍କୁ ଚୟନ କରାଯାଇଥିଲା ।

ଏଥିସହିତ ୬ଟି ଜୋନ୍‌ର ଉପ-ସଭାପତି ଓ ସାଧାରଣ ସଂପାଦକଙ୍କୁ ମନୋନୀତ କରାଯାଇଛି। ଏଥିରେ ସୂର୍ଯ୍ୟ ନାରାୟଣ ଦାସ , ପ୍ରଶାନ୍ତ ଭଳ,ମନୋଜ କୁମାର ସିଂହ, ଦେବକାନ୍ତ ପ୍ରଧାନ, ସୁବାଷ ଚନ୍ଦ୍ର ଦାସ, ସଂଗ୍ରାମ କେଶରୀ ପରଡା, ବୀରେନ୍ଦ୍ର କୁମାର ସେଠୀ, ଦେବପ୍ରସାଦ ସ୍ୱାଇଁ , ନାରାୟଣ ପ୍ରସାଦ ରାଉତ, ଦେବାଶିଷ ଜେନା, ସନ୍ତୋଷ କୁମାର ସେଠୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ଅନ୍ୟ ୨ଟି ଜୋନର କର୍ମକର୍ତ୍ତା ନିର୍ବାଚନ ପରବର୍ତ୍ତୀ ବୈଠକରେ କରାଯିବ । ଆଗାମୀ ଦିନରେ ଯୁବ ପରିଷଦ କର୍ମକର୍ତ୍ତା ଓ ସଭ୍ୟମାନେ ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍-ଡିଭିଜନ ଘୋଷଣା କରିବାକୁ ଜୋରଦାର୍ ଦାବି କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏଥିସହିତ ରାଜନଗରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଦେବା ଓ ଭିତରକନିକା ଆଖପାଖ ଅଞ୍ଚଳର ଉନ୍ନତିକରଣ କରି ବେକାର ଯୁବତୀ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାକୁ ଯୁବ ପରିଷଦ ଦାବି କରିଛି । ଏହାଛଡା ପଟ୍ଟାମୁଣ୍ଡାଇରେ ବସଷ୍ଟାଣ୍ଡ ନ ଥିଲା ବେଳେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୁବ ପରିଷଦ ଦାବି କରିଥିଲା । ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘଦିନ ଧରି ସବ୍-ଡିଭିଜନ ଘୋଷଣା ପାଇଁ ଦାବି ହୋଇ ଆସୁଥିବା ବେଳେ ଯୁବ ପରିଷଦ ଏଥିରେ ସାମିଲ ହୋଇଥିବାରୁ ଆଗାମୀ ଦିନରେ ଏହି ଦାବି ଜୋରଦାର ହେବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଲଖ ବିହାରୀ ମଲିକ, ସମୀର ବିଶ୍ୱାଳ, ପ୍ରଫୁଲ୍ଲ ଦାସ, ଗଣେଶ୍ୱର ସାହୁ, ଦେବାଶିଷ ପାତ୍ର, ଜୟରାମ ବାରିକଙ୍କ ସମେତ ଶତାଧିକ ଯୁବକ ଯୋଗ ଦେଇଥିଲେ । ଶେଷରେ ବିକାଶ ପରିଷଦ ସମ୍ପାଦକ ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୫ ଗିରଫ

**ରାଜନଗର,୨୭।୧୨(ଡିଏନଏ)**

ରାଜନଗର ଥାନା ଠାରୁ ୪ଶହ ମିଟର ଦୂରରେ ଥିବା ଜଗନ୍ନାଥମନ୍ଦିର ପଛପଟେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଗୁରୁବାର ସନ୍ଧ୍ୟାରେ ଚଢାଉ କରିଛି। ଏହି ଜୁଆ ଆଡ୍ଡାରୁ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ଅଛି। ଗିରଫ ବ୍ୟକ୍ତିମାନେ ହେଲେ ରାଜନଗର ଗାଁର ସରୋଜ ସେଠୀ, ପ୍ରମୋଦ ସେଠୀ, ବିଜୟ ସେଠୀ, ଗୁରୁବାରୀ ସେଠୀ, ଲମ୍ବୋଦର ସ୍ୱାଇଁ । ସେମାନଙ୍କଠାରୁ ୪ ହଜାର ୫୪୦ ଟଙ୍କା ଜବତ କରାଯାଇଛି। ରାଜନଗର ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ର ସଦଳବଳେ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲେ। ଏ ନେଇ ରାଜନଗର ଥାନାରେ ୨୨୦/୨୦୧୮ନଂରେ ମାମଲା ରୁଜୁ କରାଯାଇଛି ।

# କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ରାଜନଗର,୨୭।୧୨(ଡିଏନଏ)**

ରାଜନଗର ବ୍ଲକ ବାରଗାଁ ମାଟିଆ ପୀଠରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୁର୍ବେଦିକ ଚିକିତ୍ସକ ଡା. ରିତ ସେନାପତି ଏହି ଶିବିରରେ ଯୋଗଦେଇ ୫୫୦ଜଣ ରୋଗୀଙ୍କୁ ଚିକିତ୍ସା କରିଥିଲେ। ପୂର୍ବାହ୍ଣ ୧୦ଟା ଠାରୁ ୨ ଘଟିକା ପର୍ଯ୍ୟନ୍ତ ଏହି ଶିବିର ହୋଇଥିଲା। ବାରଗାଁ ଅଞ୍ଚଳର ରୋଗୀମାନେ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଆୟୁର୍ବେଦିକ ଔଷଧ ନେଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଜଗନ୍ନାଥ ଦାସ, ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ, ପଣ୍ଡିତ ବିଜୟ କୁମାର ଦେବତା, ବ୍ଲକ ଓଷ୍ଟା ସଭାପତି ସୀତାକାନ୍ତ ରାଉଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ବିଧାୟକ ମହାନ୍ତିଙ୍କୁ ଅଞ୍ଚଳର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ଗାଁ ଗହଳିରେ ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଶ୍ୱରପୁର ଜନକଲ୍ୟାଣ ଯୁବଶକ୍ତି ସଂଗଠନକୁ ମୁଖ୍ୟଅତିଥି ବିଧାୟକ ମହାନ୍ତି ଟ୍ରଫି ପ୍ରଦାନ କରିଥିଲେ। ସଂସଦର ଆବାହକ ଏସ. ପରିଡା ଏହାକୁ ସଂଯୋଜନା କରିଥିଲେ। ମାଟିଆ ମଙ୍ଗଳା ପୂଜା କମିଟିର ସଭାପତି ବାସୁଦେବ ମିଶ୍ର, ଶିକ୍ଷାବିତ ମାନସ ରଞ୍ଜନ ମିଶ୍ର, ଉମେଶ ଚନ୍ଦ୍ର ରାଉତ, ପ୍ରଭାତ ରାଉଳ, ଅଲେଖ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଡିସେମ୍ବର, ୨୦୧୮



# ଉନ୍ନୟନ ପାଣ୍ଠି ଖର୍ଚ୍ଚ ଉପରେ ଗୁରୁତ୍ୱ

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

ନାଉଗାଁ,୨୭।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଶେଷକରି ବ୍ଲକକୁ ଆସିଥିବା ରାଜ୍ୟ ଯୋଜନା ବୋର୍ଡ ଅନୁଦାନ ପାଣ୍ଠି ଖର୍ଚ୍ଚ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବ୍ଲକକୁ ୫୬ ଲକ୍ଷ ଟଙ୍କା ଅନୁଦାନ ଆସିଥିବାବେଳେ ୪୫ ଲକ୍ଷ୍ୟ ଏ ପର୍ଯ୍ୟନ୍ତ ଖର୍ଚ୍ଚ ନ ହୋଇ ପଡିରହିଛି। ବିଧାୟକଙ୍କ ଉନ୍ନୟନ ପାଣ୍ଠି ଓ ପଞ୍ଚାୟତ ସମିତି ପାଣ୍ଠି ବିଭିନ୍ନ ପ୍ରକଳ୍ପ ପାଇଁ ଖର୍ଚ୍ଚ କରାଯାଉଥିବାବେଳେ ରାଜ୍ୟ ଯୋଜନା ବୋର୍ଡର ପାଣ୍ଠି ଖର୍ଚ୍ଚ କରାଯାଉ ନ ଥିବା କେତେଜଣ କର୍ମୀ ଓ ପଞ୍ଚାୟତ ସମିତି ସଭ୍ୟ ଅଭିଯୋଗ କରିଥିଲେ। ବ୍ଲକ ପ୍ରଶାସନ ଜାଣିଶୁଣି ଉକ୍ତ ଅନୁଦାନ ବ୍ୟୟ କରୁ ନ ଥିବା ସେମାନେ ଅଭିଯୋଗ ଉଠାଇଥିଲେ। ଆସିଥିବା ଅନୁଦାନରୁ ମାତ୍ର ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେଣୁ ଆସନ୍ତା ସପ୍ତାହରେ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ଶୀଘ୍ର ଅନୁଦାନ ବିନିଯୋଗ କରିବାକୁ ଦାସ ବିଡିଓ ଜେ.କଳ୍ପନାଙ୍କୁ କହିଥିଲେ। ଏଥିସହ କେଉଁ ପ୍ରକଳ୍ପ ବାବଦକୁ କେତେ ଅର୍ଥ ପ୍ରଦାନ କରାଗଲା ତାହାର ତାଲିକା ପ୍ରସ୍ତୁତ କରି ଜିଲା କାର୍ଯ୍ୟାଳୟକୁ ପଠାଇବା ପାଇଁ ସେ କହିଥିଲେ। ଆଗକୁ ଖରାଦିନ ଆସୁଥିବାରୁ ପାନୀୟଜଳ ଯୋଗାଣରେ ସୁଧାର ଆଣିବାକୁ ବଛାଲୋଠାରେ ଏକ ପ୍ରକଳ୍ପ ନିର୍ମାଣ କରିବା ସହିତ ଜନସାଧାରଣ ଓ ବ୍ଲକ କର୍ମଚାରୀଙ୍କ ପାଇଁ ଶୌଚାଳୟ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବହୁ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ତେଣୁ ହିତାଧିକାରୀମାନେ ସିଧା ସଳଖ ବିଡିଓଙ୍କୁ ଆବେଦନ କରିବାକୁ ଉପାଧ୍ୟକ୍ଷ ପରାମର୍ଶ ଦେଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନରେ ଜାଣିଶୁଣି ବିଭାଗୀୟ କନିଷ୍ଠଯନ୍ତ୍ରୀ ହିତାଧିକାରୀଙ୍କୁ ହଇରାଣ କରୁଥିବା ବ୍ଲକ ବିଜେଡି ସଭାପତି ସୁଜିତ ମଲ୍ଲିକ ଅଭିଯୋଗ କରିଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଗ୍ରାମ୍ୟ ଜଳ ଉନ୍ନୟନ ବିଭାଗ ଜଗତ୍‌ସିଂହପୁରର ସହକାରୀ ଯନ୍ତ୍ରୀ ତପନ ରାଉତ, ଚିତ୍ତରଞ୍ଜନ ଜେନା, ଜିଲା ପରିଷଦ ସଭ୍ୟ ସୁବଳ ବେହେରାଙ୍କ ସହ ପଞ୍ଚାୟତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

ବାଲିକୁଦା,୨୭।୧୨(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ ତଣ୍ଡିକୂଳ ଗ୍ରାମରେ ଗୁରୁବାର ଯୌତୁକ ପାଇଁ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଅରୁଣ ସେଠୀଙ୍କ ସ୍ତ୍ରୀ ନର୍ମଦା। ଘର ଭିତରେ ରଶି ଲଗାଇ ସେ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି। ପୋଲିସ ଏନେଇ ମାମଲା ନଂ. ୧୩୪/୧୮, ଦଫା ୩୦୨,୩୦୪ବି, ୪୯୮(ଏ) ଆଇପିସି ୪ଡିପି ଆକ୍ଟରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ମାଛଗାଁର କୃଷ୍ଣଚନ୍ଦ୍ର ସେଠୀଙ୍କ ଝିଅ ନର୍ମଦା ୩ ବର୍ଷ ପୂର୍ବେ ଅରୁଣଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବାପଘର ଲୋକେ ଯୌତୁକ ବାବଦରେ ନଗଦ ଟଙ୍କା, ସୁନା ଓ ଅନ୍ୟାନ୍ୟ ଆସବାବପତ୍ର ଦେଇଥିଲେ। ମାତ୍ର ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ନର୍ମଦାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗୁରୁବାର ସେଥିପାଇଁ ତାଙ୍କୁ ମାରି ଟାଙ୍ଗି ଦେଇଛନ୍ତି ବୋଲି ନର୍ମଦାଙ୍କ ଭାଇ ମାନସ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ଏସଆଇ ପଦ୍ମାଳୟା ପ୍ରଧାନ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**

**Bank Misc. Case No.59/17**
(U/s 14 of SARFAESI Act)

**Allahabad Bank, Old Station Square Branch, Bhubaneswar .**
..............Petitioner

Vrs

**Maitreya Mishra & Kadambini Mishra** ..............Opp. Parties

**To,**

**Sri Maitreya Mishra & Smt Kadambini Mishra,** Plot No.- 335/ 2514, Sabak Plot No.- 44/1021, Hal Khata No.- 97, Sabak Khata- 267, Bhubaneswar Sahar Unit- 27, Mouza- Bhubaneswar, P.S- Lingaraj, Dist- Khurda .

Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 59/17**, against you for the purpose of taking physical possession of the Secured Assets . Above notice was sent to you by Regd. Post, but the same was returned . You are hereby informed to appear in person or through your pleader on **18.01.2019 at 10.00 AM** in the Court to answer the claim, failing which the aforesaid matter will be decided in your absence .

**By the orders of DM & Collector (Khurda)**

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

OPTCL
Lifeline of Odisha

**ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨, ଓଡ଼ିଶା**

**CIN : U40102OR2004SGC007553**

## ଓପିଟିସିଏଲ ଅଧୀନରେ ଥିବା ନିମ୍ନଲିଖିତ ଇ.ଏଚ୍.ଟି ଉପାଦାନ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| (କ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବୁର୍ଲା** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବୁର୍ଲା** | | | |
| ୧. | ୨୨୦ କେଭି ବୁଢ଼ିପଦର - ତାର୍କେରା ସର୍କିଟ୍ - I | ୦୫.୦୧.୧୯ ଏବଂ ୦୬.୦୧.୧୯ | ୦୮.୦୦-୧୬.୦୦ | ୨ |
| ୨. | ୨୨୦ କେଭି ବୁଢ଼ିପଦର - ବେଦାନ୍ତ ସର୍କିଟ୍ - I | ୦୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି କଟାପଲୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଟ୍ରାନ୍ସଫର୍ମର ନଂ -I ଏବଂ II | ୦୭.୦୧.୧୯ | ୦୮.୦୦-୧୬.୦୦ | ୧ |
| ୪. | ୨୨୦ କେଭି ବୁଢ଼ିପଦର - ତାର୍କେରା ସର୍କିଟ୍ ନଂ - II | ୦୭.୦୧.୧୯ ଏବଂ ୧୦.୦୧.୧୯ | ୦୮.୦୦-୧୬.୦୦ | ୨ |
| ୫. | ୨୨୦ କେଭି ବୁଢ଼ିପଦର - ବେଦାନ୍ତ ସର୍କିଟ୍ ନଂ - II | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨ କେଭି ବୁଢ଼ିପଦର - ରାଜଗାଙ୍ଗପୁର ସିଙ୍ଗିଲ୍ ସର୍କିଟ୍ ଲାଇନ୍ | ୧୨.୦୧.୧୯ ଏବଂ ୧୩.୦୧.୧୯ | ୦୮.୦୦-୧୬.୦୦ | ୨ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୁଢ଼ିପଦର | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨/୩୩/ ୧୧ କେଭି ବ୍ରଜରାଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଟ୍ରାନ୍ସଫର୍ମର ନଂ - I ଏବଂ III | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୯. | ୨୨୦/ ୧୩୨/୩୩ କେଭି ବୁଢ଼ିପଦର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଅଟୋ ଟ୍ରାନ୍ସଫର୍ମର ନଂ - II | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨ କେଭି ବୁଢ଼ିପଦର - ସୁନ୍ଦରଗଡ଼ ଫିଡର | ୧୮.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨/ ୧୧ କେଭି ଝାରସୁଗୁଡ଼ା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୨୦.୦୧.୧୯ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ରାଉରକେଲା / ରାଜଗାଙ୍ଗପୁର** | | | |
| ୧. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ରିଜର୍ଭ ବସ୍ | ୦୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୨. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ ସେକ୍ସନ୍ - II | ୦୫.୦୧.୧୯ ଏବଂ ୦୬.୦୧.୧୯ | ୦୮.୦୦-୧୬.୦୦ | ୨ |
| ୩. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ - II | ୦୮.୦୧.୧୯ ଏବଂ ୦୯.୦୧.୧୯ | ୦୮.୦୦-୧୬.୦୦ | ୨ |
| ୪. | ୧୩୨ କେଭି ଛେଣ୍ଡ - ନୂଆଗାଁ ଲାଇନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଛେଣ୍ଡ - ନିପାଜ ଲାଇନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୬. | ଏମ୍/ ଏସ୍ ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍ ର ୧୩୨ କେଭି ଲିଲୋ ସବ୍‌ଷ୍ଟେସନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ଛେଣ୍ଡ - ଏମ୍/ ଏସ୍ ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ଛେଣ୍ଡ ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଲୁଙ୍ଗା | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୧୨.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୨. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍କୋଟ୍ | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୩. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୁନ୍ଦରଗଡ଼ | ୧୯.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୪. | ୧୩୨ କେଭି ବୁଢ଼ିପଦର - ସୁନ୍ଦରଗଡ଼ ଫିଡର | ୧୯.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୫. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୨୧.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୬. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୨୭.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୭. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍କୋଟ୍ | ୨୯.୦୧.୧୯ | ୦୮.୦୦-୧୬.୦୦ | ୧ |
| (ଖ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବଲାଙ୍ଗୀର** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବଲାଙ୍ଗୀର** | | | |
| ୧. | ୨୨୦ କେଭି କଟାପଲୀ - ବଲାଙ୍ଗୀର ସର୍କିଟ୍ - II | ୦୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୨. | ୨୨୦/ ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସଦେଇପାଲି | ୦୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବଲାଙ୍ଗୀର | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ସଦେଇପାଲି - ବଲାଙ୍ଗୀର ସର୍କିଟ୍ - I | ୧୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବଲାଙ୍ଗୀର - ବରଗଡ଼ ଲାଇନ୍ | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବରପାଲ୍ଲୀ | ୧୬.୦୧.୧୯ | ୦୮.୦୦-୧୬.୦୦ | ୧ |
| ୭. | ୨୨୦ କେଭି କଟାପଲୀ - ପିଜିସିଆଇଏଲ୍ - ସଦେଇପାଲି ଲାଇନ୍ ସର୍କିଟ୍ - II | ୧୯.୦୧.୧୯ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ବଲାଙ୍ଗୀର-ବରଗଡ଼ ଲାଇନ୍ | ୨୦.୦୧.୧୯ | ୦୮.୦୦-୧୬.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍‌ସବ୍‌ଷ୍ଟେସନ୍ - ପାଟଣାଗଡ଼ | ୨୫.୦୧.୧୯ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨ କେଭି ବଲାଙ୍ଗୀର - ପାଟଣାଗଡ଼ ଲାଇନ୍ | ୨୫.୦୧.୧୯ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, କେସିଙ୍ଗା** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କେସିଙ୍ଗା | ୧୦.୦୧.୧୯ | ୦୭.୦୦-୧୭.୦୦ | ୧ |
| ୨. | ୧୩୨ କେଭି କେସିଙ୍ଗା - ଥେରୁବାଲି ଲାଇନ୍ | ୧୨.୦୧.୧୯ | ୦୭.୦୦-୧୭.୦୦ | ୧ |
| ୩. | ୧୩୨ କେଭି କେସିଙ୍ଗା - ଖରିଆର ଲାଇନ୍ | ୧୬.୦୧.୧୯ | ୦୭.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସଇଁତଲା | ୧୯.୦୧.୧୯ | ୦୭.୦୦-୧୭.୦୦ | ୧ |
| ୫. | ୧୩୨ କେଭି କେସିଙ୍ଗା - ଜୁନାଗଡ଼ ଲାଇନ୍ | ୧୯.୦୧.୧୯ | ୦୭.୦୦-୧୭.୦୦ | ୧ |
| (ଗ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଜୟପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଜୟନଗର** | | | |
| ୧. | ବାଲିମେଳା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୨୦ ଏମ୍‌ଭିଏ, ଟ୍ରାନ୍ସଫର୍ମର - I | ୦୬.୦୧.୧୯ | ୦୭.୦୦-୧୭.୦୦ | ୧ |
| ୨. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୨.୫ ଏମ୍‌ଭିଏ (ଜିଇସି) ଏବଂ ୨୦ ଏମ୍‌ଭିଏ (ଅଲସ୍ଥୋମ) ଟ୍ରାନ୍ସଫର୍ମର | ୧୧.୦୧.୧୯ | ୦୭.୦୦-୧୭.୦୦ | ୧ |
| ୩. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ବିଟିଏଚ୍ ପୋର୍ସନ୍ ଠାରେ ୧୩୨ କେଭି ମେନ୍ ବସ୍ | ୧୧.୦୧.୧୯ ଏବଂ ୧୨.୦୧.୧୯ | ୦୭.୦୦-୧୭.୦୦ | ୨ |
| ୪. | ୧୩୨ କେଭି ଜୟନଗର - ଦାମନଯୋଡ଼ି ଲାଇନ୍ | ୧୩.୦୧.୧୯ | ୦୭.୦୦-୧୭.୦୦ | ୧ |
| ୫. | ବାଲିମେଳା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୨୦ ଏମ୍‌ଭିଏ ଟ୍ରାନ୍ସଫର୍ମର - II | ୧୭.୦୧.୧୯ | ୦୭.୦୦-୧୭.୦୦ | ୧ |
| ୬. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ - II | ୧୮.୦୧.୧୯ | ୦୭.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ତେନ୍ତୁଳିଖୁଣ୍ଟି | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଜୟନଗର - ତେନ୍ତୁଳୀଖୁଣ୍ଟି ଲାଇନ୍ | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଉମରକୋଟ | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଡାବୁଗାଁ - ଉମରକୋଟ ଲାଇନ୍ | ୨୪.୦୧.୧୯ | ୦୭.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଥେରୁବାଲି** | | | |
| ୧. | ୨୨୦ କେଭି ଥେରୁବାଲି - ଜୟନଗର ସର୍କିଟ୍ - II | ୦୬.୦୧.୧୯ ଏବଂ ୧୧.୦୧.୧୯ | ୦୭.୦୦-୧୭.୦୦ | ୨ |
| ୨. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୧୨.୫ ଏମ୍‌ଭିଏ ଟ୍ରାନ୍ସଫର୍ମର - I ଏବଂ ୩୩ କେଭି ବସ୍ ସେକ୍ସନ -I | ୨୦.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୧୨.୫ ଏମ୍‌ଭିଏ ଟ୍ରାନ୍ସଫର୍ମର - II ଏବଂ ୩୩ କେଭି ବସ୍ ସେକ୍ସନ -II | ୨୨.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ନରେନ୍ଦ୍ରପୁର - ଥେରୁବାଲି ସର୍କିଟ୍ - I (ଡୁମୁଲାପଦର ପର୍ଯ୍ୟନ୍ତ) | ୨୭.୦୧.୧୯ ରୁ ୨୯.୦୧.୧୯ | ୦୭.୦୦-୧୬.୦୦ | ୩ |
| (ଘ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଯାଜପୁର ରୋଡ଼** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାଲେଶ୍ୱର** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋମନାଥପୁର | ୧୦.୦୧.୧୯ | ୦୭.୦୦-୧୭.୦୦ | ୧ |
| ୨. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୧୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ ଅଟୋ- II | ୨୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୨୨୦ କେଭି ଭଦ୍ରକ - ବାଲେଶ୍ୱର ଲାଇନ୍ ସର୍କିଟ୍ - II (ଲୋକେସନ ନଂ. ୧୯୮ ରୁ ୪୪୯) | ୩୦.୦୧.୧୯ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାରିପଦା** | | | |
| ୧. | ବାରିପଦା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୦୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି କରଞ୍ଜିଆ ଡିସି ଲିଲୋ ଲାଇନ୍ (ଲୋକେସନ ନଂ. ୧ ରୁ ୮୮) | ୧୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୧୩୨ କେଭି କରଞ୍ଜିଆ -ପଳାସପଙ୍ଗା ଲାଇନ୍ | ୨୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଇରଙ୍ଗପୁର | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଦ୍ରକ** | | | |
| ୧. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୨୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ମେଷ୍ଟୋ-ଭଦ୍ରକ ଲାଇନ୍ (ଗ୍ରୀଡ୍ ଠାରୁ ଲୋକେସନ ୬୧ ପର୍ଯ୍ୟନ୍ତ) | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଯାଜପୁର ରୋଡ଼** | | | |
| ୧. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦/ ୧୩୨ କେଭି, ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର - II | ୦୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ଡୁବୁରି - ଜଖପୁରା ଟ୍ରାକ୍ସନ ଫିଡର | ୦୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ଯାଜପୁର ରୋଡ଼ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି ରୁଢ଼ିଆ-ଯାଜପୁର ଟାଉନ୍ ସର୍କିଟ୍- ୧ ଲାଇନ୍ | ୦୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦/ ୧୩୨ କେଭି, ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର - III | ୧୩.୦୧.୧୯ | ୦୭.୦୦-୧୬.୦୦ | ୧ |
| ୬. | ୪୦୦ କେଭି ନିଉ ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ - II | ୧୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୭. | ୧୩୨ କେଭି ରୁଢ଼ିଆ-ଯାଜପୁର ଟାଉନ୍ ସର୍କିଟ୍- ୨ ଲାଇନ୍ | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| (ଙ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଭୁବନେଶ୍ୱର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭୁବନେଶ୍ୱର** | | | |
| ୧. | ୧୩୨ କେଭି ଚନ୍ଦକା - ରଣସିଂହପୁର ଲାଇନ୍ | ୦୫.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଚନ୍ଦକା - ଖୋର୍ଦ୍ଧା ଲାଇନ୍ | ୦୭.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ମେଣ୍ଢାଶାଳ-ଚନ୍ଦକା ସର୍କିଟ୍ - IV | ୧୦.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ଭଞ୍ଜନଗର-ମେଣ୍ଢାଶାଳ ଲାଇନ୍ | ୧୦.୦୧.୧୯ ଏବଂ ୧୧.୦୧.୧୯ | ୦୮.୦୦-୧୭.୦୦ | ୨ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭୁବନେଶ୍ୱର | ୧୨.୦୧.୧୯ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ମେଣ୍ଢାଶାଳ-ଚନ୍ଦକା ସର୍କିଟ୍ - III | ୧୬.୦୧.୧୯ | ୦୮.୦୦-୧୭.୦୦ | ୧ |
| ୭. | ଚନ୍ଦକା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ | ୩୦.୦୧.୧୯ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ମେଣ୍ଢାଶାଳ** | | | |
| ୧. | ୪୦୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ଲାଇନ୍ | ୦୭.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ମେଣ୍ଢାଶାଳ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ - ବି | ୧୮.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ଲାଇନ୍ | ୨୦.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ଲାଇନ୍ ସର୍କିଟ୍ - II | ୨୮.୦୧.୧୯ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ଲାଇନ୍ ସର୍କିଟ୍ - I | ୨୯.୦୧.୧୯ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ପୁରୀ** | | | |
| ୧. | ୧୩୨ କେଭି ଖୋର୍ଦ୍ଧା-ପୁରୀ ଲାଇନ୍ | ୦୯.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନିମାପଡ଼ା | ୨୪.୦୧.୧୯ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଖୋର୍ଦ୍ଧା** | | | |
| ୧. | ୨୨୦ କେଭି ନୟାଗଡ଼-ମେଣ୍ଢାଶାଳ ଲାଇନ୍ | ୦୫.୦୧.୧୯ | ୦୮.୦୦-୧୭.୦୦ | ୧ |
| ୨. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନୟାଗଡ଼ | ୦୫.୦୧.୧୯ | ୦୮.୦୦-୧୭.୦୦ | ୧ |
| ୩. | ଅଟ୍ରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୩.୦୧.୧୯ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଅରଗୁଲ ଏବଂ ୧୩୨ କେଭି ଅଟ୍ରି-ଅରଗୁଲ ଡିସି ଲାଇନ୍ | ୧୩.୦୧.୧୯ | ୦୮.୦୦-୧୭.୦୦ | ୧ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଙ୍କି ଏବଂ ୧୩୨ କେଭି ଅଟ୍ରି-ବାଙ୍କି ଲାଇନ୍ | ୧୩.୦୧.୧୯ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଖୋର୍ଦ୍ଧା | ୧୪.୦୧.୧୯ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ଖୋର୍ଦ୍ଧା-ବାଲୁଗାଁ ଲାଇନ୍ | ୨୧.୦୧.୧୯ | ୦୮.୦୦-୧୭.୦୦ | ୧ |
| (ଚ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବ୍ରହ୍ମପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଞ୍ଜନଗର** | | | |
| ୧. | ୨୨୦/ ୧୩୨/୩୩ କେଭି ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ - ୨ | ୦୫.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ୨୨୦ କେଭି ଭଞ୍ଜନଗର - ମେରାମୁଣ୍ଡଳୀ ସର୍କିଟ୍ - II | ୧୦.୦୧.୧୯ ଏବଂ ୧୧.୦୧.୧୯ | ୦୭.୦୦-୧୬.୦୦ | ୨ |
| ୩. | ୧୩୨/୩୩ କେଭି ଆସ୍କା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୧୧.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଭଞ୍ଜନଗର - ଅସ୍କା ଡି.ସି. ଲାଇନ୍ | ୧୨.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଭଞ୍ଜନଗର - ଫୁଲବାଣୀ ଏସ୍‌ସି ଲାଇନ୍ | ୧୬.୦୧.୧୯ ଏବଂ ୧୭.୦୧.୧୯ | ୦୭.୦୦-୧୬.୦୦ | ୨ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଫୁଲବାଣୀ | ୧୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୭. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୨୦.୦୧.୧୯ | ୦୭.୦୦-୧୬.୦୦ | ୧ |
| ୮. | ୨୨୦ କେଭି ଭଞ୍ଜନଗର - ମେରାମୁଣ୍ଡଳୀ ସର୍କିଟ୍ - I | ୨୦.୦୧.୧୯ ଏବଂ ୨୧.୦୧.୧୯ | ୦୭.୦୦-୧୬.୦୦ | ୨ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବ୍ରହ୍ମପୁର** | | | |
| ୧. | ୧୩୨ କେଭି ବ୍ରହ୍ମପୁର - ମୋହନା ଲାଇନ୍ | ୦୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ବସ୍ ସେକ୍ସନ୍ - II ଏବଂ ୪୦ ଏମ୍‌ଭିଏ ଟ୍ରାନ୍ସଫର୍ମର | ୦୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ସର୍କିଟ୍ - I (ଲୋକେସନ ନଂ. ୨୬୧ ପର୍ଯ୍ୟନ୍ତ) | ୧୧.୦୧.୧୯ ରୁ ୧୩.୦୧.୧୯ | ୦୭.୦୦-୧୬.୦୦ | ୩ |
| ୪. | ୧୩୨ କେଭି ଛତ୍ରପୁର - ଅସ୍କା ଡି.ସି. ଲାଇନ୍ | ୧୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ୨୨୦ କେଭି ନରେନ୍ଦ୍ରପୁର - ମେଣ୍ଢାଶାଳ ସର୍କିଟ୍ - II (ଲୋକେସନ ନଂ. ୨୬୧ ପର୍ଯ୍ୟନ୍ତ) | ୧୯.୦୧.୧୯ ରୁ ୨୧.୦୧.୧୯ | ୦୭.୦୦-୧୬.୦୦ | ୩ |
| ୬. | ୨୨୦ କେଭି ନରେନ୍ଦ୍ରପୁର - ଥେରୁବାଲି ସର୍କିଟ୍ - I (ଡୁମୁଲାପୋଦାର ପର୍ଯ୍ୟନ୍ତ) | ୨୭.୦୧.୧୯ ରୁ ୨୯.୦୧.୧୯ | ୦୭.୦୦-୧୬.୦୦ | ୩ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଛତ୍ରପୁର** | | | |
| ୧. | ଛତ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୧୮.୦୧.୧୯ | ୦୭.୦୦-୧୬.୦୦ | ୧ |
| ୨. | ମୋହନା ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୧୩୨ କେଭି ଛତ୍ରପୁର-ବାଲୁଗାଁ ଲାଇନ୍ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଲୁଗାଁ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବାଲୁଗାଁ, ସୋଲାରି ଟ୍ରାକ୍ସନ୍ ଲାଇନ୍ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| (ଛ) | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ, ଚାଇଁପାଳ** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଚାଇଁପାଳ / ମେରାମୁଣ୍ଡଳୀ / ଢେଙ୍କାନାଳ** | | | |
| ୧. | ୪୦୦ କେଭି ରେଙ୍ଗାଲୀ - ବାରିପଦା (ଲୋକେସନ ନଂ. ୧ ରୁ ୬୦୨) | ୦୪.୦୧.୧୯ ରୁ ୦୭.୦୧.୧୯ | ୦୭.୦୦-୧୭.୦୦ | ୪ |
| ୨. | ୨୨୦ କେଭି ଟିଟିପିଏସ୍ - ମେରାମୁଣ୍ଡଳୀ ସର୍କିଟ୍ - I | ୦୫.୦୧.୧୯ | ୦୭.୦୦-୧୬.୦୦ | ୧ |
| ୩. | ୨୨୦ କେଭି ଟିଟିପିଏସ୍ - ମେରାମୁଣ୍ଡଳୀ ସର୍କିଟ୍ - II | ୦୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୪. | ୨୨୦ କେଭି ମେରାମୁଣ୍ଡଳୀ - ଭଞ୍ଜନଗର ସର୍କିଟ୍ - II | ୦୯.୦୧.୧୯ ରୁ ୧୨.୦୧.୧୯ | ୦୭.୦୦-୧୬.୦୦ | ୪ |
| ୫. | ୪୦୦ କେଭି ରେଙ୍ଗାଲୀ - ବାରିପଦା ଲାଇନ୍ (ଲୋକେସନ ନଂ. ୬୦୪ ରୁ ୬୬୩) | ୧୨.୦୧.୧୯ | ୦୭.୦୦-୧୬.୦୦ | ୧ |
| ୬. | ୧୩୨ କେଭି ମେରାମୁଣ୍ଡଳୀ-ଢେଙ୍କାନାଳ ଲାଇନ୍ | ୧୬.୦୧.୧୯ | ୦୭.୦୦-୧୬.୦୦ | ୧ |
| ୭. | ୨୨୦ କେଭି ମେରାମୁଣ୍ଡଳୀ-ଭଞ୍ଜନଗର ସର୍କିଟ୍-I | ୧୯.୦୧.୧୯ ରୁ ୨୧.୦୧.୧୯ | ୦୭.୦୦-୧୬.୦୦ | ୩ |
| ୮. | ମେରାମୁଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୯. | ମେରାମୁଣ୍ଡଳୀ ୪୦୦/ ୨୨୦ କେଭି ଆଇସିଟି -I ଟ୍ରାନ୍ସଫର୍ମରର କଣ୍ଡିସନିଙ୍ଗ୍ ମନିଟରିଙ୍ଗ୍ ପରିକ୍ଷଣ, ଇକ୍ୟୁପ୍‌ମେଣ୍ଟ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ | ୨୦.୦୧.୧୯ ଏବଂ ୨୧.୦୧.୧୯ | ୦୭.୦୦-୧୬.୦୦ | ୨ |
| ୧୦. | ୧୩୨ କେଭି ମେରାମୁଣ୍ଡଳୀ - ବିଆରଜି ଫିଡର | ୨୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ମେରାମୁଣ୍ଡଳୀ-ଆରତୀ ଲାଇନ୍ | ୨୪.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୨. | ୧୩୨ କେଭି ଢେଙ୍କାନାଳ-ଯୋରନ୍ଦା ଟ୍ରାକ୍ସନ୍ ଲାଇନ୍ | ୨୭.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୩. | ମେରାମୁଣ୍ଡଳୀ ୪୦୦/ ୨୨୦ କେଭି ଆଇସିଟି -II ଟ୍ରାନ୍ସଫର୍ମରର କଣ୍ଡିସନିଙ୍ଗ୍ ମନିଟରିଙ୍ଗ୍ ପରିକ୍ଷଣ, ଇକ୍ୟୁପ୍‌ମେଣ୍ଟ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ | ୨୭.୦୧.୧୯ ଏବଂ ୨୮.୦୧.୧୯ | ୦୭.୦୦-୧୬.୦୦ | ୨ |
| ୧୪. | ୨୨୦ କେଭି ମେରାମୁଣ୍ଡଳୀ - ଡୁବୁରି ସର୍କିଟ୍ -II | ୨୮.୦୧.୧୯ ରୁ ୩୦.୦୧.୧୯ | ୦୭.୦୦-୧୬.୦୦ | ୩ |
| ୧୫. | ୨୨୦/ ୧୩୨ କେଭି ଅଟୋ - I ମେରାମୁଣ୍ଡଳୀ | ୨୯.୦୧.୧୯ | ୦୭.୦୦-୧୬.୦୦ | ୧ |
| ୧୬. | ୨୨୦/ ୧୩୨ କେଭି ଅଟୋ - II ମେରାମୁଣ୍ଡଳୀ | ୩୦.୦୧.୧୯ | ୦୭.୦୦-୧୬.୦୦ | ୧ |

# ଆଇନ ଅଦାଲତ



## ସମଲିଙ୍ଗୀ ସମ୍ପର୍କ ବୈଧ

ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ରଖାଯାଉଥିବା ସମ୍ପର୍କ ଆଉ ଅପରାଧ ଭାବେ ପରିଗଣିତ ହେବନାହିଁ ବୋଲି ସେପ୍ଟେମ୍ବର ୬ରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଲେ। ଏଥିସହ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ୧୮୬୦ର ଦଫା ୩୭୭କୁ ସର୍ବୋଚ୍ଚ ଅଦାଲତ ଅଯୌକ୍ତିକ, ଅସମର୍ଥନୀୟ ଓ ସ୍ପଷ୍ଟ ସ୍ୱେଚ୍ଛାଚାରିତା ଭାବେ ଅଭିହିତ କରି ଅପରାଧମୁକ୍ତ କଲେ। ଏହି ୧୫୮ ବର୍ଷ ପୁରୁଣା ଆଇନ ସମ୍ବିଧାନ ପ୍ରଦତ୍ତ ସମାନତା ଓ ସସମ୍ମାନେ ବଞ୍ଚିବା ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସ୍ପଷ୍ଟ କଲେ। ଏହି ଯୁଗାନ୍ତକାରୀ ରାୟକୁ ସ୍ତ୍ରୀ ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅସ୍ୱାଭାବିକ ସମ୍ପର୍କ ରକ୍ଷାକାରୀ (ଏଲଜିବିଟିକ୍ୟୁ) ଗୋଷ୍ଠୀ ସ୍ୱାଗତ କରି ଦେଶବ୍ୟାପୀ ଉତ୍ସବ ମନାଇଥିଲେ।




## ରାଫାଲ-କ୍ଲିନଚିଟ୍

ଫ୍ରାନ୍ସରୁ ୩୬ଟି ରାଫାଲ୍ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ସ୍ପଷ୍ଟ କଲେ। ଏହାସହ ୫୮ ହଜାର କୋଟି ଟଙ୍କାର ରାଫାଲ୍ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଟିଶନକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଖାରଜ କଲେ। ନରେନ୍ଦ୍ର ମୋଦି ସରକାର ଏହାକୁ ସର୍ବୋଚ୍ଚ ଅଦାଲତଙ୍କ କ୍ଲିନ୍‌ଚିଟ୍ ଭାବେ ଅଭିହିତ କରିଥିବାବେଳେ ଏନ୍‌ଡିଏର ଚାଲାକିକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ବିରୋଧୀ। ଶୀର୍ଷ ଅଦାଲତଙ୍କ ରାୟ କେନ୍ଦ୍ରକୁ ଆଶ୍ୱସ୍ତି ପ୍ରଦାନ କରିଥିବାବେଳେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଟଳ ରହିଛି କଂଗ୍ରେସ।

## ଆଧାର ବୈଧତା ବଜାୟ

ଆଧାର ବୈଧ। ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ସେପ୍ଟେମ୍ବର ୨୬ରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଲେ। ସର୍ବୋଚ୍ଚ ଅଦାଲତ ସାମାଜିକ ଯୋଜନାଗୁଡ଼ିକର ସୁବିଧା ହାସଲ ପାଇଁ ଆଧାରର ବୈଧତାକୁ ସୀମିତ ରଖିଥିବାବେଳେ ମୋବାଇଲ୍ ଫୋନ୍, ବ୍ୟାଙ୍କ ଆକାଉଣ୍ଟ ଓ ସ୍କୁଲରେ ନାମଲେଖା ଭଳି କ୍ଷେତ୍ରରେ ଏହାର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିବା ସହ ଏଥିରେ ଥିବା କେତେକ ନିୟମକୁ ବାଦ୍ ଦେଲେ। ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠଙ୍କ ଏହି ସନ୍ତୁଳିତ ରାୟକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାଜପା ରାୟକୁ କେନ୍ଦ୍ର ସରକାରଙ୍କ ବିଜୟ ବୋଲି ଅଭିହିତ କରିଥିବାବେଳେ କଂଗ୍ରେସ ଏହାକୁ ଭିନ୍ନ ଦୃଷ୍ଟିକୋଣରୁ ସ୍ୱାଗତ କରିଥିଲା।



ଆଉ ତିନିଦିନ ବିତିଲେ ବିଦାୟ ନେବ ଦୁଇହଜାର ଅଠର। ଅନେକ ପ୍ରମୁଖ ଘଟଣାର ମୂକସାକ୍ଷୀ ସମୟ ସ୍ରୋତରେ ଅପସରିଯିବ କ୍ୟାଲେଣ୍ଡର ପୃଷ୍ଠାରୁ ହେଲେ ବିଦାୟୀ ବର୍ଷ ସ୍ମରଣୀୟ ହୋଇରହିବ ସର୍ବୋଚ୍ଚ ଅଦାଲତଙ୍କ କେତୋଟି ଐତିହାସିକ ରାୟକୁ ନେଇ। ଆଧାରର ବୈଧତା ବଜାୟ ହେଉ ଅଥବା ରାଫାଲ ଚୁକ୍ତିକୁ କ୍ଲିନ୍‌ଚିଟ୍, ସମଲିଙ୍ଗୀ ସମ୍ପର୍କ ଓ ପରକୀୟା ପ୍ରୀତିକୁ ଅପରାଧମୁକ୍ତ ଘୋଷଣା ହେଉ ଅବା ସାବରିମାଲା ମନ୍ଦିରରେ ମହିଳାଙ୍କୁ ପ୍ରବେଶ ଅନୁମତି ସୁପ୍ରିମକୋର୍ଟଙ୍କ ପ୍ରତ୍ୟେକ ନିଷ୍ପତ୍ତି ଦେଶର ବିଚାର ବ୍ୟବସ୍ଥା ଇତିହାସରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇ ରହିବ। ଏବର୍ଷ ନ୍ୟାୟପାଳିକାର ଚର୍ଚ୍ଚିତ ଓ ନିର୍ଣ୍ଣାୟକ ରାୟକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା 'ଆଇନ ଅଦାଲତ'।



## ଅଯୋଧ୍ୟା ଶୁଣାଣି

ଇସ୍‌ଲାମ ଧର୍ମର ପ୍ରଥା ପାଳନ ପାଇଁ ମସ୍‌ଜିଦ ନିହାତି ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ। ମୁସଲମାନ ଧର୍ମାବଲମ୍ବୀମାନେ କେବଳ ମସ୍‌ଜିଦରେ ନମାଜ ପାଠ କରିବେ, ସେନେଇ କୌଣସି ଧରାବନ୍ଧା ନିୟମ ନାହିଁ। ଖୋଲା ଜାଗାରେ ମଧ୍ୟ ନମାଜ ପଢ଼ିହେବ ବୋଲି ୧୯୯୪ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ସମୀକ୍ଷା ଲାଗି ହୋଇଥିବା ଆବେଦନକୁ ସେପ୍ଟେମ୍ବର ୨୭ରେ ଅଗ୍ରାହ୍ୟ କରିଦେଇଥିଲେ ସର୍ବୋଚ୍ଚ ଅଦାଲତ। ବୃହତ୍ ସାମ୍ବିଧାନିକ ପୀଠକୁ ଏହି ମାମଲା ହସ୍ତାନ୍ତର କରାଯିବ ନାହିଁ ବୋଲି ୨:୧ ରାୟରେ କୋର୍ଟ ସ୍ପଷ୍ଟ କରିଥିଲେ। ଏହି ରାୟ



ପରେ ଅଯୋଧ୍ୟା ଜମି ବିବାଦର ମୁଖ୍ୟ ମାମଲା ଉପରେ ନ୍ୟାୟିକ ଲଢ଼େଇ ପାଇଁ ପଥ ପରିଷ୍କାର ହୋଇଥିଲା। ରାୟକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ସମେତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା।

## ସାବରିମାଲାରେ ମହିଳାଙ୍କୁ ପ୍ରବେଶ ଅଧିକାର



କେରଳର ସାବରିମାଲାସ୍ଥିତ ପ୍ରସିଦ୍ଧ ଆୟାପ୍ପା ମନ୍ଦିରରେ ଏଣିକି ମହିଳାମାନେ ପ୍ରବେଶ କରିପାରିବେ। ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ନିର୍ମିତ ଏହି ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଓ ପୂଜାର୍ଚ୍ଚନା ଉପରେ ଜାରି କରାଯାଇଥିବା କଟକଣାକୁ ସେପ୍ଟେମ୍ବର ୨୮ରେ ସୁପ୍ରିମକୋର୍ଟ ଉଠାଇ ଦେଇଥିଲେ। ଲିଙ୍ଗଗତ ପ୍ରଭେଦ ଦୃଷ୍ଟିରୁ ଧର୍ମପୀଠରେ ହିନ୍ଦୁ ମହିଳାଙ୍କ ପ୍ରବେଶକୁ ନିଷିଦ୍ଧ କରାଯିବା ସେମାନଙ୍କ ଅଧିକାରର ଉଲ୍ଲଂଘନ ବୋଲି ସିଜେଆଇ ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ସାମ୍ବିଧାନିକ ପୀଠ ଅବିହିତ କରିଥିଲେ। ଏଥିସହ ଏହି ପରମ୍ପରା ସ୍ୱତଃ ଉଚ୍ଛେଦ ହୋଇଯାଇଛି। ମହିଳା ଅଧିକାର କର୍ମୀମାନେ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟକୁ ସ୍ୱାଗତ କରିଛନ୍ତି। ହେଲେ ବିକ୍ଷୋଭକାରୀଙ୍କ ବିରୋଧ ଯୋଗୁ ଅଦ୍ୟାବଧି ସାବରିମାଲା ମନ୍ଦିରକୁ ମହିଳାଙ୍କ ପ୍ରବେଶ ହୋଇପାରିନାହିଁ।

## ଅପରାଧ ନୁହେଁ ପରକୀୟା ପ୍ରୀତି



ପରକୀୟା ପ୍ରୀତି ବା ବ୍ୟଭିଚାର ଅପରାଧ ନୁହେଁ। ବିବାହିତ ପୁରୁଷ ଅନ୍ୟ ସ୍ତ୍ରୀ ଅଥବା ବିବାହିତା ସ୍ତ୍ରୀ ଅନ୍ୟ ପୁରୁଷ ସହିତ ଯୌନ ସମ୍ପର୍କ ରଖିବା ଆଇନତଃ ଦଣ୍ଡନୀୟ ନୁହେଁ ବୋଲି ସେପ୍ଟେମ୍ବର ୨୭ରେ ସୁପ୍ରିମକୋର୍ଟ ସ୍ପଷ୍ଟ କଲେ। ଆଇପିସିର ଦଫା ୪୯୭ ମହିଳାମାନଙ୍କଠାରୁ ଯୌନ ପସନ୍ଦ ଅଧିକାରକୁ ଛଡ଼ାଇନିଏ। ତେଣୁ ଯୌନ ସ୍ୱାଧୀନତାର ବିରୁଦ୍ଧାଚରଣ କରୁଥିବା ଏହି ଏକତରଫା ଓ ଅସାମ୍ବିଧାନିକ ଦଣ୍ଡବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ଜରୁରୀ ବୋଲି ସିଜେଆଇ ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ସାମ୍ବିଧାନିକ ପୀଠ ରାୟ ଦେଲେ। ଏଥିସହ ଦଫା ୪୯୭କୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି ଅଭିହିତ କରିବା ସହ ଏହାକୁ ଅପରାଧମୁକ୍ତ ଘୋଷଣା କଲେ। ଫଳରେ ୧୫୮ ବର୍ଷ ପୁରୁଣା ଏସଂକ୍ରାନ୍ତ ଆଇନ ସ୍ୱତଃ ଅକାମୀ ହୋଇଗଲା। ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଇଚ୍ଛାମୃତ୍ୟୁ ଆଇନସିଦ୍ଧ

ଭାରତର ସମ୍ବିଧାନର ଧାରା ୨୧ ନାଗରିକଙ୍କୁ ଜୀବନଧାରଣର ଅଧିକାର ଦେଇଛି। ସମ୍ମାନର ସହ ବଞ୍ଚିବା ସମସ୍ତଙ୍କ ମୌଳିକ ଅଧିକାର। ଠିକ୍ ସେହିପରି ସସମ୍ମାନେ ମରିବା ମଧ୍ୟ ଏକ ମୌଳିକ ଅଧିକାର ଭାବେ ପରିଗଣିତ। ରୋଗୀ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଚାହୁଁଥିଲେ ତାଙ୍କର ଜୀବନ ରକ୍ଷାକାରୀ ଉପଚାର ହଟାଇ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ସୁଯୋଗ ଦିଆଯିବ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ରୋଗୀ ସାବାଳକ ହୋଇଥିବା ଏବଂ ଆଗକୁ ଚିକିତ୍ସା ଗ୍ରହଣ କରିବାକୁ ଚାହୁଁ ନ ଥିବା ବିଷୟ ଇଚ୍ଛାପତ୍ରରେ ଉଲ୍ଲେଖ କରିବା ଜରୁରୀ। ଏଭଳି ସ୍ଥଳେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ହେବେ ନାହିଁ ବୋଲି ମାର୍ଚ୍ଚ ୯ରେ ସୁପ୍ରିମକୋର୍ଟ ୫୩୮ ପୃଷ୍ଠାର ଯୁଗାନ୍ତକାରୀ ରାୟ ଦେଇଥିଲେ।



ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏନ୍‌ଜିଓ 'କମନ୍ କଜ୍' ପକ୍ଷରୁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି 'ୟୁଥାନାସିଆ'କୁ ନେଇ ଦେଇଥିବା ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହାକୁ ପ୍ରଶଂସା କରିଥିବାବେଳେ ଆଉ କେତେକେ ନିନ୍ଦା କରିଥିଲେ।

## ନିର୍ଭୟା ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ଜଣେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ଫିଲ୍ମ ଦେଖି ଏକ ଘରୋଇ ବସରେ ଫେରୁଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ। ୬ ଅଭିଯୁକ୍ତ ପାଶବିକ ଲାଳସା ଚରିତାର୍ଥ କରିବା ପରେ ବସରୁ ଛାତ୍ରୀ ଓ ପୁରୁଷ ବନ୍ଧୁଙ୍କୁ ନିର୍ଦ୍ଦୟ ଭାବେ ଫିଙ୍ଗିଦେଇଥିଲେ। ପୀଡ଼ିତାଙ୍କୁ ସିଙ୍ଗାପୁର ନିଆଯାଇ ଏଲିଜାବେଥ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।




୧୩ ଦିନ ଧରି ଜୀବନ ସହ ସଂଗ୍ରାମ କରିବା ପରେ ଶେଷରେ ପୀଡ଼ିତା ୨୯ ତାରିଖ ରାତିରେ ଆଖିବୁଜି ଦେଇଥିଲେ। ଏହି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଏହି ବହୁଚର୍ଚ୍ଚିତ ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦିଆଯିବ ବୋଲି ୨୦୧୮ ଜୁଲାଇ ୯ରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ପୂର୍ବରୁ ସର୍ବୋଚ୍ଚ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅକ୍ଷୟ କୁମାର ସିଂ(୩୧) ଦଣ୍ଡ ସ୍ୱୀକାର କରି ପୁନର୍ବିଚାର ପାଇଁ ଆବେଦନ କରି ନ ଥିବାବେଳେ ମୁକେଶ ସିଂ(୨୯), ପବନ ଗୁପ୍ତା(୨୨) ଓ ବିନୟ ଶର୍ମା (୨୩) ରିଭ୍ୟୁ ପିଟିଶନ ଦାଏର କରିଥିଲେ। ୨୦୧୩ ମାର୍ଚ୍ଚ ୧୧ରେ ତିହାର ଜେଲରେ ରାମ ସିଂ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ସେହି ବର୍ଷ ଜୁଲାଇ ୧୧ରେ ଜୁଭେନାଇଲ ଜଷ୍ଟିସ ବୋର୍ଡ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରି ଅଗଷ୍ଟ ୩୧ରେ ୩ ବର୍ଷ ପାଇଁ ବାଳ ସୁଧାର ଗୃହକୁ ପଠାଇଦେଇଥିଲେ।

## ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ



ଆଗକୁ ଘରେ ବସି କ୍ରିକେଟ ଖେଳ ଭଳି କୋର୍ଟରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ଟିଭି ଚ୍ୟାନେଲରେ ଦେଖିହେବ। ସେପ୍ଟେମ୍ବର ୨୬ରେ ସୁପ୍ରିମକୋର୍ଟ ଏନେଇ ଅନୁମତି ପ୍ରଦାନ କରିଥିଲେ। ଜନସାଧାରଣଙ୍କ ଅଧିକାରରେ ସନ୍ତୁଳନ ଆଣି ଆବେଦନକାରୀଙ୍କ ଗରିମା ସୁରକ୍ଷିତ ରଖିବା ଓ ବିଚାର ପ୍ରକ୍ରିୟାକୁ ଅଧିକ ନିରପେକ୍ଷ କରିବା ଲାଗି କୋର୍ଟ ପ୍ରସିଡିଂର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଜରୁରୀ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ।

## ଲଢ଼ିପାରିବେ ଦାଗୀ ନେତା

ଦାଗୀ ନେତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏପରି କି ଯେଉଁମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିବ ସେମାନେ ମଧ୍ୟ ପ୍ରାର୍ଥୀ ହୋଇପାରିବେ। ଏଭଳି ନେତାଙ୍କୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବାକୁ ସେପ୍ଟେମ୍ବର ୨୫ରେ ସୁପ୍ରିମକୋର୍ଟ ମନା କରିଦେଲେ। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏ ସଂକ୍ରାନ୍ତ ଆଇନ ପ୍ରଣୟନ ଲାଗି ପାର୍ଲାମେଣ୍ଟ ଉପରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ଛାଡ଼ିଦେଲେ। ଏହାସହ ପ୍ରାର୍ଥୀଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଭୋଟରଙ୍କ ଅବଗତି ନିମନ୍ତେ ନିଜ ୱେବ୍‌ସାଇଟ୍ ତଥା ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଲେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ।

## ନଦୀ ରାଜ୍ୟର ସମ୍ପତ୍ତି ନୁହେଁ

ନଦୀ କୌଣସି ରାଜ୍ୟର ନୁହେଁ, ବରଂ ଜାତୀୟ ସମ୍ପତ୍ତି। ଏହା ଉପରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ରାଜ୍ୟ ନିଜ କର୍ତ୍ତୃତ୍ୱ ଜାହିର କରିପାରିବ ନାହିଁ। ପ୍ରବାହମାନ ଧାରାର ଜଳ ଉପରେ କୌଣସି ଭୂଖଣ୍ଡର ଅଧିବାସୀ ବା ସରକାରଙ୍କ ଏକଚାଟିଆ ଅଧିକାର ନାହିଁ। କାବେରୀ ଜଳକୁ ନେଇ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ଫେବୃୟାରୀ ୧୬ରେ ଏହା ସ୍ପଷ୍ଟ କରିଥିଲେ ସୁପ୍ରିମକୋର୍ଟ। ଆନ୍ତଃ ରାଜ୍ୟ ଜଳ ବିବାଦ ମାମଲାର ବହୁ ପ୍ରତୀକ୍ଷିତ ରାୟ ଶୁଣାଇ ସର୍ବୋଚ୍ଚ ଅଦାଲତ ୨୦୦୭ରେ କାବେରୀ ୱାଟର ଡିସ୍‌ପ୍ୟୁଟ୍ ଟ୍ରିବ୍ୟୁନାଲ (ସିଡବ୍ଲ୍ୟୁଡିଟି)ଙ୍କ ଦ୍ୱାରା ନିର୍ଦ୍ଧାରିତ ଆବଣ୍ଟନ ସୂତ୍ରରେ ପରିବର୍ତ୍ତନ ଆଣିଥିଲେ। ଏହାକୁ କର୍ଣ୍ଣାଟକ ସ୍ୱାଗତ କରିଥିବାବେଳେ ତାମିଲନାଡୁକୁ ଶକ୍ତ ଝଟକା ଲାଗିଥିଲା।

## ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ୍

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀ ହାଇକୋର୍ଟ ଡିସେମ୍ବର ୧୭ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଥିଲେ। ସେ ଜୀବନ କାଳ ପର୍ଯ୍ୟନ୍ତ ଜେଲ୍‌ରେ କଟାଇବେ। ଏହି ଦଙ୍ଗା ମାନବିକତା ବିରୋଧରେ ଅପରାଧ ଥିଲା। ଦଙ୍ଗା ଘଟାଇଥିବା ଲୋକମାନଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଛି। ସତ୍ୟ ପଦାକୁ ଆସିବା ଓ ମୃତକଙ୍କ ପରିବାରକୁ ନ୍ୟାୟ ମିଳିବା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅଦାଲତ କହିଥିଲେ। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ରାୟ ବିରୋଧରେ ସଜ୍ଜନ କୁମାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



## ସଂକ୍ଷେପରେ

### ଓସ୍ତର କଳିଙ୍ଗ କପ୍ କ୍ରିକେଟ୍: ରାମେଶ୍ୱର ସ୍ପୋର୍ଟିଂ ସେମିରେ

**ମାର୍ଶାଘାଇ, ୨୭।୧୨ (ଡିଏନଏ):** ମାର୍ଶାଘାଇ ଥାନା ତେରଗାଁ ପଞ୍ଚାୟତ ଓସ୍ତରହାଟ ଖେଳପଡିଆରେ ଚାଲିଥିବା କଳିଙ୍ଗ କପ୍ କ୍ରିକେଟ୍ ଟର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୁରୁବାର ଯାଜପୁର ଇଲେଭେନ୍ ଷ୍ଟାରକୁ ବୃହତ ବ୍ୟବଧାନରେ ହରାଇ ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୫୬ ରନ୍ ସଂଗ୍ରହ କରିଥିଲା। ଅଂଶୁମାନ ପଟ୍ଟନାୟକ ଅପରାଜିତ ଶତକ ୧୦୯ (୫୭) ଏବଂ କାଳିଆ ସାହୁ ୩୧(୧୩) ରନ୍ କରିଥିଲେ। ଜବାବରେ ଯାଜପୁର ଟିମ୍ ୨୦.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୦୬ରନ୍ କରିପାରିଥିଲା। ଫଳରେ ବ୍ରହ୍ମପୁର ଟିମ୍ ୧୫୦ରନ୍ ବ୍ୟବଧାନର ବୃହତ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଅଂଶୁମାନ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ଅମ୍ବିକା ପ୍ରତିଷ୍ଠାନ ତରଫରୁ ପୁରସ୍କୃତ ହୋଇଥିଲେ।

### ସରକାରୀ ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ

**ପାଟକୁରା, ୨୭।୧୨ (ଡି.ଏନ୍.ଏ.) :** ଗରଦପୁର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସରକାରୀ ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଲୋକ ସେବା ଅଧିକାର ୨୦୧୨ ଆଇନ୍ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦିଗରେ ଲୋକଙ୍କୁ ସଚେତନ କରିବା ସହ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ସ୍ୱଚ୍ଛତା ଅବଲମ୍ବନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଏଠାରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗରଦପୁର ବିଡିଓ ଧରଣୀଧର ବେହେରା, ପ୍ରାଣୀଧନ ଚିକିତ୍ସକ ସଞ୍ଜୟ କୁମାର ବେହେରା, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟା ଅହଲ୍ୟା ଲେଙ୍କା, ବ୍ଲକ ଚେୟାରମ୍ୟାନ୍ ସ୍ୱର୍ଣ୍ଣପ୍ରଭା ସେଠୀ, ମତ୍ସ୍ୟ ଅଧିକାରୀ ଶଙ୍କର୍ଷଣ ପଣ୍ଡା, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

### ଆମ୍ବେଡକର ଲୋହିଆ ବିଚାରମଞ୍ଚର ବୈଠକ

**ରାଜନଗର, ୨୭।୧୨ (ଡିଏନଏ):** ଆମ୍ବେଦକର ଲୋହିଆ ବିଚାରମଞ୍ଚ ପକ୍ଷରୁ ରାଜନଗର ଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରବିନ୍ଦ୍ର ନାଥ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର, ଆଳି, ପଟ୍ଟାମୁଣ୍ଡାଇ, ମହାକାଳପଡା ବ୍ଲକର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ ଦଳିତବର୍ଗର ବିଭିନ୍ନ ସମସ୍ୟା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆମ୍ବେଦକର ଲୋହିଆ ବିଚାର ମଞ୍ଚର ରାଜନଗର ବ୍ଲକ ସଭାପତି ବାସବ ନାୟକ, ସଂପାଦକ ବାମନ ଚରଣ ଜେନା, ଉପଦେଷ୍ଟା ତଥା ଜିଲା ପରିଷଦ ସଭ୍ୟ ରବିନ୍ଦ୍ର କୁମାର ସେଠୀ, ଜିଲା ପରିଷଦ ସଭ୍ୟା ସବିତା ସେଠୀ, କମିଟି ସଦସ୍ୟ ରାଜକିଶୋର ମୁଦୁଲି, ମଥୁରାନନ୍ଦ ମଲ୍ଲିକ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ପରୀକ୍ଷିତ ମଲ୍ଲିକ, ଇଶ୍ୱର ମଲ୍ଲିକ, ଉପସଭାପତି ବାବାଜୀ ମଳିକ, ଉମାକାନ୍ତ ମଳିକ, ଆରତ ମଳିକ, ଆଳି ବ୍ଲକର ସଭାପତି ବିଷ୍ଣୁ ମଳିକ, ହାସିନା ବେଗମ, ଉପଦେଷ୍ଟା ରମେଶ ମଳିକ, ମହାକାଳପଡା ବ୍ଲକ ସଭାପତି ପ୍ରମୋଦ ମଳିକ, ରୋହିତ ମଳିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ସ୍ମୃତିଚାରଣ ସଭା

**ରାଜକନିକା, ୨୭।୧୨ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ଯୁବକ ସଂଘର ପ୍ରାକ୍ତନ ସଭାପତି ବସନ୍ତ କୁମାର ସାହୁଙ୍କ ଏକାଦଶାହ ଉପଲକ୍ଷେ ଇତିମଧ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଜନ୍ମମାଟି ବଳରାମପୁର ପଞ୍ଚାୟତର ସାତଘରିଆ ଗ୍ରାମରେ ଆୟୋଜିତ ଏହି ସଭାରେ ପ୍ରାକ୍ତନ ସମିତିସଭ୍ୟ କୈଳାସ ଚନ୍ଦ୍ର ବେହୁରା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ବଳରାମପୁର ପଞ୍ଚାୟତର ସରପଞ୍ଚ ସୁବଳ ଚରଣ ସାହୁ ,ଓଳାଭର ଯୁବକସଂଘର ସଭାପତି ସୁବାସ ଚନ୍ଦ୍ର ସାହୁ, ଅଶୋକ କୁମାର ଦାସ, ମନୋଜ କୁମାର ପରିଡା, ସନାତନ ପୃଷ୍ଟି, ରମାକାନ୍ତ ଦାସ, ସୁଧୀର ଚନ୍ଦ୍ର ପଲାଇ, ନଳିନୀକାନ୍ତ ପୃଷ୍ଟି ଓ ସୁବାସ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ।

## ■ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

# ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବିକ୍ରି



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୨୭।୧୨**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ଗତ ୨୦ରୁ ଚାଲିଥିବା ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଚଳିତ ପଲ୍ଲିଶ୍ରୀ ମେଳାରେ ୭୬,୪୦,୨୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ଓର୍‌ମାସ ପକ୍ଷରୁ ସୂଚନା ଦିଆଯାଇଛି । ଓର୍‌ମାସ, ଜିଲା ସଂସ୍କୃତି ବିଭାଗ, ଜିଲା ଶିଳ୍ପ କେନ୍ଦ୍ର, ନାବାର୍ଡ ଓ ଅନ୍ୟ ଲାଇନ୍ ଡିପାର୍ଟମେଣ୍ଟର ସହଯୋଗରେ ଆୟୋଜିତ ଏହି ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗ୍ରାମୀଣ ଉତ୍ପାଦ ବିକ୍ରି ଓ ଗ୍ରାହକଙ୍କ ଧ୍ୟାନ ଆକର୍ଷଣ ପାଇଁ ଏହି ମେଳା ଆୟୋଜନ କରାଯାଇଥିବା ଅତିଥିମାନେ କହିଥିଲେ । ଏହି ଅବସରରେ ସ୍ୱୟଂସିଦ୍ଧା ଏସ୍‌ଏସ୍‌ଜି, ମା' ସନ୍ତୋଷୀ ଏସ୍‌ଏସ୍‌ଜି, ବାରୋ ଏସ୍‌ଏସ୍‌ଜିଙ୍କ ସହ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିତୁ ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସେଠୀ, ସୁକାନ୍ତ କୁମାର ସାହୁ ଓ କନକଲତା ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଏହାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ଓର୍‌ମାସ ପକ୍ଷରୁ ୨୦୯ଟି ଷ୍ଟଲ ନିର୍ମାଣ କରାଯାଇଥିଲା। ମେଳାରେ ରାଜ୍ୟର ୩୦ ଜିଲା ଓ ବାହାର ୫ ରାଜ୍ୟର ବିକ୍ରେତାଙ୍କୁ ସାମିଲ କରାଯାଇଥିଲା । ଜିଲା ସଂସ୍କୃତି ବିଭାଗ ପକ୍ଷରୁ ୨୦ରୁ ୨୬ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ଅନ୍ୟ ରାଜ୍ୟରୁ ଆସିଥିବା କଳାକାରମାନେ ସାମିଲ ହୋଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ।

## ଅଗ୍ନିକାଣ୍ଡରେ ଧାନ ସହ ଗାଡ଼ି ଜଳିଗଲା


ପୋଡିଯାଇଥିବା ମିନିଟ୍ରକ୍।

**ମାର୍ଶାଘାଇ,୨୭।୧୨(ଡିଏନଏ)**

ଗୁରୁବାର ମାର୍ଶାଘାଇ ବ୍ଲକର ଦଶିପୁର ଗ୍ରାମ ନିକଟରେ ଧାନ ବୋଝେଇ ଏକ ମିନି ଟ୍ରକରେ ନିଆଁ ଲାଗିଯିବାରୁ ଅମଳ ହୋଇଥିବା ଧାନ ପୋଡିଯାଇଛି । ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୨ଟା ସମୟରେ ସ୍ଥାନୀୟ ବାଲିକଷୋଟି ଗ୍ରାମର ଧନେଶ୍ୱର ପ୍ରଧାନ ଦଶିପୁର ଗ୍ରାମରେ ଥିବା ନିଜ ଜମିରୁ ଧାନ କାଟି ତାହାକୁ ମିନି ଟ୍ରକରେ ଲଦି ଗ୍ରାମକୁ ଫେରୁଥିଲେ । ତେବେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମିନିଟ୍ରକରେ ନିଆଁ ଲାଗି ଧାନ ସହ ଗାଡି ପୋଡି ଯାଇଥିବା କୁହାଯାଉଛି । ଖବରପାଇ ମାର୍ଶାଘାଇରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କ୍ଷୟକ୍ଷତିର ପରିମାଣ ଜଣାପଡିନାହିଁ ।

# ବାୟୀ ସାହି ହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

## ■କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଧାରଣା ଚେତାବନୀ

**ରାଜକନିକା, ୨୭।୧୨(ଡି.ଏନ୍.ଏ.)**

ରାଜକନିକା ଥାନା ଓଳାଭର ବାୟୀ ସାହିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଗ୍ରାମବାସୀ ଗୁରୁବାର ଦାବି କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ତରଫରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ସମ୍ମିଳନୀରେ ହତ୍ୟାକାଣ୍ଡ ପାଇଁ ଜେଲରେ ଥିବା ଯୁବକଙ୍କ ଭାଉଜ ବନ୍ଦନା ବାୟୀଙ୍କୁ ଗ୍ରାମବାସୀ ଦାୟୀ କରିଥିବାବେଳେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ ସୁରଜିତ୍ ବାୟୀ, ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏହି ଘଟଣାର ତଦନ୍ତ ପାଇ ସେମାନେ ସମ୍ମିଳନୀରେ କରିଛନ୍ତି। ଆସନ୍ତା ୩୦ ସୁଦ୍ଧା ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଜାନୁୟାରୀ ୩ରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅଖିଳ ଭାରତ ଅଣ ସଙ୍ଗଠିତ ଶ୍ରମିକ କଂଗ୍ରେସର କେନ୍ଦ୍ରପଡ଼ା ଜିଲା ସଭାପତି ନଳିନୀକାନ୍ତ ପୃଷ୍ଟି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ପୃଷ୍ଟି, ଅସିତ୍ କୁମାର ପଣ୍ଡା, ବିଜୟ ବାୟୀ ଓ ମୃତକଙ୍କ ମା' ସରୋଜିନୀ ବାୟୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୧୫ରେ ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଏନେଇ ଏକ ଖବରଦାତା ସମ୍ମିଳନୀ ଡକାଯାଇ ବନ୍ଦନାକୁ ନିର୍ଦ୍ଦୋଷ ବୋଲି କହିବା ସହ ଏହି ଘଟଣାର କ୍ରାଇମବାଞ୍ଚ ତଦନ୍ତ କରିବାକୁ ଦାବି କରିଥିଲେ।

## ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

**ଡେରାବିଶ, ୨୭।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳଠାରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ସିକୋ ଗ୍ରାମର ରବୀନ୍ଦ୍ର ସାମନ୍ତରାୟଙ୍କ ପୁଅ ଆଲୋକ(୨୮)। ଏକ ବାଲି ବୋଝେଇ ହାଇୱା କେନ୍ଦ୍ରାପଡ଼ାରୁ କଟକ ଆଡକୁ ଯାଉଥିବା ବେଳେ ଗାଡ଼ି ଆଗକୁ ଜଣେ ସାଇକେଲ ପଶି ଆସିଥିଲା। ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ହାଇୱାଟି ଆଲୋକଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ମୁମୂର୍ଷୁ ଅବସ୍ଥାରେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ହାଇୱାକୁ ଜବତ କରିଥିବା ବେଳେ ହାଇୱା ଡ୍ରାଇଭରଙ୍କୁ ଅଟକ ରଖିଛି।

## ■ ଡେରାବିଶ ମହୋତ୍ସବର ୩ୟ ସନ୍ଧ୍ୟା

# ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରେ ମହୋତ୍ସବ

**ଡେରାବିଶ, ୨୭।୧୨ (ସ୍ୱ.ପ୍ର.)**


ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ଅଧିବେଶନରେ ଉପସ୍ଥିତ ଅତିଥିବୃନ୍ଦ।

ସଂସ୍କୃତିର ବାର୍ତ୍ତାବହ ଭାବେ ମହୋତ୍ସବ ସାମାଜିକ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାରେ ସହାୟକ ହୋଇଥାଏ। ଡେରାବିଶ ମହୋତ୍ସବର ୩ୟ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ଅଧିବେଶନରେ ସାମାଜିକ କର୍ମୀ ହଳଧର ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ କଂଗ୍ରେସ ଲିଗାଲ୍ ସେଲ୍ ସଭାପତି ତଥା ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କଂଗ୍ରେସ ମିଡିଆ ସେଲ୍ ସମ୍ପାଦକ ସତ୍ୟପ୍ରକାଶ ନାୟକ ଓ ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଦାଶିବ ରାମାୟଣର ପ୍ରବକ୍ତା ବୈଶ୍ୟ ସଦାଶିବ, ଗାୟକ ଶିରୋମଣି ନିରଞ୍ଜନ କର, ସଙ୍ଗୀତ ସମ୍ରାଟ ଅକ୍ଷୟ ମହାନ୍ତିଙ୍କ ଜନ୍ମ ଏହି ମାଟିକୁ ଧନ୍ୟ କରିଛି ବୋଲି ଅତିଥିମାନେ କହିଥିଲେ। ଭୁବନେଶ୍ୱରର ଆରଧନା ଡ୍ୟାନ୍ସ ଗ୍ରୁପ, କେନ୍ଦ୍ରାପଡ଼ା ରୟାଲ ଡ୍ୟାନ୍ସ ଏକାଡେମୀ ଓ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଏବିସିଡି ଡ୍ୟାନ୍ସ ଗ୍ରୁପର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ଗୁରୁଚରଣ ସେଠୀ ଅତିଥି ପରିଚୟ ଓ ଅନନ୍ତ ଚରଣ ଭୂୟାଁ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟି ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଶାହାଜାହାନ୍ ଖାଁ, କରୁଣାକର କର, ମରୁତି ସ୍ୱାଇଁ, ଲକ୍ଷ୍ମୀକାନ୍ତ ଜେନା, ନୀଳମଣି ବେହେରା, ଅଭିମନ୍ୟୁ ରାଉତ, ଗୌରାଙ୍ଗ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରମିକ ମିଳିତ ମଞ୍ଚର ଜିଲାସ୍ତରୀୟ ସମାବେଶ

**କେନ୍ଦ୍ରାପଡା ଅଫିସ, ୨୭।୧୨**

ସହରର ଉର୍ଦ୍ଦୁ ଲାଇବ୍ରେରୀ ପରିସରରେ ଶ୍ରମିକ ସଂଗଠନ ମିଳିତ ମଞ୍ଚର ଜିଲାସ୍ତରୀୟ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୨ଦଫା ଦାବି ଉପସ୍ଥାପନ କରା ଯାଇଥିବା ଏହି ସମାବେଶରେ କୃଷ୍ଣ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ । ଏଥିରେ ଶ୍ରମିକ ନେତା ବାବାଜୀ ଧଳ, ଧନେଶ୍ୱର ରାଉତ, ଚିନ୍ମୟ ସାହାଣୀ, ବିଧୁଭୂଷଣ ମହାପାତ୍ର, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ସୁହାନା ବେଗମ, ଜଗତଜୀବନ ଦାସ, ଦୀପା ସାହୁ ଓ କଲ୍ୟାଣୀ ପୃଷ୍ଟି ପ୍ରମୁଖ ସାମିଲ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତିକୁ ସମାଲୋଚନା କରିଥିଲେ । ଏଥିସହ ଆସନ୍ତା ଜାନୁୟାରୀ ୮ ଓ ୯ରେ ଦେଶ ବ୍ୟାପୀ ସାଧାରଣ ଧର୍ମଘଟରେ ସାମିଲ ପାଇଁ ମିଳିତ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା ।

## ଆଳି ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରୁଛନ୍ତି।

**ଆଳି, ୨୭।୧୨ (ଡି.ଏନ୍.ଏ.)**

ଆଳି ମହାବିଦ୍ୟାଳୟର ୩୨ତମ କ୍ରୀଡା ଉତ୍ସବ ଗୁରୁବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଉତ୍ସବକୁ ମୁଖ୍ୟଅତିଥି କଲେଜ ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିସହ ପୂର୍ବତନ ଅଧ୍ୟକ୍ଷ ବିନୋଦ ବିହାରୀ ପତି, ସନ୍ନ୍ୟାସୀ ଚରଣ ଦାଶ, ଦୁର୍ଯ୍ୟୋଧନ ମଲ୍ଲିକ, ବିକ୍ରମ କୁମାର ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ଦୌଡ଼, ଶଟ୍ ପୁଟ, ଡିସ୍‌କସ୍ ଥ୍ରୋ, ଲଙ୍ଗଜମ୍ପ ଆଦି ପ୍ରତିଯୋଗିତା କରାଯାଇଥିଲା। ଆଥଲେଟିକ ଆସୋସିଏଶନର ଉପ ସଭାପତି ହରପ୍ରସାଦ ରଥ, ସୁବାସ ଚନ୍ଦ୍ର କର, ରତ୍ନକାନ୍ତ ମିଶ୍ର ଓ ଖେଳ ଶିକ୍ଷକ ଯୁଧିଷ୍ଠିର ଲେଙ୍କା ପରିଚାଳନା କରିଥିଲେ।


ମହାକାଳପଡା ବ୍ଲକ ବଉଳକୋଳି ପଞ୍ଚାୟତ ଅନ୍ତର୍ଗତ ସିଂପଡା ଗ୍ରାମର କେତେଜଣ ଆଦିବାସୀ ପିଲା କୋଦାଳରେ ମୂଷା ଗାତ ଖୋଳି ସେଥିରୁ ଧାନ ସଂଗ୍ରହ କରୁଛନ୍ତି।

## ଜୋନ୍‌ସ୍ତରୀୟ ବିଜେଡି ପ୍ରତିଷ୍ଠା ଉତ୍ସବ



ଉତ୍ସବରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

**ମାର୍ଶାଘାଇ, ୨୭।୧୨(ଡିଏନଏ)**

ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ହାଟ ପଡିଆରେ ପାଟକୁରା ନିର୍ବାଚନମଣ୍ଡଳୀର ଜୋନ୍‌ସ୍ତରୀୟ ବିଜେଡି ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ କର୍ମୀମାନେ ଲୋକଙ୍କ ନିକଟତର ହେବାକୁ କହିଥିଲେ। ଉତ୍ସବରେ ଗରଦପୁର ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଜିଲା ବିଜେଡି ଉପସଭାପତି ପ୍ରମୋଦ କୁମାର ରଥ ଯୋଗ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ ମାହାଳି, ଅମୀୟ ପରିଡା, ୨୪ନଂ ଜୋନ୍ ମହିଳା ନେତ୍ରୀ ଜୟନ୍ତୀ ବେହେରା, ରବିନ୍ଦ୍ରନାଥ ପଣ୍ଡା, ହରେକୃଷ୍ଣ ପ୍ରଧାନ, ସରପଞ୍ଚ ଗୌରୀରାଣୀ ପ୍ରଧାନ ମଞ୍ଚାସୀନ ଥିଲେ। ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଧାୟକ ଅଗ୍ରୱାଲ ଜରିଆବରେଇ ପାନୀୟ ଜଳ ପ୍ରକଳ୍ପର ଉଦଘାଟନ, ରଘୁନାଥପୁର-ପେଣ୍ଠ ରାସ୍ତାର ଉନ୍ନତି କରଣ କାର୍ଯ୍ୟ, ପେଣ୍ଠ ନିକଟରେ ଜଳସେଚନ ସୁବିଧା ପାଇଁ ଏକ ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପାଟକୁରା ନିର୍ବାଚନମଣ୍ଡଳୀ ଦେଇ ପ୍ରବାହିତ ବିଭିନ୍ନ ନଦୀ ଉପରେ ଆଗାମୀ ଦିନରେ ୬ଟି ସେତୁ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ବିଧାୟକ କହିଥିଲେ।

## ■ ପଟ୍ଟାମୁଣ୍ଡାଇରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ

# ରାଜ୍ୟର ବିକାଶ ଧାରାରେ ସାମିଲ ହେବାକୁ ଆହ୍ୱାନ

**ପଟ୍ଟାମୁଣ୍ଡାଇ,୨୭।୧୨ (ସ୍ୱ.ପ୍ର)**

ରାଜ୍ୟ ସରକାର ଓଡିଶାବାସୀଙ୍କ ନିମନ୍ତେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ଧାରାରେ ସାମିଲ ହେବା ପାଇଁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବକ୍ତାରପୁର ପଡିଆଠାରେ ଆୟୋଜିତ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସରେ ଦଳର ନେତାମାନେ ଆହ୍ୱାନ କରିଛନ୍ତି ।


ସଭାରେ ଯୋଗଦେଇଥିବା ବିଜେଡିର ନେତୃବୃନ୍ଦ।

ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗ ଦେଇଥିଲେ । ଜିଲା ସଭାପତି ସାହୁ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା ଭଳି ବିଭିନ୍ନ ଜନ ହିତକର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରି ଓଡିଶାବାସୀଙ୍କ ହୃଦୟ ଜୟ କରିପାରିଛନ୍ତି ବୋଲି କହିଥିଲେ । ଏହି ଅବସରରେ ପୌରାଞ୍ଚଳର ୧୫ ନମ୍ବର ୱାର୍ଡ ଅଳଭା ଗ୍ରାମର କୁଞ୍ଜବିହାରୀ ମଳିକଙ୍କ ନେତୃତ୍ୱରେ ୫୦ଜଣ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ । ଏହି ସଭାରେ ନଗର ବିଜେଡି ସଭାପତି ଭୋଳାନାଥ ପାଢୀ, ରାଜନଗର ବ୍ଲକ ବିଜେଡି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ରାଉତ, ଜଗବନ୍ଧୁ ନାୟକ, ପ୍ରାକ୍ତନ ପୌରାଧ୍ୟକ୍ଷ ହେମନ୍ତ ସାହୁ, ବୈଜୟନ୍ତୀମାଳା ଲେଙ୍କା, ଜିଲା ଦଳିତ ସେଲ ସଭାପତି ବାରିଣୀ ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ବିଶ୍ୱାଳ, ପୌର ଯୁବ ବିଜେଡି ସଭାପତି ଏମ. ନାୟକ, ରାଜନଗର ଯୁବ ବିଜେଡି ସଭାପତି ପାରେଶ୍ୱର ନାୟକ, ରାଜନଗର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଶ୍ମିନନ୍ଦିତା ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ମହିଳା ସଭାନେତ୍ରୀ ଜୟନ୍ତୀ ସ୍ୱାଇଁ, ନଗର ବିଜେଡି ମହିଳା ସଭାନେତ୍ରୀ ଲାୟନା ଦାସ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବିଭିନ୍ନ ପ୍ରାନ୍ତରରୁ ମହିଳା ଓ ଯୁବ କର୍ମୀମାନେ ଶୋଭାଯାତ୍ରାରେ ଯାଇ ସଭାସ୍ଥଳରେ ପହଞ୍ଚି ଥିଲେ । ପ୍ରାରମ୍ଭରେ ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ ପ୍ରତିହାରୀ ସ୍ୱାଗତ ଭାଷଣ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା ଧନ୍ୟବାଦ ଦେଇଥିଲେ । ରାଜନଗର ବିଜେଡି କାର୍ଯ୍ୟାଳୟରୁ ବ୍ଲକ ସଭାପତି ଅଶୋକ ପ୍ରତିହାରୀଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ଯୋଗ ଦେଇଥିଲେ। ଏହି ସଭାରେ ପ୍ରାୟ ୪ହଜାର ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ଖାମଖିଆଲ କାର୍ଯ୍ୟରୁ ଜୀବନ ହାନି

ଭୁବନେଶ୍ୱରର ବମିଖାଲ ଓଭରବ୍ରିଜ୍ ନିର୍ମାଣବେଳେ ଖାମଖିଆଲ କାର୍ଯ୍ୟ ଯୋଗୁ ମେ ୩ରେ ଯାଇଥିଲା ଆଉ ଜଣଙ୍କ ଜୀବନ। ବ୍ରିଜ୍‌ର ଆପ୍ରୋଚରୋଡ୍ ସାଇଡ୍ ୱାଲ ପାଇଁ ରଡ୍ ବାଇଣ୍ଡିଂ କରାଯାଉଥିବା ସମୟରେ ଲୁହା ଫ୍ରେମ୍ ପଡ଼ିଯିବାରୁ ଦୁଇଜଣ ଶ୍ରମିକ ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଅଜୟ ଭୂମିଜ ନାମକ ଜଣେ ଶ୍ରମିକଙ୍କ ପିଠିରେ ରଡ୍ ପଶିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ୧୦ରେ ଓଭରବ୍ରିଜର ଛାତ ପଡୁଥିବାବେଳେ ସେଣ୍ଟ୍ରିଂ ଭୁଶୁଡ଼ି ପଡ଼ିବାରୁ ଝାରପଡ଼ା ଅଞ୍ଚଳର ସତ୍ୟବ୍ରତ ପଟ୍ଟନାୟକ ନାମକ ପଥଚାରୀଙ୍କ ମୃତ୍ୟୁ ଘଟିଥିଲା।

ବମିଖାଲ ଓଭରବ୍ରିଜ





# ମହାନଦୀକୁ ଖସିଲା ବସ୍

## ୧୨ ମୃତ

ତାଳଚେରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଜଗନ୍ନାଥ ନାମକ ଏକ ବସ୍ ନଭେମ୍ବର ୨୦ ସନ୍ଧ୍ୟାରେ କଟକ ମହାନଦୀ ପୋଲ ଉପରେ ଏକ ମଇଁଷିକୁ ଧକ୍କାଦେଇ ନଦୀକୁ ଖସି ପଡ଼ିଥିଲା। ଏଥିରେ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ରାସ୍ତାରେ ମଇଁଷି ଚାଲିବା ଓ ପୋଲର ଦୁର୍ବଳ ବାଡ଼ା ଯୋଗୁ ବସ୍‌ଟି ନଦୀକୁ ଖସି ପଡିଥିଲା ବୋଲି ଘଟଣାର ତଦନ୍ତ କରୁଥିବା ଯୁଗ୍ମ କମିଟି ରିପୋର୍ଟ ଦେଇଥିଲା।



## ସେନା ଟ୍ରେନ୍‌ରେ ବିସ୍ଫୋରଣ

ଜାନୁୟାରୀ ୧୬ରେ ପୁରୀ ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟ୍‌ଫର୍ମରେ ମିଲିଟାରୀ(ସେନା) ଟ୍ରେନ୍‌ରେ ବିସ୍ଫୋରଣ ଘଟିଥିଲା। ପ୍ୟାଣ୍ଟ୍ରିକାରରେ ରୋଷେଇ ଚାଲିଥିବାବେଳେ ଗ୍ୟାସ୍ ସିଲିଣ୍ଡର ଫାଟିଯାଇଥିଲା। ଏଥିରେ ପ୍ୟାଣ୍ଟ୍ରିକାର ମ୍ୟାନେଜରଙ୍କ ସମେତ ୨ଜଣ ଆହତ ହୋଇଥିଲେ।



## ଚିଲିକା ଡଙ୍ଗା ବୁଡ଼ି ଯାଇଥିଲା ୬ ଜୀବନ

ଜୁନ୍ ୧୬ ଅପରାହ୍ନରେ ଝଡ଼ତୋଫାନରେ ଚିଲିକା କାଳିଜାଈ ଗଣ୍ଡରେ ଏକ ପର୍ଯ୍ୟଟକ ଡଙ୍ଗା (୧୭୩ ନମ୍ବର) ବୁଡ଼ିଯାଇଥିଲା। ୧୦ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬ଜଣଙ୍କ ମୃତ୍ୟୁ ଘଟିଥିଲା। ଚିଲିକାର ବାଲୁଗାଁ ଜେଟିରୁ ଡଙ୍ଗାଟି କାଳିଜାଈ ଯାଇ ଫେରିବାବେଳେ ଦୁର୍ଘଟଣା ଘଟିଥିଲା। ଚାଳକ ଜଣେ ନାବାଳକ ଥିଲେ।



ସରିଯାଉଛି ୨୦୧୮। ବହୁ ବଡ଼ ବଡ଼ ଦୁର୍ଘଟଣା ଓ ଅପରାଧ ସମୟ ଛାତିରେ ଛାଡ଼ି ଯାଇଛି ଅନେକ ଚିହ୍ନ। ମହାନଦୀ ବସ୍ ଦୁର୍ଘଟଣା ଓ ଚିଲିକା ଡଙ୍ଗାବୁଡି ଥିଲା ହୃଦୟ ବିଦାରକ। କାର୍ ଦୁର୍ଘଟଣା, ରାଜଧାନୀର ଖୋଲା ଡ୍ରେନ୍ ସମେତ ଏକାଧିକ ବିସ୍ଫୋରଣ ନେଇଛି ଅନେକ ଜୀବନ। ସେହିଭଳି ବଳାତ୍କାର, ହତ୍ୟା, ସୁନା ଚୋରାଚାଲାଣ, ବିଟ୍ କଏନ୍ କାରବାର ଅପରାଧ ଜଗତରେ ଯୋଡ଼ିଦେଇଛି ଗୋଟିଏ ଗୋଟିଏ ଫର୍ଦ୍ଦ।

## ଚର୍ଚ୍ଚିତ ହତ୍ୟାକାଣ୍ଡ

### ଶାଶୁଙ୍କୁ ହତ୍ୟାକରି ଜେଲଗଲେ ଦୁଇ ବୋହୂ

ପୁରୀ ଜିଲା ସତ୍ୟବାଦୀ ଥାନା ନୂଆ ସୋମେଶ୍ୱରପୁରର ବସ୍ତପଡ଼ା ଗ୍ରାମର ସାବିତ୍ରୀ ମହାରଣା (୫୫)ଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ତାଙ୍କ ଦୁଇ ବୋହୂ ସନ୍ଧ୍ୟାରାଣୀ ଓ ମାନସୀଙ୍କୁ ଅଗଷ୍ଟ ୧୩ରେ ଗିରଫ କରିଥିଲା। ନିର୍ଯାତନା ଅସହ୍ୟ ହେବାରୁ ସ୍ୱାମୀଙ୍କ ଅଜ୍ଞାତରେ ଶାଶୁ ସାବିତ୍ରୀଙ୍କୁ ହତ୍ୟା କରି ମୃତଦେହକୁ ବାରିପଟ ଦଳ ଗାଡ଼ିଆରେ ଫିଙ୍ଗି ଦେଇଥିବା ପୋଲିସକୁ କହିଥିଲେ।

### ବିବାହର ୩ ଦିନ ପୂର୍ବରୁ ହତ୍ୟା



ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ସହକାରୀ ପରିଚାଳକ(ଅର୍ଥ) ନିର୍ଝର ବେହେରାଙ୍କୁ ଜାନୁୟାରୀ ୮ରେ ଚୌଦ୍ୱାର ଯିବା ବାଟରେ ବିରୂପା ବ୍ୟାରେଜ ନିକଟରେ ହତ୍ୟା କରାଯାଇଥିଲା। ପ୍ରେମ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ନିର୍ଝରଙ୍କ ଘର ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ଗ୍ରାମରେ। ୩ଦିନ ପରେ ତାଙ୍କର ବାହାଘର ହୋଇଥାନ୍ତା।

### ଯୁବକଙ୍କୁ ହତ୍ୟାକରି ପୋଡ଼ିଦେଲେ

ଭୁବନେଶ୍ୱରରେ ଉନ୍ମୟ ପାଢୀ ନାମକ ଯୁବକଙ୍କୁ ଛୁରି ଭୁସି ହତ୍ୟା ପରେ ପୋଡି ଦିଆଯାଇଥିଲା। ମଞ୍ଚେଶ୍ୱର ଥାନା ପୋଲିସ ନହରକଣ୍ଟା ଗ୍ରାମ ସମ୍ମୁଖ କୁଆଖାଇ ନଦୀପଠାରୁ ମାର୍ଚ୍ଚ ୨୧ରେ ଦରପୋଡା ମୃତଦେହ ଜବତ କରିଥିଲା। ପରବର୍ତ୍ତୀ ସମୟରେ ହତ୍ୟାକାରୀଙ୍କୁ ଗିରଫ କରାଯାଇଥିଲା।

### ବାପ, ଝିଅଙ୍କୁ ପୋଡ଼ିଦେଲେ

ପିପିଲି ଥାନା ଅନ୍ତର୍ଗତ ଦାନଗୋହିରି ଗାଁରେ ଫେବୃୟାରୀ ୧୧ ରାତିରେ ମହମ୍ମଦ ଅବ୍‌ଦୁଲ୍ (୬୫) ଓ ତାଙ୍କ ଝିଅ ନାଜୋ ଘରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ବାହାରପଟୁ କବାଟ ଦେଇ ନିଆଁ ଲଗାଇ ଦେଇଥିଲେ। ଫଳରେ ଉଭୟ ବାପା ଓ ଝିଅ ଜୀବନ୍ତ ଦଗ୍ଧ ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଲୋମଟାଙ୍କୁରା ଘଟଣା ଘଟିଥିଲା।

### ପ୍ରେମିକା ପାଇଁ ସ୍ତ୍ରୀଙ୍କୁ ହତ୍ୟା

ଅକ୍ଟୋବର ୧ରେ ଭୁବନେଶ୍ୱର ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଶ୍ରୀରାମବଜାର ମହାବୀର ଛକ ନିକଟରେ ଏକ କାର୍‌ରୁ ଶିକ୍ଷୟିତ୍ରୀ ତନୁଜା ଆଇଚଙ୍କ ମୃତଦେହ ପୋଲିସ ଜବତ କରିଥିଲା। ତଦନ୍ତରୁ ଏହା ଦୁର୍ଘଟଣା ନୁହେଁ, ପ୍ରେମିକାଙ୍କୁ ବିବାହ ପାଇଁ ତନୁଜାଙ୍କୁ ସ୍ୱାମୀ ସଂଗ୍ରାମ ହତ୍ୟା କରିଥିବା ଜଣାପଡିଥିଲା। ସଂଗ୍ରାମ ଓ ତାଙ୍କୁ ସହଯୋଗ କରିଥିବା ପ୍ରେମିକା ସ୍ନିଗ୍ଧା ଦାଶଙ୍କୁ ଗିରଫ କରାଯାଇଥିଲା।



## ଖାତକୁ ଖସିଲା ଗାଡ଼ି, ପରିବାରର ୫ମୃତ

ସେପ୍ଟେମ୍ବର ୨୫ରେ ପୁରୀ ନୂଆ ଜଗନ୍ନାଥ ସଡ଼କର ଭାଇଲିପୁର ଓ ରୁଆ ଛକ ମଝିରେ ଏକ ଟାଟା ମ୍ୟାଜିକ୍ ରାସ୍ତାକଡ଼କୁ ଓଲଟି ଖାତକୁ ଖସି ପଡିବାରୁ ଏକ ପରିବାରର ୫ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଘର ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ୍ ଲାଲକମାଗାଁ ଗ୍ରାମରେ। ଏମାନେ ପୁରୀ ମହୋଦଧିରେ ଅସ୍ଥି ବିସର୍ଜନ କରିବାକୁ ଯାଉଥିଲେ।

## ଓମ୍‌ଫେଡ୍ ପ୍ଲାଣ୍ଟରେ ବିସ୍ଫୋରଣ

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଓମଫେଡ୍ ପ୍ଲାଣ୍ଟରେ ଏପ୍ରିଲ ୨୮ରେ ଘଟିଥିଲା ବଡ଼ଧରଣର ବିସ୍ଫୋରଣ। ଷ୍ଟେରିଲାଇଜର୍‌ର ଟ୍ୟାଙ୍କରରେ ଫ୍ଲେଭର୍‌ଡ ମିଲ୍କ ଗରମ କରାଯାଉଥିବାବେଳେ ତାହା ଫାଟିଯାଇଥିଲା। ଏଥିରେ ୪ ଶ୍ରମିକ ଆହତ ହୋଇଥିଲେ।



## ଅନନ୍ତ ବାସୁଦେବ ମନ୍ଦିରରେ ପୋଡ଼ିଗଲା ୨୦ ରୋଷଘର



ଅଗଷ୍ଟ ୧୦ ରାତି ସାଢ଼େ ୩ଟାରେ ଶ୍ରୀଅନନ୍ତ ବାସୁଦେବ ମନ୍ଦିର ପରିସର ରୋଷ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପ୍ରାୟ ୨୦ ବଖରା ଚାଳଘର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଥିଲା।

## ଟ୍ରକ୍ ନେଲା ୩ ଛାତ୍ରଙ୍କ ଜୀବନ

ଫୁଲନଖରା-ନିଆଳି-ମାଧବ ରାସ୍ତାର ପଞ୍ଚବଟୀ ବଜାର ନିକଟରେ ମାର୍ଚ୍ଚ ୧୧ ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ୩ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ଶେଖ୍‌ବଜାର ଅଞ୍ଚଳର ମଣିନାଗେଶ୍ୱର ବେହେରା, ମଙ୍ଗଳାବାଗ ଫ୍ରେଣ୍ଡ୍‌ସ କଲୋନୀର ଚିନ୍ମୟ ବିଶ୍ୱାଳ ଓ ଓଜିସନ ଅଲ୍ଲୀ।

## ଆଁ ମେଲିଥିଲା ରାଜଧାନୀ ଡ୍ରେନ୍ ସ୍ତ୍ରୀ ଆଗରେ ସ୍ୱାମୀ ଭାସିଗଲେ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅବହେଳା ପାଇଁ ଖୋଲା ଡ୍ରେନ୍ ଏକାଧିକ ଜୀବନ ନେଇଛି। ଅଗଷ୍ଟ ୧୩ ସନ୍ଧ୍ୟାରେ ହଠାତ ପ୍ରବଳ ବର୍ଷା ହେବା ସହ ପାଣି ମାଡି ଆସିବାରୁ ଡ୍ରେନ୍‌ରେ ଭାସି ହରିହର ପଟ୍ଟନାୟକ(୫୫)ଙ୍କ ମୃତ୍ୟୁ ହୋଇଥିଲା। ୟୁନିଟ-୬ସ୍ଥିତ ବନଦୁର୍ଗା ମନ୍ଦିର ନିକଟରେ ଏହି ଘଟଣା ଘଟିଥିଲା।

## ଭୁବନେଶ୍ୱରରେ ମାଓବାଦୀ



ପଶ୍ଚିମବଙ୍ଗର ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ତଥା ବହୁ ଚର୍ଚ୍ଚିତ 'ଭାନଗର ଆନ୍ଦୋଳନ' ନେତା ଅଲିକ ଚକ୍ରବର୍ତ୍ତୀଙ୍କୁ ମେ ୩୧ରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରୁ କଲିକତା ସିଆଇଡି ଟାସ୍କଫୋର୍ସ ଗିରଫ କରିଥିଲା। ଅଲିକ୍ ଚିକିତ୍ସାପାଇଁ କଳିଙ୍ଗ ହସ୍ପିଟାଲ ଆସିଥିଲେ।

## ପୋଖରୀକୁ ପଶିଗଲା କାର୍, ୬ ମୃତ

ଦଶହରା ରାତିରେ ଭୁବନେଶ୍ୱର ଉପକଣ୍ଠ ସିଙ୍ଗ ସମ୍ମୁଖରେ ଏକ କାର ଗୋଟିଏ ବାଇକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱ ଦଳ ପୋଖରୀକୁ ଓଲଟି ପଡ଼ିଥିଲା। ଫଳରେ କାର୍‌ରେ ଥିବା ୪ଜଣ ଓ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

## କୁନ୍ଦୁଲି ପରେ ସାଲେପୁର ଲଜ୍ଜା

ବଳାତ୍କାରର ଶିକାର କୁନ୍ଦୁଲି ପୀଡିତା ନ୍ୟାୟ ନ ପାଇ ଶେଷରେ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣାର ପୁନରାବୃତ୍ତି ଘଟିଥିଲା କଟକ ଜିଲା ସାଲେପୁର ଥାନାଞ୍ଚଳରେ। ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ପରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମାର୍ଚ୍ଚ ୧୨ ତାରିଖରେ କଟକ ବଡ଼ ଡାକ୍ତରଖାନାରେ ଆଖି ବୁଜିଥିଲେ। ସେହିପରି ଏପ୍ରିଲ ୨୧ରେ ସାଲେପୁର ଅଞ୍ଚଳରେ ଜଣେ ୬ବର୍ଷୀୟା ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଥିଲେ। ଗାଁ ସ୍କୁଲ୍ ପିଣ୍ଡାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୯ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ସେ ମଧ୍ୟ ଆଖିବୁଜିଥିଲେ। ଏହି ଘଟଣାର ପରଦିନ କଟକ ଜିଲାରେ ଆଉ ଦୁଇ ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଥିଲେ। କିଶନନଗର ଓ ଖୁଣ୍ଟୁଣୀ ଥାନାଞ୍ଚଳରେ ଏହି ଘଟଣା ଘଟିଥିଲା। ପୀଡିତାଙ୍କ ମଧ୍ୟରେ ଜଣେ ଭିନ୍ନକ୍ଷମ ଥିଲେ।



## ବୁଡ଼ିଗଲେ ଅନ୍ତର୍ଜାତୀୟ ଖେଳାଳି



ନଭେମ୍ବର ୧୮ରେ କଟକ ମହାନଦୀରେ ଗାଧୋଉଥିବାବେଳେ ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ରୋହନ ପ୍ରସାଦ ମଲ୍ଲିକ (୨୫) ବୁଡ଼ିଯାଇ ପ୍ରାଣ ହରାଇଥିଲେ। ତାଙ୍କ ଘର କଟକ ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ମଠସାହିରେ।

## ସୁନା ସ୍ମଗ୍‌ଲିଂ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ବିଦେଶରୁ ବିମାନ ଚଳାଚଳ ଆରମ୍ଭ କରିବା ପରେ ସୁନା ସ୍ମଗ୍‌ଲିଂ କ୍ଷେତ୍ରରେ ଓଡ଼ିଶାର ନାଁ ଯୋଡି ହୋଇଯାଇଥିଲା। ବର୍ଷକ ମଧ୍ୟରେ ଯାଞ୍ଚବେଳେ କଷ୍ଟମ ବିଭାଗ କର୍ମଚାରୀମାନେ ପ୍ରାୟ ୧୫ କେଜିରୁ ଉର୍ଦ୍ଧ୍ୱ ସୁନା ଜବତ କରିଥିବାବେଳେ ୨୨ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ଓ ସେମାନେ ମାଲେସିଆ ରାଜଧାନୀ କୁଆଲାଲମ୍ପୁରରୁ ଓଡ଼ିଶାକୁ ସୁନା ଚୋରା ଚାଲାଣ କରୁଥିଲେ। ମଳଦ୍ୱାର, ଜୋତା, ଗୀତାରରେ ସୁନା ଲୁଚାଇ ଅଣାଯାଇଥିଲା।



## ରାଜଧାନୀରେ ବିଟ୍ କଏନ୍ ର୍‍ୟାକେଟ

ରାଜଧାନୀ ଭୁବନେଶ୍ୱରରେ ବିଟ୍ କଏନ୍ ର୍‍ୟାକେଟ ସକ୍ରିୟ ରହିଥିବାବେଳେ ଏହି ମାୟାରେ ରାଜ୍ୟର ବହୁ ଲୋକ ଫସିଥିଲେ। ଏହି ହାଇଟେକ୍ ଠକେଇ ପଦାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ମାର୍ଚ୍ଚ ୨୬ରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଠକି ନେଇଥିବା ୨ଜଣଙ୍କୁ ନୟାପଲ୍ଲୀ ପୋଲିସ ଗିରଫ କରିଥିଲା।

## ଗଣବଳାତ୍କାର ପରେ ତଣ୍ଟିଚିପି ପୋତିଦେଲେ

କଟକ ଜିଲା କଣ୍ଟାପଡା ଥାନାଞ୍ଚଳରେ ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ପରେ ବିଭିନ୍ନ ସ୍ଥାନରେ ରଖି ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତମାନେ ଧରାପଡିଯିବା ଭୟରେ ପୀଡିତାଙ୍କୁ ଗାଁକୁ ଆଣି ତଣ୍ଟିଚିପି ହତ୍ୟା କରିବା ପରେ ବିଲରେ ପୋତି ଦେଇଥିଲେ।

## ବିଜେଡି କର୍ପୋରେଟର ଗିରଫ

ଗ୍ୟାଙ୍ଗ୍‌ଷ୍ଟର ସୁଶାନ୍ତ ଧଳସାମନ୍ତଙ୍କ ପାଇଁ କାର୍ଯ୍ୟ କରିବା ଓ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅଭିଯୋଗରେ କଟକ ମହାନଗର ନିଗମ ୭ନମ୍ବର ୱାର୍ଡ କର୍ପୋରେଟର ରଞ୍ଜିତା ବିଶ୍ୱାଳଙ୍କୁ ମାର୍ଚ୍ଚ ୭ ତାରିଖରେ ପୋଲିସ ଗିରଫ କରିଥିଲା।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଜଗତ୍‌ସିଂହପୁର ଅଫିସ, ୨୭।୧୨:** ସ୍ଥାନୀୟ ବାଗସାହିରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦାମୋଦର ଦାସ (୭୪)। ଜଗତ୍‌ସିଂହପୁର ଥାନା ପକ୍ଷରୁ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ସଂଖ୍ୟା ୫୮/୧୮ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦାମୋଦର ସକାଳୁ ଶୌଚ ହେବାକୁ ଗାଁ ପୋଖରୀକୁ ଯାଇଥିଲେ। ଗୋଡ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### କରାଟେ ମାଷ୍ଟର କାହ୍ନୁଙ୍କ ସଫଳତା



**ପାରାଦୀପ,୨୭।୧୨(ଡି.ଏନ.ଏ.):** ପାରାଦୀପର କରାଟେ ମାଷ୍ଟର କାହ୍ନୁ ମଲ୍ଲିକଙ୍କୁ ରିୟୋସିନ୍ କାନ୍ ଇଣ୍ଟରନ୍ୟାଶନାଲ କରାଟେ ଫେଡେରେସନ୍ ପକ୍ଷର ସଦସ୍ୟତା ମିଳିଛି। କାହ୍ନୁ ଗତ କିଛିବର୍ଷ ହେଲା କରାଟେ କୋଚ୍ ରହିବା ସହ ସ୍କୁଲ୍-କଲେଜ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଉଥିଲେ। ଚଳିତବର୍ଷ ତାଙ୍କ ନେତୃତ୍ୱରେ ୪ ଛାତ୍ରୀଛାତ୍ରଙ୍କ ଜାତୀୟସ୍ତରରେ ସଫଳତା ପାଇଛନ୍ତି।

### କବି ପୀତାମ୍ବର ତରାଇ ପୁରସ୍କୃତ



**କୁଜଙ୍ଗ,୨୭।୧୨(ସ୍ୱ.ପ୍ର.):** ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଭାଷା ସାହିତ୍ୟ କ୍ଷେତ୍ରରେ କବିତା ରଚନା କରି ରାଜ୍ୟ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିବା କୁଜଙ୍ଗ ବ୍ଲକ ମଙ୍ଗରାଜପୁର ଗ୍ରାମର ସାରସ୍ୱତ ସାଧକ କବି ପୀତାମ୍ବର ତରାଇଙ୍କୁ କୋରେଇ ମଣ୍ଡଳ ସାହିତ୍ୟ ସଂସଦ ପକ୍ଷରୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆଙ୍କ ପିତା କାହ୍ନୁଚରଣ ଖୁଣ୍ଟିଆଙ୍କ ନାମରେ କାହ୍ନୁ ଚରଣ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଉତ୍ତରୀୟ, ଅର୍ଥରାଶି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂସଦ ସଭାପତି ଗୀତିକାର ନନ୍ଦକିଶୋର ସିଂହ, ସମ୍ପାଦକ ସୂର୍ଯ୍ୟମଣୀ ଖୁଣ୍ଟିଆ, କବି ଫନୀ ମହାନ୍ତି, ହୁସେନ ରବି ଗାନ୍ଧୀ ପ୍ରମୁଖ ଏହି ପୁରସ୍କାର ପ୍ରଦାନ କରିଥିଲେ।

### ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି

**ରଘୁନାଥପୁର, ୨୭ ।୧୨( ଡି.ଏନ.ଏ.):** ରଘୁନାଥପୁର ସେସୁ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ପାରାଦୀପ ଜିଆରଏଫ ପକ୍ଷରୁ ଗୁରୁବାର ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ଫୋରମ୍‌ର ଅଧକ୍ଷ ପ୍ରଶାନ୍ତ କୁମାର ପଟ୍ଟନାୟକ, ସଦସ୍ୟ ସୁବାଶିଷ ପୃଷ୍ଟି ଓ ଅବନ୍ତୀ ପଟ୍ଟନାୟକ ପ୍ରମୁଖ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏଥିରେ ୧୦ କେସ୍‌ର ଶୁଣାଣି ହୋଇଥିବାବେଳେ ବିରିଡି ଓ ରଘୁନାଥପୁର ବ୍ଲକର ଶତାଧିକ ବିଦ୍ୟୁତ୍ ଗ୍ରାହକ ନିଜର ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଜାନୁୟାରୀ ୮ ରେ ବିରିଡିସ୍ଥିତ ସେସୁ ଜେଇଙ୍କ କାର୍ଯ୍ୟାଳୟରେ ଏକ ମେଗା କ୍ୟାମ୍ପ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଉପଭୋକ୍ତାମାନେ ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ଅଭିଯୋଗଗୁଡିକ ନିଜ ବ୍ଲକର ଉପଖଣ୍ଡ ଅଧିକାରୀ କିମ୍ବା ଯନ୍ତ୍ରୀଙ୍କୁ ପ୍ରଦାନ କରିବାକୁ ଅଧକ୍ଷ ପଟ୍ଟନାୟକ କହିଥିଲେ। ଏଥିରେ ଉପଖଣ୍ଡ ଅଧିକାରୀ ବିଶ୍ୱରଞ୍ଜନ ଦେହୁରୀ, ଜେଇ ଭବାନୀ ପ୍ରସାଦ ମହାନ୍ତି ଓ ଏନଜେଏନ୍ ଡିପିଏମ୍ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଡିପିଓଙ୍କ ଜଗତ୍‌ସିଂହପୁର ମୋହ ଛାଡୁନି

# ରିଲିଭ୍ ପରେ ବି ଫାଟକରେ ସାଇନ୍ ବୋର୍ଡ

**ଜଗତ୍‌ସିଂହପୁର ଅଫିସ,୨୭।୧୨**

- ହସ୍ତାନ୍ତର କରୁନାହାନ୍ତି ବାରାକ୍ ଚାବି
- ବଦଳି ବାତିଲ କରିବାକୁ ଉଦ୍ୟମ ଚର୍ଚ୍ଚା

ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ରଙ୍କ ଜଗତ୍‌ସିଂହପୁର ମୋହ ଛାଡୁନି। ପ୍ରାୟ ୨ ମାସ ହେଲା ତାଙ୍କର ବଦଳି ହେଲାଣି। ୧ ମାସ ପୂର୍ବରୁ ରିଲିଭ୍ ହୋଇସାରିଲେଣି। କିନ୍ତୁ ସେ ଷ୍ଟେସନ୍ ଛାଡୁ ନାହାନ୍ତି। ଏପରି କି ସେ ରହୁଥିବା ସରକାରୀ କ୍ୱାର୍ଟର୍ସରେ ଏସ୍‌ଡିପିଓ ଜଗତ୍‌ସିଂହପୁର ଲେଖାଥିବା ସାଇନ୍ ବୋର୍ଡ ମଧ୍ୟ କାଢି ନାହାନ୍ତି। ଥାନା ସାମ୍ନାରେ ଏହି କ୍ୱାର୍ଟର ଥିବାରୁ ଅନେକ ସମୟରେ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। କୁହାଯାଉଛି ମିଶ୍ରଙ୍କ ବଦଳି ବାତିଲ ହେବାର ଥିବାରୁ ସାଇନ୍ ବୋର୍ଡ ହଟାଯାଇନାହିଁ। ଏଭଳି ଚର୍ଚ୍ଚାକୁ ଖୋରାକ୍ ଯୋଗାଉଛି ବାରାକ୍ ଚାବି। ଥାନା ପରିସରରେ ନୂଆକରି ନିର୍ମାଣ ହୋଇଥିବା ବାରାକ ବିଲ୍ଡିଂର ଚାବି ପୂର୍ବପରି ମିଶ୍ରଙ୍କ ପାଖରେ ରହିଛି। ସେ ଯେତେବେଳେ ଚାହୁଁଛନ୍ତି ଏହା ଭିତରେ ଯୋଗ, କସରତ କରୁଥିବା କୁହାଯାଉଛି। କେବଳ ଏତିକି ନୁହେଁ, ଥାନା ପରିସରରେ କ୍ୱାର୍ଟର ଥିବାରୁ ସାଧାରଣ ଲୋକ ଓ ପୋଲିସ କର୍ମଚାରୀଙ୍କୁ ସେ ପ୍ରଭାବିତ କରିବାର ସୁଯୋଗ ପାଉଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁଯାୟୀ, ରାଜ୍ୟ ପୋଲିସ ମୁଖ୍ୟାଳୟ ଚିଠି ସଂଖ୍ୟା ୩୮୫/୬।୧୦।୧୮ରେ ଏସ୍‌ଡିପିଓ ମିଶ୍ରଙ୍କୁ ବାଲେଶ୍ୱର ଜିଲା ପୋଲିସ କାର୍ଯ୍ୟାଳୟ ଡିଆଇବିରେ ଡିଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ବଦଳି ପରେ ମିଶ୍ର ନୂଆ ସ୍ଥାନରେ ଯୋଗଦେବା ପରିବର୍ତ୍ତେ ବିଭିନ୍ନ କାରଣ ଦର୍ଶାଇ କିଛିଦିନ ଛୁଟିରେ ଥିଲେ। ପରେ ୨୮।୧୧।୧୮ରେ କାର୍ଯ୍ୟରୁ ରିଲିଭ୍ ହୋଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଷ୍ଟେଶନ ଛାଡିନାହାନ୍ତି। ଏସ୍‌ଡିପିଓଙ୍କ ପାଇଁ ଉଦ୍ଦିଷ୍ଟ ଥାନା ସାମ୍ନା ସରକାରୀ କ୍ୱାର୍ଟରରେ ଅଛନ୍ତି। କ୍ୱାର୍ଟର ଫାଟକରେ ଝୁଲୁଥିବା ସାଇନ୍ ବୋର୍ଡ ପୂର୍ବପରି ଝୁଲୁଛି। ଆଇଆଇସିଙ୍କ ପ୍ରକୋଷ୍ଠରୁ ମାତ୍ର ୨୦ ଫୁଟ ଦୂରରେ ଏସ୍‌ଡିପିଓଙ୍କ କ୍ୱାର୍ଟର ଥିବାରୁ ସାଇନ୍ ବୋର୍ଡ ନ ହଟିବା ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ମିଶ୍ରଙ୍କ ସମ୍ପର୍କରେ ଥିବା କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଏହି ଦ୍ୱନ୍ଦ୍ୱକୁ ବଢାଇ ଦେଉଛନ୍ତି। ସେମାନେ କହି ବୁଲୁଛନ୍ତି ଯେ, ମିଶ୍ରଙ୍କ ବଦଳି ବାତିଲ ହୋଇଯିବ। ତେଣୁ ସାଇନ୍ ବୋର୍ଡ ହଟାଯାଇନାହିଁ। ଉପରସ୍ତରରେ ମିଶ୍ରଙ୍କ ସମ୍ପର୍କ ଥିବାରୁ ଏଭଳି ପ୍ରତିଶ୍ରୁତି ମିଳିଛି। ଆଉ କିଛିଦିନ ରହିଗଲେ ୨୦୧୯ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯିବ। ପରେ ଯିଏ ଯେଉଁଠି ଥିବେ ସେଇଠି ରହିଯିବେ। ଅନ୍ୟପକ୍ଷରେ ମିଶ୍ର ନୂଆକରି ନିର୍ମାଣ ହୋଇଥିବା ବାରାକ୍ ବିଲ୍ଡିଂ ଚାବି ରଖିଛନ୍ତି। ରିଲିଭ୍ ହେବା ପରେ ଏହି ଚାବି ଆଇଆଇସିଙ୍କୁ ହସ୍ତାନ୍ତର କରିବା କଥା। ଯେହେତୁ ଜଣେ ବରିଷ୍ଠ ଅଧିକାରୀଙ୍କ ପାଖରେ ଚାବି ଅଛି, ତେଣୁ କନିଷ୍ଠ ହିସାବରେ ଆଇଆଇସି ଏହା ମାଗୁ ନ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମିଶ୍ରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ଏସ୍‌ପି ପ୍ରକାଶ ଆର କହିଛନ୍ତି ଯେ, ମିଶ୍ର କିଛି ମାସ ସରକାରୀ କ୍ୱାର୍ଟରରେ ରହିପାରିବେ। ବିନା ଅନୁମତିରେ ରହିଲେ ସରକାରୀ ନିୟମ ଅନୁଯାୟୀ ଜରିମାନା ଦେବେ। ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ ସାଇନ୍ ବୋର୍ଡ ଲାଗିଥିବା କଥା ସେ ପଚାରି ବୁଝିବେ। ଏଥିସହ ବାରାକ୍ ଚାବି ମିଶ୍ରଙ୍କ ପାଖରେ ଅଛି କି ନାହିଁ, ତାହା ବୁଝି ପରବର୍ତ୍ତୀ ପଦକ୍ଷେପ ନେବେ। ନୂଆ ଏସ୍‌ଡିପିଓ ଆସିବାରେ ବିଳମ୍ବ ହେଉଛି। ଏକାଥରେ ଏକାଧିକ ଅଧିକାରୀଙ୍କ ବଦଳି ହୋଇଥିବାରୁ ଜଣେ ପରେ ଜଣେ ନୂଆ ସ୍ଥାନରେ ଯୋଗଦେବେ। ତଥାପି ଜାନୁୟାରୀ ପ୍ରଥମ ସପ୍ତାହ ହୋଇଯିବ ବୋଲି ଆଇଜି କହିଛନ୍ତି।



ସରକାରୀ କ୍ୱାର୍ଟରରେ ଲାଗିଥିବା ଏସ୍‌ଡିପିଓଙ୍କ ସାଇନ୍‌ବୋର୍ଡ।

## ଏକତା ମଞ୍ଚର ଆନ୍ଦୋଳନ ଡାକରା

**କୁଜଙ୍ଗ,୨୭।୧୨(ସ୍ୱ.ପ୍ର.)**

ଦୀର୍ଘ ୫ ବର୍ଷଧରି ତୈଳ ବିଶୋଧନାଗାର ଜମିହରା କୃଷକ ଏକତା ମଞ୍ଚ ଫତେପୁର ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯାଉଛି। ଗତ ୧/୫/୨୦୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ୧୦୦ ପିଲାଙ୍କୁ ନିଯୁକ୍ତି, କୁଜଙ୍ଗ ତହସିଲ୍ ପ୍ରକୋଷ୍ଠରେ ତ୍ରିପାକ୍ଷିକ ଆଲୋଚନା କରି ବର୍ଷକ ମଧ୍ୟରେ ୧୭୫୨ ପରିବାରକୁ ନିଯୁକ୍ତି, ୯/୫/୨୦୧୮ରେ ଆର୍‌ପିଡିଏସି ବୈଠକରେ ଅଗ୍ରାଧିକାର ଭିତିରେ ନିଯୁକ୍ତି, ୧୮/୦୫/୨୦୧୮ରେ ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ଅଭୟଚାନ୍ଦପୁର ଆଇଆଇସି ଓ ଆଇଓସିଏଲ୍ କର୍ତ୍ତୃପକ୍ଷ ୧୦୦ ଜଣକୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନି। ଆଇଓସିଏଲ୍‌ର ଟେଣ୍ଡର୍ ପେପର୍‌ରେ ଜମିହରା ନିଯୁକ୍ତି ସର୍ତ୍ତାବଳୀକୁ ଠିକାଦାର ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଓଲଟି ମଞ୍ଚ ନେତୃବୃନ୍ଦ ୧୦ ଲକ୍ଷ ଟଙ୍କା ଦାଦାବଟି ମାଗୁଥିବା କଣ୍ଟ୍ରାକ୍ଟରମାନେ ମିଥ୍ୟା ଅଭିଯୋଗ କରିଛନ୍ତି। କୃଷକ ନେତାମାନେ ଏଥିରେ ଫଶି ଜେଲ୍ ଭୋଗିବା ଦୁର୍ଭାଗ୍ୟଜନକ। ଏହାର ପ୍ରତିବାଦରେ ଆସନ୍ତା ୨୮ ତାରିଖରେ ଜମିହରା କୃଷକ ଏକତା ମଞ୍ଚ ଆଇଓସିଏଲ୍ ଫାଟକ ସମ୍ମୁଖରେ ଧାରଣା ଦେବ ବୋଲି ତୈଳ ବିଶୋଧନାଗାର ଜମିହରା କୃଷକ ଏକତା ମଞ୍ଚ ସଭାପତି ନବୀନ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ଆଦର୍ଶ ପ୍ରୟାସର ରାସ୍ତା ସଫେଇ

**ପାରାଦୀପ,୨୭।୧୨(ଡି.ଏନ.ଏ.)**

ପାରାଦୀପର ଅନ୍ୟତମ ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ବଡ଼ଦିନ ଉପଲକ୍ଷେ ୫ ନଂ.(କ) ଜାତୀୟ ରାଜପଥ ସଫେଇ କରାଯାଇଛି। ଉକ୍ତ ରାସ୍ତାରୁ ତାରିଣୀଗଡ଼ା ନିକଟରେ ଧୂଳି ଓ ଗୋଡ଼ି ହଟାଯାଇଛି। ସେଠାରେ ରାସ୍ତା ସମତୁଲ କରାଯାଇଛି। ଏହି କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ପାରାଦୀପ ଆଦର୍ଶ ପୋଲିସ ମଧ୍ୟ ସାମିଲ ହୋଇଥିଲା। ସୂଚନାଯୋଗ୍ୟ ଅଠରବାଙ୍କୀରୁ ଦୋଛକି ପର୍ଯ୍ୟନ୍ତ ୪.୫ କିମି ରାସ୍ତାରେ ଏବେ ଦୁର୍ଘଟଣା ସାଧାରଣ ଘଟଣା ହୋଇଗଲାଣି। ୨୦୧୭ରେ ୧୭ ଓ ୨୦୧୮ରେ ୨୫ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଜୀବନ ଯାଇଛି। ରାସ୍ତାରେ ଭାରିଯାନ ପାର୍କିଂ, ଧୂଳି, ଲୁହାପଥର ଓ କୋଇଲା ଗୁଣ୍ଡ ଆସ୍ତରଣ ଆଦି ଯୋଗୁ ଦୁର୍ଘଟଣା ଘଟୁଛି। ଆଗକୁ ଏହି କାର୍ଯ୍ୟ ଜାରି ରହିବ ବୋଲି ଦେବୀକଲ୍ୟାଣ ମହାପାତ୍ର କହିଛନ୍ତି। ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର, ସଙ୍ଗଠନ କର୍ମକର୍ତ୍ତା ଅମରେଶ ନରେଶ ସାମନ୍ତ, ଦେବୀ ପ୍ରସାଦ ସାହୁ, ଅମରେଶ ମଣ୍ଡଳ, ଦେବ ମଣ୍ଡଳ, ସତ୍ୟ ଲେଙ୍କା, ଦୀପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମିସେସ୍ ହାର୍ଡୱାର୍କିଂ ହେଲେ ଶତରୂପା

**କୁଜଙ୍ଗ,୨୭।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ଦିବଂଗତ କେଦାରନାଥ ମିଶ୍ରଙ୍କ ବୋହୂ ଶତରୂପା ଦାଶ ନୂଆଦିଲ୍ଲୀରେ ଅନୁଷ୍ଠିତ 'ମିସେସ୍ ଇଣ୍ଡିଆ ମାଇଁ ଆଇଡେଣ୍ଟିଟି' ପ୍ରତିଯୋଗିତାରେ ଭାଗନେଇ ହାର୍ଡ ୱାର୍କିଂରେ ଟାଇଟେଲ୍ ବିଜୟୀ ହୋଇଛନ୍ତି। ଭାଇବ୍ରାଣ୍ଟ୍ କନ୍‌ସେପ୍ଟ ଟିମ ପକ୍ଷରୁ ଡିସେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ହୋଇଥିବା ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଶ୍ରେଷ୍ଠତା ପାଇଁ ୩ଟି ରାଉଣ୍ଡ କରାଯାଇଥିଲା। ଅନ୍ ଲାଇନ୍ ଅଡିସନ ତଥା ଟେଲିଫୋନିକ୍ ଇଣ୍ଟରଭ୍ୟୁ ମାଧ୍ୟମରେ ପ୍ରତିଯୋଗୀ ମନୋନୀତ ହୋଇଥିଲେ। ସାରା ଦେଶରୁ ୨୩ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। କଲଚରାଲ ରାଉଣ୍ଡ, ଟ୍ୟାଲେଣ୍ଟ ରାଉଣ୍ଡ ଏବଂ ପ୍ରେଜେଣ୍ଟେସନ ରାଉଣ୍ଡ କରାଯାଇଥିଲା। କଲ୍‌ଚରାଲ ରାଉଣ୍ଡରେ ଶତରୂପା ଓଡିଶୀ ବସ୍ତ୍ର, ଗହଣା, ପଟ୍ଟଚିତ୍ର ଅଙ୍କିତ ବସ୍ତ୍ର ସହିତ ଆଧୁନିକ ରୂପସଜ୍ଜା ଓ ଆଦିବାସୀଙ୍କ ପାରମ୍ପରିକ ଗହଣା ପିନ୍ଧି ର୍‍ୟାମ୍ପରେ ଚାଲିଥିଲେ। ସେହିପରି ପ୍ରେଜେଣ୍ଟେସନ୍ ରାଉଣ୍ଡରେ କନ୍ୟାଭ୍ରୁଣ ହତ୍ୟାର ଭୟାବହତା ସମ୍ପର୍କରେ ଏକ ହୃଦୟ ସ୍ପର୍ଶୀ କବିତା ପାଠ କରି ଉପସ୍ଥିତ ବିଚାରକଙ୍କୁ ଚମତ୍କୃତ କରିଦେଇଥିଲେ। ଟ୍ୟାଲେଣ୍ଟ ରାଉଣ୍ଡରେ କ୍ଲାସିକାଲ ଓ ମଡର୍ନ ସଙ୍ଗୀତରେ କଣ୍ଠ ଦାନ କରିଥିଲେ। ବିବାହ ପରେ ଶିକ୍ଷକତା ଛାଡ଼ି ସମାଜସେବାକୁ ଆଦରି ନେଇଥିବା ଏହି ପ୍ରତିଭା ସମ୍ପନ୍ନ ମହିଳା ବହୁବାର ମଞ୍ଚରେ ନୃତ୍ୟ ନାଟିକ ପରିବେଷଣ କରିଛନ୍ତି। ସାରସ୍ୱତ ସାଧନା ସହ କବିତା ଲିଖନ ଓ ଏହି ଦିଗରେ ପରିଶ୍ରମ ଯୋଗୁ ସଫଳତା ପାଇଥିବା ସେ କହିଛନ୍ତି। ନିଜ ସଫଳତାର ସେ ସ୍ୱାମୀ ବାବୁ ମିଶ୍ର ଓ ଦୁଇ ସନ୍ତାନଙ୍କୁ ଦେଇଛନ୍ତି।


ଶତରୂପା ଦାଶ।

## ୪ ମାସ ପରେ ବି ମିଳିଲାନି ଶିଶୁପୁତ୍ରର ସନ୍ଧାନ

# ଥାନା ଘେରିଲେ ବସ୍ତି ବାସିନ୍ଦା

**ପାରାଦୀପ,୨୭।୧୨(ସ୍ୱ.ପ୍ର.)**

୨ ବର୍ଷର ଶିଶୁପୁତ୍ରକୁ ମା' ଖୁଆଇ ସାରି ଖରାବେଳେ ଶୁଆଇଦେଇ ବାସନ ମାଜିବାକୁ ଯାଇଥିଲେ। ଘର ଆଗରେ ଜେଜେ ମା' ଓ ଅନ୍ୟ ମହିଳାମାନେ କଥାବାର୍ତ୍ତାରେ ମସଗୁଲ ଥିଲେ। ସମୟ ଅପରାହ୍ନ ୧.୩୦ରୁ ୨ଟା ମଧ୍ୟରେ ହେବ। ହଠାତ୍ ଶିଶୁପୁତ୍ରଟି କେଉଁଆଡେ ନିଖୋଜ ହୋଇଗଲା। ଇତିମଧ୍ୟରେ ୪ମାସ ବିତିଥିଲେ ମଧ୍ୟ ତା'ର କୌଣସି ସୁରାକ ମିଳିନାହିଁ। ପୋଲିସ କେବଳ ମାମଲା (ନଂ.୧୨୦/୧୮) ରୁଜୁ କରି ଚୁପ୍ ହୋଇବସିଛି। ଜଗତ୍‌ସିଂହପୁର ଜିଲା ପାରାଦୀପ ଥାନା ଅଞ୍ଚଳରେ ହୋଇଥିବା ଏଭଳି ଘଟଣାକୁ ନେଇ ବୁଧବାର ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ବସ୍ତିର ୩୦ରୁ ଊର୍ଦ୍ଧ୍ୱ ମହିଳା ଆସି ଥାନା ଘେରାଉ କରିଛନ୍ତି। ସୂଚନା ଅନୁଯାୟୀ, ଅଠରବାଙ୍କୀ ଶିବ ମନ୍ଦିର ପାଖ ବସ୍ତିରେ ରୁହନ୍ତି ରବୀନ୍ଦ୍ର ନାୟକଙ୍କ ପରିବାର।

୨୦୧୮ ଅଗଷ୍ଟ ୧୨ ତାରିଖରେ ତାଙ୍କ ୨ ବର୍ଷର ଶିଶୁପୁତ୍ର ରୋହନକୁ କେହି ନେଇଯାଇଥିବା ଅଭିଯୋଗ ହୋଇଥିଲା। ସମଗ୍ର ବସ୍ତିର ଲୋକ ୧୫ ଦିନ ଧରି ଚାରିଆଡେ ଖୋଜିଲେ। ଏ ନେଇ ପାରାଦୀପ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା। କିନ୍ତୁ ଅଦ୍ୟାବଧି ରୋହନର ପତ୍ତା ମିଳିନାହିଁ। ପରିବାର ଲୋକେ ଜ୍ୟୋତିଷର ସହାୟତା ନେଇଥିଲେ। ରୋହନ ବଞ୍ଚିଥିବା ଜ୍ୟୋତିଷ କହିଛନ୍ତି। ମାତ୍ର ପୋଲିସ ତା'ର ପତ୍ତା ପାଉ ନ ଥିବାରୁ ମହିଳାମାନେ ଥାନା ଘେରାଉ କରିଛନ୍ତି। ଏପରିକି ପ୍ରତି ଅଲଗା ଭାବେ ୩ଟି ଲିଖିତ ଅଭିଯୋଗ କରିଛନ୍ତି। ରମେଶ ଚନ୍ଦ୍ର ସାହୁ, ଦିଲୀପ ଖଟୁଆ, କେଦାର ସାହୁଙ୍କ ସମେତ ବହୁ ମୁରବୀ ଶ୍ରେଣୀୟ ଲୋକେ କହିଛନ୍ତି ଯେ ପୋଲିସ ସେପରି କୌଣସି ଠୋସ୍ ପ୍ରମାଣ ଯୋଗାଡ଼ କରିନାହିଁ। ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି ଯେ ପୋଲିସ ସେବେଠାରୁ ଏକାଧିକ ଥର ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛି। କିନ୍ତୁ କୌଣସି ସୁରାକ୍ ମିଳିନାହିଁ। ତଥାପି ଆମେ ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।


ବସ୍ତିର ମହିଳାମାନେ ପୋଲିସକୁ ଅଭିଯୋଗ ଜଣାଉଛନ୍ତି।

## ବିମୁଦ୍ରୀକରଣ ପରେ ଆୟକରଦାତାଙ୍କ ସଂଖ୍ୟା ବଢିଛି

**ବିରିଡ଼ି,୨୭।୧୨(ଡି.ଏନ.ଏ.):** ୨୦୧୬ ମସିହା ବିମୁଦ୍ରୀକରଣ ଯୋଜନା ଭାରତୀୟ ଅର୍ଥନୀତିରେ ପ୍ରଭାବ ପକାଇଥିଲା। ଏହାଦ୍ୱାରା ବିପୁଳ ପରିମାଣର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିବା ସହ ଆୟକର ସଂଖ୍ୟା ବଢିଛି ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିମଳ କିଙ୍କର ମହାନ୍ତି ମତବ୍ୟକ୍ତ କରିଛନ୍ତି। ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟରେ ଗୁରୁବାର ବିମୁଦ୍ରୀକରଣ ଉପରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ସେ କହିଲେ ଯେ ନୂଆ ନୋଟ ପ୍ରଚଳନ ଦ୍ୱାରା ବିଦେଶରୁ ଭାରତ ମଧ୍ୟକୁ ଆସୁଥିବା ନକଲି ନୋଟ ଓ କଳା ଟଙ୍କା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଫଳରେ ବିଦେଶରୁ ନିୟନ୍ତ୍ରିତ ଭାରତ ବିରୋଧୀ କାର୍ଯ୍ୟକୁ ପ୍ରଚଣ୍ଡ ଆଘାତ ଲାଗିଥିଲା। ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାକୁ ଅଧ୍ୟକ୍ଷ ବନମାଳି ବେହେରା ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ରୁଦ୍ରନାରାୟଣ ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରଫେସର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସୁମନ ବେହେରା ଧନ୍ୟବାଦ ଦେଇଥିଲେ।

## ବିଜେଡିର ସମାବେଶ

**କୁଜଙ୍ଗ,୨୭।୧୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପାଟୁର ପଞ୍ଚାୟତ କରତୁଠା ଗ୍ରାମରେ ବିଜେଡିର ପଞ୍ଚାୟତସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି। ବିଶ୍ୱନାଥ ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଦଳକୁ ଅଧିକ ମଜଭୁତ କରିବାକୁ କର୍ମୀମାନେ ସଂକଳ୍ପ ନେଇଥିଲେ। ଦିଲୀପ ବସ୍ତିଆ, ନରେନ୍ଦ୍ର ଦାସ, ପ୍ରତ୍ୟୁଷ ମହାପାତ୍ର, ବିଜୟ ବାରିକ, ବାସୁଦେବ ପ୍ରଧାନ, ସରୋଜ ପ୍ରଧାନ, ଗନ୍ଧର୍ବ ଦାସ, ବନ୍ଧୁ ଦାସ, ବିଜୟ ଦାସ, ସରୋଜ ନାୟକ, ଗୌରାଙ୍ଗ ପାଣି, ଶରତ ଦାସ, ସଞ୍ଜୟ କାଣ୍ଡି, ବଂଶୀଧର ପାଣିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସୁଶ୍ରୀ ଶୁଭଶ୍ରୀର ବାର୍ଷିକୋତ୍ସବ

**ତିର୍ତ୍ତୋଲ,୨୭।୧୨(ଡି.ଏନ.ଏ.)**

ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ଦଶମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସାହିତ୍ୟ ଆସର, ସମ୍ବର୍ଦ୍ଧନା ସଭା ଓ ସମେତ ସଂସଦର ମୁଖପତ୍ର 'ସୁଶ୍ରୀ ଶୁଭଶ୍ରୀ', କବି ଶିବପ୍ରସାଦ ବାହିନୀ ପତିଙ୍କ 'ଜୀବନ ଗୀତିକା ଓ ବ୍ୟଙ୍ଗକବି ଶାନ୍ତନୁ ଷଡଙ୍ଗୀଙ୍କ 'ପୁଷିନାନୀର ବାହାଘର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୂର୍ବାହ୍ନରେ ଆଇନଜୀବୀ ବୈଷ୍ଣବ ଚରଣ ଦାସ ଏହି ଆସର ଉଦ୍‌ଘାଟନ କରିଥିଲେ। ଉପସଭାପତି ହେମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶରେ ଉଚ୍ଚଶିକ୍ଷା ଉପନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ଦାସ ମୁଖ୍ୟଅତିଥି, କବି ପୀତାମ୍ବର ତରାଇ ମୁଖ୍ୟବକ୍ତା, ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ଅକ୍ଷୟ କୁମାର ରାଉତ, ବରଗଡ ଧନୁଯାତ୍ରା ନିର୍ଦ୍ଦେଶକ ଦୟାନିଧି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ପରିଡା ମୁଖ୍ୟଅତିଥି, ଉମାକାନ୍ତ ନାୟକ ମୁଖ୍ୟବକ୍ତା, ନାରାୟଣ ମହାରଣା ବରେଣ୍ୟ ଅତିଥି, ମୁଖ୍ୟ ସମ୍ପାଦକ ଗୋଲୋକ ବିହାରୀ ପଲାଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତଥିଲେ। ଶେଷ ଅଧିବେଶନରେ ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ପ୍ରଧାନ ସଭାପତିତ୍ୱ କରିଥିଲେ। ଶାଶ୍ୱତ ସେତୁ ସମ୍ପାଦିକା ଆରତୀ ତ୍ରିପାଠୀ ମୁଖ୍ୟଅତିଥି ଓ ସୁଶୀଲ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜଶ୍ରୀ ସ୍ୱାଇଁ, ଷ୍ଟାଲିନ ମିତ୍ର ଓ କ୍ଷୀରୋଦ ସେଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ପ୍ରେମଚରଣ ରାଉତ, ପୀତାମ୍ବର ମହାପାତ୍ର, ନୀଳମଣି ମଲ୍ଲିକ ପରିଚାଳନା କରିଥିଲେ।

## ବିଜ୍ଞାନ, କଣ୍ଢେଇ ମେଳା

**କୁଜଙ୍ଗ,୨୭।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଭୂତମୁଣ୍ଡାଇସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ବାର୍ଷିକ କ୍ରୀଡ଼ା, ଛଦ୍ମବେଶ ପ୍ରତିଯୋଗିତା, ବିଜ୍ଞାନ ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଛି। ଶିଶୁମନ୍ଦିର ପ୍ରତିଷ୍ଠାତା ସାରସ୍ୱତ ସାଧକ ସ୍ୱର୍ଗତ ଶାନ୍ତନୁ କୁମାର ସ୍ୱାଇଁଙ୍କ ଜନ୍ମତିଥିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିଶୁମନ୍ଦିର ସଭାପତି ବୈଷ୍ଣବ ଚରଣ ପରିଡା ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ମାୟାଧର ଦାସ ମୁଖ୍ୟଅତିଥି, ସଞ୍ଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଧିରେନ୍ଦ୍ର କୁମାର ସ୍ୱାଇଁ, ଆଦର୍ଶ ଶିକ୍ଷକ କୁଳମଣୀ ତରାଇ, ଧିରେନ୍ଦ୍ର କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ପ୍ରଭୁଦତ୍ତ ମହାପାତ୍ର, ସନ୍ଦୀପ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁ ବାର୍ଷିକ ବିବରଣୀ ପାଠ, ସରୋଜ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ, ବସନ୍ତ କୁମାର ପରିଡା ସ୍ୱାଗତ ଭାଷଣ ଓ ନୃସିଂହ ଚରଣ ସାମଲ ଧନ୍ୟବାଦ ଦେଇଥିଲେ। ଶେଷରେ ଛଦ୍ମବେଶରେ ଶତାଧିକ ପ୍ରତିଯୋଗୀ ନିଜ କଳା ପ୍ରଦର୍ଶନ କରିଥିବା ବେଳେ ବିଜ୍ଞାନ ମେଳାରେ ୧୮୨ ପ୍ରକଳ୍ପ ଓ କଣ୍ଢେଇ ମେଳାରେ ୯୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ରିଭ୍ୟୁମିଟିଂରେ ଅନୁପସ୍ଥିତ ରହିଲେ ବିଡିଓ, ଅନ୍ୟ ଅଧିକାରୀ

# ଅଧାବାଟରୁ ଫେରିଲେ ଯୋଜନା ବୋର୍ଡ ଉପାଧକ୍ଷ

**ରଘୁନାଥପୁର, ୨୭ ।୧୨( ଡି.ଏନ.ଏ.)**

ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ ଗୁରୁବାର ଅପରାହ୍ନ ୩ଟାରେ ରଘୁନାଥପୁର ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବାର ଥିଲା। ଗତ ୨୩ ତାରିଖରୁ ଏନେଇ ସରକାରୀସ୍ତରରେ ଚିଠି ମାଧ୍ୟମରେ ବ୍ଲକକୁ ଅବଗତ କରାଯାଇଥିଲା। ସେହି ଅନୁଯାୟୀ ଦାସ ଗସ୍ତରେ ଆସିଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ବିଡିଓ ପଞ୍ଚାନନ ପଟାୟତଙ୍କ ସମେତ ଏବିଡିଓ, ସହକାରୀ ଯନ୍ତ୍ରୀ, ଡବ୍ଲୁଇଓ ଅନୁପସ୍ଥିତ ରହିବାରୁ ବାଧହୋଇ ସେ ଅଧାବାଟରୁ ଫେରିଯାଇଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଦାସ କହିଛନ୍ତି ଯେ ବ୍ଲକକୁ ଦିଆଯାଇଥିବା ୪୦ ଲକ୍ଷ ଟଙ୍କା ଅନୁଦାନ, ସରକାରୀ ଗୃହ, ଭତ୍ତା, ରାଶନକାର୍ଡ ସମ୍ପର୍କରେ ଏକ ରିଭ୍ୟୁ ମିଟିଂ ହୋଇଥାନ୍ତା। ତେବେ ଏକସଙ୍ଗେ ସମସ୍ତ ଅଧିକାରୀ ଯଦି ବ୍ଲକରେ ଅନୁପସ୍ଥିତ ରୁହନ୍ତି ତାହା ହେଲେ କାହାକୁ ନେଇ ରିଭ୍ୟୁ ମିଟିଂ କରିଥାନ୍ତି ବୋଲି ସେ ଖବରଦାତାଙ୍କୁ କହିଛନ୍ତି। ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ଏବିଡିଓ ଅଶୋକ କୁମାର ମହାନ୍ତି କହିଛନ୍ତି ଯେ ତିର୍ତ୍ତୋଲ ବିଧାୟିକା ଏକ ଜରୁରୀ ବୈଠକ ଡାକିବାରୁ ସମସ୍ତେ ଭୁବନେଶ୍ୱର ଯାଇଥିଲୁ । ଅନ୍ୟପକ୍ଷରେ ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ପୂର୍ବରୁ ଚିଠି ହୋଇଥିଲା। ହେଲେ କ'ଣ ଏଭଳି ଜରୁରୀ ବୈଠକ ବିଧାୟିକାଙ୍କ ପକ୍ଷରୁ ଡକାଗଲା ଯେ, ଯୋଜନା ବୋର୍ଡ ଉପାଧକ୍ଷ କି ଅନ୍ୟ ଅଧିକାରୀ କାହାକୁ ନ ଜଣାଇ ବିଡିଓ ଚାଲିଗଲେ ବୋଲି ଦାସ ପ୍ରଶ୍ନ କରିଛନ୍ତି। ଦାସଙ୍କ ଗସ୍ତ ଲାଗି ତିର୍ତ୍ତୋଲ ତହସିଲଦାରଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆଯାଇଥିଲା। କାଳେ ମିଟିଂ ସମୟରେ କୌଣସି ବିଶୃଙ୍ଖଳା ହେବ ସେଥିଲାଗି ଏସ୍‌ପିଙ୍କ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ଦାସଙ୍କ ସହ ଉପଜିଲାପାଳ ମଧ୍ୟ ଯୋଗ ଦେଇଥାନ୍ତେ। ଯଦି ଜରୁରୀ ବୈଠକ ଡକାଗଲା, ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରିବା ଲାଗି ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଥିଲା କି ନାହିଁ ତାହା ତଦନ୍ତ ସାପେକ୍ଷ। ଯଦି ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଥିଲା, ତେବେ ସେମାନେ କାହିଁକି ଯୋଜନା ବୋର୍ଡ ଉପାଧକ୍ଷ ଦାସ କି ଉପଜିଲାପାଳ, ଏସ୍‌ପି, ତିର୍ତ୍ତୋଲ ତହସିଲଦାରଙ୍କୁ ଜଣାଇଲେ ନାହିଁ। ଏଥିପାଇଁ ଯେଉଁ ଅର୍ଥ ବରବାଦ ହେଲା ତାହା କାହାଠାରୁ ଭରଣା କରାଯିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏ ନେଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

# ‘ଗବେଷଣା ତୃଣମୂଳରେ ପହଞ୍ଚିବାର ଆବଶ୍ୟକତା ରହିଛି’

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ବିଜ୍ଞାନ ଏବଂ ସମାଜ ବିଜ୍ଞାନରେ ଗବେଷଣା ଦେଶର ତୃଣମୂଳସ୍ତରରେ ପହଞ୍ଚିବା ଉଚିତ। ସମାଜ ବିଜ୍ଞାନରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିବାର ଆବଶ୍ୟକତା ରହିଛି। କିଟ୍ ପରିସରରେ ଗୁରୁବାର ଆୟୋଜିତ ୪୨ତମ ସର୍ବଭାରତୀୟ ସୋସିଆଲ ସାଇନ୍ସ କଂଗ୍ରେସ(ଆଇଏସ୍ଏସ୍ସି)ରେ ଯୋଗଦେଇ ମଣିପୁର ରାଜ୍ୟପାଳ ନଜ୍‌ମା ହେପତୁଲ୍ଲା ଏହି କଥା କହିଛନ୍ତି।

ନଜ୍‌ମା କହିଛନ୍ତି ଯେ, ବିଜ୍ଞାନ ଏବଂ ସମାଜ ବିଜ୍ଞାନର ସମସ୍ତ ଶାଖାକୁ ଗୋଟିଏ ଛତା ତଳକୁ ଆଣିବା ଆବଶ୍ୟକ। ଦେଶର କୋଣ ଅନୁକୋଣରେ ବିଜ୍ଞାନ ଏବଂ ସମାଜ ବିଜ୍ଞାନର ବାର୍ତ୍ତା ପହଞ୍ଚାଇବାର ଆବଶ୍ୟକତା ରହିଛି। ସମାଜ ବିଜ୍ଞାନୀମାନେ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

‘ହ୍ୟୁମାନ ଫିଚର ଇନ୍ ଡିଜିଟାଲ ଏରା’ ଚଳିତ ବର୍ଷ ଏହି କଂଗ୍ରେସର ବାର୍ତ୍ତା ରହିଛି। ଏଥିରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଗବେଷଣାକାରୀ ଭାଗ ନେଇଛନ୍ତି। ୫ ଦିନ ଚାଲିବାକୁ ଥିବା ଏହି କଂଗ୍ରେସରେ ୨୮ ବିଷୟଭିତ୍ତିକ କମିଟି, ୨୧ ଆନ୍ତଃଶୃଙ୍ଖଳା ଥେମାଟିକ୍ ପ୍ୟାନେଲ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଇଣ୍ଡିଆନ ସୋସିଆଲ ସାଇନ୍ସ ଏକାଡେମୀର ସଭାପତି ପ୍ରଫେସର ବିନୋଦ ଚନ୍ଦ୍ର ଅଗ୍ରୱାଲ ଥିମ୍ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସେହିପରି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବୈଜ୍ଞାନିକ ତଥା ଆଇବିଏସ୍‌ଡିର ନିର୍ଦ୍ଦେଶକ ପ୍ରଫେସର ଦୀନବନ୍ଧୁ ସାହୁ କହିଛନ୍ତି ଯେ, ବିଜ୍ଞାନ ଏବଂ ସମାଜ ବିଜ୍ଞାନ ପରସ୍ପରଠାରୁ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ଟ୍ରେଲର ରିଲିଜ୍

**ମୁମ୍ବାଇ:** ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର’ ଫିଲ୍ମର ଟ୍ରେଲର ଗୁରୁବାର ରିଲିଜ ହୋଇଛି। ମନମୋହନ ସିଂ ତାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ କିପରି ସଖୀ କଣ୍ଢେଇ ଭଳି ଭୂମିକା ନିର୍ବାହ କରୁଥିଲେ ତାହାକୁ ନିର୍ଦ୍ଦେଶକ ହଁସଲ ମେହେଟ୍ଟା ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ଉକ୍ତ ଫିଲ୍ମରେ ମନମୋହନ ସିଂ ଭୂମିକାରେ ଅନୁପମ ଖେର ଅଭିନୟ କରିଛନ୍ତି। ମନମୋହନଙ୍କ ଅନୁରୂପ ସ୍ୱର ଏବଂ ପଗଡି ଥାଇ ଉକ୍ତ ଚରିତ୍ର ଖୁବ୍ ପ୍ରଭାବଶାଳୀ ହୋଇପାରିଛି। ଅପରପକ୍ଷରେ କଂଗ୍ରେସ ମୁଖ୍ୟ ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁତ୍ର ରାହୁଲ ସମ୍ପୂର୍ଣ୍ଣ ଧୂର୍ତ୍ତ ଭୂମିକାରେ ଅଭିନୟ କରିଛନ୍ତି। ସୋନିଆ ଗାନ୍ଧୀ ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ସୁଜାନେ ବର୍ନର୍ଟ ଜଣେ



ତ୍ୟାଗପୂତ, ନମ୍ର, ଦେଶପ୍ରେମୀ ଏବଂ ମଧୁରଭାଷୀ ବ୍ୟକ୍ତିତ୍ୱ ମନମୋହନ ସିଂଙ୍କୁ କହନ୍ତି, ‘ଦଳ ଅନେକ ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ବର୍ତ୍ତମାନ କିପରି ନିଜ ପଦରୁ ଇସ୍ତଫା ଦେବାକୁ ଇଚ୍ଛା କରୁଛନ୍ତି। ବର୍ତ୍ତମାନ ରାହୁଲ ଦାୟିତ୍ୱ ନେବାର ସମୟ ନୁହେଁ।’

ତେଣୁ ମନମୋହନ ସିଂଙ୍କୁ ସୋନିଆ କାହିଁକି ପ୍ରଧାନମନ୍ତ୍ରୀ ପଦ ଛାଡ଼ିଦେଇଥିଲେ ତାହା ଏଥିରୁ ସ୍ପଷ୍ଟ ହୁଏ ବୋଲି ଫିଲ୍ମରେ ଦର୍ଶାଯାଇଛି। ଏଥିରେ ରାହୁଲ ଗାନ୍ଧୀ ଭୂମିକାରେ ଅର୍ଜୁନ ମାଥୁର ଏବଂ ପ୍ରିୟଙ୍କା ଗାନ୍ଧୀ ଭୂମିକାରେ ଆହାନା କୁମ୍ରା ଅଭିନୟ କରିଛନ୍ତି। ଉକ୍ତ ଅଭିନୟରେ ରାହୁଲ ଓ ପ୍ରିୟଙ୍କାଙ୍କ ବାସ୍ତବ ଜୀବନର ଛବି ପ୍ରତିଫଳିତ ହୋଇଛି। ଫିଲ୍ମ ‘ଠାକ୍‌ରେ’ର ଟ୍ରେଲର ରିଲିଜ ହେବାର ଦିନକ ପରେ ‘ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର’ ଟ୍ରେଲର ରିଲିଜ ହୋଇଛି। ଜନମତକୁ ପ୍ରଭାବିତ କରିବା ଭଳି ବାର୍ତ୍ତା ରହିଥିବା ଉଭୟ ସିନେମାରେ ରାଜନୀତି ଅପେକ୍ଷା ଗଣତନ୍ତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଉକ୍ତ ସିନେମା ୨୦୧୯ ଜାନୁୟାରୀ ୧୧ରେ ରିଲିଜ ହେବାକୁ ଯାଉଛି।

## ■ ପିପିଲି ପୀଡ଼ିତାଙ୍କ ପରିବାରକୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

# ୭ଦିନିଆ ଆନ୍ଦୋଳନକୁ ଓହ୍ଲାଇବ ଭାଜପା




ପିପିଲି ବେବିନା ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଏବଂ ଦୋଷୀଙ୍କୁ କଠୋର ଦଣ୍ଡ ଦାବିରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର,୨୭।୧୨ (ବ୍ୟୁରୋ)**

■ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

■କ୍ରାଇମବ୍ରାଞ୍ଚ ଆଳରେ ପ୍ରମାଣ ନଷ୍ଟ କରାଯାଉଛି : ପ୍ରଭାତୀ ପରିଡ଼ା

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ବୟାନକୁ ନେଇ ଭାଜପା ମହିଳା ମୋର୍ଚ୍ଚା ଦୃଢ଼ ନିନ୍ଦା କରିଛି। ଗୁରୁବାର ସକାଳେ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୀଡିତାଙ୍କ ଘର ପିପିଲି ଅର୍ଜୁନଗୋଦା ଗାଁକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା, ନେତ୍ରୀ ଅପରାଜିତା ଷଡ଼ଙ୍ଗୀ, ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଥିଲେ। ସେମାନେ ପୀଡିତାଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ସହ ନ୍ୟାୟ ପାଇଁ ଭାଜପା ମହିଳା ମୋର୍ଚ୍ଚା ଲଢେଇ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପରିଡ଼ାଙ୍କ ନେତୃତ୍ୱରେ ୩ଶହରୁ ଊର୍ଦ୍ଧ୍ୱ ମହିଳା କର୍ମୀ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିଲେ। ମନ୍ତ୍ରୀ ମହାରଥୀଙ୍କ ବାସଭବନ ପୂର୍ବରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ବିଭିନ୍ନ ନାରାବାଜି ଦେଇଥିଲେ।

ପ୍ରଭାତୀ ପରିଡା କହିଛନ୍ତି, ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ଦୋଷୀ ପ୍ରଦୀପ ମହାରଥୀଙ୍କ ଭଳି ବାହୁବଳି ମନ୍ତ୍ରୀମାନଙ୍କ ବାହୁଛାୟା ତଳେ ରହି ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମନ୍ତ୍ରୀଙ୍କ ବୟାନ ସମସ୍ତ ମହିଳା ସମାଜ ପ୍ରତି ଅସମ୍ମାନ। ତେଣୁ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। ଏଥିପାଇଁ ଲଗାତର ୭ ଦିନ ଧରି ରାଜ୍ୟ ସାରା ଆନ୍ଦୋଳନ କରାଯିବ। ପୀଡିତାଙ୍କ ପରିବାରକୁ ନ୍ୟାୟ ଓ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜୋରଦାର ହେବ। ଏବେ ପୀଡିତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଦରକାର। ପୀଡିତାଙ୍କ ମା’ ସିବିଆଇ ତଦନ୍ତ ଓ ଝିଅକୁ ନ୍ୟାୟ ମିଳୁ ବୋଲି କହିଛନ୍ତି। ତଦନ୍ତ ଆଳରେ ଶାସକ ଦଳ କ୍ରାଇମବ୍ରାଞ୍ଚକୁ ଲଗାଇ ପ୍ରମାଣ ନଷ୍ଟ କରୁଛି ବୋଲି ପ୍ରଭାତି ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ଲୋକଙ୍କ ପାଖରୁ ବିରୋଧୀ ଦୂରେଇ ଗଲେଣି। ସେମାନଙ୍କ ପାଖରେ କିଛି କାର୍ଯ୍ୟକ୍ରମ ନାହିଁ। ଅସୂୟା ମନୋଭାବ ରଖି ବିରୋଧୀ ଏଭଳି ଇସ୍ୟୁକୁ ତେଲେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।


OHPC

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
**DIST: KALAHANDI-766026, Mob. No.7328840483,**
**E-mail: sgmel_uihep@ohpcltd.com**

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102,
E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ PSDF/ 2120 (Part – I) / 5937 (WE) / Dated. 22.12.2018
NOTICE FOR OPENING OF BID DOCUMENTS FOR
TENDER CALL NOTICE NO. 34/2018-19 Dtd.17.09.2018

**No.CAD-1168:-** Technical bids of the Tender Call Notice No. 34/2018-19 Dtd.17.09.2018 for the work – “Procurement of 360 KV Surge Arrestor & 216 KV Surge Arrestor” will be opened on dated 04.01.2019 at 12:00 Hrs in the office of the undersigned. The bidders are requested to attend the opening of technical bid on the date & time mentioned above.

Sd./- Sr. General Manager (El.)
UIHEP, Mukhiguda

32136/11/0070/1819

**Government of Odisha**
**OFFICE OF THE SUPERINTENDING ENGINEER**
**JEYPORE (R&B) CIRCLE, JEYPORE**
E-mail ID: Supenger_rbjyp@yah.co.in, Tel/Fax: 06854-251528

**No.1061-B:-** CANCELLATION OF BID

Name of the Work:- "Improvement to road from Subash Junction to Talasahi upto R.D road of Malkangiri Municipality in the District of Malkangiri under State plan for 2018-19.

Office Order No. 3784 Date: 22.12.2018

The Bid Identification No. S.E.J.C (R&B)- 14/2018-19 for above noted work is hereby cancelled due to no response to bid.

All the other terms and conditions will remain unchanged.

Sd./- Superintending Engineer
Jeypore (R&B) Circle, Jeypore

34108/11/0030/1819

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**JEYPORE (R&B) CIRCLE, JEYPORE**

No.1060-B:- **e-Procurement Notice**

**Bid Identification No. S.E.J.C (R&B)-17/2018-19**
**No. 3839 Date: 22.12.2018**

| | | | |
|---|---|---|---|
| 1. | Name of the work | : | Road Work |
| 2. | Total No. of Works | : | 01 (One) No. |
| 3. | Estimated cost | : | Rs. 160.01 Lakhs |
| 4. | Period of completion | : | 05 (Five) Months |
| 5. | Date & time of availability of bid document in the portal | : | From 11.00 hours of 29.12.2018 to 16.00 hours of 14.01.2019. |
| 6. | Last date/ Time for receipt of bids in the Portal | : | 16.00 hours of 14.01.2019 |
| 7. | Opening date of Bid | : | 11.00 hours of 15.01.2019 |
| 8. | Name and address of the Officer Inviting Bid | : | Superintending Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in.

Sd./- Superintending Engineer
Jeypore (R&B) Circle,
Jeypore

34108/11/0029/1819

**OFFICE OF EXECUTIVE ENGINEER**
**MINOR IRRIGATION DIVISION,MALKANGIRI**
**e-Procurement Notice**
**Bid Identification No. on line Mkg- 06/2018-19**
**midivmalkangiri@gmail.com, Phone No.06861-230783**

**No.1015-A:-** Bid documents consisting of work,estimated cost,cost of tender paper, EMD, time of completion class of contractor, the set of terms and conditions of contract and necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | : | Improvement to MIP in different blocks of Malkangiri District. Under DPIW 2018-19 & MIPSP 2018-19 Scheme |
| 2 | No.of works | : | 6 Nos. |
| 3 | Estimated Cost | : | Varies approximately from 4.46 lakh to 24.80 lakh. |
| 4 | Period of completion | : | 4 (four) & 3 (three) Calendar Months |
| 5 | Date and time of availability of Bid documents in the portal. | : | 29.12.2018 (10.00 A.M.) to 07.01.2019 upto 5.00 P.M. |
| 6 | Last date /Time for received of bids in the portal | : | 07.01.2019 upto 5.00 P.M |
| 7 | Date of opening of Bids | : | 08.01.2019 at 11 A.M onwards |
| 8 | Mode of Payment of bid cost and bid security | : | Online |
| 9 | Name of the Officer inviting the Bids. | : | Executive Engineer, Minor Irrigation Division, Malkangiri |

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer
M.I. Division, Malkangiri

32364/11/0005/1819

# ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ ଗୃହନିର୍ମାଣ), ବିଭାଜନ, ବଲାଙ୍ଗୀର

ପତ୍ରସଂଖ୍ୟା: ୫୦୨୭ // ତାରିଖ: ୧୯।୧୨।୨୦୧୮

**No. 1053-B:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରିଙ୍ଗରୋଡ୍ ରାସ୍ତା ନିର୍ମାଣ ନିମନ୍ତେ ବଲାଙ୍ଗୀର ତହସିଲ ଅନ୍ତର୍ଗତ ବଲାଙ୍ଗୀର ‘କ’, ସାଲେପାଲି, ବିଜାଖମନ, ବଲାଙ୍ଗୀର ‘ଗ’ ମୌଜାରୁ ୧୬.୩୪୪ ଏକର ବେସରକାରୀ ଜମି ଅଧିଗ୍ରହଣ କରିବା ପାଇଁ ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା– ୧୦୨୪୧, ତାରିଖ: ୩୧।୦୩।୨୦୧୪ରେ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ବିଭାଜନ, ବଲାଙ୍ଗୀର ଜମିମାଲିକଙ୍କଠାରୁ ସିଧାସଳଖ କ୍ରୟ କରାଯିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମି ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ଆଗ୍ରହ ରହିଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେ ପ୍ରକାରର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧. ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠା) ବିଭାଜନ, ବଲାଙ୍ଗୀର।
୨. ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠା) ଉପ-ବିଭାଜନ-୧, ବଲାଙ୍ଗୀର

| କ୍ର. ନଂ. | ଜମି ମାଲିକଙ୍କ ନାମ | ଖାତା ନଂ. | ପ୍ଲଟ୍ ନଂ. | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| | **ମୌଜା– ବଲାଙ୍ଗୀର ‘କ’** | | | | | | |
| ୧ | ଦୂର୍ବାଦଳ ମହାକୁର, ପି- ବିଶେଶର ମହାକୁର, ବାସ: ନିଜଗାଁ, ଟିମିନିଭାଟି ପଡ଼ା, ଜାତି: ଗଉଡ଼ | ୭୩୦/୩୮ | ୨୭୫ | ବାହାଲପାଣି ଦୁଇ | ୦.୦୩୯ | ୦.୦୩୯ | |
| ୨ | ଦୂର୍ବାଦଳ ମହାକୁର, ପି- ବିଶେଶର ମହାକୁର, ବାସ: ନିଜଗାଁ, ଟିମିନିଭାଟି ପଡ଼ା, ଜାତି: ଗଉଡ଼ | ୭୩୦/୩୮ | ୨୭୬ | ବାହାଲପାଣି ଦୁଇ | ୦.୮୧୭ | ୦.୦୬୭ | |
| ୩ | ଜନ୍ମେଜୟ ସାଏ ଏବଂ ଅନ୍ୟ, ପି- ଅଜିନ୍ଦର ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୭୩୦/୧୦୪୬ | ୨୭୭ | ବାହାଲପାଣି ଦୁଇ | ୦.୧୪୩ | ୦.୧୪୩ | |
| ୪ | ଜନ୍ମେଜୟ ସାଏ ଏବଂ ଅନ୍ୟ, ପି- ଅଜିନ୍ଦର ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୭୩୦/୧୦୪୬ | ୨୭୮ | ବାହାଲପାଣି ଦୁଇ | ୧.୮୩୨ | ୦.୭୧୫ | |
| ୫ | ଜନ୍ମେଜୟ ସାଏ ଏବଂ ଅନ୍ୟ, ପି- ଅଜିନ୍ଦର ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୭୩୦/୧୦୪୬ | ୨୨୪ | ବାହାଲପାଣି ଦୁଇ | ୪.୧୯୮ | ୦.୮୯୭ | |
| ୬ | ଜନ୍ମେଜୟ ସାଏ ଏବଂ ଅନ୍ୟ, ପି- ଅଜିନ୍ଦର ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୭୩୦/୧୦୪୬ | ୨୨୬ | ବାହାଲପାଣି ଦୁଇ | ୧.୦୩ | ୦.୨୫୩ | |
| ୭ | ଦୟାନିଧି ନାଏକ, ପି- ଗିରିଧାରୀ ନାଏକ, ବାସ: ନିଜଗାଁ ରାମଜୀ ପଡ଼ା, ଜାତି: ଅଘରିଆ | ୨୨୭ | ୨୨୭ | ବାହାଲପାଣି ଦୁଇ | ୦.୭୬୮ | ୦.୬୪୧ | |
| ୮ | ନୀଳମଣି ନାଏକ ଏବଂ ଅନ୍ୟ, ପି- ନାରାୟଣ ନାଏକ, ବାସ: ନିଜଗାଁ, ଅଘରିଆ ପଡ଼ା, ଜାତି: ଅଘରିଆ | ୨୮୫ | ୨୨୮ | ବାହାଲପାଣି ଦୁଇ | ୩.୬ | ୦.୦୪୬ | |
| ୯ | ବିଜୟ କୁମାର ନନ୍ଦ, ପି- ହୃଷୀକେଶ ନନ୍ଦ, ବାସ: ନିଜଗାଁ, ରାଧାରାଣୀ ପଡ଼ା, ଜାତି: ବ୍ରାହ୍ମଣ | ୭୩୦/୧୦୩୨ | ୨୨୮/୬୧୧୦ | ବାହାଲପାଣି ଦୁଇ | ୧.୦୦ | ୦.୧୯୭ | |
| ୧୦ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ନିଜଗାଁ ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୬୮ | ବାହାଲପାଣି ଦୁଇ | ୦.୭୨୧ | ୦.୪୭୮ | |
| ୧୧ | ଗିରିଧାରୀ ସାହୁ, ପି- ଶତ୍ରୁଘନ ସାହୁ, ବାସ: ବ୍ରାହ୍ମଣପଡ଼ା, ଜାତି: ତେଲି | ୭୩୦/୧୦୩୨ | ୧୭୧ | ବାହାଲପାଣି ଦୁଇ | ୦.୮୪ | ୦.୧୮୮ | |
| ୧୨ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୮୩ | ବାହାଲପାଣି ଦୁଇ | ୧.୯୯୭ | ୦.୭୫୨ | |
| ୧୩ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୮୪ | ବାହାଲପାଣି ଦୁଇ | ୦.୨୭୨ | ୦.୧୧୫ | |
| ୧୪ | ଲଳିତା ଚୋପଦାର, ସ୍ୱା- ଦେବୀ ପ୍ରସାଦ ଚୋପଦାର, ବାସ: ବଲାଙ୍ଗୀର, ଜାତି: ଗୁଡ଼ିଆ | ୨୭୬ | ୧୮୫ | ବାହାଲପାଣି ଦୁଇ | ୦.୬୨୩ | ୦.୩୬୧ | |
| ୧୫ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୭୦ | ବଗାୟତ ଦୁଇ | ୦.୨୧ | ୦.୧୬୪ | |
| ୧୬ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୭୬ | ଘରବାରି ଦୁଇ | ୦.୨୭୩ | ୦.୧୬୬ | |
| ୧୭ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୭୭ | ଘରବାରି ଦୁଇ | ୦.୦୯ | ୦.୦୯ | |
| ୧୮ | ଲିଙ୍ଗରାଜ ପଟେଲ ଏବଂ ଅନ୍ୟ, ପି- ମଧୁସୂଦନ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୫୫୪ | ୧୮୧ | ଘରବାରି ଦୁଇ | ୦.୨୨୭ | ୦.୧୧୮ | |
| ୧୯ | ହୃଷୀକେଶ ସାହୁ, ପି- ଅନିରୁଦ୍ଧ ସାହୁ, ବାସ: ବାଗଭାଡ଼ି, ଜାତି: ତେଲି | ୭୩୦/୧୧୨୮ | ୧୮୨ | ଆଟ୍ ମାମୁଲି | ୦.୧ | ୦.୦୬୯ | |
| ୨୦ | ମନୋରଞ୍ଜନ ବଡ଼ିଆ, ପି- ଚନ୍ଦ୍ରଶେଖର ବଡ଼ିଆ, ବାସ: ଜଗନ୍ନାଥପଡ଼ା, ଜାତି: କେଉଟ | ୭୩୦/୧୨୧୬ | ୧୯୭୭ | ଅନନ୍ୟ କ୍ଷେତ୍ର ଆଡ଼ି | ୦.୧୪୫ | ୦.୦୪୩ | |
| ୨୧ | ଲଳିତା ଚୋପଦାର, ସ୍ୱା- ଦେବୀ ପ୍ରସାଦ ଚୋପଦାର, ବାସ: ବଲାଙ୍ଗୀର, ଜାତି: ଗୁଡ଼ିଆ | ୨୭୬ | ୧୮୬ | ବାହାଲ ମାମୁଲି | ୧.୭୦୨ | ୦.୩୧୬ | |
| ୨୨ | ଗୌରଚନ୍ଦ୍ର ସାହୁ, ପି- ନଟବର ସାହୁ, ବାସ: ରାଧାରାଣୀ ପଡ଼ା, ଜାତି: ସୁନାରୀ | ୧୫୩ | ୧୮୭ | ବାହାଲ ମାମୁଲି | ୦.୦୬୪ | ୦.୦୬୪ | |
| ୨୩ | ସାବିତ୍ରୀ ପୋଢ଼, ସ୍ୱା- ଅନାଦି ପୋଢ଼, ବାସ: ବରପାଲି ପଡ଼ା, ଜାତି: ଗଉଡ଼ | ୭୩୦/୬୭୪ | ୧୮୮ | ବାହାଲ ମାମୁଲି | ୦.୩୩୮ | ୦.୩୩୮ | |
| ୨୪ | ସାବିତ୍ରୀ ପୋଢ଼, ସ୍ୱା- ଅନାଦି ପୋଢ଼, ବାସ: ବରପାଲି ପଡ଼ା, ଜାତି: ଗଉଡ଼ | ୭୩୦/୬୭୪ | ୧୮୯ | ବାହାଲ ମାମୁଲି | ୦.୩୬୨ | ୦.୧୧୨ | |
| ୨୫ | ମନୋରଞ୍ଜନ ବଡ଼ିଆ, ପି- ଚନ୍ଦ୍ରଶେଖର ବଡ଼ିଆ, ବାସ: ଜଗନ୍ନାଥପଡ଼ା, ଜାତି: କେଉଟ | ୭୩୦/୧୨୧୬ | ୧୯୦ | ବାହାଲ ମାମୁଲି | ୦.୧୦୭ | ୦.୧୦୭ | |
| ୨୬ | ମନୋରଞ୍ଜନ ବଡ଼ିଆ, ପି- ଚନ୍ଦ୍ରଶେଖର ବଡ଼ିଆ, ବାସ: ଜଗନ୍ନାଥପଡ଼ା, ଜାତି: କେଉଟ | ୭୩୦/୧୨୧୬ | ୧୯୩ | ବାହାଲ ମାମୁଲି | ୦.୧୬୮ | ୦.୦୭୨ | |
| ୨୭ | ଭୁକ୍ଷେଶ କୁମାର ଅଗ୍ରୱାଲ, ପି- ଜୟନାରାୟଣ ଅଗ୍ରୱାଲ, ବାସ: ରାଧାରାଣୀପଡ଼ା, ଜାତି: ଗର୍ଗ | ୭୩୦/୧୦୨୯ | ୧୯୮୪ | ବାହାଲ ମାମୁଲି | ୦.୦୪୭ | ୦.୦୪୭ | |
| ୨୮ | କୁମୁଦିନୀ ବେହେରା, ପି- କୃଷ୍ଣଚନ୍ଦ୍ର ବେହେରା, ବାସ: ରାଧାରାଣୀପଡ଼ା, ଜାତି: ଭଣ୍ଡାରୀ | ୧୦୦ | ୧୯୮୫ | ବାହାଲ ମାମୁଲି | ୧.୩ | ୦.୭୫୯ | |
| ୨୯ | ଯୁଧିଷ୍ଠିର ପଟେଲ ଏବଂ ଅନ୍ୟ, ପି- ଉଜଲ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୨୦୭ | ୧୯୮୬ | ବାହାଲ ମାମୁଲି | ୦.୧୨୮ | ୦.୧୨୮ | |
| ୩୦ | ମନୋରଞ୍ଜନ ବଡ଼ିଆ, ପି- ଚନ୍ଦ୍ରଶେଖର ବଡ଼ିଆ, ବାସ: ଜଗନ୍ନାଥପଡ଼ା, ଜାତି: କେଉଟ | ୭୩୦/୧୨୧୬ | ୧୯୭୬ | ବାହାଲ ମାମୁଲି | ୦.୪୬୯ | ୦.୧୦୯ | |
| ୩୧ | ବିଦ୍ୟା ନାଏକ ଏବଂ ଅନ୍ୟ, ପି- ଚୈତନ ନାଏକ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୩୮୮ | ୧୯୭୮ | ବାହାଲ ମାମୁଲି | ୦.୩୩୮ | ୦.୦୮୬ | |
| ୩୨ | ଯୁଧିଷ୍ଠିର ପଟେଲ ଏବଂ ଅନ୍ୟ, ପି- ଉଜଲ ପଟେଲ, ବାସ: ଜଗନ୍ନାଥପଡ଼ା, ଜାତି: ଅଘରିଆ | ୨୦୭ | ୧୯୭୯ | ବାହାଲ ମାମୁଲି | ୦.୫୦୭ | ୦.୦୬୩ | |
| | **ମୌଜା– ସାଲେପାଲି** | | | | | | |
| ୧ | ଗଜେନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୧୦୦ | ୨୧୬୦ | ମାଲ ମାମୁଲି | ୦.୦୪୮ | ୦.୦୪୮ | |
| ୨ | ପ୍ରକାଶ କୁମାର କେଜ୍ରି, ପି- ସୁବର୍ଣ୍ଣ ଦାସ କେଜ୍ରି, ବାସ: ନିଜଗାଁ, ଜାତି: ଅଘରିଆ | ୧୧୧୫ | ୨୧୫୯ | ଆଟ୍ ମାମୁଲି | ୦.୧୭୩ | ୦.୦୨୪ | |
| ୩ | ରାଜିନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୪୭୩ | ୨୧୬୩ | ଆଟ୍ ମାମୁଲି | ୧.୩ | ୦.୯୭ | |
| ୪ | ରାଜିନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୪୭୩ | ୨୨୩୭ | ଆଟ୍ ମାମୁଲି | ୧.୭୮୧ | ୦.୮୬୯ | |
| ୫ | ଗଜେନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୧୦୦ | ୨୨୪୧ | ଆଟ୍ ମାମୁଲି | ୦.୫୭୩ | ୦.୫୭୩ | |
| ୬ | ସୃଷ୍ଟିଧର ମିଶ୍ର, ପି- ଭୀମସେନ ମିଶ୍ର, ବାସ: ନିଜଗାଁ, ଜାତି: ବ୍ରାହ୍ମଣ | ୬୨୩ | ୨୨୪୭ | ଆଟ୍ ମାମୁଲି | ୦.୦୧୨ | ୦.୦୧୨ | |
| ୭ | ଗଜେନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୧୦୦ | ୨୧୬୪/୨୫୭୭ | ଆଟ୍ ମାମୁଲି | ୦.୦୨୧ | ୦.୦୨୧ | |
| ୮ | ସୃଷ୍ଟିଧର ମିଶ୍ର, ପି- ଭୀମସେନ ମିଶ୍ର, ବାସ: ନିଜଗାଁ, ଜାତି: ବ୍ରାହ୍ମଣ | ୬୨୩ | ୨୨୨୦ | ବେରେନା ମାମୁଲି | ୦.୧୨୫ | ୦.୧୨୫ | |
| ୯ | ମନୋଜ କୁମାର ଅଗ୍ରୱାଲ, ପି- ପୂରନ୍ମଲ୍ ଅଗ୍ରୱାଲ, ବାସ: ଟିକ୍ରାପଡ଼ା, ଜାତି: ବଣିଆ | ୧୧୫୭/୨୬୫୩ | ୨୨୪୮ | ବେରେନା ମାମୁଲି | ୧.୧୭୮ | ୦.୫୬୪ | |
| ୧୦ | ରାଜିନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୪୭୩ | ୨୨୩୬ | ବାହାଲ ମାମୁଲି | ୦.୮୮୧ | ୦.୧୨୬ | |
| ୧୧ | ଗଜେନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୧୦୦ | ୨୨୪୩ | ବାହାଲ ମାମୁଲି | ୨.୫୩୮ | ୦.୪୫୧ | |
| ୧୨ | ସୃଷ୍ଟିଧର ମିଶ୍ର, ପି- ଭୀମସେନ ମିଶ୍ର, ବାସ: ନିଜଗାଁ, ଜାତି: ବ୍ରାହ୍ମଣ | ୬୨୩ | ୨୨୪୬ | ବାହାଲ ମାମୁଲି | ୦.୩୩ | ୦.୦୩୩ | |
| ୧୩ | ରାଜିନ୍ଦ୍ର ସାଏ, ପି- କଳ୍ପବଟ ସାଏ, ବାସ: ନିଜଗାଁ, ଜାତି: ଅଘରିଆ | ୪୭୩ | ୨୧୩୬/୨୫୮୧ | ବାହାଲ ମାମୁଲି | ୦.୫୧୫ | ୦.୩୩୧ | |
| | **ମୌଜା– ବିଜାଖମନ** | | | | | | |
| ୧ | ପ୍ରେମଲତା ବାଗ ଓ ଅନ୍ୟ, ପି- ବାଲକୃଷ୍ଣ ଜାଲ, ବାସ: ସାଗରପଡ଼ା, ଜାତି: ଗଉଡ଼ | ୭୫ | ୧୯/୨୧୮୦ | ଆଟ୍ ମାମୁଲି | ୦.୪୭୭ | ୦.୦୯୨ | |
| ୨ | ସୁରେଶ ସାହୁ, ପି- ଗଙ୍ଗାଧର ସାହୁ, ବାସ: ତୁଳସୀନଗର, ଜାତି: ପାଟରା | ୬୪୯/୧୯୬୨ | ୧୩୪୫/୨୧୫୩ | ଘରବାରି ଏକ | ୦.୦୭୩ | ୦.୦୭୩ | |
| | **ମୌଜା– ବଲାଙ୍ଗୀର ‘ଗ’** | | | | | | |
| ୧ | ମଦନ ଗୋପାଳ ଅଗ୍ରୱାଲ, ପି- ବୈଦ୍ୟନାଥ ଅଗ୍ରୱାଲ, ବାସ: ରାଧାରାଣୀ ପଡ଼ା, ଜାତି: ଅଗ୍ରୱାଲ | ୧୮୮ | ୪୩୬ | ଆଟ୍ ମାମୁଲି | ୦.୨୭ | ୦.୦୪୭ | |
| ୨ | କୁନ୍ଦା ସାହୁ, ପି- ପୁଡ଼ା ସାହୁ, ବାସ: ରାଧାରାଣୀପଡ଼ା, ଜାତି: ତେଲି | ୫୦ | ୧୨୧୨/୧୬୩୨ | ଆଟ୍ ମାମୁଲି | ୦.୦୧୭ | ୦.୦୧୭ | |
| ୩ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୬୪ | ଆଟ୍ ମାମୁଲି | ୦.୬୧୬ | ୦.୦୮୨ | |
| ୪ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୬୫ | ଆଟ୍ ମାମୁଲି | ୦.୫୩୪ | ୦.୧୦୧ | |
| ୫ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୬୬ | ଆଟ୍ ମାମୁଲି | ୦.୫୪୨ | ୦.୦୬ | |
| ୬ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୭୧ | ଆଟ୍ ମାମୁଲି | ୦.୩୪୪ | ୦.୧୩୩ | |
| ୭ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୭୪ | ଆଟ୍ ମାମୁଲି | ୦.୧୨୩ | ୦.୦୧୫ | |
| ୮ | ପ୍ରବୀଣ କୁମାର ପଣ୍ଡା, ପି- ଭାବଗ୍ରାହୀ ପଣ୍ଡା, ବାସ: ଚନ୍ଦନଭାଟି, ଜାତି: ବ୍ରାହ୍ମଣ | ୩୬୮/୨୨୮୭ | ୪୩୯/୧୮୭୯/୨୫୮୮ | ଆଟ୍ ମାମୁଲି | ୦.୦୭୭ | ୦.୦୭୭ | |
| ୯ | ବିଜୟଲକ୍ଷ୍ମୀ ଦେବୀ, ସ୍ୱା- ଅନଙ୍ଗ ଉଦୟ ସିଂଦେଓ, ବାସ: ବଲାଙ୍ଗୀର ନିଉ ପେଲେସ, ଜାତି: କ୍ଷତ୍ରିୟ | ୩୬୮/୨୧୫ | ୧୨୯୯ | ଘରବାରି ଏକ | ୫.୭୭୩ | ୧.୫୮୨ | |
| ୧୦ | ବିଜୟଲକ୍ଷ୍ମୀ ଦେବୀ, ସ୍ୱା- ଅନଙ୍ଗ ଉଦୟ ସିଂଦେଓ, ବାସ: ବଲାଙ୍ଗୀର ନିଉ ପେଲେସ, ଜାତି: କ୍ଷତ୍ରିୟ | ୩୬୮/୨୧୫ | ୧୨୯୯/୧୬୪୭ | ଘରବାରି ଏକ | ୧.୮୨ | ୦.୪୯୫ | |
| ୧୧ | କୁନ୍ଦା ସାହୁ, ପି- ପୁଡ଼ା ସାହୁ, ବାସ: ରାଧାରାଣୀପଡ଼ା, ଜାତି: ତେଲି | ୫୦ | ୧୨୦୮ | ବେରନା ମାମୁଲି | ୦.୨୦୫ | ୦.୨୦୫ | |
| ୧୨ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୨୬ | ବେରନାପାଣି ଦୁଇ | ୦.୧୩ | ୦.୦୭୨ | |
| ୧୩ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୨୮ | ବାହାଲପାଣି ଦୁଇ | ୦.୨୩ | ୦.୧୨୧ | |
| ୧୪ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୨୩ | ବାହାଲପାଣି ଦୁଇ | ୦.୬୮ | ୦.୨୯୧ | |
| ୧୫ | ରକ୍ଷିତ୍ | ୨୭୭ | ୧୨୨୪ | ବାହାଲପାଣି ଦୁଇ | ୦.୨୫୪ | ୦.୦୬୪ | |
| ୧୬ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୭୩ | ବାହାଲ ମାମୁଲି | ୧.୧୧୪ | ୦.୫୪୭ | |
| ୧୭ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୨୭ | ଅନ୍ୟାନ୍ୟ କ୍ଷେତ୍ର ଆଡ଼ି | ୦.୦୭ | ୦.୦୭ | |
| ୧୮ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୨୯ | ଅନ୍ୟାନ୍ୟ କ୍ଷେତ୍ର ଆଡ଼ି | ୦.୦୪ | ୦.୦୪ | |
| ୧୯ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୨୫ | ଅନ୍ୟାନ୍ୟ କ୍ଷେତ୍ର ଆଡ଼ି | ୦.୦୩୯ | ୦.୦୩୯ | |
| ୨୦ | ଲକ୍ଷ୍ମୀଧର ସାହୁ, ପି- ବିଦ୍ୟାଧର ସାହୁ, ବାସ: କନ୍ଧପାଲିପଡ଼ା, ଜାତି: ତେଲି | ୨୧୭ | ୧୨୪୩ | ଅନ୍ୟାନ୍ୟ କ୍ଷେତ୍ର ଆଡ଼ି | ୦.୦୪୨ | ୦.୦୪୨ | |
| ୨୧ | ଛାଲ ନାଗ, ପି- ମକରନ୍ଦ ନାଗ, ବାସ: ଲର୍କିପାଲି, କନ୍ଧପାଲି, ଜାତି: ଖ୍ରୀଷ୍ଟିୟାନ | ୮୪ | ୧୨୬୭ | ଅନ୍ୟାନ୍ୟ କ୍ଷେତ୍ର ଆଡ଼ି | ୦.୦୧୩ | ୦.୦୧୩ | |
| ୨୨ | ବିଜୟଲକ୍ଷ୍ମୀ ଦେବୀ, ସ୍ୱା- ଅନଙ୍ଗ ଉଦୟ ସିଂଦେଓ, ବାସ: ବଲାଙ୍ଗୀର ନିଉ ପେଲେସ, ଜାତି: କ୍ଷତ୍ରିୟ | ୩୬୮/୨୧୫ | ୧୩୫୬ | ଅନ୍ୟାନ୍ୟ କ୍ଷେତ୍ର ଆଡ଼ି | ୦.୩୯୮ | ୦.୧୭୬ | |

34028/11/0051/1819

ସ୍ୱା./– ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ବିଭାଜନ, ବଲାଙ୍ଗୀର

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 4

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

i. ***The question paper comprises two sections, A and B. You are to attempt both the section.***

ii. ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

iii. ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

iv. ***Question numbers 3 to 5 in Section A are two marks questions. These are to be answered in about 30 words each.***

v. ***Question numbers 6 to 15 in Section A are three marks questions. These are to be answered in about 50 words each.***

vi. ***Questions number 16 to 21 in Section A are five marks questions. These are to be answered in about 70 words***

vii. ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** Why does carbon become stable after sharing four electrons ? What type of bond is formed by sharing of electrons ?

**2.** Name any two non-renewable resources.

**3.** An element X is placed in the 3rd period and 2nd group of the Modern Periodi Table.

a. Write electronic configuration of the element X.

b. Write the balanced equation of the reaction when this element burns in the presence of air.

**4.** When iron rod is kept dipped in copper sulphate solution for sometime, a brown coating is formed on the iron rod. What change will be observed in the colour of the solution ? Also write the reactions involved.

**5.** State the expression for lateral magnification of a concave in terms of object distance and image distance.

**6.** i. Write the chemical formula of each of the following.

a. Plaster of Paris b. Gypsum

ii. How can plaster of Paris be converted into gypsum ?

iii. List any one use of plaster of Paris.

**7.** Write chemical equations for the reaction of ethanoic acid with

i. sodium ii. potassium iii. soda lime

**OR**

A compound X has molecular formula, $C_3H_6$. One mole of X reacts with one mole of bromine to yield a compound Y. Deduce the structures of X and Y.

8. (a) What prevents the entry of food into trachea while swallowing ?

(b) Why rate of breathing is faster in aquatic animals as compared to terrestrial animals ?

**9.** (a) Why does menstruation occur ?

(b) Why some plants are propagated only by vegetative methods ?

**OR**

How is the sex of the offspring determined in the zygote ? Explain.

**10.** What is fission ? What are the different types of fission ? Explain them with the help of diagrams.

**11.** When does an electric short-circuit occur ?

**12.** If electrical energy costs ` 3 per unit, what is the total cost of leaving 4 light bulb, rated at 100W each, switched on for 8 hours ?

**13.** Draw the pattern of magnetic field lines of a current carrying solenoid. What does the pattern of field lines inside the solenoid indicate ? Write one application of magnetic field of current carrying solenoid.

**14.** Explain why:

i. It is difficult to burn a piece of wood fresh from a tree.

ii. Pouring dry sand over the fire extinguishes it.

iii. It is difficult to use hydrogen as a source of energy.

iv. Charcoal is considered a better fuel than wood.

**15.** Nitin went to Goa on a holiday recently with his family. There were lots of tourists in the beach. The beach was very dirty with plastic, paper, waste food, mineral water bottle, etc. through here and there. Nitin thought that something should be done to save the beach

(a) What values are shown by Nitin ?

(b) What can Nitin do to save the beach from becoming a dumping group ?

(c) How can government help in keeping the beach clean ?

**16.** (a) State the chemical properties on which the following uses of baking soda are based:

i. as an antacid

ii. as a soda-acid fire extinguisher

iii. to make bread or cake soft and spongy.

(b) How washing soda is obtained from baking soda ? Write balanced chemical equation.

**17.** The elements of the third period of the periodic table are given below.

| **Group→** | 1 | 2 | 13 | 14 | 15 | 16 | 17 |
|---|---|---|---|---|---|---|---|
| **Period (3)→** | Na | Mg | Al | Si | P | S | Cl |

(a) Which atom is bigger, Na or Mg ? Why ?

(b) Identify the most (i) metallic and (ii) non-metallic element in Period 3.

(c) Which is more non-metallic, S or Cl ?

(d) Which has higher atomic mass, Al or Cl ?

Give reasons for your choice.

**18.** (a) State the relation between object distance, image distance and focal length of a spherical mirror.

(b) A concave mirror of focal length 15 cm form an image of an object kept at a distance of 10 cm from the mirror. Find the position, nature and size of the image formed by it.

(c) Draw a ray diagram to show the image formed by a concave mirror when an object is placed between pole and focus of the mirror.

**OR**

What do you mean by linear magnification produced by mirrors ? The power of a lens is +2.5 D. What kind of lens is it and what is its focal length ?

Draw a ray diagram of an image when an object is placed on the principal axis of a convex lens between focus and optical centre.

**19.** (a) Define electromagnetic induction.

(b) Two coils P and S are wound over the same iron core. Coil P is connected to battery and key and the coil S is connected to galvanometer. Write your observations when:




i. Current in the coil P is started by closing the key.

ii. Current continues to flow in coil P.

iii. Current in coil P is stopped by removing the key.

Explain the reason for such observation.

**20.** (a) Draw a diagram of human 'alimentary canal' and label oesophagus, liver, gall bladder and duodenum on this diagram.

(b) What is the function of liver in the human body ?

**21.** (a) Explain human male reproductive system with the help of a diagram.

(b) 'Regeneration cannot be regarded as reproduction'. Why ?

### SECTION-B

**22.** A solution 'X' gives orange colour when a drop of universal indicator is added to it. On the other hand, another solution 'Y' gives bluish-green colour when a drop of universal indicator is added to it.

What are the types of solutions 'X' and 'Y' and what type of pH would they have ?

**23** What would you observe when you put some aluminium pieces in copper sulphate solution ?

**24.** Four students connect 4 cells of 1.5 V each to get a battery of voltage 6 V. Draw all possible arrangement of cells.

**25.** When light from free space bends towards normal, on hitting a surface, then what should be its refractive index ($\mu$) ? Is it $\mu > 1$, $\mu < 1$ or $\mu = \frac{1}{2}$ ? [Justify your answer]

**26.** List teh various steps of observing a slide under the microscope.

**27.** Differentiate between binary fission and multiple fission.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ଏକାମ୍ର ସ୍ପୋର୍ଟ୍ସ ଲିଟ୍-ଫେଷ୍ଟ

**ହ**କି ବିଶ୍ୱକପ ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ କ୍ରୀଡ଼ା ଓ ସାହିତ୍ୟର ହୋଇଥିଲା ମହା ମିଳନ। ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ ରାଜନେତା, ପ୍ରଶାସକ, ଦେଶ ବିଦେଶର ପ୍ରତିଷ୍ଠିତ ଖେଳାଳି, ସାହିତ୍ୟିକ, ଖେଳ ସାମ୍ବାଦିକ ଓ ଲେଖକ। ଏହି ଅବସରରେ ଅଷ୍ଟ୍ରେଲିଆର ପୂର୍ବତନ ହକି ଖେଳାଳି, କୋଚ୍, ରାଜନେତା ଏବଂ ଲେଖକ ରିକ୍ ଚାର୍ଲ୍ସୱର୍ଥ, ଦି ଧୋନୀ ଟଚ୍ ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ, ହକି କିମ୍ବଦନ୍ତୀ ଦିଲୀପ ତିର୍କୀ, ଅଜିତପାଲ୍ ସିଂ, ଟ୍ରେଣ୍ଟ ଲିଭରମୋର, ଧନରାଜ ପିଲ୍ଲେ, ପୂର୍ବତନ କ୍ରିକେଟର ଆକାଶ ଚୋପ୍ରା, ଗୋପିଶଙ୍କର ଏମ୍., ଶାନ୍ତି ସୁନ୍ଦରାଜନ, ମେଡଲିନ୍ ପୋପ୍, ଅଲିମ୍ପିକ୍ସ ମେଡାଲିଷ୍ଟ ଅଷ୍ଟ୍ରେଲିଆ ସନ୍ତରଣକାରୀ ଷ୍ଟିଫାନି ରାଇସ, ପୂର୍ବତନ ଫାଷ୍ଟ ବୋଲର ଜେଫ୍ ଥମ୍ପସନ, ବିଶ୍ୱର ଚର୍ଚ୍ଚିତ ଦ୍ରୁତତମ ଧାବକ ବେନ୍ ଜନସନ, ପୁସ୍ତକ ରଚୟିତା ରିଚାର୍ଡ ମୁର୍, ରେସଲର ଭିନେଶ ଫୋଗତ, ଯୋଗେଶ୍ୱର ଦତ୍ତ, ବଜରଙ୍ଗ ପୁନିଆ, ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା, ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ପୂର୍ବତନ କ୍ରିକେଟର ମହମ୍ମଦ କୈଫ, ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ଓ ଟିମ୍ ଇଣ୍ଡିଆ ସଦସ୍ୟ ଅଜିଙ୍କ୍ୟ ରାହାନେ ପ୍ରମୁଖ ଏହି ୨ ଦିନିଆ ଉତ୍ସବରେ ଏକତ୍ରିତ ହୋଇଥିଲେ।


ବେନ୍ ଜନସନ


ଷ୍ଟିଫାନି ରାଇସ

EKAMRA SPORTS LITERARY FESTIVAL 2018



## ଦ୍ୟୁତୀଙ୍କ ଚମକ

**ଆ**ଥଲେଟିକ୍ସ ଟ୍ରାକ୍‌ରେ ଏ ବର୍ଷ ଦେଖିବାକୁ ମିଳିଥିଲା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ଚମକ। ସେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଇତିହାସ ରଚିଥିଲେ। କେବଳ ସେତିକି ନୁହେଁ ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ନିଜ ନାମରେ ଥିବା ୧୦୦ ମିଟର ଜାତୀୟ ରେକର୍ଡକୁ ମଧ୍ୟ ଭାଙ୍ଗିଥିଲେ। ବର୍ଷ ଆରମ୍ଭରେ ଅନୁଷ୍ଠିତ ଭାରତୀୟ ଆଥଲେଟିକ୍ସ ର୍‍ୟାଙ୍କିଙ୍ଗରେ ଓଡ଼ିଶାର ଦୁଇ ଆଥଲେଟ୍ ଦୂତୀ ଓ ଅମିୟ କୁମାର ମଲିକ ଯଥାକ୍ରମେ ଦ୍ରୁତ ଧାବିକା ଓ ଧାବକ ରହିବା ଥିଲା ଉଲ୍ଲେଖନୀୟ ଘଟଣା। ହାଇପରଆଣ୍ଡ୍ରୋଜେନିଜମ୍‌କୁ ନେଇ ଆଇଏଏଏଫର ନୂଆ ନିୟମ ଦୂତୀଙ୍କୁ ଆଶ୍ୱସ୍ତ କରିଥିଲା। ପଟିଆଲାରେ ଅନୁଷ୍ଠିତ ଫେଡେରେଶନ କପ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟରରେ ଦୂତୀ ଓ ହେପ୍‌ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।


ପ୍ରତ୍ୟାଶା ରାୟ

## ସଂକ୍ଷେପରେ...

*ବର୍ଷ ଆରମ୍ଭରେ ଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ସନ୍ତରଣ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ପ୍ରତ୍ୟାଶା ରାୟ ଶେଷ ଭାଗରେ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣର ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୨୦୦ ଓ ୫୦ ମିଟରରେ ରୌପ୍ୟ ପଦକ ଜିତିଲେ।

* ମଧ୍ୟଭାଗରେ ଯାଜପୁର କଳିଙ୍ଗ ନଗରର ସ୍ୱର୍ଣ୍ଣଲତା ଦଳେଇ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲେ।

* ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଜାତୀୟ ଜୁନିୟର କ୍ରିକେଟ ଚୟନକର୍ତ୍ତା ହେବା ଥିଲା ଏକ ବଡ଼ ଖବର। ସେହିପରି ରାଜେଶ ମହାନ୍ତି ଜୁନିୟର ଏସିଆ କପ୍ କ୍ରିକେଟ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟଭାବେ ମଧ୍ୟ ରାଜ୍ୟକୁ ଗର୍ବିତ କରିଥିଲେ।

*କେରଳରେ ଅନୁଷ୍ଠିତ ଜାତୀୟ ଜୁଜୁତ୍ସୁରେ ଓଡ଼ିଶାର ଅନୁପମା ସ୍ୱାଇଁ ଓ ଶ୍ରୀକାନ୍ତ ଶେଖରଙ୍କୁ ସ୍ୱର୍ଣ୍ଣ ପଦକ।

*ଯୁବ ଭାରୋତ୍ତୋଳକ ଘାସିରାମ ଖେରା ଡୋପ୍ ଟେଷ୍ଟରେ ଧରା ପଡ଼ିବା ଥିଲା ରାଜ୍ୟ କ୍ରୀଡ଼ା ପାଇଁ କଳଙ୍କିତ ମୁହୂର୍ତ୍ତ।

## ଦେବାଶିଷ, ପଦ୍ମିନୀ ସଫଳ

**ବି**ଦାୟୀ ବର୍ଷର ଚେସ୍ ବୋର୍ଡରେ ଓଡ଼ିଶା ଖେଳାଳିମାନେ ନିଜ ଉପସ୍ଥିତି ଜାହିର କରିବାରେ ସକ୍ଷମ ହୋଇଥିଲେ। ୯୨ ଗ୍ରାଣ୍ଡମାଷ୍ଟର ଓ ୫୮ ଅନ୍ତର୍ଜାତୀୟ ମାଷ୍ଟରଙ୍କ ଉପସ୍ଥିତି ସତ୍ତ୍ୱେ ଜିବ୍ରାଲଟର ଚେସ୍‌ରେ ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଟପ-୧୦ ଫିନିଶ୍ କରିଥିଲେ। ରାଜ୍ୟଗୋଷ୍ଠୀ ଚେସ୍‌ରେ ତାଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ବର୍ଷ ଶେଷଭାଗରେ ଫିଲିପାଇନ୍ସରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍‌ରେ ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ପାଇଥିଲେ।


ପଦ୍ମିନୀ

## ସୁନୀତା, ଅମିତ ଶ୍ରେଷ୍ଠ କ୍ରୀଡ଼ାବିତ୍

ଦୁଇ ହକି ତାରକା ସୁନୀତା ଲାକ୍ରା ଓ ଅମିତ ରୋହି ଦାସ ରାଜ୍ୟର ସର୍ବୋଚ୍ଚ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସଞ୍ଜୟ ଗଡ଼ନାୟକଙ୍କୁ ମିଳିଥିଲା ଶ୍ରେଷ୍ଠ କୋଚ୍ ସମ୍ମାନ। ଦୀପସାନ ଓ ଲିଲିମା ମିଞ୍ଜ ଏକଲବ୍ୟ ପୁରସ୍କାର ପାଇଥିବାବେଳେ ରାଜେଶ ଧୂପର ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର ବିବେଚିତ ହୋଇଥିଲେ। ପୂର୍ଣ୍ଣିମା ହେମ୍ବ୍ରମ ଓ ଦେବ ପ୍ରସାଦ ସିଂଙ୍କୁ ମିଳିଥିଲା ଓସ୍‌ଜା ପୁରସ୍କାର। ନିର୍ମଳ କୁମାର ମିଶ୍ର ଓ ରଘୁନାଥ ମଲ୍ଲ ଲାଭ କରିଥିଲେ ସରୋଜ ମହାସୁଆର କ୍ରୀଡ଼ା ସମ୍ମାନ।

## ଗର୍ବିତ କଲେ ପ୍ରମୋଦ, ଜୟନ୍ତୀ

**ବି**ଦାୟୀ କ୍ରୀଡ଼ାବର୍ଷରେ ଓଡ଼ିଶାର ଭିନ୍ନକ୍ଷମ କ୍ରୀଡ଼ାବିତ୍‌ମାନେ ମଧ୍ୟ ନିଜର ଦମ୍ ଦେଖାଇ ରାଜ୍ୟକୁ ଗର୍ବିତ କରିଥିଲେ। ଏସିଆନ ପାରା ଗେମ୍ସର ମହିଳା ୪୦୦ ମିଟରରେ ଜୟନ୍ତୀ ବେହେରା ରୌପ୍ୟ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ୟାଡ୍‌ମିଣ୍ଟନର ଡବଲ୍ସରେ ବ୍ରୋଞ୍ଜ ଏବଂ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ପ୍ରମୋଦ ଭଗତ ଉଦାହରଣ ସୃଷ୍ଟି କରିଥିଲେ।

## ରାଇଜିଂ ରାଇଜ୍

**ମେ**ଘାଳୟରେ ଅନୁଷ୍ଠିତ ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ ହେବା ଥିଲା ରାଜ୍ୟ ପାଇଁ ବଡ଼ ଘଟଣା। ଏହି ବର୍ଷ ଦେଶର ୩ ପ୍ରମୁଖ ଫୁଟବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍, ସୁପର କପ୍ ଓ ଆଇ-ଲିଗ୍‌ର ମ୍ୟାଚ କଳିଙ୍ଗ ଷ୍ଟାଡିୟମ ଏବଂ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଫଳରେ ରାଜ୍ୟରେ ଫୁଟବଲର ଏକ ନୂଆ ମାହୋଲ ସୃଷ୍ଟି ହୋଇ ପାରିଥିଲା। ଦୁବାଇରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଏକ୍ସପୋଜର ଟ୍ରିପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିଲେ ବିକି ଓରାମ ଓ ସମୀର କେର୍କେଟା। ବେଲଜିୟମ କ୍ଲବ ବ୍ରୁଗେସରେ ଅନୁଷ୍ଠିତ ଏକ୍ସପର୍ଟ ଇନ୍ ଦ ଏକ୍ସପର୍ଟ ମିଟିଂରେ କୋଚ୍‌ଭାବେ ଭାରତରୁ ଏକମାତ୍ର ଓଡ଼ିଶାର ଶୁଭେନ୍ଦୁ ପଣ୍ଡା ଯୋଗ ଦେଇଥିଲେ। ଫିଫା ଏଲିଟ୍ କୋଚିଂ କୋର୍ସ କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ ଏହି ପୂର୍ବତନ ଖେଳାଳି। ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ଗେମ୍ସ ପାଇଁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ନିଯୁକ୍ତ ହୋଇଥିଲେ। ଏହି ବର୍ଷ ସେ ଭାରତୀୟ ଜୁନିୟର ଫୁଟବଲ ଚୟନକର୍ତ୍ତା ଦାୟିତ୍ୱ ମଧ୍ୟ ତୁଲାଇଥିଲେ।

## ଓଡ଼ିଶା ପ୍ରାୟୋଜକ, ହକି ମହାକୁମ୍ଭ

**ବ**ର୍ଷ ପ୍ରାରମ୍ଭରେ ହକି ଜଗତକୁ ଚକିତ କଲାଭଳି ଖବର ଆଣିଥିଲା ଓଡ଼ିଶା। ଆଗାମୀ ୫ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଥିଲା। କୌଣସି ରାଜ୍ୟ ସରକାର ହକି ଦଳର ପ୍ରାୟୋଜକ ହେବା ଏହାଥିଲା ପ୍ରଥମ ଦୃଷ୍ଟାନ୍ତ। ଭୁବନେଶ୍ୱର ଭାରତର କ୍ରୀଡ଼ା ରାଜଧାନୀ ହେବା ପଥରେ ରହିଛି ବୋଲି ପ୍ରକାଶ କରିଥିଲେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା। ନଭେମ୍ବର ୨୮ରୁ ଡିସେମ୍ବର ୧୬, ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଉପରେ ଥିଲା ସମଗ୍ର ବିଶ୍ୱବାସୀଙ୍କ ନଜର। ଭାରତରେ ତୃତୀୟ ଏବଂ ଓଡ଼ିଶାରେ ପ୍ରଥମଥରପାଇଁ ଏଠାରେ ଆୟୋଜିତ ହୋଇଥିଲା ହକି ମହାକୁମ୍ଭ। ବିଶ୍ୱକପର ଏହି ୧୪ତମ ସଂସ୍କରଣରେ ବେଲଜିୟମ ନୂଆ ଚାମ୍ପିୟନ ହୋଇଥିବାବେଳେ ନେଦରଲାଣ୍ଡ୍ସ ରନର୍ସଅପ୍ ଏବଂ ଅଷ୍ଟ୍ରେଲିଆ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତୀୟ ଦଳର ସଦସ୍ୟ ଭାବେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ମଧ୍ୟ ଅନେକ ଅଭିଜ୍ଞତା ହାସଲ କରିଥିଲେ। ଏହି ବର୍ଷ ଦୁଇ ଓଡ଼ିଆ ଖେଳାଳି ଭାରତୀୟ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ପାଇଥିଲେ। ସେମାନେ ହେଲେ ସୁନୀତା ଲାକ୍ରା ଓ ଅମିତ ରୋହିଦାସ। ହକି ବିଶ୍ୱକପ ପୂର୍ବରୁ ଅକ୍ଟୋବର ୧୦ରେ କଳିଙ୍ଗ ଷ୍ଟାଡିୟମର ନୂଆ ହକି କମ୍ପ୍ଲେକ୍ସ ଉଦ୍‌ଘାଟନ ଅବସରରେ ଦିଲୀପ ତିର୍କୀ ଓ ଧନରାଜ ପିଲ୍ଲେ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ ମଧ୍ୟ ବେଶ୍ ମନୋରଞ୍ଜକ ଥିଲା।

# କଳିଙ୍ଗ କରିସ୍ମା

ବିଦାୟୀ କ୍ରୀଡ଼ାବର୍ଷରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଥିଲା କଳିଙ୍ଗ । କାରଣ ଏହି ଷ୍ଟାଡିୟମରେ ଆୟୋଜନ ହୋଇଥିଲା ଅଧଡଜନରୁ ଉର୍ଦ୍ଧ୍ୱ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଫେବୃୟାରୀରେ ଜାମସେଦପୁର ଏଫସି-ବେଙ୍ଗାଲୁରୁ ଏଫସି ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ମ୍ୟାଚ ସହ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ଫେବୃୟାରୀ-ମାର୍ଚ୍ଚରେ ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନର ଫ୍ୟୁଚର ଟେନିସ ଟୁର୍ନାମେଣ୍ଟ, ମାର୍ଚ୍ଚ-ଏପ୍ରିଲରେ ସୁପର କପ୍ ଫୁଟବଲ, ସେପ୍ଟେମ୍ବରରେ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏବଂ ଅକ୍ଟୋବରରେ ଅନୁଷ୍ଠିତ ହୋଇଥିଲା ମହିଳା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍। ଶେଷରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହକି ବିଶ୍ୱକପ ଆୟୋଜନ କଳିଙ୍ଗ ଷ୍ଟାଡିୟମ ଇତିହାସକୁ ଋଦ୍ଧିମନ୍ତ କରିଥିଲା। ଏହି ହକି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ କ୍ରୀଡ଼ା ଜଗତକୁ ଚକିତ କରିଥିବାବେଳେ ବେଲଜିୟମ ହୋଇଥିଲା ନୂଆ ଚାମ୍ପିୟନ। ଆଇ-ଲିଗ୍ ଫୁଟବଲର ଅନ୍ୟତମ ଦଳ ଇଣ୍ଡିଆନ ଆରୋଜ ବାରବାଟୀ ଏବଂ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିଥିଲା। କିଟ୍‌ରେ ଭାରତ-ଚାଇନା ଚେସ୍ ସମ୍ମିଳନୀ, ନିମପୁର ଗ୍ରାଉଣ୍ଡରେ ଭାରତ-ଶ୍ରୀଲଙ୍କା ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ ଆୟୋଜନ ଏବଂ ୱେବ୍ ଏଲିସ କପ୍ ନାମରେ ପରିଚିତ ରଗ୍‌ବୀ ବିଶ୍ୱକପ ଟ୍ରଫି ଭୁବନେଶ୍ୱର ଆସିବା ଥିଲା ବର୍ଷର ଅନ୍ୟତମ ଉଲ୍ଲେଖନୀୟ ଘଟଣା...

## ଐତିହାସିକ ଏମଓୟୁ

**କ୍ରୀ**ଡ଼ାକୁ ପ୍ରୋତ୍ସାହନ ସ୍ୱରୂପ ରାଜ୍ୟ ସରକାର ଆଉ ଏକ ପାଦ ଆଗକୁ ବଢ଼ି 'କ୍ରିଏଟିଂ ପାର୍ଟନରଶିପ୍ ଅଫ୍ ଏକ୍ସଲେନ୍ସ'ରେ ଦେଶର ବିଭିନ୍ନ ଶିଳ୍ପପତିଙ୍କ ସହ 'ଏମ୍‌ଓୟୁ' ସ୍ୱାକ୍ଷର କରିଥିଲେ। ଏହି ପରିପ୍ରେକ୍ଷୀରେ ଆଥଲେଟିକ୍ସ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ, ଫୁଟବଲ ଓ ସନ୍ତରଣ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍, ବ୍ୟାଡ୍‌ମିଣ୍ଟନ ଡାଲମିଆ ଭାରତ ଗ୍ରୁପ, ଭାରୋତ୍ତୋଳନ ଆହ୍ଲୁୱାଲିଆ ଗ୍ରୁପ, ଶୁଟିଂ ଆଦିତ୍ୟ ବିର୍ଲା ଗ୍ରୁପ ଏବଂ ହକି ଟାଟା ଗ୍ରୁପ ଦାୟିତ୍ୱରେ ରହିଥିଲା।




ଲିଲିମା ମିଞ୍ଜ


ହକି ବିଶ୍ୱକପ ଅବସରରେ ୧୬ ଦଳର ଅଧିନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା ଓ ବଲିଉଡ ଅଭିନେତା ଶାହରୁଖ ଖାନ୍।

“ନୂତନ ପିଢିର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର ଆଞ୍ଜେଲ ଫଣ୍ଡିଂ କ୍ଷେତ୍ରରେ ଥିବା ଟିକସ ସମସ୍ୟା ସମାଧାନ ଉପରେ ଦୃଷ୍ଟି ରଖିଛନ୍ତି।
– ସୁରେଶ ପ୍ରଭୁ , କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



“ନିଜ ମାରାଥନରେ ନିଜ ବଳ ଅନୁସାରେ ଦୌଡିବା ଉଚିତ। ଅନ୍ୟ କାହାର ପରଫରମାନ୍ସରେ ବିଚଳିତ ନ ହେବା ଆବଶ୍ୟକ।
– ଏନ୍. ଚନ୍ଦ୍ରଶେକରନ, ଅଧ୍ୟକ୍ଷ, ଟାଟା ସନ୍ସ



## ସଂକ୍ଷେପରେ

### ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଳିବ ୨୮,୬୧୫ କୋଟି

**ନୂଆଦିଲ୍ଲୀ,୨୭-୧୨:** କେନ୍ଦ୍ର ସରକାର ଚଳିତ ମାସ ୩୧ ତାରିଖ ସୁଦ୍ଧା ୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୨୮,୬୧୫ କୋଟି ଟଙ୍କା ପୁଞ୍ଜି ଆକାରରେ ଦେବେ ବୋଲି ଜଣାପଡିଛି। ରିପୋର୍ଟ ଅନୁଯାୟୀ ସର୍ବାଧିକ ୧୦,୦୮୬ କୋଟି ଟଙ୍କାର ପୁଞ୍ଜି ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ମିଳିବ। ଏହାପଛକୁ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସକୁ ୫୫୦୦ କୋଟି ଟଙ୍କା ମିଳିବାକୁ ଯାଉଛି। ଏହାଛଡ଼ା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧,୬୭୮ କୋଟି,ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୨,୧୫୯ କୋଟି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ ୪୪୯୮ କୋଟି ଟଙ୍କା, ୟୁକୋ ବ୍ୟାଙ୍କକୁ ୩୦୫୬ କୋଟି ଟଙ୍କା ମିଳିବ। ଇତିପୂର୍ବେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୬୫ ହଜାର କୋଟି ଟଙ୍କା ପ୍ରଦାନ କରିଥିଲେ। ଏଥିମଧ୍ୟରୁ ୨୩ ହଜାର କୋଟି ଟଙ୍କା ଦିଆସରିଛି। ଅବଶିଷ୍ଟ ୪୨ ହଜାର କୋଟି ଟଙ୍କା ଦିଆଯିବାକୁ ଅଛି। ଚଳିତ ମାସରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ସରକାର ଘୋଷଣା କରିଥିବା ପୁଞ୍ଜି ବ୍ୟତିରେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ଅଧିକ ୪୧ ହଜାର କୋଟି ଟଙ୍କା ଦେବେ। ଏଥିପାଇଁ ଚଳିତ ମାସ ୨୦ରେ ସଂସଦର ଅନୁମତି ଲୋଡାଯାଇଛି। ସରକାରଙ୍କ ପୁନଃପୁଞ୍ଜୀକରଣ ଯୋଗୁ ରିଜର୍ଭ ବ୍ୟାଙ୍କର ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ଅଧୀନରେ ଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଅଧିକ ଅର୍ଥ ମିଳିବ। ଫଳରେ ସେମାନେ ଏଥିରୁ ବାହାରି ଆସିପାରିବେ।

### ଖୁବଶୀଘ୍ର ସୁନା ନୀତି



**ନୂଆଦିଲ୍ଲୀ,୨୭-୧୨:** ସୁନା ଉଦ୍ୟୋଗ ଓ ଗହଣା ରପ୍ତାନିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ଦେଶର ସୁନା ନୀତି ଘୋଷଣା କରିବେ ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ସୁନା ଉଦ୍ୟୋଗ ପାଇଁ ଗୋଟିଏ ପ୍ରକାର ନୀତିର ଆବଶ୍ୟକତା ରହିଛି ଓ ସରକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ନୀତି ପ୍ରଣୟନ ବେଳେ ସୁନା ଉଦ୍ୟୋଗ ସହ ଜଡିତ ସମସ୍ତ ଦିଗ ଉପରେ ବିଚାର କରାଯାଉଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ସୁନା ଉପରେ ଆମଦାନୀ ଶୁଳ୍କ ହ୍ରାସ ସମ୍ପର୍କରେ ମଧ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ସୂଚନାଥାଉ କି, ଘରୋଇ ସୁନା ଉଦ୍ୟୋଗ ସୁନା ଆମଦାନୀ ଉପରେ ଲାଗୁଥିବା ଶୁଳ୍କକୁ ୪% କୁ ହ୍ରାସ କରିବାକୁ ଦାବି କରୁଛନ୍ତି। ବର୍ତ୍ତମାନ ୧୦% ଶୁଳ୍କ ଆଦାୟ କରାଯାଉଛି। ପ୍ରଭୁ କହିଛନ୍ତି ଯେ, ଭାରତ ବିଶ୍ୱର ସର୍ବବୃହତ ସୁନା ଆମଦାନୀକାରୀ ଦେଶ ହୋଇଥିବା ବେଳେ ଆଜିଯାଏ କୌଣସି ସୁନା ନୀତି ପ୍ରଣୟନ ହୋଇନାହିଁ। ଉଲ୍ଲେଖଥାଉ କି, ଦେଶର ମୋଟ ସାମଗ୍ରୀ ରପ୍ତାନିର ୧୫% ସୁନା ଉଦ୍ୟୋଗରୁ ହୋଇଥାଏ।

### ଭାରତରେ ତିଆରି ହେବ ଆପଲ୍ ଆଇଫୋନ

**ନୂଆଦିଲ୍ଲୀ,୨୭-୧୨:** ଆପଲର ସମସ୍ତ ସ୍ମାର୍ଟଫୋନ ଏବେ ‘ମେକ୍ ଇନ୍ ଇଣ୍ଡିଆ’ ହେବାକୁ ଯାଉଛି। ତାଇୱାନର କମ୍ପାନୀ ଫକ୍ସକନ ପ୍ରଥମଥର ଆସନ୍ତାବର୍ଷ ଆରମ୍ଭରୁ ଭାରତରେ ଆପଲ୍‌ର ସବୁଠାରୁ ମହଙ୍ଗା ଆଇଫୋନ ସମେତ ସମସ୍ତ ପ୍ରକାର ସ୍ମାର୍ଟଫୋନକୁ ଆସେମ୍ବ୍ଲି କରିବା ଆରମ୍ଭ କରିବ ବୋଲି ଜଣାପଡିଛି। ତାମିଲନାଡୁସ୍ଥିତ ପେରୁମ୍ବୁଦୁର କାରଖାନାରେ ଫକ୍ସକନ୍ ଆପଲ୍‌ର ଆଇଫୋନ ନିର୍ମାଣ କରାଯିବ। ସାଓମୀ କର୍ପ ଲାଗି ପୂର୍ବରୁ ମୋବାଇଲ ଫୋନ ତିଆରି କରୁଥିବା ଫକ୍ସକନ ନିଜର କାରଖାନାର ବିସ୍ତାର ଲାଗି ୨୫୦୦ କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ତାମିଲନାଡୁ ଉଦ୍ୟୋଗ ମନ୍ତ୍ରୀ ଏମ୍.ସି.ସମ୍ପତ କହିଛନ୍ତି ଯେ, ଆପଲର ଉକ୍ତ ନିଷ୍ପତ୍ତି ଯୋଗୁ ରାଜ୍ୟରେ ୨୫ ହଜାର ନିଯୁକ୍ତି ସୃଷ୍ଟି ହେବ।

### ସଙ୍କଟରେ କେନ୍ଦ୍ରର ଆର୍ଥିକ ସ୍ଥିତି

# ବଜେଟ୍ ଲକ୍ଷ୍ୟର ୧୧୫% ଛୁଇଁଲା ବିତ୍ତୀୟ ନିଅଣ୍ଟ

**ନୂଆଦିଲ୍ଲୀ,୨୭-୧୨**

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବା ଜଣାପଡିଛି। ରାଜସ୍ୱ ସଂଗ୍ରହ ଆଶାନୁରୂପକ ହୋଇ ନ ଥିବା କାରଣରୁ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ବଜେଟ ଲକ୍ଷ୍ୟର ୧୧୪.୮୦ ପ୍ରତିଶତରେ ପହଞ୍ଚିଯାଇଛି, ଯାହାକି ଅତ୍ୟନ୍ତ ଚିନ୍ତାର ବିଷୟ। ଗୁରୁବାର ସରକାରଙ୍କ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡିଛି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ବିତ୍ତୀୟ ନିଅଣ୍ଟ ପରିମାଣ ୬.୨୪ ଲକ୍ଷ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତେବେ ଏପ୍ରିଲରୁ ନଭେମ୍ବର ମଧ୍ୟରେ ନିଅଣ୍ଟ ପରିମାଣ ୭.୧୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ଏଥିରୁ ସରକାରଙ୍କ ଆର୍ଥିକ ସ୍ଥିତି ଯେ ଅତ୍ୟନ୍ତ ଦୟନୀୟ ଏହା ସ୍ପଷ୍ଟ ହୋଇଛି। ତେବେ ଗତ ଆର୍ଥିକ ବର୍ଷରେ ନଭେମ୍ବର ସୁଦ୍ଧା ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ବଜେଟ୍ ଲକ୍ଷ୍ୟର ୧୧୨ ପ୍ରତିଶତ ହୋଇଥିଲା। ସେତେବେଳେ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ପରିମାଣକୁ ଜିଡିପିର ୩.୩ ପ୍ରତିଶତରେ ରଖିବାକୁ ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ଏହା ଶେଷରେ ସାମାନ୍ୟ ବୃଦ୍ଧି ପାଇ ୩.୫୩%ରେ ପହଞ୍ଚିଥିଲା। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ (ସିଜିଏ) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ସରକାର ଚଳିତ ଆର୍ଥିକ ବର୍ଷରେ ନଭେମ୍ବର ସୁଦ୍ଧା ମୋଟ୍ ୮.୭୦ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି, ଯାହାକି ବଜେଟ୍ ଆକଳନର ୫୦.୪୦ ପ୍ରତିଶତ। ଗତ ଆର୍ଥିକ ବର୍ଷରେ ଏହି ସମୟରେ ୫୩.୧୦ ପ୍ରତିଶତ ରାଜସ୍ୱ ସଂଗ୍ରହ ହୋଇଥିଲା। ସୂଚନାଥାଉ କି, ସରକାର ଚଳିତ ଆର୍ଥିକ ବର୍ଷରେ ୧୭.୨୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବେ ବୋଲି ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସିଜିଏର ତଥ୍ୟ ଅନୁଯାୟୀ, ନଭେମ୍ବର ସୁଦ୍ଧା ବଜେଟ୍ ଲକ୍ଷ୍ୟର ୬୬.୧% ଅର୍ଥାତ୍ ୧୬.୧୩ ଲକ୍ଷ ଟଙ୍କା ବ୍ୟୟ ହୋଇସାରିଲାଣି।

- ବଜେଟ୍ ଲକ୍ଷ୍ୟ ଥିଲା ୬.୨୪%
- ନିଅଣ୍ଟ ୭.୧୬ ଲକ୍ଷ କୋଟି
- ଆୟ ୮.୭ ଲକ୍ଷ କୋଟି, ବ୍ୟୟ ୧୬.୧୩ ଲକ୍ଷ କୋଟି




### ରୋହନ ହିରୋର ମେଗା ଏକ୍ସଚେଞ୍ଜ କାର୍ନିଭାଲ




**ଭୁବନେଶ୍ୱର, ୨୭-୧୨**

ପ୍ରମୁଖ ଟୁହ୍ୱିଲର୍ସ ଶୋ’ରୁମ ରୋହନ ହିରୋ ପକ୍ଷରୁ ପ୍ରଥମଥର ପାଇଁ ମେଗା ଏକ୍ସଚେଞ୍ଜ କାର୍ନିଭାଲ ବରମୁଣ୍ଡା ପଡ଼ିଆଠାରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୩୦ ତାରିଖ ଯାଏ ଆୟୋଜନ କରାଯିବ। ଯେକୌଣସି କମ୍ପାନୀର ପୁରୁଣା ଯାନକୁ ଏଠାରେ ଏକ୍ସଚେଞ୍ଜ କରାଇବାର ସୁବିଧା ଗ୍ରାହକ ପାଇ ପାରିବେ। ଗାଡ଼ିର ସ୍ଥିତି ଅନୁସାରେ ଗ୍ରାହକଙ୍କୁ ଭାଲ୍ୟୁ ପ୍ରଦାନ କରାଯିବ ବୋଲି ଶୋ’ରୁମର ସ୍ୱତ୍ୱାଧିକାରୀ ରାଜୀବ ଦୁବେ ସୂଚନା ଦେଇଛନ୍ତି। ଅପରପକ୍ଷରେ ମିନିମମ୍ ଭାଲ୍ୟୁ ଭାବେ ଗ୍ରାହକ ୫ ହଜାର ଟଙ୍କା ଲାଭ କରିପାରିବେ ବୋଲି ଦୁବେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ ଯାନ ଏକ୍ସଚେଞ୍ଜ ପାଇଁ ଆସିଛି। ପ୍ରାୟ ୧୦୦ ଯାନ ଏକ୍ସଚେଞ୍ଜ ଲାଗି ଆସିବ ବୋଲି ସେ କହିଛନ୍ତି। ଲୋକମାନେ ଏଠାରୁ ପୁରୁଣା ଗାଡ଼ି ବଦଳାଇ ନୂଆ ଯାନ ନେଉଥିବା ସେ କହିଛନ୍ତି।

### ପୂର୍ବତଟ ରେଳପଥର ଶୀତକାଳୀନ ପାଟ୍ରୋଲିଂ

**ଭୁବନେଶ୍ୱର, ୨୭-୧୨**



ପୂର୍ବତଟ ରେଳପଥ ପକ୍ଷରୁ ଶୀତ ଋତୁରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୀତକାଳୀନ ପାଟ୍ରୋଲିଂ ଦଳଙ୍କ କର୍ତ୍ତବ୍ୟ କୁହୁଡ଼ି ବିରୋଧରେ ଏକ ଆହ୍ୱାନ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ସେହିଭଳି ମୁଦ୍ରା ଆକୃତିର ଡିଟୋନେଟର, ଦପ୍ ଦପ୍ କରୁଥିବା ଆଲୋକ ଏବଂ ଫ୍ଲୋରେସେଣ୍ଟ ସିଗ୍ନାଲ ଘନ କୁହୁଡ଼ି ପାଇଁ ଏକ ବଳିଷ୍ଠ ଅସ୍ତ୍ର। ଶୀତ ଋତୁରେ କୁହୁଡ଼ିଆ ପାଗ ହେଉଥିବା ବେଳେ ଏଥି ଲାଗି ଅନେକ ସମୟରେ ଟ୍ରେନ ଚଳାଚଳରେ ବାଧା ଉପୁଜିଥାଏ। ଏପରି ସ୍ଥିତିରେ ଟ୍ରେନ ଚଳାଚଳକୁ ସୁଗମ କରିବାକୁ ରାତ୍ରିକାଳୀନ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସତର୍କତା ଅବଲମ୍ବନ ତଥା ଟ୍ରେନର ନିରାପତ୍ତା ଲାଗି ସଜାଗ ରହିବାକୁ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

### ବାଲେଶ୍ୱରରେ କେଟିଏମ୍‌ର ଷ୍ଟଣ୍ଟ୍ ଶୋ’

**ଭୁବନେଶ୍ୱର, ୨୭-୧୨**




କେଟିଏମ୍ ପକ୍ଷରୁ ବାଲେଶ୍ୱରର ନୂଆ ବସ୍‌ଷ୍ଟାଣ୍ଡରେ ଆକର୍ଷଣୀୟ ଷ୍ଟଣ୍ଟ ଶୋ’ ଆୟୋଜନ କରାଯାଇଛି। ଏଥିରେ ପ୍ରଫେଶନାଲ ଷ୍ଟଣ୍ଟ ପ୍ରଦର୍ଶନକାରୀ ଭାଗ ନେବା ସହ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଦର୍ଶକ ଓ ବାଇକପ୍ରେମୀମାନେ ନୂତନ ଭାବେ ଉନ୍ମୋଚିତ ଡ୍ୟୁକ୍ ୧୨୫ ଏବିଏସ୍ ମଡେଲକୁ ଦେଖିବାକୁ ପାଇଥିଲେ। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚ ଅନୁଭବ ପ୍ରଦାନ କରାଇବାକୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବଜାଜ ଅଟୋର ପ୍ରୋ ବାଇକିଂ ସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି। ଏହି ଶୋ’ ବିଭିନ୍ନ ସହରରେ ଆୟୋଜନ କରାଯାଉଥିବାବେଳେ ଏହାର କଳେବରରେ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ୟୁନାଇଟେଡ ବ୍ୟାଙ୍କର ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୭-୧୨**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୬୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ବ୍ୟାଙ୍କର ୧୪୦ ଶାଖାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ରତିକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ କମଳ କୁମାର ସାମନ୍ତରାଏ ସଭାପତିତ୍ୱ କରିଥିଲେ। ଉପମହାପ୍ରବନ୍ଧକ ତଥା ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ରାଜକିଶୋର ନାୟକ ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରିଥିଲେ। ଆଗାମୀ ବର୍ଷ ପାଇଁ ବ୍ୟାଙ୍କର ଭୂମିକା ଏବଂ ଯୋଜନାକୁ ସେ ଏହି ଅବସରରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ପ୍ରତିକାର ଉପରେ ଏଠାରେ ଆଲୋଚନା ହୋଇଥିଲା। ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଯଜ୍ଞେଶ୍ୱର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

### ୟୁକୋ ବ୍ୟାଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ ମେଳା




**ଭୁବନେଶ୍ୱର, ୨୭-୧୨**

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲାର କୋଣାର୍କସ୍ଥିତ ଯାତ୍ରୀ ନିବାସରେ ଏକ ସ୍ୱୟଂସହାୟକ ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅତୁଲ ଗୋଏଲ ହିତାଧିକାରୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଅଧୀନରେ ୧୧ ଜିଲାର ୫୭୨ ସ୍ୱୟଂସହାୟକ ଗୋଷ୍ଠୀକୁ ମୋଟ ୮ କୋଟି ୨୯ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏଥିରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ସରୋଜ ରଞ୍ଜନ ନାୟକ, ଉପ ଅଞ୍ଚଳ ମୁଖ୍ୟ ରମଣ ସିଂ, ବ୍ୟାଙ୍କ ପ୍ରବନ୍ଧକ ବ୍ରଜକିଶୋର ମହାନ୍ତି, ଆର୍‌ସେଟି ନିର୍ଦ୍ଦେଶକ ବିଷ୍ଣୁ ଚରଣ ଦଳେଇଙ୍କ ସମେତ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ କ୍ଷୀରୋଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣବତ୍ତା ବୃଦ୍ଧି ଲାଗି ଆସିବ ନିୟମ

**ବିକ୍ରି ପର ସେବାଯୋଗାଣ**

**ନୂଆଦିଲ୍ଲୀ,୨୭-୧୨**

ଦେଶରେ ପ୍ରଥମଥର ଆଫ୍ଟର ସେଲ୍ସ ସର୍ଭିସ ବା ବିକ୍ରି ପର ସେବା ଯୋଗାଣର ଗୁଣବତ୍ତା ବୃଦ୍ଧି ଲାଗି କେନ୍ଦ୍ର ସରକାର ନୂଆ ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି। ଟିଭି, ଫ୍ରିଜ୍, ୱାଶିଂ ମେଶିନ, ମୋବାଇଲ ହ୍ୟାଣ୍ଡସେଟ୍, ଅଟୋମୋବାଇଲ ସମେତ ବହୁ ସେଗମେଣ୍ଟକୁ ଏହାର ପରିସରକୁ ଅଣାଯିବ। ଆମାଜନ, ଫ୍ଲିପ୍‌କାର୍ଟ ଭଳି ଇ-କମର୍ସ, ଓଲା, ଉବର ଭଳି କ୍ୟାବ୍ ଏଗ୍ରିଗେଟର, ଜୋମାଟୋ, ସ୍ୱିଗୀ, ବିଗ୍‌ବାସ୍କେଟ, ଗ୍ରୋଫର୍ସ ଭଳି ଫୁଡ୍ ଓ ଗ୍ରୋସରୀ ଡେଲିଭରୀ କମ୍ପାନୀ, ପେଟିଏମ୍ ଭଳି ଅର୍ଥ ସେବା ଯୋଗାଣକାରୀ, ଆଇଟି ଓ ଆଇଟି ଏନେବଲ୍ଡ ସର୍ଭିସେସ୍, ଟେଲିକମ ସର୍ଭିସ୍ ପ୍ରୋଭାଇଡର୍ସ, ବ୍ୟାଙ୍କ, ଗୁରିଜିମ୍ ଆଦିକୁ ନୂଆ ନିୟମ ପରିସରଭୁକ୍ତ କରାଯିବ। ଉପଭୋକ୍ତା ମାମଲା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ (ବିଆଇଏସ୍) ସୁନାଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ ସାମଗ୍ରୀର ଗୁଣବତ୍ତା ଲାଗି ନିୟମ ପ୍ରଣୟନ କରିଥାଏ। ସର୍ବନିମ୍ନ ମାନଦଣ୍ଡ ନିର୍ଦ୍ଧାରଣ ଲାଗି ସ୍ୱତନ୍ତ୍ର ସର୍ଭିସେସ୍ ସେକ୍ଟର ଡିଭିଜନାଲ କାଉନସିଲ ଗଠନ କରିଛି। କାଉନସିଲ୍‌ର ସଦସ୍ୟ ସଚିବ ବିଜୟ କୁମାର ସିଂହ କହିଛନ୍ତି ଯେ, ଏହି କମିଟି ନୀତି ନିର୍ଦ୍ଧାରଣ ଲାଗି ପ୍ରାରମ୍ଭିକ ସ୍ତରରେ କାମ କରିବ। ଏହାଦ୍ୱାରା ଗ୍ରାହକଙ୍କୁ ଫାଇଦା ମିଳିବ।

**PARADIP PORT TRUST**

**CORRIGENDUM-1 TO E-TENDER CALL NOTICE NO. EM/MM/P/IOHP-24/ 2018/1811TDR201, DT. 09.11.2018 FOR SUPPLY OF HORIZONTAL CENTIFUGAL/VACCUM/OTHER PUMPS**

The due date of submission of Tender & opening of EMD Bid is hereby further extended as below: **1.** Last Date of submission of tender up to **5.00 PM** of **Dt. 03.01.2019**. **2.** Opening of EMD Bid at **3.30 PM** of **Dt. 05.01.2019**. All other terms & conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**

PPT/PR/544/2018-19, Dt. 27.12.2018

**ODISHA RENEWABLE ENERGY DEVELOPMENT AGENCY**

**Under the Department of Science & Technology**
**Government of Odisha**

**S/59, Mancheswar Industrial Estate, Bhubaneswar - 751010, Odisha**

Website: www.oredaorissa.com, E-mail: ceoreda@oredaorissa.com

Letter No.5426/OREDA Dated 26.12.2018

**OFFICE ORDER**

The e-tender for Design, Manufacture, Supply, Installation, Testing, Commissioning including warranty and comprehensive maintenance contract for Solar Energy Based Dual Pump for Drinking Water vide tender inviting notice No. 1786/OREDA dtd14.05.18 is hereby cancelled due to administrative reason.

**Sd./- Chief Executive**

**GOVT. OF ODISHA, OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**

eMail: se_nerwkjr@rediffmail.com

**“e” Procurement Notice for Road Works**

**Identification No. Road Online NCB No.247**

No. 3527 / Date: 22-12-2018

1265-O

1. Name of the work :- Road Work under DMF in the District of Keonjhar.
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identific-ation No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E. R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.247 | Dt.31.12.18 at 11.00AM | Dt.16.01.19 upto 3.00PM | Dt.15.01.19 upto 3.00PM | Dt.17.01.19 at 11.00AM | Dt.25.01.19 at 11.00AM |

• Further details can be seen from the website: www.tendersorissa.gov.in

25048/11/0038/1819 *Sd./- (Er. S. Chakrabarty), Superintending Engineer, N.E.R.W. Circle, Keonjhar*

**OFFICE OF THE PROJECT ADMINISTRATOR**
**ITDA, PHULBANI**

**No. 2420, Date: 26.12.2018**

Sealed tenders are invited by Registered Post / Speed Post / Courier Service from intends and well established Firms / Agencies / Dealers / Manufactures for Supply of Sports Equipments for Tribal Youth Club under SDC, Kandhamal having valid GST certificate, Dealership certificate, VAT Clearance Certificate, PAN Card required test Certificate in conformity with detailed Tender Call Notice. The General Bid sheet / terms & condition for supply of Sport equipments along with last date of receipt and opening of Tender will be available with ITDA, Phulbani from 27.12.2018 to 10.01.2019 during office hours from 10.00AM to 5.00PM on all working days on payments of 5000/- (Rupees Five Thousand) only in shape of BD which is non-refundable and can be downloaded from website i.e. www.kandhamal.nic.in.

The authority reserves the right to accept or reject any or all the tenders without assigning any reason thereof.

*Sd./- Project Administrator*
*ITDA, Phulbani*

**State Level Flower Show, 2019**

Botanic Gardens (Ekamrakanan)
Regional Plant Resource Centre, Nayapalli, Bhubaneswar

**12th - 13th January, 2019**
(9 AM to 7 PM)

ENTRY TO GARDEN FREE

*Organised by :*

FREE PARKING INSIDE GARDEN

Regional Plant Resource Centre, Bhubaneswar

*in collaboration with*

Plant Lovers' Association, Bhubaneswar

*Supported by :*

नालको NALCO

&

Directorate of Horticulture, Odisha

"ଅଷ୍ଟ୍ରେଲିଆନ ଓପନ୍ ଯଦିଓ ଆଉ ୩ ସପ୍ତାହରୁ କମ୍ ସମୟ ରହିଛି, ସେତେବେଳକୁ ମୁଁ ଆହତ ସମସ୍ୟାରୁ ମୁକୁଳିଯାଇଥିବି ।
– ରାଫାଲ ନାଡାଲ, ଟେନିସ ଖେଳାଳି



"ମେଲବୋର୍ନ ଟେଷ୍ଟରେ ଚେତେଶ୍ୱର ପୂଜାରାଙ୍କ ଧିମା ଇନିଂସ ଭାରତୀୟ ଦଳ ପାଇଁ ହୁଏତ ମହଙ୍ଗା ସାବ୍ୟସ୍ତ ହୋଇପାରେ ।
– ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଏଏଫ୍‌ସି ଏସିଆନ୍ କପ୍ ଭାରତୀୟ ଦଳ ଘୋଷିତ

ଅବୁଧାବି, ୨୭।୧୨(ପି.ଟି.): ଆସନ୍ତା ୫ ତାରିଖରୁ ଫେବୃୟାରୀ ୧ ତାରିଖ ମଧରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବାକୁ ଥିବା ଏଏଫ୍‌ସି ଏସିଆନ କପ୍ ପାଇଁ ମୁଖ୍ୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ୍ ଏକ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ୬ ତାରିଖରେ ଭାରତ ଥାଇଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ସେହିପରି ଭାରତ ତା'ର ଦ୍ୱିତୀୟ ମ୍ୟାଚ୍ ୧୦ ତାରିଖରେ ଆୟୋଜକ ୟୁଏଇ ଓ ୧୪ ତାରିଖରେ ବାହାରିନକୁ ଭେଟିବ। ୨୩ ଜଣଙ୍କୁ ବାଦ ଦେଲେ ବାକି ୫ଜଣ ଖେଳାଳି ମଧ ଦଳ ସହ ରହିବେ ବୋଲି କନଷ୍ଟାଣ୍ଟିନ କହିଛନ୍ତି। ଯଦି କୌଣସି ଖେଳାଳି ଆହତ ହୁଅନ୍ତି ତେବେ ବଦଳ ଖେଳାଳିଭାବେ ଏମାନେ ଦଳରେ ସ୍ଥାନ ପାଇବେ। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ୨୩ ଦଳ ଅଂଶଗ୍ରହଣ କରିବେ। ଏକ ୨୮ ଜଣିଆ ଭାରତୀୟ ଦଳ ପ୍ରଥମେ ଅବୁଧାବିରେ ପହଞ୍ଚିଛି। ଏସିଆର ଶ୍ରେଷ୍ଠ ୮ ଟି ଦଳରେ ସ୍ଥାନ ପାଇବା ଆମର ଲକ୍ଷ୍ୟ ରହିଛି ବୋଲି କନଷ୍ଟାଣ୍ଟିନ କହିଛନ୍ତି।

ଘୋଷିତ ୨୩ ଜଣିଆ ଦଳ:
ଗୋଲକିପର- ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କାଇଥ୍, ଅମରିନ୍ଦର ସିଂ। ଡିଫେଣ୍ଡର-ପ୍ରୀତମ କୋଟାଲ, ସାର୍ଥକ ଗୋଲୁଇ, ସନ୍ଦେଶ ଝିନ୍‌ଘାନ୍, ଆନସ ଇଡାଥୋଡିକା, ସଲାମ ରଞ୍ଜନ ସିଂ, ସୁଭାଶିଷ ବୋଷ, ନାରାୟଣ ଦାସ। ମିଡଫିଲ୍ଡର୍ସ-ଉଦାନ୍ତ ସିଂ, ଜ୍ୟାକିଚାନ୍ଦ ସିଂ, ଜର୍ମନପ୍ରୀତ ସିଂ, ପ୍ରଣୟ୍ ହାଲଦାର, ଅନିରୁଦ୍ଧ ଥାପ୍ପା, ବିନିତ ରାଏ, ରୋଲିନ ବର୍ଗସ, ଆସିକ କୁରୁନିୟାନ, ହାଲିଚରଣ ନର୍ଜରୀ। ଫରୱାର୍ଡ୍ସ- ସୁମିତ ପାସି, ବଲୱନ୍ତ୍ ସିଂ, ସୁନୀଲ ଛେତ୍ରୀ ଓ ଜେଜେ ଲାଲପେଖଲୁଆ।

### ଜୁଭେଣ୍ଟସକୁ ପରାଜୟରୁ ରକ୍ଷା କଲେ ରୋନାଲ୍ଡୋ

ମିଲନ, ୨୭।୧୨(ଏଏଫ୍‌ପି): ଇଟାଲୀର ଟପ୍ ଫୁଟ୍‌ବଲ କ୍ଲବକୁ ନେଇ ଚାଲିଥିବା ସିରି ଏ' ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ପର୍ତ୍ତୁଗାଲ ଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବିଳମ୍ବିତ ଗୋଲବଳରେ ୧୦ ଖେଳାଳି ବିଶିଷ୍ଟ ଜୁଭେଣ୍ଟସ୍ ୨-୨ରେ ଆଟଲାଣ୍ଟା ବିପକ୍ଷରେ ମ୍ୟାଚ୍ ଡ୍ର ରଖିଛି। ଏଥିସହ ଚାମ୍ପିୟନ ଜୁଭେଣ୍ଟସ ପ୍ରତିଯୋଗିତାରେ ଏହାର ଅପରାଜେୟ ରେକର୍ଡ ବଜାୟ ରଖିବାରେ ସଫଳ ହୋଇଛି। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ରୋନାଲ୍ଡୋ ପଡ଼ିଆକୁ ପ୍ରବେଶ କରିଥିଲେ। ସେତେବେଳେ ଜୁଭେଣ୍ଟସ ୧-୨ ଗୋଲରେ ପଛୁଆ ରହି ପରାଜୟ ଆଶଙ୍କାରେ ଥିଲା। ତେବେ ରୋନାଲ୍ଡୋ ୭୮ତମ ମିନିଟ୍‌ରେ ପ୍ରତିପକ୍ଷ ଗୋଲପୋଷ୍ଟ ପାଖରେ ହେଡ୍ ଜରିଆରେ ଏକ ସୁନ୍ଦର ଗୋଲ କରି ମ୍ୟାଚ୍‌କୁ ଡ୍ର' କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସିରି ଏ' ପ୍ରତିଯୋଗିତାରେ ରୋନାଲ୍ଡୋଙ୍କ ଏହା ୧୨ତମ ଗୋଲଥିଲା। ଗତ ଜୁଲାଇରେ ୯୯.୨ ମିଲିୟନ ଆମେରିକୀୟ ଡଲାରରେ ଜୁଭେଣ୍ଟସ୍ ଦଳ ସହ ଯୋଗଦେବା ପରେ ରୋନାଲ୍ଡୋ ପ୍ରଥମଥର ପାଇଁ ଖେଳ ଆରମ୍ଭରୁ ବେଞ୍ଚରେ ବସିଥିଲେ ଏବଂ ପରେ ପଡ଼ିଆକୁ ପ୍ରବେଶ କରିଥିଲେ। ମ୍ୟାଚ୍‌ର ୫୩ତମ ମିନିଟ୍‌ରେ ଉରୁଗୁଏର ରୋଡ୍ରିଗୋ ବେଣ୍ଟାନକର ରେଡ କାର୍ଡ ପାଇ ପଡ଼ିଆ ଛାଡ଼ିବା ପରେ ଜୁଭେଣ୍ଟସ୍ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଜୁଭେଣ୍ଟସ ୧୮ ମ୍ୟାଚ୍‌ରୁ ୧୬ ବିଜୟ ଓ ୨ ଡ୍ର ସହ ୫୦ ପଏଣ୍ଟ ପାଇ ୨୦ ଦଳୀୟ ଟେବୁଲ ତାଲିକାର ଶୀର୍ଷରେ ରହିଛି।

### ନ୍ୟୁଜିଲାଣ୍ଡ ଦିନିକିଆ ଦଳକୁ ଗୁପ୍ଟିଲ, ନିଶାମଙ୍କ ପ୍ରତ୍ୟାବର୍ତ୍ତନ

ୱେଲିଂଟନ, ୨୭।୧୨: ଶ୍ରୀଲଙ୍କା ବିପକ୍ଷ ଆଗାମୀ ଦିନିକିଆ ସିରିଜ ଲାଗି ଗୁରୁବାର ଘରୋଇ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ବିସ୍ଫୋରକ ଓପନର୍ ମାର୍ଟିନ ଗୁପ୍ଟିଲଙ୍କ ସମେତ ଅଲ୍‌ରାଉଣ୍ଡର ଜିମ୍ମି ନିଶାମ ଓ ଦ୍ରୁତ ବୋଲର ଡଗ୍ ବ୍ରାସୱେଲ କିୱି ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିଶାମ ଶେଷଥର ପାଇଁ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ଆହତ କାରଣରୁ ଗୁପ୍ଟିଲ ୟୁଏଇ ଟୁର୍‌ରୁ ବାଦ୍ ପଡ଼ିଥିଲେ। ସୁସ୍ଥ ହେବାପରେ ପୁଣିଥରେ ତାଙ୍କୁ ଡାକରା ମିଳିଛି।

## ଗୋଲକୁଣ୍ଡାକୁ ହରାଇ ରାମେଶ୍ୱର ସେମିରେ

**ମଙ୍ଗଳା କପ୍ କ୍ରିକେଟ**

କାକଟପୁର ୨୭।୧୨

୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚରେ ଯାଜପୁରର ଗୋଲକୁଣ୍ଡା ସ୍ପୋର୍ଟିଂକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ତୃତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ଭୋଇ ୪୮ ରନ୍ ଏବଂ ପୂର୍ଣ୍ଣଚନ୍ଦ୍ର ମହାରଣା ୪୬ ରନ ସଂଗ୍ରହ୍ କରିଥିଲେ। ଗୋଲକୁଣ୍ଡା ପକ୍ଷରୁ ବୋଲିଂ କରି ଜ୍ୟୋତି ଆଚାର୍ଯ୍ୟ ୩ଟି, ରାଜେଶ ପାତ୍ର,ସତ୍ୟପ୍ରକାଶ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୋଲକୁଣ୍ଡା, ଯାଜପୁର ୨୫ ଓଭରରେ ୧୩୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଗୋଲକୁଣ୍ଡା ପକ୍ଷରୁ ପ୍ରଶାନ୍ତ ନାୟକ ୩୬, ରାଜେଶ ପାତ୍ର ୩୧ ରନ ସଂଗ୍ରହ କରିଥିବା ବେଳେ ଆଉ କୌଣସି ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ରାମେଶ୍ୱର ପକ୍ଷରୁ ବୋଲିଂ କରି ତୋଫାନ ଗୌଡା ୩ଟି ଉଇକେଟ, ପରେଶ ପଟେଲ ଏବଂ ପୂର୍ଣ୍ଣଚନ୍ଦ୍ର ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ରାମେଶ୍ୱର ସ୍ପୋର୍ଟିଂର ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ବେଷ୍ଟ ପ୍ଲେୟାର ଭାବେ ପ୍ରଶାନ୍ତ ଭୋଇଙ୍କୁ କାକଟପୁର ହିରୋ ଶୋ'ରୁମର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁଚରଣ ପଣ୍ଡା ଏବଂ ଶିଳ୍ପପତି ଦେବୀପ୍ରସାଦ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଖେଳ ପରିଚାଳନା କରିଥିଲେ ନିର୍ମଳ କୁମାର ମିଶ୍ର ଏବଂ ଦ୍ୱିଜେନ୍ଦ୍ର ଘୋଷ। ଧାରାବିବରଣୀ ପ୍ରଦାନ କରିଥିଲେ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ଅଞ୍ଜନ ଦୀକ୍ଷିତ। ସ୍କୋର ଦାୟିତ୍ୱରେ ଥିଲେ ସଚିନ୍। ଶୁକ୍ରବାର ଚତୁର୍ଥ କ୍ୱାର୍ଟରଫାଇନାଲରେ ୟୁନିୟନ ସ୍ପୋର୍ଟିଂ, କଟକକୁ ପାରାମାଉଣ୍ଟ ସ୍ପୋର୍ଟିଂ ଭୁବନେଶ୍ୱର ଭେଟିବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ ଦୀକ୍ଷିତ ସୂଚନା ଦେଇଛନ୍ତି।



ମ୍ୟାନ୍ ଅଫ୍ ଦି ମ୍ୟାଚ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଶହୀଦ ସ୍ପୋର୍ଟିଂ, ରାମେଶ୍ୱର ବିଜୟୀ

ଭୁବନେଶ୍ୱର,୨୭।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଗାଡ଼କଣସ୍ଥିତ ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏଠାରେ ଗଡେଶ୍ୱର ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍ ଆରମ୍ଭ ହୋଇଯାଇଛି। ମୋଟ ୮ ଦଳ ଅଂଶଗ୍ରହଣ କରିଥିବା ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଶହୀଦ ସ୍ପୋର୍ଟିଂ ଓ ରାମେଶ୍ୱର କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶହୀଦ ସ୍ପୋର୍ଟିଂ ୫୧ ରନ୍‌ରେ ବିବିସିଏକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶହୀଦ ସ୍ପୋର୍ଟିଂ ଧାର୍ଯ୍ୟ ୨୫ ଓଭରରେ ୪ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଦଳ ପାଇଁ ସୋର୍ଯ୍ୟାନ ପଟ୍ଟନାୟକ ୫୬ ଓ ସୌମିତ୍ର ବିଶ୍ୱାଳ ୪୬ ରନ୍ କରିଥିଲେ। ଜବାବରେ ବିବିସିଏ ସମସ୍ତ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୧୧୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ଲାଗି ସର୍ବାଧିକ ୪ ଉଇକେଟ ନେଇଥିବା ଦେବଜ୍ୟୋତି ଦାସ ପଟ୍ଟନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହାପରେ ଓସ୍କାର ସ୍ପୋର୍ଟିଂ ବିପକ୍ଷ ମ୍ୟାଚ୍‌ରେ ରାମେଶ୍ୱର କ୍ଲବ ୧୨୧ ରନ୍‌ର ବୃହତ୍ ବିଜୟ ହାସଲ କରିଛି। ରାମେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ ୨୫ ଓଭରରେ ୪ ଉଇକେଟ ହରାଇ ୨୧୩ ରନ୍ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ୯୫ ଓ ଗୌତମ ଗୋପାଳ ଅପରାଜିତ ୫୮ ରନ୍ କରିଥିଲେ। ଜବାବରେ ଓସ୍କାର ଦଳ ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂରେ ରାମେଶ୍ୱର ପାଇଁ ତନୟ ବିଶ୍ୱାଳ ୩ ଏବଂ ଓମ୍ ତ୍ରିପାଠୀ ୨ଟି ଉଇକେଟ୍ ନେଇଥିଲା। ବିଜୟୀ ଦଳର ଆଶୁତୋଷ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ଶୁକ୍ରବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଭେଟିବାକୁ ଥିବାବେଳେ ଟାଉନ କ୍ଲବ ଓ ବିବିସିଏ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

## ■ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା
## ରୋପ୍ ସ୍କିପିଂରେ କିଟ୍‌କୁ ୩ୟ ସ୍ଥାନ

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି) କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ରୋପ୍ ସ୍କିପିଂ (ମହିଳା–ପୁରୁଷ) ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ମହିଳା ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଭୋପାଳର ବର୍କତୁଲ୍ଲା ବିଶ୍ୱବିଦ୍ୟାଳୟ ପ୍ରଥମ ଆନ୍ଧ୍ର ପ୍ରଦେଶର ଆଦି କବି ନନ୍ନାୟା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଛି। ପୁରୁଷ ବିଭାଗରେ ନନ୍ନାୟା ପ୍ରଥମ, ରାଣୀ ଚନ୍ନମା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ କର୍ଣାଟକ ବିଶ୍ୱବିଦ୍ୟାଳୟ ୩ୟ ହୋଇଛି। 'ଟଗ୍ ଅଫ୍ ୱାର' ଇଭେଣ୍ଟର ୪୮୦ କେଜି ମହିଳା ବିଭାଗରେ କେରଳର କନ୍ନୁର ପ୍ରଥମ, କାଲିକଟ ଦ୍ୱିତୀୟ ଓ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ତୃତୀୟ ହୋଇଛି। ୬୪୦ କେଜି ପୁରୁଷ ବିଭାଗରେ ଚଣ୍ଡିଗଡ଼ ପ୍ରଥମ, ପଞ୍ଜାବୀ ଦ୍ୱିତୀୟ ଓ କନ୍ନୁର ବିଶ୍ୱବିଦ୍ୟାଳୟ ତୃତୀୟ ହୋଇଛି। ୫୬୦ କେଜି ମିକ୍ସଡ ଇଭେଣ୍ଟରେ ଦିଲ୍ଲୀର ଜିଜିଏସଆଇପିୟୁ ପ୍ରଥମ, ଚଣ୍ଡିଗଡ଼ ଦ୍ୱିତୀୟ ଓ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସର୍ବଭାରତୀୟ ଆନ୍ତଃ ଜୋନ୍ ପୁରୁଷ କବାଡ଼ି ଟୁର୍ନାମେଣ୍ଟର ଲିଗ୍ ମ୍ୟାଚରେ ସତ୍ୟଭାମା ବିଶ୍ୱବିଦ୍ୟାଳୟକୁ ଉତ୍କଳ ହରାଇଥିବାବେଳେ ଆର୍ଚେରୀର ରିକର୍ଭ ରାଉଣ୍ଡରେ କିଟ୍ ପ୍ରତିଯୋଗୀମାନେ ଭାଗ ନେଇଛନ୍ତି।




---

ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

**SARVA SIKSHA ABHIYAN, NAYAGARH**

**SHORT TENDER CALL NOTICE NO. 3339/Dt.26.12.2018**

**FOR PRINTING OF QUESTION-CUM-ANSWER SHEETS FOR SUMMATIVE ASSESMENT-2019**

Sealed quotations under two bid system are invited from the registered experienced Web-Offset Printers / firms having PAN, GSTIN, VAT, PAN clearance certificate etc. for printing and supply of Question-cum-Answer sheet for Summative Assessment-2019 (Class-I to VIII), of Nayagarh district. The tender papers (Bid documents) containing detailed specifications of technical and financial bid can be obtained by downloading with terms and conditions in two part bidding systems i.e. Application of technical Bid and Financial Bid from website i.e. OPEPA i.e. www.opepa.in and website of Nayagarh i.e. www.nayagarh.nic.in, can also be obtained from District Project Office, SSA, Nayagarh during office hours 10AM to 5PM on any working day on payment of Rs. 2000/- (Rupees Two Thousands) only in shape of Demand Draft which is non-refundable, drawn in favour of The "District Project Coordinator, SSA, Nayagarh, payable at Nayagarh" along with the tender papers. The last date and time for receipt of Quotation is 15.01.2018 at 2PM in D.P.O., Nayagarh (by hand or Speed Post) and tender will be opened on the same day at 3PM in the Office of the District Project Coordinator, SSA, Nayagarh in the presence of all bidders or their authorized representatives.

The Collector-cum-Chairman, SSA, Nayagarh reserves the right to amend, alter or cancel any part or all the quotations without assigning any reason thereof.

*By order of the Collector-cum-Chairman*
***Sd./- District Project Coordinator***
***SSA, Nayagarh***

---

**ZILLA SWASTHYA SAMITI, DEOGARH**
**Department of Health & Family Welfare, Govt. of Odisha**

**SHORT TENDER CALL NOTICE**

Letter No:- 6800 Dt. 22.12.2018

No. 698-E : Sealed tenders are invited from travel agencies/transporter/individuals/private organizations situated within Deogarh district for hiring of one vehicle having seating capacity not less than 9 (SCORPIO, BOLERO, XYLO etc) with AC facility to be engaged for Mobile Vision Centre under SUNETRA (UEHP), Odisha at district level on monthly/daily hiring basis. The tender papers shall be submitted in one envelope consists of two separate envelopes, one for technical bid & second for financial bid through speed post/registered post/courier only on or before 05.01.2019 by 2 P.M. to the Office of CDM & PHO, DHH, Deogarh .The tenders will be opened at 3.30 P.M. on the same day. The tender paper along with terms and conditions will be available in the website www.deogarh.nic.in. The authority reserves right to accept or reject any or all the tender without assigning any reason thereof. The envelope containing the tender must be clearly superscribed as " Tender for Hiring of vehicle for Mobile Vision Centre under SUNETRA"

**Sd./-CDM & PHO-cum- District Mission Director, Deogarh**

10113/11/0023/1819

---

ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

**DISTRICT PROJECT OFFICE**
**SARVA SIKSHYA ABHIYAN, JAJPUR**
**Phone & Fax : 26728-224940,**
**Email : dpc.jajpur@opepa.in**

**No. 3285** **Date : 24.12.2018**

**SHORT QUOTATION CALL NOTICE FOR PRINTING OF QUESTION-CUM-BLANK ANSWER SHEETS -2018-19**

Sealed short Quotations under two bid systems are invited from the reputed offset printers having valid GST, TIN, PAN, registration etc, of firm for printing and supply of Question-cum-Blank answer sheets (Odia / English / Urdu / Hindi/ Sanskrit) for Assessment Exercise 2018-19 (Class I to VIII). The Quotation papers (bid documents) containing detailed specification with terms and conditions, application of Technical Bid & application of Financial Bid can be obtained by downloading from the Jajpur district website i.e. http:jajpur.nic.in and OPEPA website http://opepa.in or may be obtained from our office during working days. Last date and time for receipt of Quotation paper is Dtd. 10.01.2019 upto 05.00 P.M. and will be opened on Dtd. 11.01.2019 at 11.00 A.M. The authority reserves the right to reject any or all the Quotations without assigning any reasons thereof.

**Sd./- Collector-cum-Chairman,**
**RTE-SSA, Jajpur**

---

**OFFICE OF THE**
**MUNICIPAL COUNCIL, DHENKANAL**
**DHENKANAL (ODISHA), PIN-759001**

Tel. No. 06762-224401 (O), FAX No. 06762-223355, Email: dhenkanalm.hud@gmail.com

No. 5129 Date: 27.12.2018

**DETAILED TENDER CALL NOTICE**

Sealed tenders in Two bid system (Double Cover System. 1- Technical Bid, 2- Financial Bid) in prescribed form in conformity with the detailed Tender Call Notice are invited by Dhenkanal Municipal Council for the following works from registered Firms / Entrepreneur / NGO / Private Companies satisfying the eligibility criteria given below so as to reach the Undersigned by 4.00PM on or before Dt.11.01.2019 by Regd. Post or Speed Post or dropping in the Sealed Tender Box. The tender will be opened on 14.01.2019 at 3.00PM in presence of available bidders or their authorized representatives. In absence of both, the Tender document can be opened. The tender document received beyond the scheduled date and time as indicated above can not be considered.

Tender documents for the works will be available from the Office of the Undersigned on any working day during office hours from Dt.28.12.2018 to 11.01.2019 on payment of Rs. 10,000.00 (Rupees Ten Thousand) only on payment of cash or demand draft from any nationalized Bank drawn in favour of "THE EXECUTIVE OFFICER, DHENKANAL MUNICIPALITY" payable at Dhenkanal.

The Bidders have to submit the Bid documents duly filled up along with the attested photo copies of qualifying documents as indicated below for verification.

| Sl. No. | Name of the Work | Period of Contract | Cost of tendered document |
|---|---|---|---|
| 1. | **Package-1** Road Sweeping, Drain Cleaning, Bush Cutting, Lifting of Garbage from the wards to the identified dumping yard at Banjhakusum & Door to Door Collection of Municipal Solid Waste in respective wards in ward no. 01 to 11 (Total No. of Wards-11) & etc. | One year from the date of agreement Estimated Cost: Rs. 2,06,80,632.00 | Rs. 10,000.00 |
| 2. | **Package-2** Road Sweeping, Drain Cleaning, Bush Cutting, Lifting of Garbage from the wards to the identified dumping yard at Banjhakusum & Door to Door Collection of Municipal Solid Waste in respective wards in ward no. 12 to 23 (Total No. of Wards-12) & etc. | One year from the date of agreement Estimated Cost: Rs. 1,76,59,884.00 | Rs. 10,000.00 |

**Important Points:** Tender will be two bid systems and financial bid will be opened those who will be qualified technically.

**Technical Requirement for the Bidders:** If a bidder will fail to produce any of the below mentioned documents, his/her tender will be out right rejected.

1. Copy of Registration Certificate.
2. Copy of valid GST Registration Certificate.
3. Copy of valid labour license (Min. 300 Nos.)
4. Copy of PAN Card & IT returns for last 3 years (FY 2015-16, 2016-17, 2017-18).
5. Copy of last 3 years Audit reports with turnover certificate issued by Chartered Accountant having average turnover Rs. 20 Lacs.
6. Valid Contractor License.
7. Solvency Certificate of Rs. 25 Lacs.
8. Copy of E.P.F. & E.S.I. registration certificate and upto date deposit challan & ECR copy (300 nos.) for sanitation works only.
9. Copy of EPF & ESI deposit Challan for last one year.
10. Experience certificate for atleast 2 years issued by NAC, Municipality or Corporation.
11. Affidavit in original regarding authentication of documents attached with the bid.
12. The Bidders have to deposit the Earnest Money Deposit (E.M.D.) @ 1% of their total estimated value for the period of contract in shape Demand Draft from any nationalized bank in favour of "THE EXECUTIVE OFFICER, DHENKANAL MUNICIPALITY" which is refundable to the unsuccessful Tenderer on demand.
13. The Tenderer must enclose the Money Receipt towards purchase of Tender documents.

The authority reserves right to accept or reject any or all the Bids without assigning any reason thereof.

***Sd./- Executive Officer, Dhenkanal Municipality***

---

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**MINOR IRRIGATION DIVISION, JHARSUGUDA**

E-mail:- eemijharsuguda@gmail.com
No. 1860 /Date,22.12.2018

No. 1020-A

**e-PROCUREMENT NOTICE**

**BID REF No: EE, MID, JSD/10/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 22 (Twenty two) Nos. |
| Estimated cost | : | Varies from Approximately Rs.13.90 lakh to Rs.45.29 lakh for 22 Nos. of works is Rs.602.92 Lakh. |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid documents | : | From 04.01.2019, 10.00AM to 14.01.2019 upto 05.00PM in website (www.tendersorissa.gov.in) |
| Period of receipt of bid through online | : | From 04.01.2019, 10.00AM to 14.01.2019 upto 05.00PM through online. |
| Date of opening of bid documents | : | On dt. 15.01.2019 at 11.00AM onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detailed tender call notice can also be seen in the DOWR website- http://dowrorissa.gov.in

| | | |
|---|---|---|
| Name & Address of the OIT | : | Executive Engineer, M.I. Division, Jharsuguda, At- Jharsuguda, Near Pahadi Mandir, PO- Kalimandir Road, District- Jharsuguda, PIN- 768002. |
| Further details can be seen from the e-Procurement market place | : | http://tendersorissa.gov.in |

***Sd./- 22.12.2018, Executive Engineer***
***M.I. Division, Jharsuguda***

32291/11/0012/1819

---

No. 1022-A

**GOVERNMENT OF ODISHA**
**OFFICE OF THE CHIEF ENGINEER & BASIN MANAGER**
**INDRAVATI-KOLAB BASIN, AT/PO: KHATIGUDA,**
**DIST.- NABARANGPUR, ODISHA, PIN- 764085**

Tel. No. (06858) 224276, Email ID: ceuiip@gmail.com, ceuiip-eicwr.od@nic.in

**Bid Identification No. CE&BM, IKB-02/2018-19**

Letter No. 1258/IK Dated 26.12.2018

**E-PROCUREMENT NOTICE**

| | |
|---|---|
| Bid Identification Number and Date | CE&BM, IKB-02/2018-19 |
| Name of work | Construction of Low Height Storage structure across river Indravati at Bangalaguda |
| Estimated Cost of work (INR) | Rs. 24,73,29,338/- (Excluding GST) |
| Bid Security (INR) | Rs. 24,73,500/- |
| Bid submission Fee (INR) | Rs. 10,000.00 (online) |
| Period of Completion | 24 (Twenty Four) calendar months including monsoon |
| Eligible Class of Bidder | 'Super Class' of Odisha PWD or equivalent class of other licensing authority |
| Tender document and the terms and conditions of contract and other necessary documents are available in | Website www.tendersorissa.gov.in and can be seen in this website and downloaded |
| Availability of bid online with date and time | From 03.01.2019, 10.00Hrs to 29.01.2019 upto 5.00PM |
| Pre-bid meeting, date, time and venue | O/o the Liaison Officer, U.I.P. B.J.B. Nagar, Bhubaneswar, on Dated 14.01.2019 at 11.00AM |
| Online bid submission of bid with date and time | 14.01.2019, 3.00PM to 29.01.2019 upto 5.00PM |
| Place, date and time for submission of original documents | During office hours at O/o the Chief Engineer & Basin Manager, IKB, Khatiguda from 30.01.2019 to 31.01.2019 |
| Date, time and venue of opening of Technical Bid online | On 04.02.2019 at 11.00Hours at O/o the Liasion Officer, UI Project, B.J.B. Nagar, Bhubaneswar |
| Date, time and venue of opening of Financial bid | To be intimated to the qualified bidders after evaluation of technical bid (Cover-I) |

Further details can be seen at the website www.tendersorissa.gov.in

***Sd./- Chief Engineer & Basin Manager***
***Indravati-Kolab Basin, Khatiguda***

32365/11/0007/1819

## ସଂକ୍ଷେପରେ

### ଓଡ଼ିଶାର ଉଭୟ ଦଳ କ୍ୱାର୍ଟରରେ

ଭୁବନେଶ୍ୱର,୨୭।୧୨(ସ୍ପୋର୍ଟ୍ସ ବ୍ୟୁରୋ): ଚଣ୍ଡିଗଡ଼ଠାରେ ଚାଲିଥିବା ୪୧ତମ ସିନିୟର ଥ୍ରୋ ବଲ ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁରୁଷ ଦଳ ତା'ର ୪ଟି ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରୁ ୩ଟି ଜିତି ନେଇଛି। ପ୍ରଥମ ମ୍ୟାଚରେ ହିମାଚଳ ପ୍ରଦେଶକୁ ୨-୦ ଗେମ୍‌ରେ ପରାସ୍ତ କରିଥିବା ଓଡ଼ିଶା ପୁରୁଷ ଦଳ ୨ୟ ମ୍ୟାଚ୍‌ରେ ତାମିଲନାଡୁଠାରୁ ୨-୧ ବ୍ୟବଧାନରେ ପରାସ୍ତ ହୋଇଥିଲା। ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଓ ପଞ୍ଜାବକୁ ୨-୦ ଗେମ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ମହିଳା ବର୍ଗରେ ଓଡ଼ିଶା ତା'ର ସମସ୍ତ ଲିଗ୍ ମ୍ୟାଚ୍ ଜିତି କ୍ୱାର୍ଟର ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ବିହାରକୁ ୨-୦ରେ ପରାସ୍ତ କରିବା ପରେ କର୍ଣ୍ଣାଟକ, ପଞ୍ଜାବ ଓ ଆନ୍ଧ୍ରପ୍ରଦେଶକୁ ସମାନ ବ୍ୟବଧାନରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ହୋଇ ରହିଛି।

### ବାଂଲାଦେଶ ପ୍ରିମିୟର ଲିଗ୍ ଖେଳିବେ ସ୍ମିଥ୍

ଢାକା, ୨୭।୧୨ (ଏଏଫ୍‌ପି)-ଅଷ୍ଟ୍ରେଲିଆ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଆସନ୍ତା ଟି୨୦ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ଖେଳିପାରିବେ। ବାଂଲାଦେଶ କ୍ରିକେଟ ଅଫିସିଆଲମାନେ ଗୁରୁବାର ତାଙ୍କ ଉପରୁ ବାସନ୍ଦାଦେଶ ପ୍ରତ୍ୟାହାର କରିନେଇଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରୁ ଏକ ବର୍ଷ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ବିପିଏଲ୍‌ର ଆସନ୍ତା ସଂସ୍କରଣ ଜାନୁୟାରୀ ୫ରୁ ଆରମ୍ଭ ହେଉଛି। ଅଷ୍ଟ୍ରେଲୀୟ ଖେଳାଳି ଏଥିରେ କୋମିଲା ଭିକ୍ଟୋରିଆନ୍ସ ଦଳ ତରଫରୁ ଖେଳିବେ। ସ୍ମିଥ୍ ଦଳ ସହିତ ଜାନୁୟାରୀ ମଧଭାଗରେ ଯୋଗ ଦେବେ। ସେ ବିପିଏଲର ଦ୍ୱିତୀୟ ପର୍ଯ୍ୟାୟରେ ଖେଳିବେ। ପାକିସ୍ତାନ କ୍ରିକେଟର ଶୋଏବ ମଲିକଙ୍କ ବଦଳ ଖେଳାଳି ହିସାବରେ ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ, ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରାଥମିକ ତାଲିକାରେ ସ୍ମିଥ୍‌ଙ୍କ ନାମ ନ ଥିବାରୁ ଅନ୍ୟ ଫ୍ରାଞ୍ଚାଇଜ୍‌ଗୁଡ଼ିକ ପ୍ରତିବାଦ କ୍ରମେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ବାରଣ କରିଥିଲା। ଗୁରୁବାର ଚାରୋଟି ଫ୍ରାଞ୍ଚାଇଜ୍ ପୃଥକ୍ ପୃଥକ୍ ଭାବେ ଇ-ମେଲ ଜରିଆରେ ସେମାନଙ୍କ ଆପତ୍ତି ପ୍ରତ୍ୟାହାର କରିନେଇଥିଲେ।

### ପାରମ୍ପରିକ କୁସ୍ତିରେ ଭାଗନେବ ଓଡ଼ିଶା ଦଳ

କଟକ ଅଫିସ,୨୭।୧୨- ଆସନ୍ତା ୨୯ ତାରିଖରୁ ମହାରାଷ୍ଟ୍ରର ପୁଣେ ଠାରେ ହେବାକୁ ଥିବା ସିନିୟର ପାରମ୍ପରିକ କୁସ୍ତି ପ୍ରତିଯୋଗିତାରେ ଭାଗ ନେବା ପାଇଁ ବୁଧବାର ରାଜ୍ୟ ପୁରୁଷ କୁସ୍ତି ଦଳ ପୁଣେ ଯାତ୍ରା କରିଛି । ୫୭କେଜି ବିଭାଗରେ ପ୍ରଶାନ୍ତ ବିଶ୍ୱାଳ, ୬୫କେଜି ବିଭାଗରେ ପ୍ରତାପ ପ୍ରଧାନ, ୭୪କେଜି ବିଭାଗରେ କେଦାର ଦଳେଇ, ୮୬କେଜି ବିଭାଗରେ ଶ୍ୟାମ ସୁନ୍ଦର ମହାପାତ୍ର ପ୍ରତିଯୋଗିତାରେ ଭାଗ ନେବେ । ରବିନାରାୟଣ ସୁପକାର କୋଚ୍ ଓ ଟିମ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିଛନ୍ତି ବୋଲି ଓଡ଼ିଶା କୁସ୍ତି ସଂଘ ସମ୍ପାଦକ ବିନୋଦ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି ।

> ମୁଁ ଯେତେବେଳେ ଅନ୍ତର୍ଜାତୀୟ କ୍ରିକେଟ ଖେଳେ ସମାଲୋଚକଙ୍କ ପ୍ରତି ଦୃଷ୍ଟି ନ ଦେଇ ରନ୍‌ସ ସ୍କୋରିଂ ଉପରେ ଧ୍ୟାନ ଦେଇଥାଏ ।
>
> – ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ



> ଅତୀତରେ ଭାରତ ସାଧାରଣତଃ ୪ସ୍ପିନରଙ୍କୁ ନେଇ ଖେଳୁଥିଲା, କିନ୍ତୁ ବର୍ତ୍ତମାନ ଦଳ ନିକଟରେ ୪ ଫାଷ୍ଟ ବୋଲର ଅଛନ୍ତି ।
>
> – ଭିଭିଆନ ରିଚାର୍ଡ୍‌ସ, ୱେଷ୍ଟଇଣ୍ଡିଜ କ୍ରିକେଟ କିମ୍ବଦନ୍ତୀ



# ପୂଜାରାଙ୍କ ଶତକ: ଦୃଢ଼ ସ୍ଥିତିରେ ଭାରତ

ମେଲବୋର୍ନ,୨୭।୧୨(ପି.ଟି.)

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ଶତକ, ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ତା'ର ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ଉନ୍ନତ ପ୍ରଦର୍ଶନ କରିଛି। ସିରିଜରେ ପ୍ରଥମଥର ପାଇଁ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ପ୍ରଥମ ଇନିଂସରେ ୧୬୯.୪ ଓଭରରେ ୭ ଉଇକେଟ ହରାଇ ୪୪୩ ରନ କରି ଇନିଂସ ଘୋଷଣା କରିଛି। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ଗୁରୁବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬ ଓଭରରେ କୌଣସି ଉଇକେଟ ନ ହରାଇ ୮ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ମାର୍କସ ହାରିସ ୫ ଓ ଆରୋନ ଫିଞ୍ଚ୍ ୩ ରନ କରି ଅପରାଜିତ ରହିଛନ୍ତି। ଫଳରେ ଅଷ୍ଟ୍ରେଲିଆ ୧୦ ଉଇକେଟ ହାତରେ ରଖି ଭାରତଠାରୁ ୪୩୫ ରନ ପଛରେ ପଡିଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୫/୨ରୁ ଭାରତ ଇନିଂସ ଘୋଷଣା କରିଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ପୂଜାରା ଓ କୋହଲି ବ୍ୟାଟିଂ ଆରମ୍ଭ କରି ଦମ୍‌ଦାର ପ୍ରଦର୍ଶନ କରି ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ୬୮ରୁ ବ୍ୟାଟିଂ ଆରମ୍ଭ କରି ପୂଜାରା ୧୦୬ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି କୋହଲି ୪୭ ରନରୁ ଖେଳ ଆରମ୍ଭ କରି ୮୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପୂଜାରା ୩୧୯ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ମାରିଥିଲେ।



ଶତକ ହାସଲ ପରେ ଚେତେଶ୍ୱର ପୁଜାରା।

### ବକ୍ସିଂ ଡେ ଟେଷ୍ଟ

ଏଥିସହିତ ପୂଜାରା ଚଳିତ ସିରିଜରେ ତାଙ୍କର ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ସେହିପରି କୋହଲି ୨୦୪ଟି ବଲର ସମ୍ମୁଖୀନ ହୋଇ ୯ଟି ଚୌକା ମାରିଥିଲେ। ତୃତୀୟ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୭୦ ରନ କରି ଦଳକୁ ଦୃଢ଼ ସ୍ଥିତି ପ୍ରଦାନ କରିଥିଲେ। କୋହଲି ମିଚେଲ ଷ୍ଟାର୍କଙ୍କ ବଲରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଆରୋନ ଫିଞ୍ଚ୍‌ଙ୍କ ହାତରେ ଧରାପଡିଥିଲେ। ଏହାପରେ ପୂଜାରା ପ୍ୟାଟ୍ କୁମିନ୍ସଙ୍କ ଏକ ଲୋ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ବ୍ୟାଟିଂ କରିବାକୁ ଆସିଥିବା ଅଜିଙ୍କ୍ୟ ରାହାନେ ୩୪ ରନ କରିଥିବା ବେଳେ ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୩୯ ରନ କରିଥିବା ବେଳେ ମିଚେଲ ଷ୍ଟାର୍କଙ୍କ ଏକ ଶର୍ଟ ବଲ୍‌କୁ ମିଡଉଇକେଟକୁ ପୁଲ କରିବାକୁ ଯାଇଥିଲେ। ତେବେ ବଲ୍ ବ୍ୟାଟର ଏଜ୍ ନେଇଥିଲା ଓ ସେ ଉସ୍‌ମାନ ଖ୍ୱାଜାଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମାତ୍ର ୪ ରନ କରିଥିବା ବେଳେ ଜୋସ ହାଜେଲଉଡ୍‌ଙ୍କ ବଲ୍‌ରେ ଉଇକେଟ କିପର ଟିମ୍ ପେନଙ୍କୁ କ୍ୟାଚ୍ ଦେଇ ଶେଷ ଉଇକେଟ ଭାବେ ପ୍ୟାଭିଲିୟନ ଫେରିଥିଲେ। ଜାଡେଜା ଆଉଟ ହେବା ପରେ ଅଧିନାୟକ କୋହଲି ସମସ୍ତଙ୍କୁ ଚକିତ କରି ଇନିଂସ ଘୋଷଣା କରିଥିଲେ। ସେତେବେଳକୁ ରୋହିତ ୧୧୪ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହ ୬୩ ରନ କରି ଅପରାଜିତ ରହିଥିଲେ। ବୁଧବାର ପଦାର୍ପଣ କରିଥିବା ଓପନର ମୟଙ୍କ ଅଗ୍ରୱାଲ ୭୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁମିନ୍ସ ୩, ଷ୍ଟାର୍କ ୨, ହାଜେଲଉଡ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହାପରେ ଅନ୍ତିମ ସେସନରେ ଅଷ୍ଟ୍ରେଲିଆ ୬ ଓଭର ଖେଳିଥିଲା। ତେବେ ନୂଆ ବଲରେ ଭାରତୀୟ ବୋଲର ଅଷ୍ଟ୍ରେଲିଆର କୌଣସି ଉଇକେଟ ଝଡାଇ ପାରି ନ ଥିଲେ। ଆଡିଲେଡରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୩୧ ରନରେ ବିଜୟୀ ହୋଇଥିବା ବେଳେ ପର୍ଥରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୪୬ ରନରେ ବିଜୟ ହାସଲ କରିଥିଲା। ଫଳରେ ୪ ମ୍ୟାଚ ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୬୯.୪ ଓଭରରେ ୪୪୩/୭, ଘୋଷଣା (ପୂଜାରା- ୧୦୬, କୋହଲି- ୮୨, ମୟଙ୍କ- ୭୬, ରୋହିତ- ୬୩*, ପନ୍ତ- ୩୯, ରାହାନେ- ୩୪, କୁମିନ୍ସ- ୩/୭୨, ଷ୍ଟାର୍କ- ୨/୮୭, ହାଜେଲଉଡ- ୧/୮୬, ଲିୟନ- ୧/୧୧୦)।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୬ ଓଭରରେ ୮/୦ (ହାରିସ- ୫*, ଫିଞ୍ଚ୍- ୩*)

### ଧୀମା ଶତକ ଅର୍ଜନରେ ପୂଜାରା ୩ୟ ଭାରତୀୟ

ମେଲବୋର୍ନ, ୨୭।୧୨

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଟେଷ୍ଟରେ ୧୦୬ ରନର ଶତକୀୟ ଇନିଂସ ଖେଳି ଭାରତକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଟେଷ୍ଟ କ୍ରିକେଟରେ ପୂଜାରାଙ୍କ ଏହା ୧୭ତମ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୪ର୍ଥ ଶତକ ଥିଲା। ଶତକ ହାସଲ କରିବା ପାଇଁ ଏହି ସୌରାଷ୍ଟ୍ର ବ୍ୟାଟ୍ସମ୍ୟାନ ୨୮୦ ବଲର ସାମ୍ନା କରିଥିଲେ, ଯାହା ମଧ୍ୟରେ ସେ ୧୦ଟି ଚୌକା ମାରିଥିଲେ। ଏଥିସହ ଭାରତୀୟ ବ୍ୟାଟ୍ସମ୍ୟାନଭାବେ ଟେଷ୍ଟ କ୍ରିକେଟରେ ଧୀମା ଶତକ ହାସଲ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାର ଶୀର୍ଷ ଦୁଇ ସ୍ଥାନରେ ଯଥାକ୍ରମେ ରବି ଶାସ୍ତ୍ରୀ (୩୦୭ ବଲ, ୧୯୯୨ରେ ମେଲବୋର୍ନ) ଓ ସୁନୀଲ ଗାଭାସ୍କର (୨୮୬ ବଲ, ୧୯୮୫ରେ ଆଡିଲେଡ୍) ରହିଛନ୍ତି। ସେହିଭଳି ଟେଷ୍ଟ ଶତକ ହାସଲରେ ପୂଜାରା ପ୍ରାକ୍ତନ ଅଧିନାୟକ ସୌରଭ ଗାଙ୍ଗୁଲି (୧୬ଟି)ଙ୍କୁ ଟପିଯାଇଛନ୍ତି। ସେ ଏବେ ଭିଭିଏସ୍ ଲକ୍ଷ୍ମଣ (୧୭ ଶତକ)ଙ୍କ ସହ ସମକକ୍ଷ ହୋଇଛନ୍ତି। ବକ୍ସିଂ ଡେ' ଟେଷ୍ଟରେ ଶତକ ହାସଲ କରିବାରେ ମଧ ସେ ୫ମ ଭାରତୀୟ ବ୍ୟାଟ୍ସମ୍ୟାନ। ପୂର୍ବରୁ ସଚିନ ତେନ୍ଦୁଲକର (୧୯୯୬), ବୀରେନ୍ଦ୍ର ସେହ୍ୱାଗ (୨୦୦୩), ବିରାଟ କୋହଲି (୨୦୧୪) ଓ ଅଜିଙ୍କ୍ୟ ରାହାନେ (୨୦୧୪) ବକ୍ସିଂ ଡେ ଟେଷ୍ଟରେ ଶତକ କରିଥିଲେ। ଏଥିସହ ୨୦୧୭ ଜାନୁୟାରୀ ପରେ ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ପୂଜାରା ଟେଷ୍ଟ କ୍ରିକେଟରେ ୪ ହଜାର ବଲ୍ ସାମ୍ନା କରିଛନ୍ତି।

## ଦ୍ରାବିଡ୍‌ଙ୍କୁ ପଛରେ ପକାଇଲେ କୋହଲି

ମେଲବୋର୍ନ, ୨୭।୧୨

ଭାରତୀୟ ଅଧିନାୟକ ବିରାଟ କୋହଲି ପୁଣିଥରେ ଜଣେ କିମ୍ବଦନ୍ତୀ ଖେଳାଳିଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଟେଷ୍ଟ ଅବସରରେ କୋହଲି ୮୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହି ଅବସରରେ ସେ ଗୋଟିଏ ବର୍ଷରେ ବିଦେଶ ମାଟିରେ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ରାହୁଲ ଦ୍ରାବିଡ୍‌ଙ୍କ ନାମରେ ରହିଥିବା କୀର୍ତ୍ତିମାନକୁ ପଛରେ ପକାଇ ଦେଇଛନ୍ତି। କୋହଲି ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷ ବିଦେଶ ମାଟିରେ ୧୧ଟି ଟେଷ୍ଟ (୨୧ ଇନିଂସ)ରୁ ୫୪.୧୯ ଆଭରେଜରେ ୧୧୩୮ ରନ କରିଛନ୍ତି। ପୂର୍ବରୁ ଦ୍ରାବିଡ୍ ୨୦୦୨ରେ ବିଦେଶ ମାଟିରେ ୧୧ଟି ଟେଷ୍ଟ (୧୮ ଇନିଂସ)ରୁ ୬୬.୮୮ ଆଭରେଜରେ ୧୧୩୭ ରନ ସଂଗ୍ରହ କରିଥିଲେ, ଯାହା ମଧ୍ୟରେ ୪ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଥିଲା। ତେବେ ଗୋଟିଏ ବର୍ଷରେ ବିଦେଶ ମାଟିରେ ସର୍ବାଧିକ ଟେଷ୍ଟ ରନ ସଂଗ୍ରହ କରିବା ରେକର୍ଡ ଗ୍ରାଏମ୍ ସ୍ମିଥ୍‌ଙ୍କ ନାମରେ ରହିଛି। ସ୍ମିଥ୍ ୨୦୦୮ରେ ୧୧ ମ୍ୟାଚ୍‌ରୁ ୬୭.୩୩ ଆଭରେଜରେ ୧୨୧୨ ରନ କରିଥିଲେ। ସାର୍ ଭିଭିଆନ୍ ରିଚାର୍ଡ୍ସ (୧୧୫୪ ରନ, ୭ ମ୍ୟାଚ୍) ଓ କୋହଲି ଯଥାକ୍ରମେ ଏହି ତାଲିକାର ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି।

**ଗୋଟିଏ ବର୍ଷରେ ବିଦେଶରେ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ଭାରତୀୟ ବ୍ୟାଟ୍ସମ୍ୟାନ**

| ଖେଳାଳି | ମ୍ୟାଚ୍ | ରନ୍ | ଆଭରେଜ | ବର୍ଷ |
|---|---|---|---|---|
| ବିରାଟ କୋହଲି | ୧୧* | ୧୧୩୮ | ୫୪.୧୯ | ୨୦୧୮ |
| ରାହୁଲ ଦ୍ରାବିଡ୍ | ୧୧ | ୧୧୩୭ | ୬୬.୮୮ | ୨୦୦୨ |
| ମହିନ୍ଦର ଅମରନାଥ | ୯ | ୧୦୬୫ | ୭୧.୦୦ | ୧୯୮୩ |
| ସୁନୀଲ ଗାଭାସ୍କର | ୭ | ୯୧୮ | ୮୩.୪୫ | ୧୯୭୧ |
| ମୁରଲୀ ବିଜୟ | ୧୦ | ୮୫୨ | ୪୨.୬୦ | ୨୦୧୪ |

### ରାଜ୍ୟ ଖୋଖୋ ଦଳ ଘୋଷିତ

କଟକ ଅଫିସ,୨୭।୧୨– ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁରଠାରେ ଆସନ୍ତା ୨୮ ତାରିଖରୁ ହେବାକୁ ଥିବା ୨୯ତମ ଫେଡେରେଶନ କପ୍ ଜାତୀୟ ଖୋଖୋ ପ୍ରତିଯୋଗିତା ନିମନ୍ତେ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟ ପୁରୁଷ ଦଳରେ ଗଣେଶ ନାଥ, ଅଜୟ ମାନ୍ଦ୍ରା, ଦେବେନ୍ଦ୍ର ନାଥ, ଲିପୁନ ମୁଖୀ, ସିପୁନ ମୁଖୀ, ଦିବ୍ୟରନ ସିଂ, ଚିନ୍ମୟ ବେହେରା, ସୁକୁନାଥ ସିଂ, ଅର୍ଜୁନ ସିଂ, କରଣ ମାରାଣ୍ଡି, ଶେଷଦେବ ନାୟକ, ନାଇଜଲ ଡୁଙ୍ଗ୍‌ଡୁଙ୍ଗ୍ ସାମିଲ ହୋଇଥିବା ବେଳେ କୋଚ୍ ଭାବେ ମଳୟ ରଞ୍ଜନ ବେହେରା, ମ୍ୟାନେଜର ଭାବେ ଦେବୀ ପ୍ରସାଦ ଦାସ ଦଳରେ ରହିଛନ୍ତି। ସେହିପରି ମହିଳା ଦଳରେ ମନ୍ଦାକିନୀ ମାଝୀ, ସସ୍ମିତା ନାଥଶର୍ମା, ମଧୁସ୍ମିତା ଓଝା, ଶାବିଲା ଖାତୁନ୍, ପୁଷ୍ପା ମାରାଣ୍ଡି, ପ୍ରିୟଙ୍କା ସିଂ, ସବନମ ଖାତୁନ୍, ରଶ୍ମିତା ଖଟୋଇ, ଶୁଭଶ୍ରୀ ସିଂ, ଶିବାନୀ ଗମାଙ୍ଗ, ସବିତା କାଡ୍ରାକା, ଆଶା ମାରାଣ୍ଡି, କୋଚ୍ ଭାବେ ପ୍ରଶାନ୍ତ ମଲ୍ଲିକ ଓ ସାଗରିକା ପ୍ରଧାନ, ଟେକ୍ନିକାଲ ଅଫିସିଆଲ ଭାବେ ସୂର୍ଯ୍ୟନାରାୟଣ ଜେନା ଓ ଅନ୍ନପୂର୍ଣ୍ଣା ରାଉତ ରହିଛନ୍ତି। ଦଳ ଗୁରୁବାର ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରିବ ବୋଲି ରାଜ୍ୟ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି।

## ମନୀଷ ଏକକ ଅଗ୍ରଣୀ



ଗୁରୁବାର ପ୍ରତିଯୋଗୀମାନେ ଖେଳରେ ନିମଗ୍ନ।

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି) ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଓଡ଼ିଶା ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତାରେ ଗୁରୁବାର ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। । ୬ ରାଉଣ୍ଡ ଖେଳ ଶେଷସୁଦ୍ଧା ଭୁବନେଶ୍ୱରର ମନୀଷ କୁମାର ପୂରା ୬ ପଏଣ୍ଟ ପାଇ ଏକକ ଅଗ୍ରଣୀଲାଭ କରିଛନ୍ତି। ସ୍ୱପ୍ନିଳ ପ୍ରିୟଦର୍ଶୀ ଓ ଓମ୍ ଆଦିତ୍ୟ ଖାଉଙ୍ଗା ୫.୫ ଲେଖାଏ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ୫ ଖେଳାଳି ୫ ପଏଣ୍ଟ ଏବଂ ୯ ଖେଳାଳି ୪.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଅବଶିଷ୍ଟ ୩ ରାଉଣ୍ଡ ସହ ଶୁକ୍ରବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ମ୍ୟାଜିକ, ହାପି ଏକାଦଶ ବିଜୟୀ

ଭୁବନେଶ୍ୱର,୨୭।୧୨

**ସନ୍ତୋଷ ସ୍ମାରକୀ କ୍ରିକେଟ**

ରସୁଲଗଡ଼ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୯ତମ ସନ୍ତୋଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଖେଳାଯାଇଥିବା ଦୁଇଟି ଲିଗ୍ ମ୍ୟାଚ୍‌ରେ ମ୍ୟାଜିକ ଏକାଦଶ ଓ ହାପି ଏକାଦଶ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ମ୍ୟାଜିକ ଏକାଦଶ ୨୦ ରନ୍‌ରେ ଭୁବନେଶ୍ୱରର ଆରସିସିକୁ ପରାସ୍ତ କରିଥିଲା। ମ୍ୟାଜିକ ଏକାଦଶ ଧାର୍ଯ୍ୟ ୧୨ ଓଭରରେ ୬ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ଜବାବରେ ଆରସିସି ଦଳ ସମସ୍ତ ଓଭର ବ୍ୟାଟିଂ କରି ୫ ଉଇକେଟ ହରାଇ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ରାଉଡି ଏକାଦଶ ପକ୍ଷରୁ ଧାର୍ଯ୍ୟ ୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ହାପି ଏକାଦଶ ୮.୧ ଓଭରରେ ହାସଲ କରି ନେଇଥିଲା। ଉଭୟ ବିଜୟୀ ଦଳ ଲାଗି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଦେବାଶିଷ ସାମନ୍ତରାୟ ଓ ଶାରଦାକାନ୍ତ ବଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି। ରାକେଶ ବଳିଆର ସିଂ ରେଫରି ଦାୟିତ୍ୱରେ ଥିବାବେଳେ ଅମ୍ପାୟର ଭାବେ ଶ୍ରୀଧର ବଳିଆରସିଂ ଓ ସମ୍ବିତ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ଯାଜ୍ଞସେନ ମହାପାତ୍ର ଯୋଗଦେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ ଶାରଦାକାନ୍ତ ବଳଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଖ୍ରୀଷ୍ଟଚର୍ଚ୍ଚ ଟେଷ୍ଟରେ ନ୍ୟୁଜିଲାଣ୍ଡର ପ୍ରାଧାନ୍ୟ

ଖ୍ରୀଷ୍ଟଚର୍ଚ୍ଚ, ୨୭।୧୨ (ଏଏଫ୍‌ପି)

ବାମହାତୀ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ (୧୫-୮-୩୦-୬)ଙ୍କ ବିଧ୍ୱଂସୀ ବୋଲିଂ ବଳରେ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍ ଘରୋଇ ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ରହିଛି। ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ସ୍କୋର ୧୭୮ ରନ ଜବାବରେ ଶ୍ରୀଲଙ୍କା ବୋଲ୍ଟଙ୍କ ବୋଲିଂକୁ ସାମ୍ନା କରି ନ ପାରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୦୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ବୋଲ୍ଟ ନିଜ ସ୍ପେଲର ଶେଷ ୧୫ ବଲରେ ୪ ରନ ବ୍ୟୟରେ ୬ ଉଇକେଟ୍ ଅକ୍ତିଆର କରି ଶ୍ରୀଲଙ୍କା ଶିବିରରେ କୋକୁଆଭୟ ସୃଷ୍ଟି କରିଥିଲେ। ଜବାବରେ ୨ୟ ଇନିଂସ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଗୁରୁବାର ୨ୟ ଦିବସ ଶେଷ ସୁଦ୍ଧା ୨ ଉଇକେଟ୍ ହରାଇ ୨୩୧ ରନ କରିଛି। ଜିତ୍ ରାଭାଲ ୭୪ ଓ ଅଧିନାୟକ କେନ୍ ୱିଲିୟମସନ ୪୮ ରନ କରି ଆଉଟ୍ ହୋଇଥିବାବେଳେ ଟମ୍ ଲଥାମ ୭୪ ଓ ରସ୍ ଟେଲର ୨୫ ରନରେ ଅପରାଜିତ ରହିଛନ୍ତି। ହାତରେ ୮ଟି ଉଇକେଟ୍ ସୁରକ୍ଷିତ ରହିଥିବାବେଳେ କିୱି ଦଳ ଏବେ ମୋଟ୍ ଉପରେ ୩୦୫ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୩ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ରହିଛି। ପୂର୍ବରୁ ୱେଲିଂଟନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଡ୍ର' ରହିଥିଲା।



ବୋଲିଂ ଆକ୍ସନରେ ଟ୍ରେଣ୍ଟ ବୋଲ୍ଟ।

### ବୋଲ୍ଟଙ୍କ ଘାତକ ବୋଲିଂ

ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ସ୍କୋର ୧୭୮ ରନ ଜବାବରେ ଦୀନେଶ ଚାଣ୍ଡିମଲଙ୍କ ଶ୍ରୀଲଙ୍କା ଦଳ ବୁଧବାର ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୪ ଉଇକେଟ୍ ହରାଇ ୮୮ ରନ କରିଥିଲା। ଗୁରୁବାର ଦଳ ନ୍ୟୁଜିଲାଣ୍ଡ ସ୍କୋରକୁ ଟପିଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ୨ୟ ଦିବସରେ ବୋଲ୍ଟଙ୍କ ପରଫେକ୍ଟ ୧୫ଟି ସୁଇଂ ବଲ୍ ଶ୍ରୀଲଙ୍କାର ଶେଷ ୬ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବା ପାଇଁ ଯଥେଷ୍ଟ ଥିଲା। ନିଜର ୧୨ତମ ଓଭର ପର୍ଯ୍ୟନ୍ତ ଉଇକେଟ୍ ଶୂନ୍ୟ ରହିଥିବା ବୋଲ୍ଟ ୧୩ତମ ଓଭରରୁ ଘାତକ ବୋଲିଂ କରିଥିଲେ। ବୋଲ୍ଟଙ୍କ ପ୍ରଥମ ଶିକାର ବନିଥିଲେ ରୋହନ ଡି ସିଲ୍‌ଭା। ଏହାପରେ ବୋଲ୍ଟ ଜଣଙ୍କ ପରେ ଜଣେ ସିଂହଳୀ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏପରିକି ଶ୍ରୀଲଙ୍କାର ଶେଷ ୪ ବ୍ୟାଟ୍ସମ୍ୟାନ ଦିଲରୁୱାନା ପେରେରା, ସୁରଙ୍ଗ ଲାକମଲ, ଦୁସ୍ମନ୍ତ ଚାମିରା ଓ ଲାହିରୁ କୁମାର ଖାତା ଖୋଲି ନ ପାରି ବୋଲ୍ଟଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅପରପକ୍ଷରେ ନିର୍ଭରଯୋଗ୍ୟ ଆଞ୍ଜେଲୋ ମାଥ୍ୟୁସ ଉଇକେଟ୍‌ର ଅନ୍ୟପାର୍ଶ୍ୱରେ ୩୩ ରନ କରି ଅପରାଜିତ ରହିଥିଲେ। ଇନିଂସରେ ବୋଲ୍ଟ ୧୫ ଓଭରରେ ୩୦ ରନ ବ୍ୟୟ କରି ବୋଲ୍ଟ ୬ ଉଇକେଟ୍ ନେଇଥିଲେ, ଯାହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ରହିଥିଲା। ଏଥିପୂର୍ବରୁ ୧୯୯୩ରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ବୋଲର କର୍ଟନୀ ୱାଲ୍ସ ଅଷ୍ଟ୍ରେଲିଆ ବିପକ୍ଷରେ ୩୨ ବଲରେ ୧ ରନ ବ୍ୟୟ କରି ୭ଟି ଉଇକେଟ୍ ନେଇଥିଲେ। ଯାହା ୱାକା ଗ୍ରାଉଣ୍ଡରେ ସବୁଠାରୁ ବିଧ୍ୱଂସୀ ସ୍ପେଲର ମାନ୍ୟତା ପାଇଛି। ଅଷ୍ଟ୍ରେଲିଆ ଏକଦା ୨ ଉଇକେଟ୍‌ରେ ୮୮ ରନ କରିଥିବାବେଳେ ୱାଲ୍ସଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୧୯ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ଇନିଂସରେ ୱାଲ୍ସଙ୍କ(୧୮-୨-୯୫-୭) ସ୍ପେଲ ପ୍ରଭାବୀ ରହିଥିଲା। ମର୍ଡନ କ୍ରିକେଟରେ ୨୦୦୨ରେ ଢାକାଠାରେ ଘରୋଇ ବାଂଲାଦେଶ ବିପକ୍ଷରେ ୱେଷ୍ଟଇଣ୍ଡିଜର ଜେର୍ମିନ ଲସନ ୩ ରନରେ ୬ ଉଇକେଟ୍ ନେଇଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଆଜି ବି ଏହା ୬ ଉଇକେଟ ନେବାରେ ସୁଠାରୁ କଞ୍ଜୁସୀ ସ୍ପେଲ ହୋଇ ରହିଛି।




**ବାହାଘରର ୫ମାସ ପରେ ହାତ ଛାଡିଲେ ସ୍ୱାମୀ**

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

**ବିଞ୍ଝାରପୁର, ୨୭।୧୨ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଟିଶା ପଞ୍ଚାୟତ ଅଞ୍ଚଳର ଜୈନିକା ଦଳିତ ମହିଳାଙ୍କୁ ତାଙ୍କ ସ୍ୱାମୀ ପ୍ରତାରିତ କରିଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ୍ ଅଭିଯୋଗକାରିଣୀଙ୍କ ଶାଶୁ ଘର ଲୋକଙ୍କୁ ପଚରା ଉଚୁରା କରୁଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ସମ୍ପୃକ୍ତା ମହିଳା ଓ ସ୍ଥାନୀୟ ଫତେପୁର ପଞ୍ଚାୟତ ମଲ୍ଲିଆ ଗ୍ରାମର ରାଜେଶ ଦାସଙ୍କ ପୁଅ ରାଜୀବ(୨୨)ଙ୍କ ମଧ୍ୟରେ ୨ ବର୍ଷ ତଳୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପୁଅ ଘର ଉଚ୍ଚ ଜାତିର ହୋଇଥିବାରୁ ବାହାଘର ପାଇଁ ରାଜୀବଙ୍କ ପରିବାର ଲୋକେ ରାଜି ହୋଇ ନଥିଲେ। ତେଣୁ ବାହାଘର ପାଇଁ ପବ୍ଲିକ ନୋଟାରୀରେ ନାମ ପଞ୍ଜୀକୃତ କରିବା ପରେ ଉଭୟେ ଗତ ଅଗଷ୍ଟରେ ଘର ଛାଡ଼ି ଦିଲ୍ଲୀ ପଳାଇଥିଲେ। ସେଠାରେ ରାଜୀବ ଏକ କପଡ଼ା କାରଖାନାରେ କାମ କରୁଥିବା ବେଳେ ସେମାନେ ଘର ଭଡ଼ା ନେଇ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। କିଛିଦିନ ପରେ ରାଜୀବ ଦିଲ୍ଲୀରେ ରହୁଥିବା ଖବରପାଇ ପରିବାର ଲୋକେ ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ କରିଥିଲେ। ଏଥିସହ ବୋହୂକୁ ନେଇ ଘରକୁ ଆସିବାକୁ କହିଥିଲେ। ତେବେ ବୁଧବାର ସନ୍ଧ୍ୟାରେ ସେମାନେ କପାସି ଛକରେ ପହଞ୍ଚିବା ପରେ ତାଙ୍କୁ ଛାଡିଦେଇ ରାଜୀବ ତାଙ୍କ ପରିବାର ଲୋକଙ୍କ ସହ ସେଠାରୁ ପଳାଇଥିଲେ ବୋଲି ସମ୍ପୃକ୍ତା ମହିଳା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ରାଜୀବଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ପଚରା ଉଚୁରା କରୁଥିବା ଥାନାଧିକାରୀ ସୁଚିତ୍ରବିର୍ଜ୍ୟ ଦାସ କହିଛନ୍ତି।

# ଟ୍ରକ୍ ଧକ୍କାରେ ଝାଡ଼ଖଣ୍ଡ ମହିଳାଙ୍କ ମୃତ୍ୟୁ

**ଚଣ୍ଡିଖୋଲ, ୨୭।୧୨ (ଡି.ଏନ.ଏ)**

ଚଣ୍ଡିଖୋଲ-କଟକ ୫ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅଧୀନ ବନ୍ଦାଲୋ ଅନ୍ନପୂର୍ଣ୍ଣା ଢ଼ାବା ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ଦେଓଘର ଅଞ୍ଚଳର ପ୍ରମିଳା ଦେବୀ (୫୮)। ସେ ଏକ ଘରୋଇ ବସ୍‌ରେ ଭୁବନେଶ୍ୱରରୁ ରାଞ୍ଚି ଯାଉଥିଲେ। ରାତ୍ରି ଭୋଜନ ପାଇଁ ବସ୍‌ଟି ଅନ୍ନପୂର୍ଣ୍ଣା ଢାବା ପାଖରେ ରଖିଥିବା ବେଳେ ପ୍ରମିଳା ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ପ୍ରମିଳାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଅଟକ ରଖିବା ସହ ମୃତ ଦେହ ଜବତ କରିଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ପ୍ରମିଳାଙ୍କ ମୃତ ଦେହକୁ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଛି।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroFinCorp. HDFC BANK We understand your world. IndusInd Bank Two Wheeler Loans. HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହିରୋ - 7799766422. ଭାରତ ହିରୋ - 7799766378. ଡିଡି ହିରୋ - 7799566329. ବାଲେଶ୍ୱର: ନୀଳମ ହିରୋ - 7799766393. ବାରିପଦା : ଆଦିତ୍ୟ ହିରୋ - 7799766370. ଭଦ୍ରକ : ସଞ୍ଜୀବ ହିରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହିରୋ - 7799766362. କଟକ: ଜେଏମଜି ହିରୋ - 7799766366. ସନୀ ହିରୋ - 7799766401. ଏସେନ୍ ହିରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହିରୋ - 7799766383. ଯାଜପୁର ରୋଡ: ସୌମିକ ହିରୋ - 7799766410. ଜଳେଶ୍ୱର: ସାଇ ହିରୋ - 7799766407. କଟଣା: ବିଶାଳ ହିରୋ - 7799766398. କେନ୍ଦୁଝର: ସୁପ୍ରିମ ହିରୋ - 7799766360. ନୟାଗଡ଼: ଭଗବତୀ ହିରୋ - 7799766417. ପୁରୀ: ସଞ୍ଜୀବ ହିରୋ - 06752-255881, 7894020001. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଡିସେମ୍ବର, ୨୦୧୮



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଜିଲ୍ଲା ପାଚିକା ସଂଘର ବୈଠକ

**ବରୀ,୨୭।୧୨(ସ୍ୱ.ପ୍ର.):** ନିଖିଳ ଓଡ଼ିଶା ପାଚିକା ସଂଘ ଯାଜପୁର ଶାଖା ପକ୍ଷରୁ ବୁଧବାର ଅପରାହ୍ନରେ ସ୍ଥାନୀୟ କୃପାସିନ୍ଧୁ ବିଦ୍ୟା ଭବନ ପଡିଆରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ବରୀ ବ୍ଲକ ସଭାନେତ୍ରୀ ସୁମିତ୍ରା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲା ସଭାପତି ରାଜ କିଶୋର ସାମଲ କେନ୍ଦ୍ରାପଡ଼ା ଜିଲା ଶାଖା ସଭ୍ୟ ଅରୁଣ କୁମାର ରାଉତ ଅତିଥି ରୂପେ ଯୋଗଦେଇ ପାଚିକା ଓ ସହପାଚିକାଙ୍କ ସର୍ବନିମ୍ନ ଦରମା ୧୮ହଜାରକୁ ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ରଖିଥିଲେ। ମନମୁଖି ଛଟେଇ, ସ୍ୱାସ୍ଥ୍ୟବୀମା, ଘରୋଇ ସଂସ୍ଥାକୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ହସ୍ତାନ୍ତର ନ କରିବା ଆଦି ବିଭିନ୍ନ ଦାବି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରୀ ୮ ଓ ୯ ତାରିଖରେ ସର୍ବଭାରତୀୟ ସ୍ତରରେ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସମର୍ଥନ ଜଣାଇ ଯାଜପୁର ଜିଲା ଶାଖା ପକ୍ଷରୁ ସମସ୍ତ ସରକାରୀ ଦପ୍ତରକୁ ଅଚଳ କରି ଦିଆଯିବ ବୋଲି ଜିଲା ଶାଖା ସଭାପତି ସାମଲ କହିଛନ୍ତି।

### ଜୟୀରାମ ବାବାଙ୍କ ୧୯୧ ତମ ଶ୍ରାଦ୍ଧୋତ୍ସବ

**ଦଶରଥପୁର,୨୭।୧୨(ଡି.ଏନ୍.ଏ):** ଦଶରଥପୁର ବ୍ଲକ ଅଧୀନସ୍ଥ ପାଲଟପୁର ପଞ୍ଚାୟତର ବଳଦେବ ଜୀଉମଠର ପୂର୍ବତନ ମହନ୍ତ ସ୍ୱର୍ଗତ ଜୟୀରାମ ବାବାଙ୍କର ୧୯୧ ତମ ଶ୍ରାଦ୍ଧୋତ୍ସବ ବୁଧବାର ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସକାଳ ୮ଟା ବେଳେ ଦେବାର୍ଚ୍ଚନା ହୋଇଥିବାବେଳେ, ପ୍ରସାଦ ସେବନ ଓ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ଓ ପ୍ରବଚନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ବିନ୍ଧାନନ୍ଦିପୁର, କଣ୍ଟିବାଙ୍କ ଓ ପାଲଟପୁର ଗ୍ରାମବାସୀ ସହଯୋଗ କରିଥିବାବେଳେ ବଳଦେବଜୀଉ ମଠ ପରିଚାଳନା କମିଟି ତତ୍ତ୍ୱାବଧାନରେ ହୋଇଥିଲା। ପଞ୍ଚାୟତର ବହୁ ଜନସାଧାରଣ ଉକ୍ତ ଶ୍ରାଦ୍ଧୋତ୍ସବରେ ଯୋଗ ଦେଇଥିଲେ।

### ସୁଶାସନ ଦିବସ

**ସିଂହପୁର, ୨୭।୧୨(ଡି.ଏନ୍.ଏ.):** ସିଂହପୁର ନିକଟବର୍ତ୍ତୀ ସୁନ୍ଦରପୁର ଗ୍ରାମରେ ଗୁରୁବାର ସୁଶାସନ ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜିକ କର୍ମୀ ପ୍ରଭାସ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବଞ୍ଚାରପୁର ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଓ ସମ୍ମାନିତ ଅତିଥିଭାବେ ସୁଧାଂଶୁ ଶେଖର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନେ ବୃକ୍ଷରୋପଣ କରିଥିଲେ। ଅନିଲ ରାୟ, ସୁଧୀର ମଲିକ, ପ୍ରକାଶ ରଥ, ସୁଶିଲ ସାମଲ, ରାକେଶ ମଲିକ, ରବୀନ୍ଦ୍ର ସାହୁ, ଉମେଶ ସେଠୀ, ପାର୍ଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ରାଜ୍ୟ ବିକାଶ ରଥର ସାରଥି ନବୀନ

**ଦଶରଥପୁର,୨୭।୧୨(ଡି.ଏନ୍.ଏ):** ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଦଶରଥପୁର ବ୍ଲକ୍‌ର ୭ନଂ. ଜୋନ ପକ୍ଷରୁ ବୁଧବାର ବିଜେଡ଼ିର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ମଙ୍ଗଳପୁର ବଜାର ସଂଲଗ୍ନ ବିଜୁ ଗ୍ରାମୀଣ ବଜାର ପରିସରରେ ଥିବା ପଡ଼ିଆରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଦଶରଥପୁର ବ୍ଲକ ବିଜେଡି ସଭାପତି ସୁବାସ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟିକା ମଲ୍ଲିକ ଯୋଗଦେଇ ରାଜ୍ୟବାସୀଙ୍କ ବିକାଶ ରଥର ସାରଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଜିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡ଼ି ଜିଲା ସଭାପତି ସରୋଜ ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ସଫଳତା ବଖାଣି ଥିଲେ। ରାଜ୍ୟ ବିଜେଡ଼ି ମହିଳା ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି, ବ୍ଲକ ଅଧକ୍ଷା ସୁଜାତା ସାହୁ, ବ୍ଲକ ଉପାଧକ୍ଷ ରଞ୍ଜନ ପୃଷ୍ଟି, ଆମ୍ବାର ଅଧକ୍ଷ ଶରତ ଚନ୍ଦ୍ର ଜେନା, ଥାଲକୁଡ଼ି ଗ୍ରାମ ପଞ୍ଚାୟତର ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ପୂର୍ବତନ ବ୍ଲକ ଉପାଧକ୍ଷ ବିଷ୍ଣୁ ଚରଣ ମହାପାତ୍ର, ବିଜେଡ଼ିର ଜିଲା ଉପସଭାପତି ଧୀରେନ୍ଦ୍ର ମଲ୍ଲିକ, ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଜିଲା ପରିଷଦ ସଭ୍ୟା ରଞ୍ଜିତା ରାଉତ, ଜାଫରପୁର ପଞ୍ଚାୟତର ସମିତି ସଭ୍ୟା ପ୍ରମିଳା ଜେନା, ଦଉପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୀରଭଦ୍ର ଜେନା, ନିଜାମପୁର ପଞ୍ଚାୟତର ସମିତି ସଭ୍ୟା ରୁକ୍ମିଣୀ ଦାସ, ବିରିପଟା ସରପଞ୍ଚ ମନୋରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ନୀନାରାଣୀ ସାମଲ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

■ ଥାନାରେ କମିଛି ମାମଲା

# ତଦନ୍ତ ନୈରାଶ୍ୟଜନକ, କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ

## ସମ୍ପତ୍ତିଗତ ଆପରାଧିକ ମାମଲାରେ ପୋଲିସକୁ ମିଳୁନି ସଫଳତା

**ରସୁଲପୁର,୨୭।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳର କୁଆଖିଆ ଥାନାରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ କମ୍ ମାମଲା ରୁଜୁ ହୋଇଛି। ଥାନାରେ କମ୍ ମାମଲା ରୁଜୁ ହେବା ଏକ ଶୁଭ ସଙ୍କେତ। ଏହା ଲୋକଙ୍କ ଶାନ୍ତିପ୍ରିୟ ମନୋଭାବର ପରିଚୟ ଦେଉଛି। କିନ୍ତୁ ଏହି ଥାନା ଅଧିନରେ ଯେତିକି ଅପରାଧିକ ମାମଲା ରୁଜୁ ହେଉଛି ସେଥିରୁ ଅନେକ ଘଟଣାର ତଦନ୍ତ ଠିକ୍‌ଭାବେ ହେଉ ନ ଥିବା ଅଭିଯୋଗ ହେଉଛି। ତଦନ୍ତ ନୈରାଶ୍ୟଜନକ ହେଉଥିବାରୁ ପୋଲିସକୁ ସଫଳତା ମଧ୍ୟ କମ୍ ମିଳୁଛି।ବିଶେଷକରି ସମ୍ପତ୍ତି ସହ ଜଡ଼ିତ ଅପରାଧ(ପ୍ରପର୍ଟି ଅଫେନ୍ସ)ରେ ପୋଲିସର ତଦନ୍ତ ନୈରାଶ୍ୟଜନକ ଥିବା ଜଣାପଡ଼ିଛି। ଏହି ଥାନା ଅଞ୍ଚଳ ଦେଇ ୧୬ନଂ ଜାତୀୟ ରାଜପଥ ଅତିକ୍ରମ କରିଛି। ରାଜପଥ ଓ ତା'ର ଆଖପାଖ ଅଞ୍ଚଳରେ ପ୍ରତ୍ୟେହ ବିଭିନ୍ନ ଅପରାଧମାନ ଘଟୁଛି। ମାତ୍ର ପୋଲିସ ଅଧିକାଂଶ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରି ନାହିଁ। ତା'ର ଜ୍ୱଳନ୍ତ ଉଦାହରଣ ହେଉଛି ରାଜପଥର ସୁଆଁସାହି ଛକରୁ ଲୁଟ ହୋଇଥିବା ସିଗାରେଟ ଘଟଣାକୁ ଧରାଯାଇପାରେ। ଏହି ଘଟଣାର ତଦନ୍ତ ଭାର ଥାନା ଅଧିକାରୀଙ୍କ ହାତରେ ରହିଛି। ଏଥିପାଇଁ ଅଧିକାରୀ ତାଙ୍କର ବହୁମୂଲ୍ୟ ସମୟ ବି ଦେଇଛନ୍ତି। ଅନେକଥର ତଦନ୍ତ ଆଳରେ ବାହାରକୁ ଯାଇଛନ୍ତି। ଦିନ କେଇଟା ପରେ ଏହି ଘଟଣାକୁ ବର୍ଷେ ପୂରିବ। ମାତ୍ର ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇପାରିଲା ନାହିଁ। ଏହାଛଡ଼ା ଏଟିଏମ୍ ଲୁଟ୍, ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍, ମାଂସ କଟାଳିଙ୍କୁ ନିଶା ଦେଇ ଲୁଟ୍ ଭଳି ଅନେକ ଅପରାଧିକ ମାମଲାରେ ପୋଲିସକୁ ଆଶାତୀତ ସଫଳତା ମିଳିପାରି ନାହିଁ। ଯାହାକୁ ନେଇ ପୋଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରସୁଲପୁର ବ୍ଲକ ଅଧିନରେ ଥିବା ୨୮ଗୋଟି ପଞ୍ଚାୟତ ମଧ୍ୟରୁ ମୋଟ ୧୮ଗୋଟି ପଞ୍ଚାୟତ କୁଆଖିଆ ଥାନା ଅଧିନରେ ରହିଛି। ଏହି କ୍ରମରେ ଏହି ବ୍ଲକ ଅଧିନରେ ଥିବା ୫ଟି ପଞ୍ଚାୟତ ଧର୍ମଶାଳା, ୩ଟି ପଞ୍ଚାୟତ ଯାଜପୁର ସଦର ଓ ୨ଟି ପଞ୍ଚାୟତ ଯାଜପୁରରୋଡ ଥାନା ଅଧିନରେ ରହିଛି। ଏହି ବ୍ଲକର ଅଧିକାଂଶ ଲୋକ ବିଭିନ୍ନ ସମସ୍ୟା ନେଇ କୁଆଖିଆ ଥାନା ଉପରେ ନିର୍ଭର କରୁଛନ୍ତି। ଏହି ଥାନାରେ ୨୦୧୭ରେ ୨୭୯ଟି ମାମଲା ରୁଜୁ ହୋଇଥିଲା। ଚଳିତବର୍ଷ ଅଦ୍ୟାବଧି ୨୧୦ଟି ରୁଜୁ ହୋଇଛି। ଗୋଷ୍ଠି ସଂଘର୍ଷ, ଜାତିଆଣା ସଂଘର୍ଷ, ଗାଁ ଗାଁ ମଧ୍ୟରେ ବିବାଦ କମ୍ ରହିବା ଯୋଗୁଁ ମାମଲା ସଂଖ୍ୟା ହ୍ରାସ ପାଇଛି ବୋଲି ପୋଲିସ ପ୍ରକାଶ କରିଛି। ମୋଟ ରୁଜୁ ହୋଇଥିବା ମାମଲାରୁ ୧୪୭ଟି ମାମଲା ଜମିବାଡି ବିବାଦକୁ ନେଇ ଉପୁଜିଛି। ବଳକା ୬୩ଟି ମାମଲାରୁ ଅଧିକାଂଶ ସମ୍ପତ୍ତିଗତ ଅପରାଧିକ ମାମଲା ରହିଛି। ସେଥିମଧ୍ୟରୁ ସିଗାରେଟ ଟ୍ରକ୍ ଲଟ୍ ଘଟଣା ଅନ୍ୟତମ ରହିଥିଲା। ଚଳିତବର୍ଷ ଜାନୁୟାରୀ ୧୧ତାରିଖ ରାତିରେ କିଛି ଦୁର୍ବୃତ୍ତ ସିଗାରେଟ ଗାଡିକୁ ଲୁଟି ନେଇଥିଲେ। କଲିକତାରୁ ଚେନ୍ନାଇ ଅଭିମୁଖେ ଯାଉଥିବା ସିଗାରେଟ ବୋଝେଇ ଟ୍ରକକୁ ଦୁର୍ବୃତ୍ତମାନେ ପିଛାକରି ଏହି ଛକ ନିକଟରେ କାବୁ କରିନେଇ ଥିଲେ। ଗାଡ଼ିର ଚାଳକ ଓ ହେଲପରକୁ ଅନ୍ୟ ଏକ ଗାଡ଼ିରେ ଅପହରଣ କରିନେବା ସହ ସିଗାରେଟ ବୋଝେଇ ଟ୍ରକକୁ ଏହି ଛକଠାରୁ ପ୍ରାୟ ୫୦କି.ମି.ରୁ ଉର୍ଦ୍ଧ୍ୱ ରାସ୍ତା ଅପହରଣ କରି ନେଇଥିଲେ। ଟାଙ୍ଗି ନିକଟରେ ଅନ୍ୟ ଏକ ଟ୍ରକ୍‌ରେ ସିଗାରେଟକୁ ଲୁଟି ନେଇଥିଲେ। ଏସମ୍ପର୍କରେ କମ୍ପାନୀ ମାଲିକ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି କୁଆଖିଆ ଥାନାରେ କେସ୍ ନଂ-୯/୧୮ରେ ଏକ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଘଟଣାକୁ କିଛି ଦିନ ମଧ୍ୟରେ ବର୍ଷେ ପୁରିବାକୁ ଯାଉଛି। ଏବେବି ଉକ୍ତ ଘଟଣାର ଅଭିଯୁକ୍ତ ଫେରାର ଅଛନ୍ତି। ଉକ୍ତ ଘଟଣାକୁ ଖୋଦ୍ ଜିଲା ଆରକ୍ଷୀ ଅଧିକ୍ଷକ ତଦାରଖ କରୁଥିଲେ। ଅନ୍ୟ ଏକ ଘଟଣାରେ ରାଜପଥର ମୂଳାପଳ ଛକ ନିକଟରୁ ଚଳିତବର୍ଷ ଫେବୃୟାରୀ ୯ତାରିଖରେ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୧.୧୦ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ଥାନାରେ କେସ୍ ନଂ. ୩୩/୧୮ମାମଲା ରୁଜୁ ହୋଇଛି। କୁଆଖିଆ ବଜାର ପୋଲ ଫେବୃୟାରୀ ୨୨ତାରିଖରେ ୧.୫ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ସେହିପରି କୁଆଖିଆ ବଜାରର ଏସ.କେ.ଲଜ୍‌ରେ ଷ୍ଟେଟ୍ ବ୍ୟାଙ୍କରେ ଚାକିରି କରାଇ ଦେବାକୁ କହି ବେକାରୀ ଯୁବକ ଯୁବତୀଙ୍କୁ ଠକୁଥିବା ଏକ ଦଳକୁ ପୋଲିସ କାବୁ କରିଥିଲା। ସେମାନଙ୍କୁ ଥାନାରେ ପଚରା ଉଚୁରା କରି ଛାଡି ଦେଇଥିଲା। ଉକ୍ତ ଘଟଣାରେ ପୋଲିସ କେସ୍ ନଂ-୮୭/୧୮ରେ ଏକ ମାମଲା ରୁଜୁ କରି ଚୁପ୍ ବସିଛି। ଏହାର ମାଷ୍ଟର ମାଇଣ୍ଡ ସମ୍ପର୍କରେ ପୋଲିସ ନିକଟରେ ଖବର ନାହିଁ। ସେହିପରି ୨୦୧୬ ଅଗଷ୍ଟ ମାସରେ ରାହାମ୍ବା ଗ୍ରାମରେ ହଣାକଟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବାପ ପୁଅକୁ ପୋଲିସ ଧରିବାରେ ବିଫଳ ହୋଇଛି। ଘଟଣାକୁ ୨ବର୍ଷ ବିତିଯାଇଥିଲେ ବି ଏହି କେସ୍‌ର ତଦନ୍ତ ଶେଷ ହୋଇପାରୁ ନାହିଁ। ଉକ୍ତ ଘଟଣାଟି ଥାନା ଅଧିକାରୀ ଆଶିଷ କୁମାର ସାହୁ ଯୋଗଦେବାର ମାତ୍ର ଦୁଇମାସ ପରେ ଘଟିଥିଲା। ଏହିଭଳି ନାନା ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନେ ଏବେ ବି ଫେରାର ରହିଛନ୍ତି। ଏହି ସବୁ ମାମଲାର ଭବିଷ୍ୟତ କ'ଣ ହେବ ତା ହିଁ ସମୟ କହିବ। ଏ ନେଇ ଥାନା ଅଧିକାରୀ ଆଶିଷ ସାହୁଙ୍କୁ ପଚାରିବାରୁ ସେ ଥାନା ଅଞ୍ଚଳର ଲୋକେ ଶାନ୍ତିପ୍ରିୟ ବୋଲି କହିବା ସହ ଅଧିକାଂଶ ମାମଲା ଜମିଜମାକୁ ନେଇ ଥାନାକୁ ଆସୁଛି। ଏହି ଅଞ୍ଚଳରେ କମ୍ ଜାଗାରେ ଅଧିକ ଲୋକ ବସବାସ କରୁଥିବା ହେଉଛି ଏହାର ମୁଖ୍ୟ କାରଣ। ଏହାଛଡ଼ା ସମ୍ପତ୍ତିଗତ ମାମଲାରେ ଥାନାର ସଫଳତା ୭୦ରୁ ୮୦ଶତକଡ଼ା ବୋଲି କହିଛନ୍ତି। ଏବେ ବି ଶତକଡ଼ା ୨୫ରୁ ୩୦ଭାଗ ମାମଲାରେ ଅପରାଧୀଙ୍କୁ ଧରାଯାଇ ପାରି ନାହିଁ ବୋଲି ଅଧିକାରୀ ସାହୁ ସ୍ୱୀକାର କରିଛନ୍ତି।

## ଏସ୍‌ଜି କଲେଜରେ ଉଦ୍ଭିଦ ବିଜ୍ଞାନ ପାଠଚକ୍ର

**ଦଶରଥପୁର, ୨୭।୧୨(ଡି.ଏନ୍.ଏ)**

ଦଶରଥପୁର ବ୍ଲକ କନିକାପଡ଼ାସ୍ଥିତ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟ(ଏସ୍‌ଜି)ର ଉଦ୍ଭିଦ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଲୋକନାଥ ଜେନା ଯୋଗଦେଇ କଲିମି ଚାରା ସୃଷ୍ଟି ମାଧ୍ୟମରେ ଫୁଲଗଛ ସୃଷ୍ଟିକରି ତାହାକୁ ଉପଯୋଗୀ କରିବା ସହ ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ଲାଭବାନ କିପରି ହୋଇପାରିବେ ସେଥିପାଇଁ ସରକାରଙ୍କ ବହୁମୁଖୀ ଉଦ୍ୟାନ ଓ କୃଷିଭିତ୍ତିକ ଯୋଜନା ପ୍ରଣୀତ ହୋଇଛି ତାହାର ସୁଫଳ ନେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ ଦଶରଥପୁର ବ୍ଲକ ସହକୃଷି ଅଧିକାରୀ ଦେବୀପ୍ରସନ୍ନ ଖୁଣ୍ଟିଆ ଯୋଗଦେଇ ଉଦ୍ଭିଦ ବିଜ୍ଞାନ ଗଢ଼ିବାର ଉପଯୋଗିତା ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ଶରତ କୁମାର ସାହୁ ଅତିଥି ପରିଚୟ କରିଥିବାବେଳେ ଅଧ୍ୟାପକ ଗୌରୀଶଙ୍କର ଯୁଗପ୍ରକାଶ ଜେନା ପାଠଚକ୍ରର ତାତ୍ପର୍ଯ୍ୟତା ଉପରେ ଆଲୋଚନା କରିଥିଲେ। ଏହି ପାଠଚକ୍ରରେ ଅଧ୍ୟାପକ ବିନୋଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ବାଇକ୍ ଧକ୍କାରେ ଚାଷୀ ଗୁରୁତର

**ବାରବାଟୀ,୨୭।୧୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁରୁକୁରା ଗ୍ରାମର ତାରିଣୀ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ଚାଷୀ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗୁରୁତର ଚାଷୀ ନଠୁଆବର ପଂଚାୟତ କୁରୁକୁରା ଗାଁର ବୃନ୍ଦାବନ ବାରିକ(୫୯) ସାଇକେଲ୍‌ରେ ମୂଳା ବୋଝେଇ କରି ଘରକୁ ଫେରୁଥିବାବେଳେ ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗୀର ଆଘାତ ଲାଗିଥିଲା।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ରତ୍ନଗିରି,୨୭।୧୨(ଡି.ଏନ.ଏ)**

ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେରକାର ଯୋଜନା ପରେ ଯୋଜନା କରୁଛନ୍ତି। ଏପରି କି ଏହି ଯୋଜନାରେ ଲୋକମାନେ ସଫଳତା ପାଉଛନ୍ତି ବୋଲି କହିଚାଲିଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଓଲଟା। ସମାଜରେ ବହୁ ଲୋକ ଅଛନ୍ତି ଯେଉଁମାନେ କି ଆର୍ଥିକ ଅନଟନରେ ଗତି କରି ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତର ହଳଦୀବସନ୍ତ ଗ୍ରାମର ଶ୍ରଦ୍ଧାଞ୍ଜଳି ସାମଲଙ୍କ କ୍ଷେତ୍ରରେ। ପିତା ବୀରବର ସାମଲଙ୍କ ଆର୍ଥିକ ଅବସ୍ଥା ସୁଦୃଢ଼ ନ ଥିବାରୁ ନିଜ ଝିଅ ମୁହଁରେ ହୋଇଥିବା ମୁହଁଫୁଲା ରୋଗର ଚିକିତ୍ସା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଦ୍ୟାବଧି ସହଯୋଗ ମିଳି ନାହିଁ। ୧୧।୯।୨୦୧୮ରେ ବରୀ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଶ୍ରଦ୍ଧାଞ୍ଜଳୀ ଲିଖିତ ଭାବେ ଅଭିଯୋଗ କରିବା ପରେ ଜିଲାପାଳ ତାଙ୍କର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସୁପାରିଶ କରିଥିଲେ। ମାତ୍ର ସେଠାରେ ଚିକିତ୍ସା ପାଇଁ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ଓ ଉକ୍ତ ଚିକିତ୍ସା ବ୍ୟବସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ନ ଥିବାରୁ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ । ବିଭିନ୍ନ ରାଜନୈତିକ ଦଳ ଗରିବ ଲୋକଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେଉଥିବା କଥା ସଭା ସମିତିରେ ଭାଷଣ ଦେଉଥିବା ବେଳେ ଏଭଳି ଜଣେ ଅସହାୟ ମହିଳାଙ୍କ ଉପରେ କାହାରି ନଜର ନ ପଡ଼ିବା ଘଟଣା ଆଲୋଚନାର ବିଷୟ ହୋଇଛି। ଏଭଳି ଅସହାୟ ଅବସ୍ଥାରେ ସରକାର ସହଯୋଗ କରିବାକୁ ରୋଗାଗ୍ରସ୍ତ ଅବସ୍ଥାରେ ଥିବା ଶ୍ରଦ୍ଧାଞ୍ଜଳିଙ୍କ ବାପା ବୀରବର ସାମଲ ନିବେଦନ କରିଛନ୍ତି।



ଶ୍ରଦ୍ଧାଞ୍ଜଳି ସାମଲ।

## ୫ମ ଦିନରେ ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା

**ବିରଜାକ୍ଷେତ୍ର, ୨୭।୧୨(ଡି.ଏନ୍.ଏ.)**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୧୦ମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳା ଗୁରୁବାର ୫ମ ଦିନରେ ପହଞ୍ଚିଛି । ଏହି ଅବସରରେ ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପ୍ରଦୀପ କୁମାର ବିଶ୍ୱାଳ, ସମ୍ମାନିତ ବକ୍ତାଭାବେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଗଙ୍ଗାଧର ନାୟକ ଓ ସମ୍ମାନିତ ଅତିଥିଭାବେ ଜିଲାସ୍ତରୀୟ ଡିଗ୍ରୀ କଲେଜର ସଂଯୋଜକ ପ୍ରଫେସର ଦର୍ପନାରାୟଣ ଲେଙ୍କା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନୀତ ଅତିଥିଭାବେ ଦୁବାଇରୁ ଆସିଥିବା ପ୍ରଡକଶନ୍ ମ୍ୟାନେଜର ଦେବାନନ୍ଦ ସାହୁଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସଂଘମିତ୍ରା ସ୍ୱାଇଁଙ୍କ ପତ୍ରିକା 'ମୋନାଲିସା' ଉନ୍ମୋଚନ ଓ ରିଜିଓନାଲ କଲେଜର ଅଧକ୍ଷ ଅନିଲ କୁମାର ମହାନ୍ତିଙ୍କ ରଚିତ କବିତା ପୁସ୍ତକ କୋମଳ ଯନ୍ତ୍ରଣାକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଅପରାହ୍ନରେ ବରିଷ୍ଠ ଓ କନିଷ୍ଠ ବର୍ଗ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ମଙ୍ଗଳପୁର ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପେଟେଣ୍ଟ ମେଡିସିନ ନାଟକ ପରିବେଷଣ କରାଯାଇଥିଲା। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ । ବିଭୂତି ଭୂଷଣ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଭାଷଣ, ହୃଷୀକେଶ ପତି ପରିଚୟ ପ୍ରଦାନ କରିଥିଲେ ଏବଂ କାହ୍ନୁଚରଣ ମିଶ୍ର ବିବରଣୀ ପ୍ରଦାନ କରିବା ସହ ପୁସ୍ତକ ମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆହ୍ୱାନ ନାଟ୍ୟସଂସ୍ଥା ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଶେଷରେ ପାଣ୍ଡବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ରାଜ୍ୟସ୍ତରୀୟ ପୁସ୍ତକ ମେଳାର ଗୁରୁବାର ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।

## ରତ୍ନଗିରି, ଉଦୟଗିରିରେ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ

**ବରୀ,୨୭।୧୨(ସ୍ୱ.ପ୍ର)**

୨୦୧୮ ସରିଯିବାକୁ ଯାଉଥିବାବେଳେ ଏହାକୁ ବିଦାୟ ଦେବାପାଇଁ ବୌଦ୍ଧ କୀର୍ତ୍ତୀରାଜି ବିଶ୍ୱ ପ୍ରସିଦ୍ଧ ରତ୍ନଗିରି ଓ ଉଦୟଗିରିରେ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବିଶେଷକରି ଗୁରୁବାର ଅଧିକ ପର୍ଯ୍ୟଟକଙ୍କ ସମାଗମ ଦେଖିବାକୁ ମିଳିଥିଲା। ତେବେ କିଛି ପର୍ଯ୍ୟଟକ ବଣଭୋଜି କରୁଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଢ଼େଙ୍କାନାଳ ଗଅଁଦିଆରୁ ଏକ ପର୍ଯ୍ୟଟକ ଦଳ ଉଦୟଗିରି ପାହାଡ଼ ତଳେ ଭୋଜି କରିବାବେଳେ କେତେକ ଯୁବକ ନିଜ ନିଜ ଭିତରେ କଥା କଟାକଟି ହୋଇ ହାତାହାତି ପର୍ଯ୍ୟନ୍ତ କଥା ଘଟିଥିଲା। ସେହିପରି ରତ୍ନଗିରି ପାହାଡ଼ତଳେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା। ଏଭଳି ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳୀରେ ବିଶୃଙ୍ଖଳା ଘଟିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ କରିବାପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି। ଜିଲା ପ୍ରଶାସନ ଏହି ୨ଟି ପର୍ଯ୍ୟଟନସ୍ଥଳକୁ ସୁରକ୍ଷା ଯୋଗାଇ ଦେବାପାଇଁ କବି ଅଜୟ କୁମାର ବଳ, ବରଦା ପ୍ରସନ୍ନ ସାହୁ, ନୀଳମଣି ବଳ, ଘନଶ୍ୟାମ ବିଶ୍ୱାଳ, ବରଦା ପ୍ରସନ୍ନ ସାହୁ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଜେନାପୁର,୨୭।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଡାକବଙ୍ଗଳା ପରିସରରେ ଗୁରୁବାର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଆୟୋଜନ କରାଯାଇଛି। ନିରଞ୍ଜନ ସାହୁ, ବନଲତା ପାତ୍ର, ଚିନ୍ମୟ ଶତପଥୀଙ୍କ ନେତୃତ୍ୱରେ ଜେନାପୁର ହାଇସ୍କୁଲର ୧୯୯୮ବ୍ୟାଚ୍ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନେ ଏକାଠି ହୋଇଥିଲେ। ଦୀର୍ଘ ୨୦ବର୍ଷ ପରେ ୫୬ଜଣ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇ କିଏ କେଉଁ ସ୍ଥାନରେ ରହିଛନ୍ତି, ଘର ସଂସାର ଠାରୁ ପରିବାର ସମ୍ପର୍କରେ ସମସ୍ତେ ନିଜ ନିଜର କଥା କହିଥିଲେ।

■ କୁଆଖିଆ ମହୋତ୍ସବର ୫ମ ସନ୍ଧ୍ୟା

## କବିତା ଆସର ଓ ଗ୍ରୁପ୍ ଡ୍ୟାନ୍ସରେ ବିଭୋର ଦର୍ଶକ

**ବାରବାଟୀ,୨୭।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ କୁଆଖିଆ ଗଜ ଉଦ୍ଧାରଣ ଉତ୍ସବର ଗୁରୁବାର ୫ମ ସନ୍ଧ୍ୟା ବେଶ୍ ଚଳଚଞ୍ଚଳ ଥିଲା। ଦିନବେଳା ମଞ୍ଚରେ ଯୁଗଜ୍ୟୋତି ପକ୍ଷରୁ କବିତା ଆସର ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗ୍ରୁପ୍ ଡ୍ୟାନ୍ସର ଦର୍ଶକ ମଜା ଉଠାଇଥିଲେ। କବିତା ଆସର ଉତ୍ସବରେ ରସୁଲପୁର ବ୍ଲକ ଅଞ୍ଚଳର ପ୍ରତିଭା ସମ୍ପନ୍ନ କବି, ଲେଖକ,ସାହିତ୍ୟିକମାନେ ମଞ୍ଚରେ ଯୋଗଦେଇ ନିଜସ୍ୱ କବିତା ଆବୃତ୍ତି କରିବା ସହ ପୁରସ୍କୃତ ହୋଇଛନ୍ତି। କବିତା ଆସର ପାଇଁ ମହୋତ୍ସବ ମଞ୍ଚ ଯୋଗାଇ ଦିଆଯାଇଥିବାରୁ କମିଟିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏଥିସହ ସନ୍ଧ୍ୟାରେ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କୁ ମଧ୍ୟ ମଞ୍ଚରେ ସମ୍ମାନିତ କରାଯାଇଛି। କୁଆଖିଆ ମହୋତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ଧର୍ମୀ ହୋଇପାରୁଛି। ଏହି ମଞ୍ଚରେ କଳା ନୈପୁଣ୍ୟତାକୁ ପ୍ରଦର୍ଶନ କରି କଳାକାରମାନେ ସନ୍ତୋଷ ପ୍ରକଟ କରିଛନ୍ତି।



କୁଆଖିଆ ମହୋତ୍ସବର ୫ମ ସନ୍ଧ୍ୟାରେ ଅନୁଷ୍ଠିତ ଗ୍ରୁପ୍ ଡ୍ୟାନ୍ସ।

■ ରସୁଲପୁର ତହସିଲ ଅଞ୍ଚଳ ମଠ ମନ୍ଦିର ଉନ୍ନୟନକୁ ଗୁରୁତ୍ୱ

# ସଞ୍ଜା ଆଦାୟ ଦିଗରେ ଐତିହାସିକ ପଦକ୍ଷେପ

**ରସୁଲପୁର,୨୭।୧୨(ଡି.ଏନ୍.ଏ.)**

ରସୁଲପୁର ତହସିଲ କସପା ସର୍କଲ୍ ଅନ୍ତର୍ଗତ ବେତଣ୍ଡାର ସର୍ବପୁରାତନ ଜଗନ୍ନାଥ ମଠ ଓ ଆଦମପୁର ସର୍କଲ ଅନ୍ତର୍ଗତ ନଠୁଆବର ପଞ୍ଚାୟତର ନଗୁଆଁ ଜଗନ୍ନାଥ ମଠର ଉନ୍ନୟନ ଦିଗରେ ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଦୀର୍ଘବର୍ଷ ଧରି ଠାକୁରଙ୍କ ଜମିକୁ ଲିଜ୍ ସୂତ୍ରରେ ନେଇଥିବା ସତ୍ତ୍ୱାଧିକାରୀମାନେ ସଞ୍ଜା ଫାଙ୍କୁଛନ୍ତି। ଏଦିଗରେ ତହସିଲଦାର ଦୃଢ ପଦକ୍ଷେପ ନେବା ସହ ସଞ୍ଜା ବାବଦକୁ ଦୁଇଟି ମଠରୁ ଲକ୍ଷାଧିକ ଟଙ୍କା ଅଦାୟ କରିଛନ୍ତି। ଉକ୍ତ ଅର୍ଥକୁ ମନ୍ଦିରର ପୂଜା ଓ ଉନ୍ନୟନ ଦିଗରେ ଖର୍ଚ୍ଚ କରାଯିବ ବୋଲି ମଠ ମନ୍ଦିର ଟ୍ରଷ୍ଟି ତହସିଲଦାର ପଣ୍ଡା ପ୍ରକାଶ କରିଛନ୍ତି। ଏଦିଗରେ ଗୁରୁବାର ପୂର୍ବାହ୍ନରେ ମଠ ପରିସରରେ ଗ୍ରାମବାସୀ ଓ ଭାଗଚାଷୀଙ୍କ ସହିତ ମନ୍ଦିରର ଉନ୍ନତି ନିମନ୍ତେ ବିସ୍ତୃତ ଆଲୋଚନା କରିଥିଲେ। ଟ୍ରଷ୍ଟି ମଠ ଓ ମନ୍ଦିରର ଦୟନୀୟ ଅବସ୍ଥା ଦେଖି ପୁନରୁଦ୍ଧାର କରିବା ଦିଗରେ ଗୁରୁତ୍ୱ ଦେଇଛନ୍ତି। ପୂର୍ବସୂଚନା ଅନୁସାରେ ସମସ୍ତ ଚାଷୀ ମଠ ପରିସରରେ ଏକତ୍ରିତ ହୋଇଥିଲେ । ମନ୍ଦିର ଅଧିନରେ ଥିବା ୬୦ଏକରରୁ ଉର୍ଦ୍ଧ୍ୱ ଜମିକୁ ଭାଗଚାଷୀମାନେ ଚାଷ କରିଆସୁଛନ୍ତି। ହେଲେ ସଞ୍ଜା ଆଦାୟ କ୍ଷେତ୍ରରେ ପୂର୍ବରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିଲା । ତହସିଲ୍‌ଦାର ପଣ୍ଡା ପୂର୍ବରୁ ଫସଲ ଦେୟ ବାକିଥିବା ଚାଷୀ ମାନଙ୍କଠାରୁ ନଗଦ ଟଙ୍କା ଆକାରରେ ଆଦାୟ କରିଥିଲେ। ଆଗାମୀ ଦିନରେ ସମସ୍ତ ଚାଷୀଙ୍କ ମତାମତ ଓ ସହମତି ଭିତ୍ତିରେ ଫସଲ ଭାଗ ପରିବର୍ତ୍ତେ ଏକର ପିଛା ୬୨୫୦ ଟଙ୍କା ସଞ୍ଜା ଆଦାୟ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ବାର୍ଷିକ ଆୟରେ ମନ୍ଦିର ପରିଚାଳନା ଓ ସେବାକାରୀଙ୍କ ଦରମା ବାଦ୍ ବଳକା ଆୟ ମନ୍ଦିର ଉନ୍ନତି ନିମନ୍ତେ କାର୍ଯ୍ୟକରିବା ପାଇଁ ତହସିଲଦାର ମତପୋଷଣ କରିଥିଲେ । କସପା ରାଜସ୍ୱନିରୀକ୍ଷକ ସନ୍ତୋଷ ପରିଡ଼ା, ନରସିଂହପୁର ରାଜସ୍ୱନିରୀକ୍ଷକ ଦୁର୍ଯ୍ୟୋୟ ଷଡ଼ଙ୍ଗୀ, ମଠର ଟହଲିଆ କ୍ଷେତ୍ରବାସୀ ଦାସ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।


ତହସିଲଦାର ସରୋଜ କୁମାର ପଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।



କାୟ, ମନ, ବଚନରେ କାହାରିକୁ ପୀଡ଼ା ଦେବନାହିଁ, ନିଜ ମାତାପିତା ଓ ବଡ଼ ଭାଇଙ୍କର ଆଜ୍ଞାକାରୀ ହେବା।
- ମହର୍ଷି ନାରଦ



## ସଂକ୍ଷେପରେ

### ବାଇକ୍ ଜବତ, ୩ ଗିରଫ

କଳିଙ୍ଗନଗର, ୨୭।୧୨(ଡି.ଏନ୍.ଏ.)- ଦାନଗଦୀ ଫାଣ୍ଡି ଅନ୍ତର୍ଗତ ମିଲିଟାରି ଛକନିକଟରେ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ୩ଜଣ ଡକାୟତଙ୍କୁ ଗିରଫ କରିଥିବାବେଳେ ବୁଧବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମିଲିଟାରି ଛକଠାରେ ବାଇକ ଯାଞ୍ଚ ସମୟରେ ଦ୍ରୁତ ଗତିରେ ବାଇକ୍‌ରେ ଆସୁଥିବା ପ୍ରମୋଦ ଦାସ (୨୮), ବିପିନ ଦାସ(୨୭) ଓ ପ୍ରଦୀପ ବାରିକ (୩୦)ଙ୍କୁ ପୋଲିସ ଅଟକାଇଥିଲା। ପରେ ଗାଡି କାଗଜପତ୍ର ଯାଞ୍ଚବେଳେ ତାହା ଜାଲ୍ ଜାଣି ସେମାନଙ୍କୁ ଗିରଫ କରିଥିଲା। ପ୍ରମୋଦ ଓ ବିପିନଙ୍କ ଘର ଯାଜପୁର ଅକରପଡା ହୋଇଥିବାବେଳେ ପ୍ରଦୀପଙ୍କ ଘର ଭଦ୍ରକ ଜିଲା କରଞ୍ଜପାଳ ବୋଲି ଜଣାପଡିଛି। ଏମାନଙ୍କ ନାମରେ ଯାଜପୁର ଓ ବାଲେଶ୍ୱର ଥାନାରେ ବିଭିନ୍ନ ଡକାୟତି ମାମଲା ରହିଛି। ଘଟଣା ଦିନ ରାତିରେ ୩ଜଣ ଡକାୟତି କରିବା ପାଇଁ ଉଦ୍ୟମ ଯୋଜନା କରୁଥିବା ସ୍ୱୀକାର କରିଥିବା ପୋଲିସ କହିଛି। ଦାନଗଦୀ ପୋଲିସ ଏକ ମାମଲା (୩୨୧/୧୮) ରୁଜୁ କରି କୋର୍ଟ ଚାଲାଣ କରିଥିବା ଫାଣ୍ଡି ଅଧିକାରିଣୀ ଗୀତାଞ୍ଜଳି ନାୟକ କହିଛି।

### ବିଜେଡି ପ୍ରତିଷ୍ଠା ଦିବସ

ବିରଜାକ୍ଷେତ୍ର, ୨୭।୧୨(ଡି.ଏନ୍.ଏ) - ଯାଜପୁର ନିର୍ବାଚନମଣ୍ଡଳୀରେ ୨୧ତମ ବିଜେଡ଼ି ପ୍ରତିଷ୍ଠା ଦିବସ ବୁଧବାର ଯାଜପୁର ସହରର ବିରଜା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇଥିଲେ। ଜିଲା ପରିଷଦ ଅଧକ୍ଷ ନରେଶ ମହାନ୍ତି, ଯାଜପୁର ବ୍ଲକ ଅଧକ୍ଷ ପ୍ରଦୀପ ନାୟକ, ଦଶରଥପୁର ବ୍ଲକ ଅଧକ୍ଷା ସୁଜାତା ସାହୁ, ଜିଲା ପରିଷଦ ସଭ୍ୟ ଆଦିକନ୍ଦ ସନ୍ଧିବିଗ୍ରହ, ବିଜୟ ମହାନ୍ତି, ସନ୍ତୋଷ ମଲ୍ଲିକ, ପୂର୍ଣ୍ଣିମା ଖୁଣ୍ଟିଆ, ପଦ୍ମାସନୀ ନାୟକ, ପ୍ରଭାତ ଘଡ଼େଇ, ପ୍ରକାଶ ତ୍ରିପାଠୀ, ବ୍ରଜକିଶୋର ପାଢ଼ୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇ ନବୀନ ସରକାରଙ୍କର ଜନହିତକର ଯୋଜନା ବିଷୟରେ କହିଥିଲେ। ଏହି ଅବସରରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତ ଦାସ ବିଜେଡ଼ିରେ ଯୋଗଦାନ କରିଥିଲେ। ପ୍ରତିଷ୍ଠା ଦିବସରେ ଯାଜପୁର ପୌରାଞ୍ଚଳ, ଦଶରଥପୁର ବ୍ଲକ ଓ ଯାଜପୁର ବ୍ଲକ ବହୁ ଜନପ୍ରତିନିଧୀ ଯୋଗଦାନ କରିବା ସହ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

### ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

ସିଂହପୁର, ୨୭।୧୨(ଡି.ଏନ୍.ଏ.)- ସିଂହପୁରସ୍ଥିତ ସିଂହପୁର ହାଇସ୍କୁଲରେ ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ବୁଧବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନେମରା ମଠ ମହନ୍ତ ବାବା ନିତ୍ୟାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ସାମଲ, ଶଙ୍କର୍ଷଣ ବାରିକ, ବଟକୃଷ୍ଣ ମଲିକ, ଶରତ ଚନ୍ଦ୍ର ବାରିକ, ସତ୍ୟନାରାୟଣ ପାତ୍ର, କଲ୍ୟାଣୀ ଜେନା, ସଂଯୁକ୍ତା ଜେନା, ପ୍ରହ୍ଲାଦ ପଣ୍ଡା, ନାରାୟଣ ଚନ୍ଦ୍ର ଦାସ, ରତ୍ନମାଳା ସାମଲ, ତାପସ ବାରିକ, ପ୍ରହ୍ଲାଦ ବାରିକ, ରବିନାରାୟଣ ନାୟକ, ମାୟାଧର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସ୍ୱର୍ଗତ ରବିନାରାୟଣ ସାମଲ, କୁଳମଣି ମହାଲିକ, ଚୈତନ୍ୟ ସାର, ନବକିଶୋର ପ୍ରଧାନଙ୍କ ପରଲୋକରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଜିତେନ୍ଦ୍ର ବେଉରିଆ, ସତ୍ୟବ୍ରତ ଦାସ, ପ୍ରଶାନ୍ତ ବେଉରିଆ, ସୁବ୍ରତ ଥାଟୋଇ, ସୁଜ୍ଞାନ ଥାଟୋଇ, ତାପସ ଜେନା, ଚିନ୍ମୟ ଥାଟୋଇ, ଉମେଶ ଜେନା, ବିନୟ ସାମଲ, ପ୍ରଜ୍ଞାପାରମିତା ବାରିକ, ଅନୁସୂୟା ଓଝା, ପ୍ରଭାତୀ ସାମଲ, ଅନିତା ସାହୁ, ସବିତା ଦାସ, ବନୀତା ସାମଲ, ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ

ସୁକିନ୍ଦା,୨୭।୧୨(ଡି.ଏନ.ଏ.)- ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକିନ୍ଦାଗଡସ୍ଥିତ ବାଘ ପୋଖରୀ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ବୁଧବାର ବିଜେଡିର ୨୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ପ୍ରତାପ ପାତ୍ର, ଗିରିଶ ଚନ୍ଦ୍ର ଦାସ ସାମନ୍ତ, ଦେବୀ ପ୍ରଶନ୍ନ ମହାନ୍ତି, ବିଶ୍ୱଜିତ ବେହୁରା, ଅମଳେନ୍ଦୁ ବେହୁରା, ନାଦିର ମୋହମ୍ମଦ, ଅକ୍ଷୟ ବେହେରା, ନିମଳେନ୍ଦୁ ବେହୁରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ଦଳ ଓଡ଼ିଶାର ବିକାଶ ପାଇଁ ସର୍ବଦା ତତ୍ପର ବୋଲି ବିଧାୟକ ଘଡାଇ କହିବା ସହିତ ଏହା ଓଡିଶାର ଜନସାଧାରଣଙ୍କ ଆଶିର୍ବାଦ ଲାଭ କରି ଏକ ଅପ୍ରତିଦ୍ୱନ୍ଦୀ ଦଳ ହୋଇ ରହିବ ବୋଲି କହିଛନ୍ତି।

# ନାବାଳିକାଙ୍କ କାନ୍ଧରେ ୫ ଭଉଣୀଭାଇଙ୍କ ବୋଝ

ଦୁବୁରୀ, ୨୭।୧୨ (ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟି ପଞ୍ଚାୟତର ବେଲହୁଡି ଗ୍ରାମରେ ସୁଷମା ଭାଇ ଭଉଣୀଙ୍କ ସହ ଅନାଥ ପ୍ରାୟ ଜୀବନ ବିତାଉଛନ୍ତି। ବାପା ମା'ଙ୍କୁ ହରାଇବା ପରେ ୨ ବର୍ଷ ହେବ ପରିବାରର ୫ଜଣଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ ରହିଛି। ଅପରପକ୍ଷେ ସାନ ଭାଇ ବାତ ଓ ବ୍ରେନ୍ ଟ୍ୟୁମର ରୋଗରେ ପୀଡିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳିସ୍ଥିତିରେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ନେଇ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ବେଲହୁରୀ ଗ୍ରାମରେ ନାଗେଶ୍ୱର ହାଇବ୍ରୁ ପରିବାର ସହ ରହୁଥିଲେ। ଝିଅ ସୁଷମାଙ୍କୁ ମାତ୍ର ୧୫ ବର୍ଷ ହୋଇଥିବାବେଳେ ନାଗେଶ୍ୱରଙ୍କ ସମେତ ସ୍ତ୍ରୀ ଓ ବଡ଼ ଝିଅଙ୍କ ଅଜଣା ରୋଗରେ ମୃତ୍ୟୁ ହୋଇଥିଲା। ସେବେଠାରୁ ସୁଷମା ସାନଭାଇ ମାନସିଂ(୧୪), ସାବିତ୍ରୀ (୧୨), ନିତିମା(୧୦), ସାବିନା(୮) ଓ ସାନ ଝିଅ ମିତିଲିଙ୍କ ଭରଣପୋଷଣ ଭାର ତୁଲାଇଆସୁଛନ୍ତି। କାମଧନ୍ଦା କରି ସୁଷମା ୬ ଭାଇ ଭଉଣୀଙ୍କୁ କଷ୍ଟେମଷ୍ଟେ ଚଳାଇ ନେଉଥିଲେ। କିଛିଦିନ ହେବ ଭାଇ ମାନ ସିଂ ବାତ ଓ ବ୍ରେନ୍ ଟ୍ୟୁମର୍‌ରେ ଆକ୍ରାନ୍ତ ହେବାର ବୋଝ ତାଙ୍କ ଉପରେ ଲଳିତା ବିତା ସଦୃଶ ହୋଇଛି। ବହୁ ଚେଷ୍ଟା ପରେ ଆସପାୟାର ନାମକ ଏକ ଘରୋଇ ସଂସ୍ଥା ମାନ ସିଂର ଚିକିତ୍ସା ଦାୟିତ୍ୱ ନେଇଥିଲେ। ଏବେ ମାନଙ୍କ ଚିକିତ୍ସା ପାଇଁ ଉନ୍ନତ ଚିକିତ୍ସାର ଆବଶ୍ୟକ ହେଉଥିବାରୁ ଉକ୍ତ ସଂସ୍ଥା ତାଙ୍କୁ ଘରକୁ ପଠାଇ ଦେଇଛି। ଏଭଳିସ୍ଥିତିରେ ସୁଷମାଙ୍କ ସହ ୪ଜଣ ଗୋଟିଏ ଘରେ ରହୁଛନ୍ତି। ଆଠଗଡରେ ଦାଦାଙ୍କ ଘରେ ସାନ ଝିଅ ୨ଜଣ ରହି ପାଠ ପଢୁଛନ୍ତି। ଗ୍ରାମ ସ୍କୁଲରେ ୫ ଶ୍ରେଣୀରେ ପଢୁଥିବା ନିତିମା ମଧ୍ୟ ପରିବାର ଭରଣ ପୋଷଣ କରିବାରେ ସୁଷମାଙ୍କୁ ସାହାଯ୍ୟ କରୁଛନ୍ତି। ପାଠ ପଢାପରେ ବାଡିରେ ହୋଇଥିବା କମଳା ଲେମ୍ବୁ ବଜାରରେ ବିକ୍ରି କରି କିଛି ଟଙ୍କା ଘରକୁ ନିତିମା ଦେଉଛନ୍ତି। ଗୋଟିଏ ପଟେ ଭାଇର ଚିକିତ୍ସା ଚିନ୍ତା ଘାରି ଥିବାବେଳେ ସାନଭଉଣୀ ନିତିମାଙ୍କ ପାଠ ପଢା ଖର୍ଚ୍ଚ ତୁଲାଇବା ନେଇ ଚିନ୍ତାରେ ଥିବା ସୁଷମା କହିଛନ୍ତି।



ଭାଇ ଭଉଣୀଙ୍କ ସହ ସୁଷମା।

# ଧର୍ମଶାଳା କଂଗ୍ରେସର ମିଶ୍ରଣ ପର୍ବ



କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ କର୍ମୀ।

ଧର୍ମଶାଳା, ୨୭।୧୨(ଡି.ଏନ୍.ଏ.) ଧର୍ମଶାଳା କଂଗ୍ରେସ ପକ୍ଷରୁ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ପୂର୍ବତନ ବିଧାୟକ କାଙ୍ଗାଳୀ ଚରଣ ପଣ୍ଡାଙ୍କ ଉପରେ ଆସ୍ଥାପ୍ରକଟ କରି କୋତପୁର ଓ ଥାନୁଆଳ ପଞ୍ଚାୟତର ରମେଶ ସେଠୀ, ଧନେଶ୍ୱର ଦାଶ, ନରେନ୍ଦ୍ର ରାଉତ, ସୁରେନ୍ଦ୍ର ରାଉଳ, କାହ୍ନୁ ରାଉଳ, ସାଥୀ ଡୋରା, ଯୁଧିଷ୍ଠିର ଡୋରା, ହରେକୃଷ୍ଣ ଦେଉରୀ, ମାଧବାନନ୍ଦ ଦେଉରୀଙ୍କ ସମେତ ଶତାଧିକ କର୍ମୀ ଅନ୍ୟଦଳ ଛାଡି କଂଗ୍ରେସରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମିଶ୍ରଣ ପର୍ବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିସାନ ପଣ୍ଡା, ଯୁବନେତା କିସାନ ସାହୁ, ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତ, ସୁଧାକର ରାଉତ, ପ୍ରଫୁଲ୍ଲ ରାୟ ପ୍ରମୁଖ ଜୋନସ୍ତରୀୟ ସଭାପତିମାନେ ଯୋଗଦେଇ ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ନବବର୍ଷରେ ବିଶ୍ୱ ସଂହତି ଦିବସ ପାଳନ

ବିରଜାକ୍ଷେତ୍ର, ୨୭।୧୨(ଡି.ଏନ୍.ଏ)

୨୦୧୯ ନବବର୍ଷ ଦିନ ଭୁବନେଶ୍ୱର କିଟ୍ କ୍ୟାମ୍ପସ୍ ପରିସରରେ ବିଶ୍ୱ ସଂହତି ଦିବସ ପାଳନ କରାଯିବ। ଏ ନେଇ ଗୁରୁବାର ଯାଜପୁର ସହରର ଅଫିସର୍ସ କ୍ଲବ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ଲୋବାଲ ପିସ୍ ଫାଉଣ୍ଡେଶନ୍ ଅଧକ୍ଷ ରାଜକିଶୋର ପଣ୍ଡା ସୂଚନା ଦେଇଛନ୍ତି। ଏହି ଅବସରରେ ସାରା ପୃଥିବୀକୁ ଗୋଟିଏ ପରିବାର ଭାବି ମନୋବୃତ୍ତିରେ ପରିବର୍ତ୍ତନ ଆଣି ବାହାର ଦୁନିଆକୁ ଜାଣିବା ସହ ସମସ୍ତଙ୍କୁ ସଚେତନ କରାଇପାରିଲେ ବିଶ୍ୱରେ ଲାଗିଥିବା ବିଭିନ୍ନ ସମସ୍ୟା ଦୂର ହୋଇପାରିବ ବୋଲି ପଣ୍ଡା କହିଛନ୍ତି। ଏଥିସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଏବଂ ଅଶାନ୍ତ ପରିବେଶକୁ ଦୂର କରିବା ଦିଗରେ ଗ୍ଲୋବାଲ ଫାଉଣ୍ଡେଶନ୍ କାର୍ଯ୍ୟକାରି ଆସୁଛି ବୋଲି ସେ କହିଥିଲେ। ଏହି ବିଶ୍ୱ ସଂହତି ଦିବସରେ ସାରା ଓଡ଼ିଶାର ବୁଦ୍ଧିଜୀବୀ ଓ ନାଗରିକମାନେ ଯୋଗଦାନ କରିବା ପାଇଁ ଗ୍ଲୋବାଲ ପିସ୍ ଫାଉଣ୍ଡେଶନ୍ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବସନ୍ତ କୁମାର ଦାସ, ଶିଶିର ନାୟକ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଉଦୟ ନାରାୟଣ ପରିଡ଼ା, ପ୍ରଫେସର ଦାମୋଦର ବେହେରା, ପ୍ରବୋଧ କୁମାର ନାୟକ, ତପନ ମହାରଣା, ଅନ୍ତର୍ଯ୍ୟାମୀ ନାୟକ, ଶ୍ରୀନିବାସ ତ୍ରିପାଠୀ, ନିତ୍ୟାନନ୍ଦ ମିଶ୍ର, ଶରତ ଚନ୍ଦ୍ର ରାୟ, ସନ୍ତୋଷ କୁମାର ଦାସ, ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାଦିବସ ପାଳିତ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀ ଧାରଣାରେ ବସିଛନ୍ତି।

ଧର୍ମଶାଳା, ୨୭।୧୨(ଡି.ଏନ୍.ଏ.)

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ବୁଧବାର ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଧର୍ମଶାଳା ବ୍ଲକ ସମ୍ମୁଖରେ କଳା ଦିବସ ପାଳିତ ହୋଇଯାଇଛି। ୧୪ ନମ୍ବର ଜୋନ୍ କଂଗ୍ରେସ ସଭାପତି ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଶ୍ରୀନାଥ ମିଶ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। କଳା ଦିବସ ପାଳନ ଅବସରରେ ବ୍ଲକ ଯୁବକଂଗ୍ରେସ ସଭାପତି ସଞ୍ଜୟ ରାଉତ, ସ୍ମୃତିରେଖା ପହି, ସୁରେଖ ମଲ୍ଲିକ, କାଳନ୍ଦୀ ଚରଣ ପଣ୍ଡା, ରବୀନ୍ଦ୍ର କୁମାର ନାୟକ, ପ୍ରଫୁଲ କୁମାର ରାୟ, ସୁବୋଧ ସାମଲ, ବସନ୍ତ ପରିଡା, ସଞ୍ଜୟ ରାୟ, ଶ୍ରୀକାନ୍ତ ସାହୁ, ଅଖିଳ ସ୍ୱାଇଁ, ଗଙ୍ଗାଧର ମଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ସଚ୍ଚିକାନ୍ତ ମେମୋରିଆଲ କ୍ରିକେଟ୍,
# ଫାଇନାଲରେ ନିମପୁର ସ୍ପୋର୍ଟିଂ

ଧର୍ମଶାଳା, ୨୭।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ କୋତପୁର ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ୧୫ତମ ସଚ୍ଚିକାନ୍ତ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଟାଉନ କ୍ଲବ ଭୁବନେଶ୍ୱରକୁ ହରାଇ ନିମପୁର ସ୍ପୋର୍ଟିଂ କ୍ଲବ ଫାଇନାଲରେ ପ୍ରବେଶ କରିଛି। ନିମପୁର ସ୍ପୋର୍ଟିଂ କ୍ଲବ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ୍ ହରାଇ ୨୩୩ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଟାଉନ କ୍ଲବ ଭୁବନେଶ୍ୱର ଟିମ୍ ବ୍ୟାଟିଂ କରି ୨୩.୧ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୮୫ ରନ୍ କରି ପରାସ୍ତ ହୋଇଥିଲା। ପ୍ରଭାତ ଜେନା ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ଆସନ୍ତା ୩୦ତାରିଖରେ ସ୍କାନ କ୍ଲବ୍ ଭୁବନେଶ୍ୱର ଓ ନିମପୁର ସ୍ପୋର୍ଟିଂ କ୍ଲବ କଟକ ମଧ୍ୟରେ ଖେଳାଯିବ ବୋଲି କମିଟି ସଭାପତି ସ୍ୱରାଜ ଜେନା ସୂଚନା ଦେଇଛନ୍ତି।

# କଂଗ୍ରେସ ତରଫରୁ କଳାଦିବସ ପାଳିତ

ବିରଜାକ୍ଷେତ୍ର, ୨୭।୧୨(ଡି.ଏନ୍.ଏ) ଯାଜପୁର ବ୍ଲକର ବ୍ଲକ୍ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ବିଳାସ ରାଉତରାୟଙ୍କ ଅଧକ୍ଷତାରେ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆମ ଗାଁ ଆମ ବିକାଶ ତଥା ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତି ପ୍ରବଞ୍ଚନା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବାଙ୍କୁ ସର୍ବନିମ୍ନ ହଜାର ଟଙ୍କା ଭତ୍ତା ପ୍ରଦାନ, କୃଷିଋଣ ଛାଡ଼, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ଭୂମିହୀନଙ୍କୁ ଭତ୍ତା ପ୍ରଦାନ ଆଦି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଯାଜପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ସଭାରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଦିଗମ୍ବର କର, ମନୋଜ କୁମାର ରାଉତ, ଭାସ୍କର ଚନ୍ଦ୍ର ମହାନ୍ତି, ଅଧକ୍ଷା ରଞ୍ଜିତା ରାଉତ, ଦୀପ୍ତିରେଖା ମିଶ୍ର, ହୃଷୀକେଶ ପତି, ବିଭୂତି ମହାପାତ୍ର, ପ୍ରତିମା କର, ଗଣେଶ ଦାସ, ଅକ୍ଷୟ ଶତପଥୀ, ଜଗବନ୍ଧୁ ଜେନା, ରାହାସ ବିହାରୀ ଦାସ, କାହ୍ନୁଚରଣ ସ୍ୱାଇଁ, ଅଶୋକ ଦାସ, ବିଦ୍ୟାଧର ବାରିକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ବଡ଼ଚଣା ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ

ଚଣ୍ଡିଖୋଲ, ୨୭।୧୨(ଡି.ଏନ୍.ଏ.)

ବିଜୁ ଜନତା ଦଳର ୨୧ତମ ପ୍ରତିଷ୍ଠା ଦିବସ ଅବସରରେ ବଡ଼ଚଣା ବିଜେଡି ପକ୍ଷରୁ ଚଣ୍ଡିଖୋଲ ଛକଠାରେ ବ୍ଲକ ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଯାଜପୁର ଏମ୍‌ପି ରୀତା ତରାଇ, ସରକାରୀ ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ପଞ୍ଚାୟତ ସମିତି ଉପାଧକ୍ଷା ଉପାସନା ପାତ୍ର ଓ ଭାଜପା ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିବା ବାଲିଚନ୍ଦ୍ରପୁର ପଞ୍ଚାୟତର ଜଗନ୍ନାଥ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ, ସରସ୍ୱତୀ ବେହେରା, ଗଣେଶ୍ୱର ବରାଳ, ଯତୀନ୍ଦ୍ର ନାୟକ, ବିପିନ ଜେନା, ବିନୋଦିନୀ ସାହୁ, ସୁମତି ବାସ୍କେ, ଚାଚାଲିନ ସ୍ୱାଇଁ, ଶାରଦା ମହାନ୍ତି, ମନ୍ଦାକିନୀ ଜେନାଙ୍କ ସମେତ ବହୁ ବିଜେଡି ଛାମୁଆ ନେତା ଓ କର୍ମୀ ଯୋଗଦେଇଥିଲେ। ଶେଷରେ ମସିର ଆଲାମ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ

ଛତିଆ, ୨୭।୧୨(ଡି.ଏନ୍.ଏ.)

ବୈରୀ ପଶ୍ଚିମାଞ୍ଚଳରୁ ବେଧଡ଼କରେ ମାଙ୍କଡା ପଥର ଚୋରା ଚାଲାଣ ବୃଦ୍ଧି ପାଇଉଥିବା ଖବର ପାଇ ବୁଧବାର ବିଳମ୍ବିତ ରାତିରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ଅଚାନକ ବୈରୀ ଅଞ୍ଚଳରେ ଚଢାଉ କରିଥିଲେ। ବୈରୀ ସୋଲର ରାସ୍ତାରେ ଏକ ମାଙ୍କଡା ବୋଝେଇ ଟ୍ରକ ଛତିଆ ଅଭିମୁଖେ ଯାଉଥିବା ସମୟରେ ତହସିଲଦାର ଟ୍ରକ୍‌ଟିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଡ୍ରାଇଭର ଜଣଙ୍କ କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରକ୍ ଟିକୁ ଜବତ କରି ବୈରୀ ଥାନାକୁ ଆଣିଥିଲେ।

### ■ତୃତୀୟ ଦିନରେ ଧର୍ମଶାଳା ମହୋତ୍ସବ
# ମନମୋହିଲା ସମ୍ବଲପୁରୀ ନୃତ୍ୟ

ଧର୍ମଶାଳା, ୨୭।୧୨(ଡି.ଏନ୍.ଏ.) ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆୟୋଜିତ ଧର୍ମଶାଳା ମହୋତ୍ସବ ଗୁରୁବାର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନଗହଳି ଦେଖାରବାକୁ ମିଳିଥିଲା। ଶୀତୁଆ ସନ୍ଧ୍ୟାରେ ସନ୍ଧ୍ୟାରେ ପୁରୀର ଅର୍ଚ୍ଚନା ଡ୍ୟାନ୍ସ ଏଣ୍ଡ ଡ୍ରାମା ଏବଂ କଟକର ଶିଳ୍ପୀ କଳାନିକେତନ ଦ୍ୱାରା ପରିବେଷିତ ଓଡିଶୀ, ସମ୍ବଲପୁରୀ, କଥକ, ଭାଙ୍ଗଡା ଓ ମାହାରୀ ନୃତ୍ୟ ଦର୍ଶକଙ୍କ ବାନ୍ଧି ରଖିପାରିଥିଲା। ଜନ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଶୁକ୍ରବାର କଟକର ଭଜନ ସାଇ ସାର୍ଥକର କଳାକାର ଅନସୂୟା ନାଥ, ରବି ମହାପାତ୍ର, ଆଲୋକ କୁମାର, ରଚିତା ସାହୁ ଓ ଅନ୍ୟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବାନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ■କଳିଙ୍ଗନଗର ମହୋତ୍ସବ ଉଦ୍‌ଯାପିତ
# 'ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ'

କଳିଙ୍ଗନଗର, ୨୭।୧୨(ଡି.ଏନ୍.ଏ.)

ଦାନଗଦୀ ତହସିଲ ଅନ୍ତର୍ଗତ ଖରଡି ମୌଜାରେ ୨ ବର୍ଷ କଳିଙ୍ଗନଗର ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସାଂସ୍କୃତିକ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ ଯାଜପୁର ଏକ ଐତିହ ସମ୍ପୂର୍ଣ୍ଣ ଜିଲା ଭାବେ ପରିଗଣିତ। ଏହାର ପାରମ୍ପାରିକ କଳାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ। ଏଥିସହ ଐତିହ୍ୟ ଓ କଳାକୁ ମନେପକାଇବା ହେଉଛି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ନବେ ଦଶକରେ କଳିଙ୍ଗନଗର ବିକାଶରେ ବହୁତ ପଛରେ ରହିଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପ୍ରଥମେ ଏଠାରେ ୨ୟ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଚିନ୍ତା କରି କଳିଙ୍ଗନଗରର ପ୍ରତିଷ୍ଠାତା କରିଥିଲେ। ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ୨ୟ ଇସ୍ପାତ ବଦଳରେ ବର୍ତ୍ତମାନ ୧୩ରୁ ଊର୍ଦ୍ଧ୍ୱ କାରଖାନା ଗଢ଼ି ଉଠିଛି। ମୁଖ୍ୟ ବକ୍ତାଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ସୁକିନ୍ଦା ଅଞ୍ଚଳ ବର୍ତ୍ତମାନ ସ୍ଥିତିରେ ସାରା ଦେଶରେ ସୁନାମ ଅର୍ଜନ କରିପାରିଛି। ମୁଖ୍ୟତଃ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏହା ସମ୍ଭବ ହୋଇପାରିଛି। ମହୋତ୍ସବ ଯାଗୁ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସମ୍ପର୍କ ବୃଦ୍ଧି ପାଇବା ସହ ଲୁଚି ରହିଥିବା ପ୍ରତିଭାକୁ ସମ୍ମାନ ଦିଆଯାଇ ପାରୁଛି। ତେଣୁ ମହୋତ୍ସବକୁ ସମସ୍ତେ ଏକତା ବଦ୍ଧ ହୋଇ ସଫଳ କରିବା ନିମନ୍ତେ କାର୍ଯ୍ୟ କରିବାକୁ ଘଡ଼େଇ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲଙ୍କ ସହିତ ,କଳିଙ୍ଗନଗର ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯଖପୁରା ଥାନାଧିକାରୀ ରମାକାନ୍ତ ମୁଦୁଲି, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର, ସୁକିନ୍ଦା ଥାନାଧିକାରୀ ସୌମ୍ୟଜିତ ମିଶ୍ର, ଟମକା ଥାନାଧିକାରୀ ପାରାଓ ଟୁଡୁଙ୍କ ସମ୍ମାନୀତ ଓ ସ୍ଥାନୀୟ ଅଞ୍ଚଳର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଦାନଗଦୀ ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାୟକ, ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଯୋଗଦେଇଥିଲେ। ଶେଷରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜ କିଶୋରଦୋରା ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସହ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ଓ ଅନ୍ୟମାନେ।

## ବ୍ୟାସନଗର ପୌର ପରିଷଦ
# ବିକାଶ ନୁହେଁ ବିନାଶ ଘଟିଛି

**ଯାଜପୁର ରୋଡ,(ନି.ପ୍ର.): କୋରେଇ ନିର୍ବାଚନ ମଣ୍ଡଳୀର ବିଜେଡିର ପ୍ରତିଷ୍ଠା ଦିବସ ବ୍ୟାସନଗର ବସ୍‌ଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠା ଦିବସରେ ବିଜେଡିର ନେତୃବୃନ୍ଦ ବ୍ୟାସନଗର ପୌରପରିଷଦର ବିକାଶ ବିଧାୟକଙ୍କ ନେତୃତ୍ୱରେ ହୋଇଛି ବୋଲି ଦୃଢ ସ୍ୱରରେ କହିଥିଲେ। ମାତ୍ର ବ୍ୟାସନଗର ପୌରପରିଷଦର ବିକାଶ ପରିବର୍ତ୍ତେ ବିନାଶ ଘଟିଛି ବୋଲି କଂଗ୍ରେସ ଓ ଭାଜପା ଦଳର ନେତୃବୃନ୍ଦ କଡ଼ା ସମାଲୋଚନା କରିଛନ୍ତି। ବ୍ୟାସନଗର ପୌରପରିଷଦରେ ୫ବର୍ଷ ମଧରେ କୌଣସି ବିକାଶ ହୋଇପାରି ନାହିଁ। ସହର ଅନ୍ଧାର ହୋଇ ପଡିଛି। ଉନ୍ନତି ଯୋଜନାରେ ଆସିଥିବା ୬କୋଟି ୫୦ଲକ୍ଷ ଟଙ୍କା କାର୍ଯ୍ୟ ଏଯାଏ ଶେଷ ହୋଇନାହିଁ। ପୌରପରିଷଦ ଦୁର୍ନୀତିରେ ଉବୁଟୁବୁ ହେଉଛି ବୋଲି କଂଗ୍ରେସ ଓ ଭାଜପାର ନେତୃବୃନ୍ଦ ମତ ପ୍ରକାଶ କରିଛନ୍ତି।**

### ସେମାନଙ୍କ ମତରେ



"ବ୍ୟାସନଗର ପୌରପରିଷଦ ୫ବର୍ଷ ମଧରେ ରସାତାଳଗାମୀ ହୋଇଛି। ସହରର ବିଭିନ୍ନ ଅଞ୍ଚଳରେ ଥିବା ଡ୍ରେନ ଗୁଡିକରେ ଜଳ ନିଷ୍କାସନ ହେଉନାହିଁ। ଉନ୍ନତି ଯୋଜନା କାର୍ଯ୍ୟ ଶେଷ ହୋଇନାହିଁ। ସହରର ରାସ୍ତାଘାଟ, ଗାଁ ରାସ୍ତାଠାରୁ ହିନ ହୋଇପଡିଛି। ଶାସକ ଦଳର କନ୍ଦଳ ଯୋଗୁଁ ନିଜ ଦଳର ଅଧକ୍ଷାଙ୍କୁ ପଦଚ୍ୟୁତ କରିବା ପାଇଁ କାଉନସିଲରମାନେ ସହରର ବିକାଶ କଥା ଭୁଲି ଗଲେ। ଏଥିପାଇଁ ବିଧାୟକ ଦାୟୀ। ସହରର ବେକାର ସମସ୍ୟା ବୃଦ୍ଧି ପାଉଛି। ଟ୍ରାଫିକ୍ ଅବସ୍ଥା କହିଲେ ନ ଚଳେ। ଶାସକ ଦଳର ସମର୍ଥକ ମାନେ ଅନୁଦାନ ଲୁଟ କରିଛନ୍ତି। ବିଜେଡି ପକ୍ଷରୁ ଯେଉଁ ବିକାଶ କଥା କୁହାଯାଉଛି ତାହା ସହରବାସୀ ଜାଣନ୍ତି। ଆଗାମି ଦିନରେ ବିଜେଡିକୁ ଏହି ସହରରେ ସହରବାସୀ ଉଚିତ୍ ଜବାବ ଦେବେ।

**- ବିଦ୍ୟାଧର ମହାନ୍ତି, କଂଗ୍ରେସ ନେତା**



"ମୁଁ ଅଧକ୍ଷା ଥିବାବେଳେ ସହରର ବିକାଶ କରିଛି। ଶିଶୁ ଉଦ୍ୟାନ ଦୁଇଟି କରିବା ସଙ୍ଗେ ସହରର ରାସ୍ତାଘାଟ ଉନ୍ନତି କରିଥିଲି। ହାଇମାକ୍ସ ଲାଇଟ୍ ଲଗାଇଥିଲି ଓ ପୌରପରିଷଦକୁ ଦୁର୍ନୀତିମୁକ୍ତ ରଖିଥିଲି। ମୋର କାର୍ଯ୍ୟ ସହରବାସୀ ଜାଣନ୍ତି। ମୋ ପରେ ପୌରପରିଷଦରେ ବିଜେଡି କାଉନ୍‌ସିଲର ଅଧକ୍ଷା ହେଲେ। କଂଗ୍ରେସର ୯ଜଣ କାଉନସିଲର ସହରର ବିକାଶ କଥା ଯେତେ କହିଲେ ମଧ ସେମାନେ ଶୁଣିଲେ ନାହିଁ। ଅଧକ୍ଷା ହଟେଇବାରେ ସମୟ ଦେଲେ। ଜୋକଡିଆ ପ୍ରକଳ୍ପ କାର୍ଯ୍ୟକାରୀ ହେଲାନାହିଁ। ପରିମଳ ନାମରେ ଜାଗୃତି କମ୍ପାନୀ ହରିଲୁଟ୍ କରୁଛି। ଏଥିରେ ଶାସକ ଦଳର ହାତ ରହିଛି।

**- ବନ୍ଦିତା ପରିଡ଼ା, କଂଗ୍ରେସ ନେତ୍ରୀ**

"ବ୍ୟାସନଗର ପୌରପରିଷଦରେ ବିକାଶ ପରିବର୍ତ୍ତେ ବିନାଶ ହୋଇଛି। ସହରର ରାସ୍ତାଘାଟ, ଡ୍ରେନ୍‌ର ଅବସ୍ଥା କହିଲେ ନ ସରେ। ସହରବାସୀ ମଶା ଉପଦ୍ରବରେ ହନ୍ତସନ୍ତ ହେଉଛନ୍ତି। ଉନ୍ନତି ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ବିଜେଡି ଦଳର କାଉନସିଲର ନିଜ ଦଳର ଅଧକ୍ଷାଙ୍କୁ ହଟାଇବା ପାଇଁ ମୋଟା ଅଙ୍କର ରୋଜଗାର କଲେ। ସହରର ବିକାଶ କଥା ପ୍ରତିଷ୍ଠା ଦିବସରେ ବିଜେଡି ନେତାମାନେ ଯାହା କହୁଛନ୍ତି ତାହା ହାସ୍ୟାସ୍ପଦ। ଆଗାମି ଦିନରେ ବିଜେଡିକୁ ସହରବାସୀ ପ୍ରତ୍ୟାଖାନ କରିବେ।



**- ନିତ୍ୟାନନ୍ଦ ମହାଲିକ, ମଣ୍ଡଳ ସଭାପତି, ଭାଜପା**



"ବ୍ୟାସନଗର ପୌରପରିଷଦ ଦୁର୍ନୀତିରେ ଉବୁଟୁବୁ ହେଉଛି। ପୌରପରିଷଦରେ ଏଲ୍‌ଇଡି ଲାଇଟ୍ ଲାଗିବାର ଥିଲା। ଲାଇଟ ଆସି ଷ୍ଟୋରରେ ଥିଲା। କିନ୍ତୁ ବିଜେଡି ନେତାଙ୍କ ଭାଗବାଣ୍ଟ ନ ଛିଡିବାରୁ ଲାଇଟ ଲାଗିପାରିଲା ନାହିଁ, ଫେରିଗଲା। ଏଥିପାଇଁ ବିଜେଡି ନେତା ଓ ବିଧାୟକ ଦାୟୀ। ପରିମଳ ନାମରେ ଜାଗୃତି କମ୍ପାନୀ ହରିଲୁଟ କରୁଛି। ସହର ସଫାସୁତରା ବଦଳରେ ଅଳିଆ ଆବର୍ଜନା ପଡ଼ି ରହିଛି। ପ୍ରତିମାସ ଲକ୍ଷଲକ୍ଷ ଟଙ୍କା ହରିଲୁଟ କରାଯାଉଛି। ଅଭିଯୋଗ କଲେ କିଛି ଫଳ ମିଳୁନାହିଁ।

**- ପବିତ୍ର କୁମାର ମହାନ୍ତି, ସାମାଜିକ କର୍ମୀ**



"ବ୍ୟାସନଗର ପୌରପରିଷଦର ବିଜେଡିର ଛାମୁଆ ନେତା ଓ ବିଧାୟକଙ୍କ ସମର୍ଥକମାନେ ରାଜ ଚଳାଇଛନ୍ତି। ରାସ୍ତାଘାଟ ନିର୍ମାଣ ନିମ୍ନ ମାନର କରୁଛନ୍ତି। ଉନ୍ନତି ଯୋଜନାକୁ ହରିଲୁଟ୍ କରୁଛନ୍ତି। ତାହା ତଦନ୍ତ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କଲେ କେହି ଶୁଣୁ ନାହାନ୍ତି। ସହରର ବିକାଶ ହେଉନାହିଁ। ଏଥିପାଇଁ ଶାସକ ଦଳର ନେତୃବୃନ୍ଦ ଦାୟୀ ବୋଲି ସହରବାସୀ କହୁଛନ୍ତି।

**- ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଯାଜପୁର ରୋଡ ଟ୍ରକ ଆସୋସିଏଶନ ଉପସଭାପତି**



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ହାଇସ୍କୁଲରେ ଜୀବେ ଦୟା ସଚେତନତା



**ଖଣ୍ଡପଡା,୨୭।୧୨(ସ୍ୱ.ପ୍ର,):** ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତର ବିଶିଷ୍ଟ ପରିବେଶବିତ୍ ତଥା ଗଛସାର୍ ଭାବେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ନିଜସ୍ୱ ବ୍ୟୟରେ ଜୀବଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟ ଓ ସଚେତନତା ସୃଷ୍ଟି କରୁଛନ୍ତି। ସେ ସୋମବାର ବନମାଳୀପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଏକ ସଚେତନତା କର୍ମଶାଳାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧମରେ ଛାତ୍ରୀଛାତ୍ରଙ୍କୁ ନେଇ ଗୀତ, ଆଲୋଚନା ଓ ପ୍ରଶ୍ନୋତ୍ତର ଦ୍ୱାରା ଜୀବେଦୟା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ଜୀବଜନ୍ତୁଙ୍କୁ ନ ମାରିବା, କଷ୍ଟ ନ ଦେବା ଓ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଅଧିକାଂଶ ଜୀବଜନ୍ତୁ ମଣିଷର ବନ୍ଧୁ ଭଳି କାର୍ଯ୍ୟ କରୁଥିବାରୁ ଏମାନଙ୍କୁ ଖାଇବାକୁ ଦେବା, ସୁରକ୍ଷା ପ୍ରଦାନ କରିବା ପାଇଁ ସାହୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ବିନୋଦିନୀ କୁଣ୍ଡୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କଂଗ୍ରେସ ପକ୍ଷରୁ କଳାଦିବସ



**ରଣପୁର,୨୭।୧୨(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକର ୩୭ ପଞ୍ଚାୟତରେ ବୁଧବାର କଂଗ୍ରେସ କମିଟି ତରଫରୁ କଳାଦିବସ ପାଳନ କରାଯାଇଛି। ପୂର୍ବାହ୍ନ ୧୦ରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସତ୍ୟବ୍ରତ ନାୟକ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଶୁଭଶ୍ରୀ ପଣ୍ଡା, ରଣପୁର ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ଲେଙ୍କା, ବିପିନ ବିହାରୀ ନାୟକ, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ମିର ଅବୁବକର ସିଦ୍ଦିକ୍, ଛାତ୍ରନେତା ପ୍ରକାଶଚନ୍ଦ୍ର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରତିମା ଜେନା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀଙ୍କ ସହିତ ବ୍ଲକ ଆଗରେ କଳା ଦିବସ ପାଳନ କରିଥିଲେ। ବୁଧବାର ବିଜେଡି ରାଜ୍ୟରେ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଏହାକୁ ବିରୋଧ କରି କଳାଦିବସ ପାଳନ କରୁଥିବା କଂଗ୍ରେସ ସୂଚନା ଦେଇଛି। ରାଜ୍ୟ ସରକାରଙ୍କ 'ଆମ ଗାଁ ଆମ ବିକାଶ' ଓ 'ପିଠା' କାର୍ଯ୍ୟକ୍ରମରେ ବ୍ୟାପକ ଦୁର୍ନୀତି ହେଉଥିବା କଂଗ୍ରେସ ଅଭିଯୋଗ କରିଛି।

### ମହୁମାଛି ଆକ୍ରମଣରେ ୬ ଆହତ

**ଖୋର୍ଦ୍ଧା ଅଫିସ,୨୭।୧୨:** ଖୋର୍ଦ୍ଧା ବ୍ଲକ ଜରିପୁଟର ପର୍ଯ୍ୟଟନସ୍ଥଳ ସଙ୍କଟମୋଚନ ମହାବୀରଙ୍କ ପୀଠ ନିକଟରେ ବାଘୁଆ ମହୁମାଛି ଆକ୍ରମଣରେ ୬ ଜଣ ଆହତ ହେଲେଣି। ଗତ ୪ ଦିନ ହେଲା ମହୁମାଛିଙ୍କ ଉତ୍ପାତ ଲାଗି ରହିଥିଲେ ମଧ ବନ ବିଭାଗ ପକ୍ଷରୁ ପ୍ରତିକାର କରାଯାଉନି। ଏଥିରେ ଜରିପୁଟର ବିବି ନାୟକ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନେ ସ୍ଥାନୀୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ଲୁଚାଛପାରେ ଚାଲିଛି ପଲିଥିନ୍ କାରବାର

**ନୟାଗଡ଼ ଅଫିସ,୨୭।୧୨**



ଜଣେ ବେପାରୀ ଗ୍ରାହକଙ୍କୁ ପଲିଥିନ୍‌ରେ ପରିବା ଦେଉଛନ୍ତି।

■ଜବତ କରାଗଲାଣି ୪ କୁଇଣ୍ଟାଲ ପଲିଥିନ
■ଜାନୁୟାରୀ ୧ରୁ କଡ଼ାକଡ଼ି ହେବ ନିୟମ
■ଧରାପଡ଼ିଲେ ୫ରୁ ୨୦ ହଜାର ଟଙ୍କା ଜରିମାନା

ପଲିଥିନ୍ ଓ ପ୍ଲାଷ୍ଟିକ୍ ତିଆରି ଜିନିଷ ପରିବେଶ ଉପରେ ପକାଉଥିବା ପ୍ରତିକୂଳ ପ୍ରଭାବକୁ ଲକ୍ଷ୍ୟରଖି ରାଜ୍ୟ ସରକାର ଓଡ଼ିଶାକୁ ପଲିଥିନ୍‌ମୁକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୨ ତାରିଖଠାରୁ ୫ଟି ମହାନଗର ନିଗମ ସହିତ ପୁରୀ ସହରରେ ପଲିଥିନ୍ ବ୍ୟବହାରକୁ ନିଷେଧ କରାଯାଇଛି। ୫୦ ମାଇକ୍ରୋନ୍‌ରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିମିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ୍, ପ୍ଲାଷ୍ଟିକ୍ କପ୍ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। ୫ଟି ମହାନଗର ଓ ପୁରୀ ସହରରେ ଏହା ଲାଗୁ ହେବା ପରେ ଅନ୍ୟ ଏନ୍ଏସି ଅଞ୍ଚଳରେ ଏହି ନିୟମକୁ ବଳବତ୍ତର କରାଯିବା ପାଇଁ କୁହାଯାଇଥିଲା। ଦୁଇ ମାସ ବିତିଯାଇଥିଲେ ମଧ ନୟାଗଡ଼ ସହରରେ ଏବେ ବି ପଲିଥିନର ବ୍ୟବହାର ଖୁଲମଖୁଲା ଚାଲିଛି। ପରିବା ଦୋକାନୀଠାରୁ ଆରମ୍ଭକରି ତେଜରାତି ଦୋକାନୀ ସମସ୍ତଙ୍କ ପାଖରେ ଗଦାଗଦା ପଲିଥିନ। ଲୁଚାଛପାରେ ଏମାନେ ପଲିଥିନର ବ୍ୟବହାର କରୁଛନ୍ତି। ଜରିମାନା ଭୟରେ କିଛି ଦୋକାନରେ ମଧ ପରିବେଶ ଉପଯୋଗୀ ପଲିଥିନ ରଖାଯାଇଛି। ଚଢ଼ାଉ ବେଳେ ଏହାକୁ ଦେଖାଇ ଖସିଯାଉଛନ୍ତି ଦୋକାନୀ।

ସହରରେ ଥିବା ୬ଟି ଗୋଦାମରେ ପଲିଥିନ୍ ବିକ୍ରି କରା ଯାଉ ନ ଥିବା ଏନ୍ଏସି ତରଫରୁ ସୂଚନା ଦିଆଯାଉଥିବା ବେଳେ ବାସ୍ତବରେ କିନ୍ତୁ ସ୍ଥିତି ଅଲଗା। ବିଭିନ୍ନ ଦୋକାନରେ ପଲିଥିନର ବ୍ୟବହାର ଜଣାଇ ଦେଉଛି ଯେ ଏନ୍ଏସି କର୍ତ୍ତୃପକ୍ଷ ପଲିଥିନ ନିଷେଧ କରିବାରେ ଫେଲ୍ ମାରିଛନ୍ତି। ଏ ନେଇ ନୟାଗଡ଼ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ସୁଦ୍ଧା ୩ରୁ ୪ କୁଇଣ୍ଟାଲ ପଲିଥିନ ଜବତ କରାଯାଇଛି। ନଭେମ୍ବର ୧ ତାରିଖରୁ ଦୋକାନୀମାନଙ୍କୁ ନୋଟିସ୍ କରାଯାଇଥିବା ବେଳେ ଜାନୁୟାରୀ ୧ ତାରିଖଠାରୁ ଏହି ନିୟମକୁ କଡ଼ାକଡ଼ି ପାଳନ କରାଯିବ । ପରେ ଯେଉଁମାନେ ପଲିଥିନ ବ୍ୟବହାର କରିବେ ସେମାନଙ୍କଠାରୁ ୫ରୁ ୨୦ ହଜାର ଟଙ୍କା ଭିତରେ ଜରିମାନା ଆଦାୟ କରାଯିବ। ଆଗାମୀ ଦିନରେ ବିଜୁ ଯୁବବାହିନୀ ଦ୍ୱାରା ସହରରେ ବସବାସ କରୁଥିବା ପରିବାରକୁ କପଡ଼ା ବ୍ୟାଗ୍ ବଣ୍ଟନ କରାଯିବ ବୋଲି ନିର୍ବାହୀ ଅଧିକାରୀ ଜେନା ସୂଚନା ଦେଇଛନ୍ତି। ସହରରେ ୧୦୦୦ରୁ ଊର୍ଦ୍ଧ୍ୱ ଦୋକାନ ଅଛି, ସେହିଭଳି ପ୍ରତିଦିନ ରାସ୍ତାକଡ଼ରେ ପରିବା ବେପାରୀଠାରୁ ଆରମ୍ଭକରି ଛତୁ ବେପାରୀମାନେ ନିର୍ଭୟରେ ପଲିଥିନ୍ ବ୍ୟବହାର କରୁଛନ୍ତି। ଦିନକୁ ପ୍ରାୟ ୫ କିଲୋ ପଲିଥିନ୍ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ଲୋକମାନେ ସଚେତନ ଥିଲେ ମଧ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ୍ୟ ହୋଇ ପଲିଥିନ୍ ବ୍ୟବହାର କରୁଥିବା କିଛି ବୁଦ୍ଧିଜୀବୀ ପ୍ରକାଶ କରଛନ୍ତି। ସରକାର ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

■ ବୋଲଗଡ଼ ମହୋତ୍ସବର ୨ୟ ସନ୍ଧ୍ୟା

# ଢୋଲମହୁରୀ ନୃତ୍ୟ ମନମୋହିଲା



କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

**ଖୋର୍ଦ୍ଧା ଅଫିସ/ବୋଲଗଡ, ୨୭।୧୨ (ଡି.ଏନ୍.ଏ.)**

ବୋଲଗଡ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ବଲାଙ୍ଗୀରର ଢୋଲମହୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଛି। ଭୁବନେଶ୍ୱରର ଆରାଧନା ଡ୍ୟାନ୍ସ ଗ୍ରୁପର ଗୋଟିପୁଅ ନୃତ୍ୟ ଅନ୍ୟତମ ଚିତ୍ତାକର୍ଷକ ଥିଲା। ପୁରୀର ଏସଏସ ମଡର୍ଣ୍ଣ ଡ୍ୟାନ୍ସ ଗ୍ରୁପର ନୃତ୍ୟ ମଞ୍ଚରେ ଭେଟି ଦେଇଥିଲେ କଳାକାର। ଅପରପକ୍ଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଗୋଡଭଙ୍ଗା ଭାଗବତ ମଣ୍ଡଳୀର ଖଞ୍ଜଣୀ ଭଜନ, ବେଣାଗାଡିଆର ମା' ତରେଇଶୁଣୀ ଡ୍ୟାନ୍ସ ଗ୍ରୁପର ମଡର୍ଣ୍ଣ ଡ୍ୟାନ୍ସ ଏବଂ ସୀତା ପାଲ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଛି। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆବହନୀ ସଙ୍ଗୀତ ଗାନ କରାଯାଇଥିଲା। ମହୋତ୍ସବ କମିଟିର ଉପଦେଷ୍ଟା ରବୀନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ମହୋତ୍ସବ କମିଟିର ଉପଦେଷ୍ଟା କୃଷ୍ଣମୋହନ ପାଲଟାସିଂହ, ଭାଜପାର ରାଜ୍ୟ ଓବିସି ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ବିଜୁଳି ,ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥିରାଜ ହରିଚନ୍ଦନ, ଭାଜପା ନେତା ଅଶୋକ କୁମାର ରାଉତ, ମହୋତ୍ସବର ଉପଦେଷ୍ଟା ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସିନେ କଳାକାର ଶିବାନୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସାଧାରଣ ସଭାର ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତି ଛାତ୍ର ଅମରେନ୍ଦ୍ର ପ୍ରଧାନଙ୍କୁ ଜାନକୀ ପାଢୀ ସ୍ମୃତି ସମ୍ମାନ ଦିଆଯାଇଥିବା ବେଳେ ବେଗୁନିଆର ସତ୍ୟନାରାୟଣ ସାମନ୍ତରାୟ, ସାନପଦରର ସାନନ୍ଦ କୁମାର ସାହୁ ଏବଂ ମାଣିବନ୍ଧର ଲୋଶୋରାଣୀ ସିଂହଙ୍କୁ ବୋଲଗଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି।

ଜିଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଆକର୍ଷଣ ସାଜିଲେ ଅଭିନେତ୍ରୀ ଦିବ୍ୟା, ଶିବାନୀ

**ନୟାଗଡ଼ ଅଫିସ,୨୭।୧୨**



କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୮ର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଚଳଚ୍ଚିତ୍ର ଅଭିନେତ୍ରୀ ଦିବ୍ୟା ଓ ଶିବାନୀ। ଉଭୟଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ସେହିଭଳି ଶ୍ରୀଲଙ୍କାରୁ ଆସିଥିବା କ୍ୟାଣ୍ଡି ଡ୍ୟାନ୍ସ ଓ ଆସାମରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷିତ ଆସାମୀ ଲୋକନୃତ୍ୟ ବିହୁ ନାଚ ଏବଂ ଖୋର୍ଦ୍ଧାର ପାଇକନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟ ଅତିଥି ଓ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଜିଲା ମାଟିର ବଳିଦାନ କଥା ମନେ ପକାଇଥିଲେ। ପରେ କଳାକାରଙ୍କ ଦ୍ୱାରା ନୟାଗଡ଼ ବନ୍ଦନା ପରିବେଷିତ ହୋଇଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ଲାଗିରହିଥିଲା।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଅଭିଯୋଗରେ ଜଣେ ଅଟକ

**ଗଣିଆ,୨୭।୧୨(ଡି.ଏନ.ଏ.)**

ଗଣିଆ ଥାନା ବେଲପଡାପାଟଣା ପଞ୍ଚାୟତ ଦଶିପୁର ତଇଲା ଗାଁରୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ହୋଇଛି। ଗୁରୁବାର ସକାଳୁ ଗଣିଆ ବିଦ୍ୟୁତ୍ ବିଭାଗ (ସେସୁ) କନିଷ୍ଠଯନ୍ତ୍ରୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୭୨/୧୮ରେ ଏକ ମାମଲା ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ କିଛିଦିନ ଧରି କୌଣସି କାରଣ ନ ଥାଇ ରାତି ସମୟରେ ବିଦ୍ୟୁତ୍ ବିଭ୍ରାଟ ଲାଗିରହୁଥିଲା । ଏପରିସ୍ଥଳେ ଗତ ବୁଧବାର ରାତିରେ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ତଇଲା ଗାଁରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭିତରୁ ତମ୍ବା ତାର ଓ ଅନ୍ୟ ବୈଦ୍ୟୁତିକ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗୁରୁବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାନ୍ସଫର୍ମର ଖୋଳକୁ ଜବତ କରିଛି।

# ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

**ଦଶପଲ୍ଲା,୨୭।୧୨(ଡି.ଏନ.ଏ)**

ପୁରାତନ ଭାଷା କହିଲେ ସଂସ୍କୃତ ଭାଷାକୁ ବୁଝା ଯାଇଥାଏ । ପୁରାତନ ଯୁଗରେ ସଂସ୍କୃତ ଭାଷା ପ୍ରତି ଅଧିକ ଆଗ୍ରାଧିକାର ଦିଆଯାଉଥିଲା। ଏହିସଂସ୍କୃତ ଭାଷା ହେଉଛି ଜ୍ଞାନ ଆହୋରଣର ଏକମାତ୍ର ମାଧ୍ୟମ। ସଂସ୍କୃତ ଭାଷାରେ ଲିଖିତ ପୁରାଣ, ବେଦ ଓ ଉପନିଷଦ ପ୍ରଭୃତିରୁ ଅନେକ ଜ୍ଞାନ ଆହରଣ ହୋଇ ପାରିଥାଏ। ତେଣୁ ବର୍ତ୍ତମାନ ଓ ଭବିଷ୍ୟତର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସଂସ୍କୃତ ଭାଷାର କିଭଳି ବିକାଶ ଓ ପ୍ରସାର ହୋଇ ପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ବନବାସୀ ସାଧୁଚରଣ ସଂସ୍କୃତ ମହାବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଶରଣକୂଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସାଧୁଚରଣ ପ୍ରଧାନ, ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର କୁଳସଚିବ ଡ. ସଚ୍ଚିଦାନନ୍ଦ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ. ମଧୁସୂଦନ ମିଶ୍ର, ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟନାରାୟଣ ରଥ, ଅବସରପ୍ରାପ୍ତ ଶିକ୍ଷକ ଡ. ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରୀନା କୁମାରୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ପ୍ରତିନିଧି କମଳ ଲୋଚନ ପ୍ରଧାନ ଉପସ୍ଥିତ ଅତିଥି ମାନଙ୍କୁ ଉପଢୌକନ ପୂର୍ବକ ସମ୍ମାନୀତ କରିଥିବା ବେଳେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ରାସ୍ତାରେ ଅଟକାଇ ଟଙ୍କା ଲୁଟ୍

**ନୂଆଗାଁ,୨୭।୧୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ଜିଗିନିପଡା ରାସ୍ତାରେ ବୁଧବାର ଦିନ ଦ୍ୱିପ୍ରହରରେ କେତେକ ଅସାମାଜିକ ଯୁବକ ଜିଗିନିପଡାର ଅଜିତ ସାହୁଙ୍କୁ ଅଟକାଇ ତାଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଲୁଟି ନେଇଥିବା ନୂଆଗାଁ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ସାଧାରଣରେ ଆତଙ୍କ ଖେଳି ଯାଇଛି। ଅଭିଯୋଗ ମୁତାବକ ଅଜିତ ନୂଆଗାଁରୁ ସଉଦା ନେଇ ନିଜ ଗ୍ରାମ ଜିଗିନିପଡାକୁ ଫେରୁଥିଲେ। ଏହି ସମୟରେ ଶିଖରଗୋଛାର ଟୁନା ନାଏକଙ୍କ ସମେତ ୩ ଜଣ ଯୁବକ ମୋଟର ସାଇକେଲରେ ଆସି ତାଙ୍କୁ ଅଟକାଇବା ସହ ଅଜିତଙ୍କ ପକେଟରେ ଥିବା ମୋବାଇଲ ଓ ଦୁଇ ହଜାର ଟଙ୍କା ଛଡାଇ ନେଇଥିଲେ । ସେ ପାଟି କରିବାରୁ ଲୋକ ଆସିବା ଦେଖି ଲୁଟେରାମାନେ ଦୌଡି ପଳାଇଥିଲେ। ଅଭିଯୋଗ ପାଇ ନୂଆଗାଁ ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ମିଶ୍ର ତଦନ୍ତ କରିବା ସହ ଏହାର ସତ୍ୟାସତ୍ୟ ପାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ସେହି ରାସ୍ତା ଦେଇ ଝିଅମାନେ ସ୍କୁଲ କଲେଜ ଯାଉଥିବା ବେଳେ ଅସାମାଜିକ ଯୁବକଙ୍କ ଏପରି କାଣ୍ଡ ଯୋଗୁଁ ଗୁରୁବାର ଭୟରେ କୌଣସି ଝିଅ କଲେଜ ଯାଇ ନଥିବା ଉଦୟପୁର ସମିତି ସଭ୍ୟ ଜିତେନ୍ଦ୍ର କୁମାର ବରାଡ କହିଛନ୍ତି ।

# ଶରଧାପୁର ଫୁଟବଲ: ଫାଇନାଲରେ ଖଣ୍ଡପଡ଼ା

**ଖୋର୍ଦ୍ଧା ଅଫିସ,୨୭।୧୨**

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୧୧ତମ ଶରଧାପୁର କପ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ବୁଧବାର ୫ମ ଦିବସ ପ୍ରଥମ ସେମିଫାଇନାଲ ମ୍ୟାଚରେ ଖଣ୍ଡପଡା ସ୍ପୋର୍ଟ୍ସ ଆସୋସିଏଶନ ୧-୦ ଗୋଲରେ ମା' ବାଉତି ଗୋଲଡେନ୍ କ୍ଲବ ଅରଗୁଳକୁ ପରାସ୍ତ କରି ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ଖଣ୍ଡପଡା ଦଳର ୫ନଂ. ଖେଳାଳି ଶିବା ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ରାଜୁ ମହାନ୍ତି, ଅଶୋକ କୁମାର କଅଁର, ଅବଦୁଲ ଅହମ୍ମଦ, ମୁସ୍ତାକ ଅହମ୍ମଦ ଖେଳ ପରିଚାଳନା କରିଥିଲେ।

ବିଡିଓ-ଭାଜପା ନେତା ବିବାଦ ଘଟଣା

# ଆନ୍ଦୋଳନକୁ ସମର୍ଥନ କଲା ଜିଲା ପିଇଓ ସଂଘ

**ଦଶପଲ୍ଲା,୨୭।୧୨ (ଡି.ଏନ.ଏ.)**

ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତି ଓ ଭାଜପା ନେତା ରାଘବ ମଲ୍ଲିକଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ଜଟିଳ ହେବାରେ ଲାଗିଛି। ଭାଜପା ନେତା ମଲ୍ଲିକଙ୍କୁ ଗିରଫ ଦାବିରେ ଗତ ୨୧ତାରିଖଠାରୁ ବ୍ଲକର ସମସ୍ତ କର୍ମଚାରୀ ଧାରଣାରେ ବସିରହିଥିବା ବେଳେ ଗୁରୁବାର ଏହାକୁ ସମର୍ଥନ ଜଣାଇଛି ଜିଲା ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ସଂଘ। ସଂଘର ଜିଲା ସଭାପତି ପ୍ରକାଶ କୁମାର ଦାଶଙ୍କ ସମେତ କର୍ମକର୍ତ୍ତାମାନେ ଆସି ବ୍ଲକ କର୍ମଚାରୀଙ୍କ ସହ ଧାରଣରେ ସାମିଲ ହୋଇଥିଲେ। ଏଥିଯୋଗୁ ବ୍ଲକରେ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଖଣ୍ଡପଡ଼ାରେ ବିଜେଡିର ପ୍ରତିଷ୍ଠା ଦିବସ

**ଭାପୁର/ଖଣ୍ଡପଡ଼ା,୨୭।୧୨(ଡି.ଏନ୍.ଏ.)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ଥିତ ମା'ବାହାଡ଼ାଶୁଣୀ ପୀଠରେ ବୁଧବାର ବିଜୁ ଜନତା ଦଳ(ବିଜେଡି)ର ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଆସନ୍ତା ସାଧାରଣ ନିର୍ବାଚନରେ ଖଣ୍ଡପଡ଼ାର ଯୁବ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ଦଳ ପୁନର୍ବାର ବିଧାୟକ ଟିକେଟ ଦେବ ବୋଲି ଏଠାରେ ଘୋଷଣା ହୋଇଥିଲା। ଖଣ୍ଡପଡ଼ା ଓ ଭାପୁର ବ୍ଲକ ମଧ୍ୟସ୍ଥଳରେ ଥିବା ବନମାଳୀପୁର ପଞ୍ଚାୟତସ୍ଥ ବାହାଡ଼ା ଗ୍ରାମଠାରେ ଥିବା ମା' ବାହାଡ଼ାଶୁଣୀ ପୀଠ ସମାବେଶରେ ଉଭୟ ବ୍ଲକର ୪୨ ପଞ୍ଚାୟତରୁ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ବିଧାୟକ ଅନୁଭବ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଖଣ୍ଡପଡା ବ୍ଲକ ସଭାପତି ଚନ୍ଦ୍ରକାନ୍ତ ବଳିୟାରସିଂହ ଅଧ୍ୟକ୍ଷତା କରିବା ସହ ମଞ୍ଚର ସୁପରିଚାଳନା କରିଥିଲେ। ସଭାରେ ନିର୍ବାଚନମଣ୍ଡଳୀ ପାଇଁ ଦଳୀୟ ପର୍ଯ୍ୟବେକ୍ଷକ ତଥା ଉତ୍କଳ ପ୍ରସଙ୍ଗର ସମ୍ପାଦକ ଲେଲିନ ମହାନ୍ତି, ରାଜ୍ୟ ଉପସଭାପତି ଦୁର୍ଗାପ୍ରସାଦ ସାମନ୍ତରାୟ, ମହିଳା ସେଲ୍ ଉପସଭାପତି ପ୍ରଭାସିନୀ ନନ୍ଦ, ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ, ମହିଳାନେତ୍ରୀ ସୁକାନ୍ତି ଜେନା, ବରିଷ୍ଠ ଦଳୀୟ ନେତା ଅଖିଳ ମହାରଣା, ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ରାମଚନ୍ଦ୍ର ବେହେରା, ଗଣନାଥ ଦାଶ ଓ ସନ୍ତୋଷ ତ୍ରିପାଠୀ ପ୍ରମୁଖ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ବିଜେଡିର ୨ ଉପସଭାପତି ଓ ପର୍ଯ୍ୟବେକ୍ଷକ ବିଧାୟକଙ୍କୁ ପୁନର୍ବାର ଦଳୀୟ ଟିକେଟ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଆସନ୍ତା ୩ ମାସ ମଧ୍ୟରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ୫ମ ଥର ପାଇଁ ଜିତାଇବାକୁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ।



ବିଜେଡି ପ୍ରତିଷ୍ଠା ଦିବସରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

# ପୂଜ୍ୟପୂଜାଙ୍କୁ ଭୁଲିଯାଉଛନ୍ତି ପ୍ରଶାସନ

**ନୟାଗଡ଼ ଅଫିସ,୨୭।୧୨**

■ଧୁମଧାମ୍‌ରେ ପାଳନ ହେଉଛି ଜିଲା ମହୋତ୍ସବ
■ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସାମାନ୍ୟ ଫୁଲମାଳଟିଏ ପଡ଼ିପାରୁନି

ସୋମବାରଠାରୁ ଆରମ୍ଭ ହୋଇଛି ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୮। ରାଜ୍ୟ ସଂସ୍କୃତି ବିଭାଗର ୫ଲକ୍ଷ ସହ ବିଭିନ୍ନ ଆଡୁ ଟଙ୍କା ସଂଗ୍ରହ କରାଯାଇ ଧୁମଧାମ୍‌ରେ ଏହା ପାଳନ କରାଯାଉଛି। ପ୍ରତି ରାତିରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ଓ ମଣ୍ଡପ ସଜାଇବା ପାଇଁ ଫୁଲର ଅଭାବ ରହୁନାହିଁ। ଅତିଥି ଦେବୋ ଭବଃ ନ୍ୟାୟରେ ସମସ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି। ହେଲେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା କରିଦେଉଛି ଜିଲା ପ୍ରଶାସନ। ସହରରେ ୫ରୁ ଅଧିକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଥିବାବେଳେ ସେଥିରେ ଫୁଲମାଳଟିଏ ପଡୁ ନ ଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ସହରର ବସ୍‌ଷ୍ଟାଣ୍ଡଠାରେ ରହିଛି ନୟାଗଡ଼ର ଜନପ୍ରିୟ ଲୋକନେତା ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି। ସେହିପରି ତ୍ରିନାଥ ଛକଠାରେ ଜାତିର ପିତା ମହାତ୍ମା ଗାନ୍ଧୀ, ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାଶିଆ ଅଜା, ଜଗନ୍ନାଥ ମନ୍ଦିରଠାରେ ଘଣ୍ଟକବି ଯଦୁମଣି ମହାପାତ୍ର, ସଂସ୍କୃତି ଭବନଠାରେ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତି ରହିଛି। ପ୍ରତିମୂର୍ତ୍ତିଗୁଡିକ ଧୂଳିମଳିରେ ଭରିରହିଛି। ଜିଲା ମହୋତ୍ସବ ପାଳନ କରାଯାଉଥିବା ବେଳେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ନ ପଡିବା ଘଟଣା ପ୍ରଶାସନର ସେମାନଙ୍କ ପ୍ରତି ଦରଦ କେତେ ତାହା ଜଣାପଡୁଛି। ଅନ୍ୟପଟେ ଜିଲା ମହୋତ୍ସବର ୫ଟି ରାତିକୁ ଜିଲାର ବିଭିନ୍ନ ମହାପୁରୁଷଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଦିଆଯାଉଥିଲେ ମଧ ଏହାକୁ ପ୍ରଶାସନ ଅଣଦେଖା କରୁଛି। କେବଳ ଉଦ୍‌ଘାଟନ ଦିନ (୨୪ ତାରିଖ) ପଠାଣି ସାମନ୍ତଙ୍କ ଇଂରାଜୀ ଜନ୍ମଦିନ ପଡୁଥିବାରୁ ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଏହାକୁ ପାଳନ କରାଯାଇ କିଛି ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ୪ ରାତି କଥା ଭୁଲିଯାଉଛି ପ୍ରଶାସନ। କିଛି ନ ହେଲେ ମଧ ସହରରେ ଥିବା ପ୍ରତିମୂର୍ତ୍ତିରେ ସାମାନ୍ୟ ଫୁଲମାଳଟିଏ ପକାଇବାକୁ ପ୍ରଶାସନ କାହିଁକି କୁଣ୍ଠାବୋଧ କରୁଛି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଜିଲାରେ ସଂସ୍କୃତି ଅଧିକାରୀ ନ ଥିବାରୁ ସଂସ୍କୃତି ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।




ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି।



ଘଣ୍ଟକବି ଯଦୁମଣି ମହାପାତ୍ରଙ୍କ ପ୍ରତିମୂର୍ତ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଡିସେମ୍ବର, ୨୦୧୮



"କାୟ, ମନ, ବଚନରେ କାହାରିକୁ ପୀଡ଼ା ଦେବନାହିଁ, ନିଜ ମାତାପିତା ଓ ବଡ଼ ଭାଇଙ୍କର ଆଜ୍ଞାକାରୀ ହେବା।
- ମହର୍ଷି ନାରଦ



## ସଂକ୍ଷେପରେ

### ଭାପୁରରେ ବିଜେଡିର କର୍ମୀ ସମାବେଶ

**ଭାପୁର,୨୭।୧୨(ଡି.ଏନ୍.ଏ.):** ଭାପୁର ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୦ ପଞ୍ଚାୟତରୁ ୪ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷ ତଥା ବିଜେଡିର ବ୍ଲକ ସଭାପତି ଗୟାଧର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ଯୋଗଦେଇଥିଲେ। ଯୁବନେତା ବିଜୟ କୁମାର ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଭାପୁର ବାଇପାସ୍‌ରେ ଥିବା ହନୁମାନ ମନ୍ଦିର ପରିସରରେ ଆୟୋଜିତ ସମାବେଶରେ ଆସନ୍ତା ବିଧାନସଭା ନିର୍ବାଚନରେ ବିଜେଡିକୁ ସମର୍ଥନ ଦେବାକୁ ସମସ୍ତ କର୍ମୀମାନଙ୍କୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ସମସ୍ତଙ୍କୁ ଅବଗତ କରିବା ପାଇଁ କୁହାଯାଇଥିଲା।

### ଖଳିସାହିରେ ଖୋଲିଲା ଧାନମଣ୍ଡି



**ଖଣ୍ଡପଡ଼ା,୨୭।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଖୋଲିଥିବା ସୂଚନା ମିଳିଛି। ମଣ୍ଡିରେ ଧାନ ବିକ୍ରି ନିମନ୍ତେ ଆଖପାଖ ଅଞ୍ଚଳରୁ ବହୁ ଚାଷୀଙ୍କ ସମାଗମ ହୋଇଥିଲା। ନୟାଗଡ଼ ଜିଲା ଶୁକଳଗାଡିଆସ୍ଥିତ ମା' କାଉଁରୀ ଫୁଡ୍ ପ୍ରୋସେସିଂ ୟୁନିଟ୍ ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଧାନକ୍ରୟ କରିଥିବା ବେଳେ ୧ମ ଦିବସରେ ୫୦୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନକ୍ରୟ କରାଯାଇଥିବା ସମିତିର ସଭାପତି ବସନ୍ତ କୁମାର ଗଣ୍ଡିଆ କହିଛନ୍ତି। ଏଥିଯୋଗୁ ଚାଷୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

### ମହେନ୍ଦ୍ରସାଗର ପୁଷ୍କରିଣୀରୁ ପଙ୍କ ଉଦ୍ଧାର



**ଖଣ୍ଡପଡ଼ା,୨୭।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର କେନ୍ଦ୍ରସ୍ଥଳରେ ଥିବା ମହେନ୍ଦ୍ରସାଗର ପୁଷ୍କରିଣୀରୁ ପଙ୍କଉଦ୍ଧାର ନିମନ୍ତେ ଶ୍ରୀ ଶ୍ରୀ ତ୍ରିନାଥ ଜନସେବା ସଂଘର ସଦସ୍ୟମାନେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସଂଘର ସଦସ୍ୟ ଗୋବିନ୍ଦଚନ୍ଦ୍ର ମିଶ୍ର, ପରମାନନ୍ଦ ସାଠ, ଭକ୍ତଚରଣ ଦାସ, ଶରତ କୁମାର ପଶାୟତ, ପ୍ରଭାକର ମହାନ୍ତି, ସଞ୍ଜୟ କୁମାର ସ୍ୱାଇଁ, ପ୍ରେମାନନ୍ଦ ପ୍ରଧାନ, ଭାଗୀରଥି ଦାସ,ବସନ୍ତ କୁମାର ବାରିକ, ଚନ୍ଦ୍ରଧର ଦାସ, ସୁରେନ୍ଦ୍ର ବେହେରା ଓ ଭୁବନେଶ୍ୱର ପ୍ରଧାନ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଗୁରୁବାର ପୋଖରୀ ହୁଡ଼ାକୁ ପରିଷ୍କାର କରିବା ସହ ଏହାର ଖନନ ପାଇଁ ଉଦ୍ୟମ କରିଥିଲେ। ପୁଷ୍କରିଣୀଟି ପୂର୍ବରୁ ଖଣ୍ଡପଡା ତହସିଲ ଅଧୀନରେ ଥିବାବେଳେ ଏବେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅଧୀନରେ ରହିଛି। ତେବେ ୭ଟି ୱାର୍ଡର ଜନ ସାଧାରଣ ଏହି ପୁଷ୍କରିଣୀକୁ ବ୍ୟବହାର କରୁଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ପ୍ରଦୂଷିତ ଓ ନଷ୍ଟ ହେବାକୁ ଯାଉଛି। ତେଣୁ ବିଶେଷ ଭାବେ ନୟାଗଡ ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଓ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

### ନାରୁଣୀରେ କଳା ମହୋତ୍ସବ

**ଖୋର୍ଦ୍ଧା ଅଫିସ,୨୭।୧୨:** ଖୋର୍ଦ୍ଧା ଜିଲାର ନାରୁଣୀ ମିନି ଷ୍ଟାଡିୟମରେ ୨୨ତମ ରାଜ୍ୟସ୍ତରୀୟ ସତ୍ୟଭାମା ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ ଚାଲିଛି। ଷଷ୍ଠ ଦିବସରେ ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ଜୁନିଅର ବିଭାଗର ଡ୍ୟାନସ୍, ଏକକ ଅଭିନୟ, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ପୂର୍ବତନ ଓଡ଼ିଆ ରାଜ୍ୟପାଳ ସ୍ୱର୍ଗତ ଲୋକନାଥ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ପୁରସ୍କାର, ସ୍ୱର୍ଗତ ଶିକ୍ଷାବିତ୍ ସୁଧିର କୁମାର ସିହ୍ନାଙ୍କ ନାଁରେ ୨ୟ ପୁରସ୍କାର। ଓ ସାମ୍ବାଦିକ ବିସ୍ମୟ ମହାନ୍ତିଙ୍କ ସ୍ମୃତିରେ ତୃତୀୟ ପୁରସ୍କାର କୃତିତ୍ୱ ହାସଲ କରିଥିବା ୧୧ ଜଣ ପାଇଛନ୍ତି। ଅତିଥି ରୂପେ ସାମାଜିକ କର୍ମୀ ନୀଳମଣି ପଣ୍ଡା, ବାଣପୁର ତହସିଲଦାର ପୃଥିରାଜ ମଣ୍ଡଳ, ଯୁବ ସଙ୍ଗଠକ ଲଳିତ ପ୍ରଧାନ, ସାମାଜିକ କର୍ମୀ ରମେଶ ପଲେଇ ଯୋଗ ଦେଇଥିଲେ।

■ ୯ରେ ନିଯୁକ୍ତି ମେଳା

# ୫୦ ନିଯୁକ୍ତିଦାତା ସଂସ୍ଥା ଯୋଗଦେବେ

**ପୁରୀ ଅଫିସ,୨୭।୧୨**

ଆସନ୍ତା ଜାନୁୟାରୀ ୯ରେ ତାଳବଣିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଆଇଟି) ପରିସରରେ ପୁରୀ ଜିଲାସ୍ତରୀୟ ନିଯୁକ୍ତି ମେଳା-୨୦୧୯ ଅନୁଷ୍ଠିତ ହେବ। ଏଥିଲାଗି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏଥିରେ ଅଧ୍ୟକ୍ଷତା କରି ନିଯୁକ୍ତି ମେଳା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ଏବଂ ଆଶାୟୀମାନେ କିପରି ସୁବିଧାରେ ଏଥିରେ ଭାଗନେଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଅର୍ପିତା ପ୍ରିୟଦର୍ଶିନୀ ମେଳା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିନିମନ୍ତେ ପ୍ରାୟ ୧୦୦ ନିଯୁକ୍ତିଦାତା ସଂସ୍ଥାଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେଥିମଧ୍ୟରୁ ୫୦ଟି ସଂସ୍ଥା ମେଳାରେ ଯୋଗଦେବା ଲାଗି ସମ୍ମତି ଜଣାଇଛନ୍ତି। ପଞ୍ଚମରୁ ଯୁକ୍ତ ୩ ଶିକ୍ଷାଗତ ଯୋଗ୍ୟତା ଥିବା ଜିଲାର ବେକାର ଯୁବତୀ ଯୁବକ ଏଥିରେ ଭାଗନେଇପାରିବେ। ନିଯୁକ୍ତିଦାତା ସଂସ୍ଥାଗୁଡ଼ିକ ଯୋଗ୍ୟ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ଦେବେ ଓ ନିଯୁକ୍ତି ସମ୍ବନ୍ଧୀୟ ତାଲିମ ପ୍ରଦାନ କରିବେ।

ନିଯୁକ୍ତି ମେଳା ସମ୍ପର୍କରେ ବ୍ଲକସ୍ତରରେ ପ୍ରସାର ପ୍ରଚାର କରାଯିବ। ଜିଲାର ପ୍ରାୟ ୨୦ଟି କଲେଜରେ କାଉନ୍‌ସେଲିଂ କ୍ୟାମ୍ପ୍ କରାଯିବ। ପୁରୀ ସହରର ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିଯୁକ୍ତି ମେଳା ସମ୍ପର୍କରେ ହୋର୍ଡିଂ ଲଗାଯିବାକୁ ବୈଠକରେ ଆଲୋଚନା ହୋଇଛି। ଆଶାୟୀମାନଙ୍କୁ ବସ୍‌ଷ୍ଟାଣ୍ଡ ଏବଂ ଷ୍ଟେଶନରୁ ମେଳା ପଡ଼ିଆକୁ ନେବା ଲାଗି ଆଞ୍ଚଳିକ ପରିବହନ ଅଧିକାରୀ ବସ୍ ବ୍ୟବସ୍ଥା କରିବେ। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ସିଡିଏମ୍‌ଓ ଡା. ଭାସ୍କର ଚନ୍ଦ୍ର ସାମନ୍ତରାୟ, ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଗୋସେବା ଆୟୋଗ ଗଠନ ଦାବି

**ପୁରୀ ଅଫିସ, ୨୭।୧୨**

ଭାରତୀୟ ସଂସ୍କୃତିର ପ୍ରତୀକ ହେଉଛି ଗୋମାତା। ସାମାଜିକ, ଆଧ୍ୟାତ୍ମିକ, ଭୌତିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଗୋବଂଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଗୋମାତା ଆଜି ଅସୁରକ୍ଷିତ। ରାଜ୍ୟରେ ଗୋବଂଶର ବିକାଶ ଲାଗି ସରକାର କୌଣସି ଗୁରୁତ୍ୱ ଦେଉନାହାନ୍ତି। ଏଣୁ ଗୋବଂଶର ସୁରକ୍ଷା, ସଂରକ୍ଷଣ, ସମ୍ବର୍ଦ୍ଧନା ଲାଗି ରାଜ୍ୟ ସରକାର ତୁରନ୍ତ ଗୋସେବା ଆୟୋଗ ଗଠନ କରନ୍ତୁ ବୋଲି ଓଡ଼ିଶା ଗୋବଂଶ ସୁରକ୍ଷା ଆୟୋଗ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଗୁରୁବାର ବାଲିସାହିସ୍ଥିତ ରାଧାକାନ୍ତ ମଠ ପରିସରରେ



ଓଡ଼ିଶା ଗୋବଂଶ ସୁରକ୍ଷା ଆୟୋଗ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମିତିର ସମ୍ପାଦକ ଆଇନଜୀବୀ ଶିବପ୍ରସାଦ ମିଶ୍ର ଦାବି କରିଛନ୍ତି।

ସମିତିର ଆବାହକ ତଥା ଆଇନଜୀବୀ ସଂଗ୍ରାମ ଶତପଥୀ କହିଛନ୍ତି, ଭାରତର ବିଭିନ୍ନ ରାଜ୍ୟରେ ଗୋସେବା ଆୟୋଗ ଗଠନ କରାଯାଇଛି। ଅଥଚ ଓଡ଼ିଶାରେ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଗୋସେବା ଆୟୋଗ ଗଠନ ଲାଗି ଆଗାମୀ ଦିନରେ ସାରା ରାଜ୍ୟରେ ଜନ ସମାବେଶ ଏବଂ ଆବଶ୍ୟକ ପଡିଲେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ଗୋବଂଶ ସୁରକ୍ଷା ଲାଗି ରାଧାକାନ୍ତ ମଠ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ଗୋଶାଳା ନିର୍ମାଣ ଲାଗି ଜମି ମଧ୍ୟ ଦିଆଯିବ ବୋଲି ମହନ୍ତ କୃଷ୍ଣଗୋପାଳ ଦାସଜୀ ମହାରାଜ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ମଠ ମହନ୍ତ ଧ୍ୟାନଚନ୍ଦ୍ର ଦାସଜୀ ମହାରାଜ, ସମିତିର ଅଧ୍ୟକ୍ଷ ତଥା ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ଉମାବଲ୍ଲଭ ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ଅଳଙ୍କାର ଦୋକାନରୁ ଡକାୟତି ଯୋଜନା ପଣ୍ଡ

# ୬ ଆନ୍ତଃଜିଲା ଡକାୟତ କୋର୍ଟ ଚାଲାଣ



ଗିରଫ ୬ ଅଭିଯୁକ୍ତ।

**ରଣପୁର,୨୭।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚମ୍ପାଗଡ଼ କାଜୁ ଜଙ୍ଗଲ ଭିତରୁ ୬ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ଏମାନେ ଅଳଙ୍କାର ଦୋକାନରୁ ଲୁଟ୍ ପାଇଁ ଯୋଜନା କରୁଥିବାବେଳେ ଧରାପଡ଼ିଯିବାରୁ ସେମାନଙ୍କ ଉଦ୍ୟମ ପଣ୍ଡ ହୋଇଯାଇଥିବା କୁହାଯାଇଛି। ଘଟଣାରୁ ପ୍ରକାଶ, ୧୬ନଂ ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସେମାନଙ୍କଠାରୁ ୨ ଖଣ୍ଡା, ୨ ଭୁଜାଲି, ୪ ଲୁହା ରଡ୍, ବିଭିନ୍ନ ପ୍ରକାର ଛୁରି ଓ ଏକ ସ୍କର୍ପିଓ ଗାଡ଼ି ନଂ ଓଡି୦୨ ଏଟି ୨୨୨୦ ଜବତ କରିଛି । ଏନେଇ ଚାନ୍ଦପୁର ଥାନାରେ ୧୭୦/୧୮ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗ୍ରାମର ସନ୍ଦୀପ୍ ମହାନ୍ତି, କଟକ

**ବହୁ ମାରଣାସ୍ତ୍ର, ଗାଡ଼ି ଜବତ**

ବାଦାମବାଡିର ରୋହିତ ମହାନ୍ତି, ଖୋର୍ଦ୍ଧା ଜିଲା ଶିମିଳିପାଟଣା ଅଞ୍ଚଳର ବଳରାମ ବେହେରା ଓ ସ୍ୱାତିସୁମନ ବେହେରା, ନୟାଗଡ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ସୁନୀଲ ବେହେରା ଓ ମାନସ ମଲିକ୍। ବୁଧବାର ଅଭିଯୁକ୍ତଙ୍କୁ ରଣପୁର କୋର୍ଟକୁ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି, ଚାନ୍ଦପୁର ଥାନା ଅଧିକାରୀ ଚକ୍ରପତି କଅଁର ଏବଂ ପୋଲିସ କର୍ମଚାରୀ ମଧ୍ୟରାତ୍ରରେ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଚମ୍ପାଗଡ଼ କାଜୁ ଜଙ୍ଗଲ ଭିତରେ ଏହି ୬ ଡକାୟତଙ୍କୁ ଗିରଫ କରିଥିଲେ। ସେମାନେ ଚାନ୍ଦପୁର ଅଞ୍ଚଳର ଏକ ସୁନା ଅଳଙ୍କାର ଦୋକାନରୁ ଡକାୟତି ପାଇଁ ଯୋଜନା କରୁଥିଲେ। ବିଭିନ୍ନ ଥାନାରେ ମାମଲା ଚାଲିଥିବା ଏହି ଅଭିଯୁକ୍ତମାନେ ଥାନାରେ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

■ କେରଳରେ ଶ୍ରମିକଙ୍କୁ ହତ୍ୟା ଘଟଣା

# ଗାଁକୁ ଫେରିପାରିଲାନି ମୃତଦେହ

**ନୂଆଗାଁ ,୨୭।୧୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ଗ୍ରାମର ବିପିନ ମହାପାତ୍ର କେରଳରେ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡଭାଇ ସଦର ଥାନାରେ ଅଭିଯୋଗ କରିଥିଲେ। ଏଥି ସହ ଅର୍ଥାଭାବରୁ ବିପିନଙ୍କ ମୃତଦେହ ଆଣିବା ପାଇଁ ଅସମର୍ଥ ପ୍ରକାଶ କରିଥିଲେ । ତେବେ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରା ଯାଇ ନଥିଲା। ଫଳରେ ମୃତଦେହ ଗାଁକୁ ଫେରି ନ ପାରିବାରୁ ବିପିନଙ୍କ ବଡଭାଇ କେରଳ ଯାଇ ବୁଧବାର ଶବଦାହ କରିଥିବା ପରିବାର ଲୋକେ କହିଛନ୍ତି । ୮ ବର୍ଷ ପୂର୍ବେ ମାଆ ବାସନ୍ତିଙ୍କୁ ହରାଇଥିବା ଝିଅ ବିଜୟଲକ୍ଷ୍ମୀ ଓ ପୁଅ ବିଜୟ ଏବେ ବାପାଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ସ୍ତ୍ରୀ ଆରପାରିକୁ ଚାଲିଗଲା ପରେ ପିଲାମାନଙ୍କ ଦାୟିତ୍ୱ ନେବା ପାଇଁ ଦ୍ୱିତୀୟ ବିବାହ କରିଥିଲେ ବିପିନ । ବିଧବା ମାଆ ଚଞ୍ଚଳା ,ସ୍ତ୍ରୀ , ପୁଅ ବିଜୟ (୧୭), ଝିଅ ବିଜୟଲକ୍ଷ୍ମୀ (୧୪)ଙ୍କୁ ଚଳାଇବା ପାଇଁ ବିପିନ



ବିପିନଙ୍କ ଝିଅ ବିଜୟଲକ୍ଷ୍ମୀ ଓ ପୁଅ ବିଜୟ।

ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଠାରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ବିପିନଙ୍କ ପରିବାର ପ୍ରତି ପ୍ରଶାସନର ସାହାଯ୍ୟ ବିଷୟରେ ନୟାଗଡ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କୁ ପଚାରିବାରେ ସେ କୁହନ୍ତି ସେଠାରେ କିଭଳି ଭାବେ ସୁବିଧାରେ ଶବସତ୍କାର କରାଯିବ ମୁଁ ଫୋନ୍ ଯୋଗେ ସେ ବ୍ୟବସ୍ଥା କରିଥିଲି। ପରିବାର ତରଫରୁ ସମସ୍ତ ତଥ୍ୟ ଦେଲେ ଆମେ କ୍ଷତି ପୂରଣ ଦେବାର ବ୍ୟବସ୍ଥା କରିବୁ ବୋଲି କହିଥିଲେ।

## ଚୋରି ଅଭିଯୋଗ: ଅଭିଯୁକ୍ତଙ୍କୁ ଜେଲ

**ଖଣ୍ଡପଡ଼ା,୨୭।୧୨(ସ୍ୱ.ପ୍ର)**

ଚୋରି ଅଭିଯୋଗରେ ଖଣ୍ଡପଡ଼ା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦେଇଛି। ଅଭିଯୁକ୍ତ ଜଣକ ହେଲେ ସୌମ୍ୟ ସାହୁ। ଏ ଘଟଣାରେ ଚୋରି ଗ୍ଲାମର୍ ବାଇକ୍ ଓ ମୋବାଇଲ୍ ସେଟ୍ ଜବତ ହୋଇଛି। ସୂଚନାଯୋଗ୍ୟ, ନଟବରପୁର ଶାସନ ଗ୍ରାମର ସାନନ୍ଦ କୁମାର ନାଏକଙ୍କ ଘରୁ ୨ ଦିନ ତଳେ ଏକ ବାଇକ୍ ଓ ମୋବାଇଲ ସେଟ୍ ଚୋରି ନେଇ ଅଭିଯୋଗ ହୋଇଥିଲା। ସେ ଖଣ୍ଡପଡ଼ା ଥାନାରେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ନୂଆପଡା ଗ୍ରାମରୁ ଗିରଫ କରି କୋର୍ଟ କଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସୌମ୍ୟଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଖଣ୍ଡପଡ଼ା ପୋଲିସ ଭାପୁରରୁ ବାଇକ୍ ଓ ଅଭିଯୁକ୍ତଙ୍କଠାରୁ ମୋବାଇଲ୍ ଉଦ୍ଧାର କରି ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

■ ଖଣ୍ଡପଡ଼ା ମହୋତ୍ସବ ଆରମ୍ଭ

# ବାଲୁକା କଳା, ପଲ୍ଲିଶ୍ରୀ ମେଳା ମୁଖ୍ୟ ଆକର୍ଷଣ

**ଖଣ୍ଡପଡ଼ା,୨୭।୧୨(ସ୍ୱ.ପ୍ର.)**

ମହୋତ୍ସବ କମିଟି ଓ ପଲ୍ଲିଶ୍ରୀ ମେଳା କଳାବିକାଶ ପରିଷଦ ପକ୍ଷରୁ ଗୁରୁବାରଠାରୁ ଖଣ୍ଡପଡ଼ା ମହୋତ୍ସବ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ଉତ୍ସବକୁ ଖଣ୍ଡପଡା ବିଡିଓ ଶିବାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକ ମୁଖ୍ୟବକ୍ତା ଓ ମନୋଜ ଦାସ, ଦୀନବନ୍ଧୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଦ୍ଧାନ୍ତ ଦର୍ପଣର ରଚୟିତା ମହାମହୋପାଧ୍ୟାୟ ପଠାଣି ସାମନ୍ତ, ଶ୍ରୀନୀଳମାଧବ ଜୀଉ ଓ ଏହାର ସଂସ୍କୃତି ଏବଂ ପରମ୍ପରା ଯୋଗୁ ଖଣ୍ଡପଡ଼ା ସର୍ବଜନ ବିଦିତ ବୋଲି ଅତିଥିମାନେ କହିଥିଲେ। କୁନି ପ୍ରତିଭା ରୂପାଲୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଛାତ୍ରୀ ମୋନାଲି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓର୍‌ମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଓ ପ୍ରଶାନ୍ତ କୁମାର ସାହୁଙ୍କ ବାଲୁକା କଳା ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ଥିଲା। ପୂର୍ବରୁ ବିନାୟକ ସୁନ୍ଦର ସିଂ ଓ ପ୍ରଭାତ କୁମାର ରଥ ଚକୁଳିଆ ପଣ୍ଡା ବେଶରେ ମହୋତ୍ସବର ବାର୍ତ୍ତା ପ୍ରଚାର କରିଥିଲେ।





ମହୋତ୍ସବ ଉଦ୍‌ଘାଟନ କରିବା ଅବସରରେ ଅତିଥିମାନେ।

# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ



ସମାବେଶରେ ଦଳୀୟ ନେତୃବୃନ୍ଦ ଓ କର୍ମୀ।

**ଦଶପଲ୍ଲା,୨୭।୧୨(ଡି.ଏନ.ଏ.):** ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜୁ ଜନତା ଦଳର ୨୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଲକ୍ଷ୍ମୀବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ଥାନୀୟ ମେଳିଆ ଡୋଟା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି ତଥା ଦଶପଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଦିଲ୍ଲୀପ କୁମାର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ନସିର ଅହମ୍ମଦ, ଗଣିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ନୂଆଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଦଶପଲ୍ଲା ଏନ୍.ଏ.ସି ଅଧ୍ୟକ୍ଷା ବବିତା ସାହୁ, ୧୧ ଓ ୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁବାସିନୀ ନାୟକ ଓ ଗୀତାଞ୍ଜଳୀ ଦୋରା, ଗଣିଆ ବ୍ଲକ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ନୂଆଗାଁ ବ୍ଲକ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଦଶପଲ୍ଲା ବ୍ଲକ ସଭାପତି ବାପୁଜୀ ସାହୁ, ଏନ୍.ଏ.ସି ସଭାପତି ରବିନ୍ଦ୍ର କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟତଃ ଓଡିଶାରେ ବିଜୁ ଜନତା ଦଳର ଶାସନ କାର୍ଯ୍ୟ ସମୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ଏବଂ ଆଗାମୀ ଦିନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ କିଭଳି ବିଜେଡି ଦଳର ସଂଗଠନ ଦୃଢ ହୋଇ ପାରିବ ସେନେଇ ମଞ୍ଚାସୀନ ଅତିଥି ମାନେ ମତବ୍ୟକ୍ତ କରିଥିଲେ।

## ବିଜେଡିର ସମାନ୍ତରାଳ ସଭା

**ଦଶପଲ୍ଲା,୨୭।୧୨ (ଡି. ଏନ. ଏ.):** ବିଜୁ ଜନତା ଦଳର ୨୧ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ମେଳିଆ ଡୋଟା ଠାରେ ବିଧାୟକ ପାଳନ କରୁଥିବା ବେଳେ ସମାନ୍ତରାଳ ଭାବେ ଅନ୍ୟ ଏକ ପ୍ରମୁଖ ବିଜେଡି ଗୋଷ୍ଠି ଦଶପଲ୍ଲାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ଦଶପଲ୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ଓ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବହୁ ବିଜେଡି କର୍ମୀ ଏକତ୍ର ହୋଇ ଲକ୍ଷ୍ମୀବଜାର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ସମୀର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଇଭିଏମ୍ ତାଲିମ ଶିବିର

**ପୁରୀ ଅଫିସ,୨୭।୧୨**

ଆଗକୁ ସାଧାରଣ ନିର୍ବାଚନ। ଏଥିପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଏବଂ ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରାଏଲ (ଭିଭିପ୍ୟାଟ୍) ସମ୍ପର୍କରେ ଏକ ତାଲିମ ଶିବିର ଗୁରୁବାର ଭୂ ଅର୍ଜନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ସମ୍ପୃକ୍ତ ଅଧିକାରୀଙ୍କୁ ମକ୍ ଭୋଟିଂ ଓ ସରଞ୍ଜାମଗୁଡ଼ିକର ବ୍ୟବହାର ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି। ଆସନ୍ତା ଜାନୁୟାରୀ ୭ରୁ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଏମାନେ ପ୍ରତି ବୁଥ୍ ସ୍ତରରେ ଭୋଟରମାନଙ୍କ ନିମନ୍ତେ ସଚେତନତା ଶିବିର ଆୟୋଜନ କରିବେ। ଏଥିପାଇଁ ଜିଲାରେ ପ୍ରାୟ ୨୦ଟି ଟିମ୍ ଗଠନ କରାଯାଇଛି। ସମ୍ପୃକ୍ତ ବିଡିଓମାନଙ୍କ ପରାମର୍ଶ ଅନୁଯାୟୀ ଏମାନେ କାମ କରିବେ। ପ୍ରତ୍ୟେକ ଟିମ୍ ଗୋଟିଏ ଦିନରେ ସର୍ବାଧିକ ୪ଟି ବୁଥ୍‌ରେ ଭୋଟରଙ୍କୁ ସଚେତନ କରିବେ। ସରକାରୀ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର କିମ୍ବା ସରକାରୀ ଅନୁଷ୍ଠାନରେ ସଚେତନତା ଶିବିର ଆୟୋଜନ କରାଯିବ। ଏହାଦ୍ୱାରା ଇଭିଏମ୍ ଏବଂ ଭିଭିପ୍ୟାଟ୍ ସମ୍ପର୍କିତ ଦ୍ୱନ୍ଦ୍ୱ ଭୋଟରମାନଙ୍କର ଦୂର ହୋଇପାରିବ ବୋଲି ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି। ଏହି ତାଲିମ ଶିବିରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ବଡ଼ଶିଲିଙ୍ଗା ଆଶ୍ରମ ବିଦ୍ୟାଳୟ

**ଗଣିଆ,୨୭।୧୨(ଡି.ଏନ.ଏ.)**

ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ଆଦିବାସୀ ବହୁଳ ଅଞ୍ଚଳଗୁଡିକରେ ଆଶ୍ରମ ବିଦ୍ୟାଳୟମାନ ଖୋଲାଯାଇଛି। ତେବେ ଆଶ୍ରମ ବିଦ୍ୟାଳୟ ଗୁଡିକରେ ବିଭିନ୍ନ ପ୍ରକାର ସମସ୍ୟା ଲାଗିରହିଥିବା ଦେଖିବାକୁ ମିଳୁଛି । ନୟାଗଡ ଜିଲା ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତର ବଡଶିଲିଙ୍ଗାଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ବହୁ ସମସ୍ୟା ଲାଗି ରହିଛି । ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ବଣଜଙ୍ଗଲଘେରା ଦୁର୍ଗମ ଅଞ୍ଚଳଭାବେ ପରିଚିତ ବଡଶିଲିଙ୍ଗା ପଞ୍ଚାୟତରେ ୧୯୫୨ ମସିହାରେ ଏହି ଆଶ୍ରମ ବିଦ୍ୟାଳୟ ଖୋଲାଯାଇଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢୁଥିବା ବେଳେ ୧୨୦ଜଣ ଛାତ୍ରୀଛାତ୍ର ହଷ୍ଟେଲରେ ରହୁଛନ୍ତି । ଏହି ବିଦ୍ୟାଳୟରେ ୮ଟି ଶ୍ରେଣୀକୁ ପ୍ରଧାନଶିକ୍ଷକଙ୍କୁ ବାଦ୍ ଦେଇ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପାଠ ପଢାଉଥିବା ବେଳେ ଅନ୍ୟ ଶିକ୍ଷକ ପଦବୀ ଖାଲି ପଡିରହିଛି । ସେହିପରି ଗତ ୪ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀ



ଅଧାପନ୍ତାରିଆ ହଷ୍ଟେଲ ଘର ।

**ଅସୁରକ୍ଷିତ ଅନ୍ତେବାସୀ**

ଖୋଲାଯାଇଛି । ମାତ୍ର ଆବଶ୍ୟକ ଶିକ୍ଷକ ଅଭାବ ସାଙ୍ଗକୁ ହଷ୍ଟେଲ ସୁବିଧା ନଥିବାରୁ ୨ଶ୍ରେଣୀର ଛାତ୍ରୀଛାତ୍ରମାନେ ପାଠପଢିବା ପାଇଁ ଦଶପଲ୍ଲା, ଟାକେରା ଓ ବାଣିଗୋଛା ଆଦି ଆଶ୍ରମ ବିଦ୍ୟାଳୟକୁ ଚାଲିଯାଉଛନ୍ତି। ସେହିପରି ଆଶ୍ରମ ବିଦ୍ୟାଳୟର ଚାରିପାଖରେ ଥିବା ପାଚେରୀ ଦୀର୍ଘଦିନ ହେଲା ଭାଙ୍ଗି ଯାଇଥିବାରୁ ହଷ୍ଟେଲ ପରିସର ମୁକୁଳା ହୋଇପଡିଛି । ଫଳରେ ପରିସରରେ ଗାଈଗୋରୁ ପଶି ବିଦ୍ୟାଳୟର ସବୁଜ ପରିବେଶକୁ ନଷ୍ଟ କରୁଥିବା ସହିତ ଅନ୍ତେବାସୀମାନେ ନିଜକୁ ସୁରକ୍ଷିତ ମଣୁ ନଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି । ପ୍ରକାଶ ଯୋଗ୍ୟ, ବିଦ୍ୟାଳୟ ଚର୍ତୁପାର୍ଶ୍ୱରେ ଘଞ୍ଚଜଙ୍ଗଲ ଥିବାବେଳେ ପାଚେରି ନଥିବାରୁ ଅନେକ ସମୟରେ ଏହି ପରିସରକୁ ବନ୍ୟଜନ୍ତୁ ପଶିଆସିବାର ଭୟ ରହିଛି । ତେବେ ଏହି ପାଚେରୀ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ସଂପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଅନ୍ତେବାସୀମାନଙ୍କ ରୋଷେଇ ପାଇଁ ଘର ନଥିବାରୁ ଏକ ଭଙ୍ଗା ଘରେ ରୋଷେଇ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି । ଏହି ଆଶ୍ରମ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା ଗୁଡିକ ସମାଧାନ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ଦେବୀଙ୍କୁ ପଚାରିବାରୁ ସେ ପରେ ସମସ୍ତ ତଥ୍ୟ ଦେବେ ବୋଲି କହିଥିଲେ।